

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org

Vol.13, Issue.149, Thursday, 17 September 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୯, ଗୁରୁବାର, ୧୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.149, Thursday, 17 September 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୯, ଗୁରୁବାର, ୧୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

▶RNI No. ODIODI / 2014 / 56157▶ www.amrutadunia.org








■ Vol.13, Issue.149, Thursday, 17 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୯, ଗୁରୁବାର, ୧୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


# ସମ୍ବଲପୁରକୁ ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଭେଟି

- ୯୬୦ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ
- ୧୩୩.୪୭ କୋଟିର ଲୋକାର୍ପଣ
- ସମ୍ବଲପୁରରେ ଦେଶର ୫୧ତମ ଡପ୍ଲର ପାଣିପାଗ ରାଡାର୍ ଲୋକାର୍ପିତ
- ବିକାଶ ପଥରେ ପଶ୍ଚିମ ଓଡ଼ିଶା: ବଦଳୁଛି ସମ୍ବଲପୁରର ଚେହେରା
- ଜାନୁଆରୀରୁ ସେପ୍ଟେମ୍ବର ୧,୯୧୦ କୋଟିର କାର୍ଯ୍ୟ
- ଦେଶରେ ଆଉ ୪୦ ଡପଲର ରାଡାର୍ ସ୍ଥାପନ କରାଯିବ: କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ



**ସମ୍ବଲପୁର(ଅମୃତ ମିଡ଼ିଆ)**

ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍ଲର ପାଣିପାଗ ରାଡାର୍ ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ଶହିଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଥିଲେ ଯେ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର ଆଞ୍ଚଳିକ ପରିଚୟର ଗୌରବ। ଆଜି ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି। ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ। ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ। ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅମୃତ ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ। ■ ପୃଷ୍ଠା-୧୫

## କାଳହେଲା ଭସାଣି ଯାତ୍ରା

# ଦିନକରେ ୧୨ ଜଣଙ୍କ ଜଳସମାଧି



**ଭୁବନେଶ୍ୱର(ବ୍ୟୁରୋ)** ଲୁହ ଭରିଦେଲା ଭସାଣ ଖୁସି । କାଳ ହେଲା ଭସାଣି ଯାତ୍ରା। ରାଜ୍ୟର ବିଭିନ୍ନ ସ୍ଥାନରେ ମୂର୍ତ୍ତି ବିସର୍ଜନ ବେଳେ ୧୨ ଜଣଙ୍କ ଲଳୀଳ ସମାଧୀ। ଜଗତସିଂହପୁରରେ ୪ ଜଣଙ୍କ ଜୀବନ ଯାଇଥିବବେଳେ ବୀରମିତ୍ରପୁରରେ ଚାଲିଯାଇଛି ୩ ନାବାଳିକାଙ୍କ ଜୀବନ। ଜଗତସିଂହପୁର ପଣ୍ଡୁଆ ଗୋପାଳପୁର ନିକଟରେ ଗଣେଶ ଭସାଣି ବେଳେ ନଦୀରେ ବୁଡିଯାଇଥିଲେ ୪ ଯୁବକ । ଭାସିଯାଇଥିବା ସମସ୍ତ ଯୁବକ ସ୍ଥାନୀୟ ଅରଡ଼ା ଗାଁର । ସେହିପରି ସୁନ୍ଦରଗଡ଼ ବୀରମିତ୍ରପୁରରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଗଂଜାମ ଆସିକାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦିଗପହଣ୍ଡିରେ ଜଣକର ଜୀବନ ଯାଇଛି । ସେହିଭଳି ଭଦ୍ରକ ଚାନ୍ଦବାଲିରେ ମଧ ଜଣକର ମୃତ୍ୟୁ ହୋଇଛି। କୋରାପୁଟ ଦଶମନ୍ତପୁରରେ ଗାଧୋଇବା ବେଳେ ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ ହୋଇଛି । ଗୋଟିଏ ଦିନରେ ୧୨ ଜଣଙ୍କର ମୃତ୍ୟୁ ଯୋଗୁ ଚାରିଆଡ଼େ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ମୂର୍ତ୍ତି ବିସର୍ଜନ ବେଳେ ସତର୍କ ଓ ସଜାଗ ରହିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛି ଅଗ୍ନିଶମ ବାହିନୀ । ଅନ୍ୟପଟେ ଓଡ଼ିଶା ସରକାର ରାଜ୍ୟର ୧୬୯ଟି ସ୍ଥାନକୁ ଅତି ବିପଜ୍ଜନକ ସ୍ଥାନ ବା 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରିଛନ୍ତି । ଏହି ସ୍ଥାନଗୁଡ଼ିକରେ ଲାଇଫଗାର୍ଡ଼ ଭାବେ ମୁତୟନ ପାଇଁ ୩,୪୨୦ଜଣ ହୋମଗାର୍ଡ଼ଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ଯୋଜନା କରାଯାଇଛି । ଚିହ୍ନଟ ହୋଇଥିବା ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ମଧ୍ୟରେ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ସହ ବିଭିନ୍ନ ସାର୍ବଜନୀନ ଜଳାଶୟ ରହିଛି । ଏଥିରେ ସମୁଦ୍ରକୂଳ, ନଦୀ, ହ୍ରଦ, ପୋଖରୀ, ଜଳଭଣ୍ଡାର ଓ ଜଳପ୍ରପାତ ଆଦି ସାମିଲ ଅଛି । ଓଡ଼ିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଆକଳନ ପରେ ଏହି ସ୍ଥାନଗୁଡ଼ିକରେ ପ୍ରଶିକ୍ଷିତ କର୍ମଚାରୀ ମୁତୟନ କରିବାକୁ ସୁପାରିସ କରାଯାଇଛି । ଅଗ୍ନିଶମ ଓ ଜରୁରୀକାଳୀନ ସେବା ■ ପୃଷ୍ଠା-୧୫

## ଅନନ୍ତ ନାଗଙ୍କୁ ଦାଦା ସାହେବ୍ ଫାଲ୍‌କେ ପୁରସ୍କର

**ନୂଆଦିଲ୍ଲୀ**



ବରିଷ୍ଠ ଅଭିନେତା ଅନନ୍ତ ନାଗ ୨୦୨୪ ବର୍ଷ ପାଇଁ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ ହେବେ । ଦାଦା ସାହେବ ଫାଲ୍‌କେ ପୁରସ୍କାର ଚୟନ କମିଟି ପକ୍ଷରୁ ଏକ ପ୍ରେସ ବିବୃତିରେ ଏକଥା କୁହାଯାଇଛି । ଆସନ୍ତା ସେପ୍ଟେମ୍ବର ୨୨ ତାରିଖ, ଗୁଜୁରାଟର ଏକତାନଗରରେ ଅନୁଷ୍ଠିତ ହେବାକୁ ଥିବା ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମ୍ମାନ ସମାରୋହରେ ଶ୍ରୀ ନାଗ୍‌ଙ୍କୁ ଏହି ପୁରସ୍କାରରେ ସମ୍ମାନୀତ କରାଯିବ ।ଏହି ଭେଟେରାନ ଅଭିନେତା ଜଣକ ୨୫୦ରୁ ଊର୍ଦ୍ଧ୍ୱ କନ୍ନଡ଼ ଫିଲ୍ମରେ ଅଭିନୟ କରିବା ସହ ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟାଲାମ ଆଦି ସିନେମାରେ ମଧ ଅଭିନୟ କରି ଦର୍ଶକଙ୍କୁ ବାନ୍ଧି ପରିଛନ୍ତି । ୯୦ଦଶକରେ ଦୂରଦର୍ଶନରେ ପ୍ରସାରିତ ଲୋକପ୍ରିୟ ସିରିଏଲ ମାଲ୍‌ଗୁଡି ଡେଜ୍‌ରେ ମଧ ସେ ଅଭିନୟ କରିଥିଲେ । ୨୦୨୫ ମସିହାରେ ତାଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ବଜ୍ରାଘାତ ନେଲା ଦୁଇ ଜୀବନ

**ଆନନ୍ଦପୁର(ଅମୃତ ମିଡ଼ିଆ)**

ଆନନ୍ଦପୁର ଅଞ୍ଚଳରେ ବଜ୍ରାଘାତ ନେଇଛି ଦୁଇ ଜୀବନ। ଭିନ୍ନ ଭିନ୍ନ ଦୁଇଟି ଘଟଣାରେ ଜଣେ ଯୁବକ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଆନନ୍ଦପୁର ଥାନା ପଦ୍ମପୁର ଗାଁରେ ଓ କଣ୍ଟିପାଳ ଗାଁରେ ଏଭଳି ଅଘଟଣ ଘଟିଛି। ବିଲରେ କାମ କରିବାକୁ ଯାଇଥିବା ବେଳେ ହଠାତ୍ ବଜ୍ରାଘାତର ଶିକାର ହୋଇଥିଲେ ପଦ୍ମପୁର ଗାଁର ପପୁ ସାହୁ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି କଣ୍ଟିପାଳ ଗାଁରେ ମଧ ବଜ୍ରାଘାତରେ ଜଣେ ମହିଳାଙ୍କ ଜୀବନ ଯାଇଛି। ମହିଳା ଜଣକ ଘର ଦୁଆରମୁହଁକୁ ବାହାରି ଆସିଥିବା ସମୟରେ ହଠାତ୍ ବଜ୍ରାଘାତ ■ ପୃଷ୍ଠା-୧୫

## ଇପିଏଫ୍‌ଓ ନିୟମରେ ବଡ଼ ପରିବର୍ତ୍ତନ

# ଦରମା ସୀମା ୨୫ ହଜାରକୁ ବୃଦ୍ଧି




**ନୂଆଦିଲ୍ଲୀ**

କର୍ମଚାରୀଙ୍କ ଦୀର୍ଘମିଆଦୀ ସଞ୍ଚୟ ପାଇଁ ବାଧ୍ୟତାମୂଳକ ଅବଦାନ ଲାଗୁ ହେଉଥିବା ଦରମା ସୀମାକୁ କେନ୍ଦ୍ର ସରକାର ୧୫,୦୦୦ ଟଙ୍କାରୁ ବଢ଼ାଇ ୨୫,୦୦୦ ଟଙ୍କା କରିଛନ୍ତି। ଏହାଦ୍ୱାରା ଆଉ ୫୧ ଲକ୍ଷରୁ ଅଧିକ କର୍ମଚାରୀ କର୍ମଚାରୀ ଭବିଷ୍ୟନିଧି ସଂଗଠନରେ ସାମିଲ ହେବେ ବୋଲି ଆଶା କରାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ସାମ୍ବାଦିକମାନଙ୍କୁ କହିଛନ୍ତି, ୧୫,୦୦୦ରୁ ୨୫,୦୦୦ ଟଙ୍କା ଦରମା ପାଉଥିବା କର୍ମଚାରୀମାନେ ଏହି ପରିବର୍ତ୍ତନରୁ ଲାଭ ପାଇବେ ଏବଂ ଏବେ ସଂଶୋଧିତ ପିଏଫ ନିୟମ ଅଧୀନରେ ଆସିବେ। ଏହି ପଦକ୍ଷେପ ପାଇଁ ସରକାରଙ୍କ ବାର୍ଷିକ ଆନୁମାନିକ ଖର୍ଚ୍ଚ ୧୧,୩୩୯ କୋଟି ଟଙ୍କା ହେବ।ସେ କହିଛନ୍ତି, ଏହା ଦୀର୍ଘଦିନର ଦାବି ଥିଲା ଏବଂ ଆଜିର କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ଏହାକୁ ଅନୁମୋଦନ କରିଛନ୍ତି। ସରକାର କହିଛନ୍ତି, ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଉଚ୍ଚତର ଦରମା ସୀମାରେ କୌଣସି ପରିବର୍ତ୍ତନ ହୋଇନଥିଲା। ଏହାପରେ ୨୦୧୪ ସେପ୍ଟେମ୍ବରରେ ଏହାକୁ ବଢ଼ାଇ ୧୫,୦୦୦ ଟଙ୍କା କରାଯାଇଥିଲା। କେନ୍ଦ୍ର ସରକାର ଏକ ବିବୃତିରେ କହିଛନ୍ତି ଯେ, ନୂଆ ପଦକ୍ଷେପରେ ଏହି ସୀମାକୁ ଆହୁରି ବଢ଼ାଇ ୨୫,୦୦୦ ଟଙ୍କା କରାଯାଇଛି। ଏହାର ଉଦ୍ଦେଶ୍ୟ ■ ପୃଷ୍ଠା-୧୫

## କଂଗ୍ରେସକୁ ମୁରବୀଶୂନ୍ୟ କରିଥିବା ଝିରମ ଘାଟି ନରସଂହାର ମାମଲା

# ୧୦ ନକ୍ସଲଙ୍କୁ ମିଳିଲା ମୃତ୍ୟୁଦଣ୍ଡ

### ଏନ୍‌ଆଇଏ କୋର୍ଟ ସମସ୍ତଙ୍କୁ ଫାଶୀ ଦଣ୍ଡରେ କଲେ ଦଣ୍ଡିତ



**ଛତିଶଗଡ଼**

ଦୀର୍ଘ ୧୩ ବର୍ଷରେ ଦେଶକୁ ଦୋହଲାଇ ଦେଇଥିବା ନକ୍ସଲ ଆଟାକରେ ଆସିଛି ରାୟ। ଛତିଶଗଡ଼କୁ ମୁରବୀ ଶୂନ୍ୟ କରି ଦେଇଥିବା ଝିରମ ଘାଟି ନରସଂହାର ଘଟଣାରେ ୧୦ ଜଣଙ୍କୁ ମିଳିଛି ଫାଶୀ ଦଣ୍ଡ।୨୦୧୩ ନରସଂହାରରେ ଝିରମ ଘାଟିରେ ହୋଇଥିବା ମାଓବାଦୀ ଆକ୍ରମଣରେ କଂଗ୍ରେସର ଅନେକ ବରିଷ୍ଠ ନେତାଙ୍କ ସମେତ ୨୯ ଜଣ ପ୍ରାଣ ହରାଇଥିଲେ। ଏବେ ଛତିଶଗଡ଼ର ବସ୍ତର ରିଜନର ସ୍ୱତନ୍ତ୍ର ଏନଆଇଏ କୋର୍ଟ ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଲାଲ ହିଂସାର ଅନ୍ୟତମ ବଡ଼ ଘଟଣା ହେଉଛି ଝିରାମ ଘାଟି ଆଟାକ। ୨୦୧୩ ମସିହା ମେ' ୨୫ ତାରିଖରେ ମାଓବାଦୀମାନେ କଂଗ୍ରେସ କନଭୟକୁ ଜାତୀୟ ରାଜପଥରେ ଆଟାକ କରିଥିଲେ। ବସ୍ତର ଜିଲ୍ଲା ଅନ୍ତର୍ଗତ ଦର୍ଭା ପୁଲିସ ଷ୍ଟେସନ ଅଧୀନରେ ଥିବା ଝିରାମ ଘାଟିର ଗୋଟିଏ ଜାତୀୟ ରାଜପଥ ଅତିକ୍ରମ କରୁଥିଲା କଂଗ୍ରେସ ନେତାମାନଙ୍କ ଗାଡ଼ି। ଏହି ସମୟରେ ମାଓବାଦୀମାନେ ପୂରା ଅଞ୍ଚଳକୁ ଘେରାବନ୍ଦୀ କରି ଗୁଳି ବର୍ଷା କରିଥିଲେ। କଂଗ୍ରେସ ନେତା ଓ କର୍ମୀମାନେ ପରିବର୍ତ୍ତନ ଶୋଭାଯାତ୍ରାକୁ ଫେରୁଥିବା ବେଳେ ନକ୍ସଲ ଆମ୍ବୁସରେ ଫସି ଯାଇଥିଲେ। ଏହି ଆକ୍ରମଣରେ ଛତିଶଗଡ଼ର ତତ୍କାଳୀନ କଂଗ୍ରେସ ସଭାପତି ନନ୍ଦ କୁମାର ପଟେଲ, ତାଙ୍କ ପୁଅ ଦୀନେଶ, ବିଧାନସଭାର ପୂର୍ବତନ ବିରୋଧୀ ଦଳ ନେତା ମହେନ୍ଦ୍ର କର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟା ଚରଣ ଶୁକ୍ଳା ଓ ପୂର୍ବତନ ବିଧାୟକଙ୍କ ଉଦୟ ମୁଦଲିୟାରଙ୍କ ସମେତ ଅନେକ ବରିଷ୍ଠ କଂଗ୍ରେସ ନେତାଙ୍କ ମୃତ୍ୟୁ ହୋଇଥିଲା। କିଛି ସାଧାରଣ ଲୋକ ଓ ସୁରକ୍ଷାକର୍ମୀ ମଧ ଏହି ନକ୍ସଲ ହମଲାରେ ପ୍ରାଣ ହରାଇଥିଲା। ଏହି ଘଟଣାର ୧୩ ବର୍ଷ ପରେ ଜଗଦଲପୁର ସ୍ଥିତ ଏନଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭୟ ସିଂହ ରାଜପୁତ ୧୦ ଦୋଷୀଙ୍କ ବିରୋଧରେ ଦଣ୍ଡାଦେଶ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ସେପଟ୍ଟେମ୍ବର ୫ରେ ପ୍ରଥମେ ଏମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ ।ସେମାନଙ୍କ ବିରୋଧରେ ମୋଟ ୨୪ଟି ଚାର୍ଜ ଲାଗିଥିବା ବେଳେ ୭ଟି ଦଫାରେ ସମସ୍ତଙ୍କୁ ଦଣ୍ଡବିଧାନ କରାଯିବା ସହ ୮୦୦ ଟଙ୍କା ଲେଖାଏ ଜୋରିମାନା ଲାଗୁ କରାଯାଇଛି। ଏବେ ଏନଆଇଏ କୋର୍ଟ ସମସ୍ତଙ୍କୁ ■ ପୃଷ୍ଠା-୧୫

## ସୁଭଦ୍ରା ଯୋଜନାକୁ ୨ ବର୍ଷ ପୂରିଲା

# ଅସଜଡ଼ା ଭିତ୍ତିଭୂମି, ମହିଳାଙ୍କୁ ଉପହାସ

**ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନାକୁ ୨ ବର୍ଷ ପୂରିଛି। ବିଜେଡି କହିଛି ଉତ୍ସବ ପରେ ଉତ୍ସବ କରି ସରକାର ଖାଲି ଅର୍ଥ ସ୍ୱାହା କରୁଛନ୍ତି। ସରକାର ନିଜ ପ୍ରତିଶ୍ରୁତିରୁ ଓହରି ଯାଇଛନ୍ତି। ମହିଳାଙ୍କୁ ଏକକାଳୀନ ୫୦ ହଜାର ବଦଳରେ ଲଲିପପ୍ ଧରାଯାଇ ଭାଣ୍ଡାମୀ କରାଯାଉଛି। ଅନେକ ମହିଳା ଏଥିରୁ ବାଦ୍ ପଡ଼ିଥିବା ବେଳେ ପୁଣି କେତେକ ପ୍ରଥମ କିସ୍ତି ପାଇ ଚତୁର୍ଥ କିସ୍ତି ପାଇଥିଲେ ବି ମଝି କିସ୍ତିର ୧୦ ହଜାର ଟଙ୍କା ମିଳିନାହିଁ। ଯୋଗାଯୋଗ କଲେ ବି ସମସ୍ୟାର ସମାଧାନ ହେଉନାହିଁ। ସେପଟେ ଏହାକୁ ଧୂମଧାମରେ ପାଳନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।**




- ଧୂମ୍‌ଧାମରେ ପାଳିବାକୁ ପ୍ରଭାତୀ କହିଲେ
- ମହିଳାଙ୍କୁ ଲଲିପପ୍ ଧରାଯାଇଛି: ବିଜେଡି
- ଏପ୍ରିଲ ୧ରୁ ମାସେ ଖୋଲିବ ପୋର୍ଟାଲ

**ଭୁବନେଶ୍ୱର (ବ୍ୟୁରୋ)**

ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନାକୁ ୨ ବର୍ଷ ପୂରିଛି। ଏହାକୁ ଧୂମଧାମରେ ପାଳନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିବା ବେଳେ ବିଜେଡି କହିଛି ଉତ୍ସବ ପରେ ଉତ୍ସବ କରି ସରକାର ଖାଲି ଅର୍ଥ ସ୍ୱାହା କରୁଛନ୍ତି। ହେଲେ ମହିଳାମାନେ ସ୍ୱାବଲମ୍ବୀ ହେଇପାରୁନାହାନ୍ତି। ଏକକାଳୀନ ୫୦ ହଜାର ଟଙ୍କା ଦିଆଯିବାର ପ୍ରତିଶ୍ରୁତି ଫସର ଫାଟିଲା। ମାତ୍ର ୫ ହଜାର ନେଇ ମହିଳା ସ୍ୱାବଲମ୍ବୀ ହେବେ କେମିତି ବୋଲି ବିଜେଡି କହିଛି। ସେପଟେ ଅନେକ ମହିଳାଙ୍କ ପାଖକୁ ପ୍ରଥମ କିସ୍ତି ଯାଇଥିଲେ ହେଁ ତୃତୀୟ, ଚତୁର୍ଥ କିସ୍ତି ଯାଇନାହିଁ। ପଞ୍ଚମ କିସ୍ତି ଆସିଛି। ସେମାନେ ଯୋଗାଯୋଗ କଲେ ବି କିଛି ସୁଫଳ ମିଳୁନି। ସମସ୍ୟାର ସମାଧାନ ବାହାରୁନି। ଏଭଳି ଦ୍ୱନ୍ଦ୍ୱରେ ମହିଳାମାନେ ପଡ଼ିଥିବା ବେଳେ ରାଜ୍ୟ ସରକାର ଉତ୍ସବ ପାଳନରେ ମାତିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ୨୦୨୪ ସେପ୍ଟେମ୍ବର ୧୭ରେ ଏହି ଯୋଜନା ଆରମ୍ଭ ହୋଇଥିଲା। ପ୍ରଥମ କିସ୍ତିରେ ୨୫ ଲକ୍ଷ ମହିଳା ଉପକୃତ ହୋଇଥିଲେ। ଆଉ ପଞ୍ଚମ କିସ୍ତି ବେଳକୁ ୧ କୋଟି ୩ ଲକ୍ଷ ଟଙ୍କା ମହିଳା ଏହି ଯୋଜନାରେ ଉପକୃତ ହୋଇଛନ୍ତି। ସେପ୍ଟେମ୍ବର ୧୭ରେ ସୁଭଦ୍ରା ଯୋଜନାକୁ ୨ ବର୍ଷ ପୂରୁଛି। ତେଣୁ ଆମେ ଏହାକୁ ଅତ୍ୟନ୍ତ ଧୁମଧାମରେ ପାଳନ କରିବା। ୨୦୨୪ ସେପ୍ଟେମ୍ବର ୧୭ ତାରିଖରେ ଏହି ଯୋଜନାର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜେ ପ୍ରଧାନମନ୍ତ୍ରୀ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୧୭ ହେଉଛି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ। ସୁଭଦ୍ରା ଯୋଜନାର ୨ ବର୍ଷ ପୂର୍ତ୍ତି ଅବସରରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ସମସ୍ତ ମହିଳା ଏହାକୁ ଅତ୍ୟନ୍ତ ଧୂମଧାମରେ ପାଳନ କରିବେ। ଏନେଇ ରାଜ୍ୟର ୩୩୮ ଜାଗାରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ଯାହାଙ୍କୁ ଷାଠିଏ ବର୍ଷ ହେଉଥିବ, ସେମାନେ ଏହି ଯୋଜନାରୁ ବଞ୍ଚିତ ହେବେ। ଆଉ ଯେଉଁମାନଙ୍କୁ ୨୧ ହେଉଥିବ ସେମାନେ ଏହି ଯୋଜନାରେ ଯୋଡି ହେବେ। ସୁଭଦ୍ରା ଯୋଜନାରେ କେହି ଯୋଗ୍ୟ ହିତାଧୀକାରୀ ବାଦ୍ ପଡିବେନି। ଯାହାକୁ ୨୧ ବର୍ଷ ହେବ ସେମାନେ ନୂଆ ସୁଭଦ୍ରା ଭାବେ ଏହି ଯୋଜନାରେ ସାମିଲ ହୋଇପାରିବେ। ସବୁ ବର୍ଷ ପରି ଏପ୍ରିଲ ୧ରୁ ପୋର୍ଟାଲ ଖୋଲିବ। ଏପ୍ରିଲରୁ ମେ' ମାସ ଦୀର୍ଘ ଗୋଟିଏ ମାସ ଖୋଲିବ ଏହି ପୋର୍ଟାଲ ଖୋଲିବ। ଯେଉଁମାନଙ୍କୁ ୨୧ ବର୍ଷ ହୋଇଥିବ ସେମାନେ ଏହି ପୋର୍ଟାଲରେ ସିଧାସଳଖ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ସରକାରଙ୍କୁ ଘେରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ବିକାଶର ଧୀମା ଗତି ଚାଲଛି। ସରକାର ଖାଲି ବିରାଟ ସ୍ୱପ୍ନ ଦେଖୁଛନ୍ତି। ବିକଶିତ ଓଡ଼ିଶା ୨୦୩୬ ଆଉ ବିକଶିତ ଭାରତ ୨୦୪୭ରେ ହେବ ବୋଲି ପ୍ରଚାର କରୁଛନ୍ତି। ଏପରି ଗତିରେ ବିକାଶ କଲେ ସରକାରଙ୍କ ଏହି ସ୍ୱପ୍ନ ସାକାର ହେବ ତ? ଏହା ସହ ସେ କହିଛନ୍ତି, ଏ ସରକାର ହେଉଛି ଉତ୍ସବ ପ୍ରିୟ ସରକାର। ଗୋଟିଏ ପରେ ଗୋଟିଏ ଉତ୍ସବ ■ ପୃଷ୍ଠା-୧୫





ଅମୃତ ଦୁନିଆ
The Amruta Dunia

ଯଦି ନକରାତ୍ମକ ପରିସ୍ଥିତିରେ ସର୍ବଦା ସକରାତ୍ମକ ମନୋଭାବ ବଜାୟ ରଖନ୍ତି ତେବେ ଏହି ବିଜୟ ହେବ ଆପଣଙ୍କର

ଶୁଭ ସକାଳ





# ଘନ କେଶ ପାଇଁ ଅଁଳା ପାଣି



**ଧ** ଲମ୍ବା, ସୁନ୍ଦର ଓ ଘନ କେଶ ପାଇଁ ଏହିପରି ପ୍ରସ୍ତୁତ କରନ୍ତୁ ଅଁଳା ପାଣି

ଘନ ଓ ଲମ୍ବା କେଶ କାହର ବା ପସନ୍ଦ ନୁହେଁ। ହେଲେ ବର୍ତ୍ତମାନ ସମୟରେ କେଶ ଝଡ଼ିବା ସାଧାରଣ ହୋଇଗଲାଣି। ଏପରି ପରିସ୍ଥିତିରେ, କେଶକୁ ଲମ୍ବା ଏବଂ ଘନ କରିବା ପାଇଁ ଅଁଳା ପାଣି ବ୍ୟବହାର କରିପାରିବେ। ଏଥିରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଥାଏ, ଯାହା କେଶକୁ ଲମ୍ବା ଓ ଘନ କରିବାରେ ସାହାଯ୍ୟ କରେ। ଏଥି ସହ କେଶ ଅଧାରୁ ଛିଣ୍ଡିବା ଓ ଶୁଷ୍କତାକୁ ଦୂର କରି ମୂଳରୁ ଦୃଢ କରିଥାଏ। ତେବେ ଅଁଳା ପାଣି କିପରି ପ୍ରସ୍ତୁତ କରିବେ ଏବଂ ଏହାକୁ କେଶରେ ଲଗାଇବେ, ଜାଣନ୍ତୁ...

ଲମ୍ବା କେଶ ପାଇଁ ଅଁଳା ପାଣି

ଏଥିପାଇଁ ଏକ ଚାମଚ ରିଠା ପାଉଡରକୁ ଏକ ଚାମଚ ଅଁଳା ପାଉଡରରେ ମିଶାଇ ସେଥିରେ ପ୍ରାୟ ୧୦୦ ମିଲିଲିଟର ପାଣି ମିଶାନ୍ତୁ। ବିନା ରିଠା ପାଉଡରରେ ମଧ ଏହି ପାଣି ପ୍ରସ୍ତୁତ କରିପାରିବେ। ଏହି ପାଣିକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଲଗାନ୍ତୁ ଏବଂ ୪ରୁ ୫ ମିନିଟ୍ ପର୍ଯ୍ୟନ୍ତ ହାତରେ ଘଷନ୍ତୁ। ଏହା ପରେ କେଶକୁ ଭଲ ଭାବରେ ସଫା କରିଦିଅନ୍ତୁ।

ଅଁଳା ପାଣି ପ୍ରସ୍ତୁତ କରିବାର ଆଉ ଏକ ଉପାୟ ଅଛି। ଏଥିପାଇଁ ଅଁଳାକୁ ଛୋଟ ଛୋଟ ଖଣ୍ଡ କରି କାଟି ଏଥିରେ ପାଣି ମିଶାନ୍ତୁ। ଏହି ପାଣିକୁ କିଛି ସମୟ ଫୁଟାନ୍ତୁ। ପାଣି ଫୁଟିବା ପରେ ଏହାକୁ ଥଣ୍ଡା କରନ୍ତୁ। ଏହି ପାଣିକୁ କେଶ ଧୋଇବା ପାଇଁ ବ୍ୟବହାର କରିପାରିବେ। ଏହା କେଶକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ଲମ୍ବା ହେବାରେ ସାହାଯ୍ୟ କରେ।

କେଶ ପାଇଁ ଅଁଳା ରସ

ଆମଲା ରସକୁ ଲେମ୍ବୁ ରସ ସହିତ ମିଶାଇ କେଶରେ ଲଗାଇ ପାରିବେ। ଏହି ମିଶ୍ରଣ ହେୟାର୍ ଟୋନିକ୍ ପରି କାମ କରେ। ଏହାକୁ ଗୋଟିଏ ଘଣ୍ଟା ମୁଣ୍ଡରେ ଲଗାଇବା ପରେ ଧୋଇଦେବେ।

ଭୃସଙ୍ଗା ପତ୍ରକୁ ମଧ ଅଁଳା ସହ ମିଶାଇ କେଶରେ ଲଗାଇ ପାରିବେ। ଏଥିପାଇଁ ଅଁଳାକୁ ଛୋଟ ଛୋଟ ଖଣ୍ଡରେ କାଟି ସେଥିରେ ଭୃସଙ୍ଗା ପତ୍ର ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏହି ପେଷ୍ଟକୁ କିଛି ଘଣ୍ଟା ମୁଣ୍ଡରେ ଲଗାଇବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହାକୁ ବ୍ୟବହାର କରିପାରିବେ।

# ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ

**୧**୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭାଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି ।

# ମହିଳାଙ୍କ ଶରୀରରେ ପ୍ରୋଟିନ୍ ଅଭାବରୁ ଦେଖାଦିଏ ଏହି ସବୁ ଲକ୍ଷଣ





ମହିଳାମାନେ ସାଧାରଣତଃ ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇପାରନ୍ତି ନାହିଁ। ଅଫିସ୍, ଘର କାମ, ପିଲାମାନଙ୍କ ଖାଇବା-ପଢିବା ଆଦି କଥା ବୁଝୁ ବୁଝୁ ସେମାନେ ନିଜର ଯତ୍ନ ନେବାକୁ ସମୟ ପାଆନ୍ତିନି। ଏହି ସବୁ ଅବହେଳା ଧିରେ ଧିରେ ଶାରୀରିକ ସମସ୍ୟା ସୃଷ୍ଟିକରେ। ପ୍ରଥମେ ପ୍ରୋଟିନ୍ ଓ ଭିଟାମିନର ଅଭାବ ହୁଏ, ଆଉ ପରେ ରୋଗ ସମସ୍ୟା ଦେଖାଦିଏ। ତେବେ ପ୍ରୋଟିନ ଅଭାବ କାରଣରୁ ମହିଳାଙ୍କ କ୍ଷେତ୍ରରେ କି କି ଲକ୍ଷଣ ଦେଖାଦିଏ, ଜାଣନ୍ତୁ ଏହି ଆଲେଖ୍ୟରୁ...

**କ୍ଲାନ୍ତ:** ଶରୀରରେ ପ୍ରୋଟିନ ଅଭାବ ହେଲେ, ପ୍ରଥମେ କ୍ଲାନ୍ତ ବା ଦୁର୍ବଳ ଲାଗେ। ମାଂସପେଶୀ ଏବଂ ଟିସୁ ପାଇଁ ପ୍ରୋଟିନ୍ ନିହାତି ଗୁରୁତ୍ୱପୂର୍ଣ୍ଣ। ପ୍ରୋଟିନର ଅଭାବ କାରଣରୁ ମାଂସପେଶୀ ଦୁର୍ବଳ ହୋଇଯାଏ, ଫଳରେ କ୍ଲାନ୍ତ ଲାଗିଥାଏ। ବେଳେବେଳେ ଏଥିପାଇଁ ମୁଣ୍ଡବିନ୍ଧା ସହ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ମଧ ଅନୁଭବ ହୁଏ।

**ଓଜନ ହ୍ରାସ:** ଓଜନ ହ୍ରାସ ଶରୀରରେ ସମ୍ଭାବ୍ୟ ପ୍ରୋଟିନ୍ ଅଭାବର ସଙ୍କେତ ହୋଇପାରେ। ମାଂସପେଶୀ ଏବଂ ଟିସୁ ଗଠନ ପାଇଁ ଆମ ଶରୀରରେ ପ୍ରୋଟିନ୍ ଆବଶ୍ୟକ। ତେଣୁ, ପ୍ରୋଟିନର ଅଭାବ ଫଳରେ ଶରୀରରେ ମାଂସପେଶୀ ନଷ୍ଟ ହୋଇଯାଏ, ଯଦ୍ୱାରା ଶୀଘ୍ର ଓଜନ ହ୍ରାସପାଏ।

**ଭୋକ ନଷ୍ଟ:** ଯେତେବେଳେ ଆମ ଶରୀରରେ ପ୍ରୋଟିନର ପରିମାଣ କମିଯାଏ, ଆମର ହଜମ ପ୍ରକ୍ରିୟା ଠିକ୍ ଭାବରେ କାମ କରେ ନାହିଁ। ହଜମ ନହେଲେ ଖାଇବାକୁ ଇଚ୍ଛା ହୋଇନଥାଏ। ତେଣୁ ଭୋକ ନଷ୍ଟ ଅଧିକାଂଶ ସମୟରେ ପ୍ରୋଟିନ୍ ଅଭାବର ସଙ୍କେତ ହୋଇପାରେ।

**କେଶ ଏବଂ ନଖ ଭାଙ୍ଗିବା:** ବାସ୍ତବରେ ପ୍ରୋଟିନ୍ ଆମ କେଶ, ଚର୍ମ ଏବଂ ନଖକୁ ମଜବୁତ କରେ। ଏହାର ଅଭାବ ହେଲେ ନଖ ଦୁର୍ବଳ ହୋଇଯାଏ ଏବଂ ଭାଙ୍ଗିବା ଆରମ୍ଭ କରେ। ଏଥିସହ ଅତ୍ୟଧିକ କେଶ ଝଡିବା ସହ ପତଳା ହୋଇଯାଏ।

# ଏହି ସବୁ କାରଣ ଯୋଗୁ ମହିଳାମାନଙ୍କର ହୋଇଥାଏ ବ୍ୟାକ୍ ପେନ୍



ଆଜିକାଲିର ବ୍ୟସ୍ତ ବହୁଳ ଜୀବନ ଭିତରେ ଅଣ୍ଟା ବିନ୍ଧା(ଇବମଳ ଚବସଭ) ସାଧାରଣ ସମସ୍ୟା। ପ୍ରତ୍ୟେକ ମହିଳା ଏହି ସମସ୍ୟା ଦେଇ ଗତି କରୁଛନ୍ତି। ଆଘାତ, ଓଜନିଆ ଜିନିଷ ଉଠାଇବା, ଅଧିକ ସମୟ ନଇଁକି କାମ କରିବା, ଗୋଟିଏ ଜାଗାରେ ଅଧିକ ସମୟ ବସି ରହିବା ଯୋଗୁ ମଧ ଅଣ୍ଟା ବିନ୍ଧା ସମସ୍ୟା ହେଉଛି। ତେବେ ଏକ ରିସର୍ଚ୍ଚରୁ ଜଣା ପଡିଛି ଯେ ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କର ଅଧିକ ଅଣ୍ଟା ବିନ୍ଧା (Back Pain) ହୋଇଥାଏ।ମହିଳାମାନଙ୍କର ଅଣ୍ଟା ବିନ୍ଧା(Back Pain) ପଛରେ ଅନେକ କାରଣ ରହିଛି। ତେବେ ଆସନ୍ତୁ ଜାଣିବା ସେହି କାରଣ ବିଷୟରେ।

**ଅଷ୍ଟିଓପୋରୋସିସ୍(Osteoporosis)-** ୪୦ ବର୍ଷ ଡେଇଁବା ପରେ ମହିଳାଙ୍କ କ୍ଷେତ୍ରରେ ଅଷ୍ଟିଓପୋରୋସିସ୍ ସମସ୍ୟା ଦେଖାଯାଇଥାଏ। ଏହି ବୟସ ଅତିକ୍ରାନ୍ତ ହେବା ପରେ ପ୍ରାୟ ମହିଳାମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି।ମହିଳାଙ୍କର ଅଣ୍ଟା, ପିଠି ଓ ବେକରେ ଯନ୍ତ୍ରଣା ହୋଇଥାଏ। ଏହା ସହ ଅଧିକ ସମୟ ନଇଁକି କାମ କରିବା ଓ ଗୋଟିଏ ଜାଗାରେ ଅଧିକ ସମୟ ବସି ରହିବା ଯୋଗୁ ମଧ ଅଂଟା ବିନ୍ଧା ହୋଇଥାଏ।

ମୋଟାପଣ(Obesity)- ମୋଟାପଣ ମଧ ଅଣ୍ଟା ବିନ୍ଧା ହେବାର ଏକ ମୁଖ୍ୟ କାରଣ। ମହିଳାମାନେ ଅଧିକ ମୋଟା ହେବା ଦ୍ୱାରା ଠିକରେ ଚାଲିବୁଲି ପାରନ୍ତି ନାହିଁ। କୌଣସି କାର୍ଯ୍ୟ ଶୀଘ୍ର କରିପାରନ୍ତି ନାହିଁ। ଏଥିପାଇଁ ମହିଳା ଅଣ୍ଟା ଓ ଆଣ୍ଠୁ ବିନ୍ଧା ହୋଇଥାଏ। ବିଶେଷ କରି ବସିଥିବା ସମୟରେ ମେରୁଦଣ୍ଡକୁ ସିଧା ରଖିବା ବସିବା ଉଚିତ୍। ଏହା ସହିତ ପ୍ରତିଦିନ ବ୍ୟାୟାମ କରିବା ଉଚିତ୍ ।

ଋତୁସ୍ରାବ(Periods)- ମହିଳାମାନଙ୍କ ଋତୁସ୍ରାବ ବା ପିରିୟଡ୍ ପାଇଁ ଅଣ୍ଟା ବିନ୍ଧା ହୋଇଥାଏ। ଠିକ୍ ସମୟରେ ଋତୁସ୍ରାବ ନହେଲେ ଅଣ୍ଟା ବିନ୍ଧା ହୋଇଥାଏ ।

ଅନିୟନ୍ତ୍ରିତ ଜୀବନଶୈଳୀ (Unhealthy Lifestyle)- ଆମ ସୁସ୍ଥ ଜୀବନଶୈଳୀରେ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଯେମିତିକି ଆମକୁ ପ୍ରତ୍ୟେକ ଦିନ ବ୍ୟାୟମ କରିବା ଉଚିତ୍ କିନ୍ତୁ ବ୍ୟସ୍ତତା ଭିତରେ ଆମେ ଏଥିପ୍ରତି ଧ୍ୟାନ ଦେଉନା। ଏ ନେଇ ମୋଟାପଣ ବୃଦ୍ଧି ପାଏ ଏବଂ ଅଣ୍ଟା ବନ୍ଧା ସମସ୍ୟା ମଧ ଦେଖାଦିଏ।

Late pregnancy (ବିଳମ୍ବିତ ଗର୍ଭଧାରଣ)- ସବୁ ଜିନିଷ ଯେପରି ନିର୍ଦ୍ଦିଷ୍ଟ ସମୟ ରହିଛି। ସେହିପରି ମହିଳାମାନଙ୍କର ଗର୍ଭ ଧାରଣ କରିବାର ମଧ ନିର୍ଦ୍ଦିଷ୍ଟ ସମୟ ରହିଛି। ଯଦି ମହିଳାଟି ବିଳମ୍ବିତ ସମୟରେ ଗର୍ଭଧାରଣ କରେ, ତାହାହେଲେ ଅଣ୍ଟା ବିନ୍ଧିବାର ମୁଖ୍ୟ କାରଣ ହୋଇଥାଏ। ଏହାସହ ଗର୍ଭଧାରଣ ସମୟରେ ଅଣ୍ଟା ମଧ ବିନ୍ଧିଥାଏ ।

# କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଥିବା ଲୋକଙ୍କୁ ଦରକାରୀ ଖାଦ୍ୟ

କମ୍ପ୍ୟୁଟର ଆଗରେ ବସି ଘଣ୍ଟା ଘଣ୍ଟା ଧରି କାମ କଲେ ଆଖିର ପାୱାର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଅଧିକ ସମୟ ପର୍ଯ୍ୟନ୍ତ ବସି ରହିଲେ ମଧ ଶରୀରରେ ଫ୍ୟାଟ୍ ଜମା ହୋଇଯାଇଥାଏ, ଯଦ୍ୱାରା ଓଜନ ବଢ଼ିବାର ସମ୍ଭାବନା ଦେଖାଦେଇଥାଏ। ଯେଉଁ ଲୋକ କମ୍ପ୍ୟୁଟରରେ ୩ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରିଥାଆନ୍ତି, ସେମାନଙ୍କୁ ଏମିତି କିଛି ଖାଦ୍ୟ ଖାଇବା ଦରକାର, ଯଦ୍ୱାରା ଓଜନ ନିୟନ୍ତ୍ରିତ ରହିପାରିବ ଏବଂ ଆଖିର ପାୱାର ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆଜି ଆମେ ଆପଣଙ୍କୁ ୭ଟି ଫୁଡ୍ ବିଷୟରେ କହିବୁ।



୧. ଦହି: ଏଥିରେ ପ୍ରୋବାୟୋଟିକ୍ ବ୍ୟାକ୍ଟେରିଆ ରହିଥାଆନ୍ତି। ଏହାଦ୍ୱାରା ହଜମ ଠିକ୍ ଭାବେ ହୋଇଥାଏ ଏବଂ ଅଧିକ ସମୟ ବସିରହିଲେ ଗ୍ୟାସ୍ ସମସ୍ୟା ଆସି ନ ଥାଏ।

୨. କଦଳୀ: ଏଥିରେ ପୋଟାସିୟମ୍‌ରେ ମାତ୍ରା ଅଧିକ ଥାଏ, ଯଦ୍ୱାରା ତୁରନ୍ତ ଏନର୍ଜି ମିଳିଥାଏ ଏବଂ ଥକ୍କା ଅନୁଭବ ହୋଇ ନ ଥାଏ।

୩. ସେଓ: ଏଥିରେ ଫାଇବର ଅଧିକ ମାତ୍ରାରେ ଥାଏ। ଏହା ହଜମକୁ ବଢ଼ାଇଥାଏ ଏବଂ ଆପଣ ଗ୍ୟାସ୍ ସମସ୍ୟାରୁ ମୁକ୍ତି ପାଇଥାଆନ୍ତି।

୪. ଧନିଆ ପତ୍ର: ଏଥିରେ କ୍ୟାରୋଟେନ୍‌ଇଡ୍ ରହିଛି, ଯଦ୍ୱାରା ଆଖିର ପାୱାର ବଢ଼ିଥାଏ।

୫. ଦୁଧ: ଏଥିରେ ଭିଟାମିନ୍ ଏ ଏବଂ ପ୍ରୋଟିନ୍ ଅଧିକ ମାତ୍ରାରେ ରହିଛି। ଏହାଦ୍ୱାରା ମଧ ଆଖିର ପାୱାର ବଢ଼ିଥାଏ।

୬. ଡାର୍କ ଚକୋଲେଟ: ଏଥିରେ ଆଣ୍ଟି ଅକ୍ସିଡେଣ୍ଟସ୍ ରହିଛି, ଯାହାକି ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଅଣ୍ଟା ଯନ୍ତ୍ରଣାରୁ ଉପଶମ ମିଳିଥାଏ।

୭. ଲେମ୍ବୁ ପାଣି: ଏଥିରେ ଭିଟାମିନ୍ ସି ଅଧିକ ମାତ୍ରାରେ ରହିଛି, ଯାହାଦ୍ୱାରା ଆପଣଙ୍କୁ ଥକ୍କା ଅନୁଭବ ହୋଇ ନ ଥାଏ।

# ମୁହଁରେ ବ୍ରଣ ହୋଇଥିଲେ...



ଶୁଷ୍କ ତ୍ୱଚାରେ କେତେଜଣଙ୍କ ଠାରେ ବ୍ରଣ, ଦାଗ ସମସ୍ୟା ଦେଖାଯାଏ। ହେଲେ ଏଥିରେ ବ୍ୟତିବ୍ୟସ୍ତ ନ ହୋଇ ସରଳ ଘରୋଇ ଉପଚାର କଲେ ବ୍ରଣ କମ୍ ହୁଏ। ନିଜ ଖାଦ୍ୟ ପାନୀୟ ଉପରେ ଗୁରୁତ୍ୱ ଦିଅନ୍ତୁ, ଶୋଷ ନ ହେଉଥିଲେ ମଧ ଦିନକୁ ୯-୧୦ ଗିଲାସ ପାଣି ପିଇବାର ଅଭ୍ୟାସ କରନ୍ତୁ। ଉଷୁମ ପାଣି ପ୍ରତିଦିନ ପିଇଲେ ତ୍ୱଚା ଓ କେଶର ଅନେକ ସମସ୍ୟାର ସମାଧାନ ହୁଏ।

– କ୍ଲିନଜିଂ ମିଲ୍କ ନଚେତ୍ କଞ୍ଚା ଖିରରେ ପ୍ରତିଦିନ ସକାଳ ଓ ସଂଧ୍ୟାରେ ତ୍ୱଚାକୁ ଭଲରେ ପୋଛି ମଏଶ୍ଚରାଇଜର୍ ଲଗାଇନେବେ। ତ୍ୱଚା ଶୁଷ୍କ ହେଲେ ବ୍ରଣ ବଢ଼ିବାର ସମସ୍ୟା ଉପୁଜେ।

– ଘି-କୁଆଁରୀ ରସରେ ମହୁ ଅଳ୍ପ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ। ସକାଳ ବେଳା ଏହି ପ୍ୟାକ୍ ଲଗାଇବେ ନଚେତ ଥଣ୍ଡା, ସର୍ଦ୍ଦି ହେବାର ଭୟ ରହିଛି।

– ଏସବୁ ସହ ବେସନରେ ମହୁ ଓ ଖିର ସର ମିଶାଇ ତ୍ୱଚାରେ ପ୍ୟାକ୍ ଭଳି ଲଗାନ୍ତୁ। ଶୁଖିବା ପରେ ଧୋଇନେବେ, ବ୍ରଣ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ଏହା ଏକ ଭଲ ପ୍ୟାକ୍।

– ସପ୍ତାହକୁ ଥରେ ତ୍ୱଚା ସ୍କ୍ରବ୍ କରନ୍ତୁ, ଅଧିକ ଥର ସ୍କ୍ରବ୍ କଲେ ବ୍ରଣ ସମସ୍ୟା ବଢ଼ିପାରେ ବୋଲି ବିଉଟିସିଆନ୍‌ଙ୍କ ମତ। ବାହାରୁ ଆସିବା ପରେ ତ୍ୱଚାକୁ ଭଲରେ ଧୋଇ ମଏଶ୍ଚରାଇଜର୍, ଟୋନର୍ ଲଗାଇବାକୁ ଯେପରି ନ ଭୁଲିବେ। ଏହି ଋତୁରେ ତ୍ୱଚାକୁ ଏଭଳି ଉପାୟରେ ପୋଷଣ ଦେବା ଜରୁରୀ।

# ଛିଙ୍କକୁ ଅଟକାନ୍ତୁ ନାହିଁ, ଆଣିପାରେ ଏହି ବିପଦ



**ଯ**ଦି ଛିଙ୍କ ଆସୁଛି। ତେବେ ଏହାକୁ ଅଟକାନ୍ତୁ ନାହିଁ। ଛିଙ୍କକୁ ରୋକିବାକୁ ଚେଷ୍ଟା କଲେ ଏହା ବିପଜ୍ଜନକ ହୋଇପାରେ। ଏପରିକି ଜୀବନ ବି ଚାଲି ଯାଇପାରେ। ଛିଙ୍କ ରୋକିବାକୁ ଚେଷ୍ଟା କରି ଜଣେ ବ୍ୟକ୍ତିଙ୍କ ଶ୍ୱାସ ନଳୀରେ କଣା ହୋଇଯାଇଥିଲା। ଏହା ଏବେ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଚର୍ଚ୍ଚାର ବିଷୟ ପାଲଟିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ବିଶେଷଜ୍ଞମାନେ ଏହାକୁ ଏକ ଦୁର୍ଲଭ ତଥା ପ୍ରଥମ ଘଟଣା ଭାବେ ଅଭିହିତ କରିଛନ୍ତି। ଲାଇଭ୍ ସାଇନ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ, ପୀଡ଼ିତ ବ୍ୟକ୍ତି ଜଣକ ଏକ କାରରେ ଯାଉଥିବା ବେଳେ ତାଙ୍କୁ ଜ୍ୱର ହୋଇଥିଲା। ପରେ ପରେ ତାଙ୍କୁ ବାରମ୍ବାର ଛିଙ୍କ ଆସିଥିଲା। ତେବେ ଛିଙ୍କକୁ ଅଟକାଇବା ଲାଗି ସେ ନିଜର ନାକ ତଳେ ଆଙ୍ଗୁଠି ରଖିବା ସହ ମୁହଁକୁ ବନ୍ଦ କରିଦେଇଥିଲେ। ଫଳରେ ଛିଙ୍କ ଆସିଲା ବେଳେ ମୁହଁରେ ପ୍ରବଳ ଚାପ ସୃଷ୍ଟି ହୋଇ ଏହାର କୁପ୍ରଭାବ ଶ୍ୱାସ ନଳୀରେ ପଡ଼ିଥିଲା। ଆଉ ଶ୍ୱାସ ନଳୀରେ ୨ ମିଲିମିଟରର କଣା ହୋଇଯାଇଥିଲା। ତେବେ ଉକ୍ତ ବ୍ୟକ୍ତିଙ୍କ ବେକ ଦୁଇ ପଟରୁ ଫୁଲିଯିବା ସହ ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ଡାକ୍ତରଙ୍କ ପାଖକୁ ଯାଇଥିଲେ। ଆଉ ସେଠାରେ ବିଭିନ୍ନ ପରୀକ୍ଷା ପରେ ତାଙ୍କ ଶ୍ୱାସ ନଳୀରେ କଣା ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହା ସତ୍ତ୍ୱେ ରୋଗୀ ଜଣକ ଆରାମରେ ନି ଶ୍ୱାସ ପ୍ରଶାସ ନେଇ ପାରିବା ସହ କଥା ମଧ ହୋଇପାରୁଥିଲେ। ଯଦିଓ ତାଙ୍କର କୌଣସି ଅସ୍ତ୍ରୋପଚାର କରାଯାଇ ନ ଥିଲା ଦୁଇ ଦିନ ଧରି ତାଙ୍କୁ ମେଡ଼ିକାଲ ଅବର୍ଜରଭେସନରେ ରଖାଯାଇଥିଲା। ୫ ସପ୍ତାହ ପରେ ସେ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲେ।

*ଯଦି ଛିଙ୍କ ଆସୁଛି। ତେବେ ଏହାକୁ ଅଟକାନ୍ତୁ ନାହିଁ। ଛିଙ୍କକୁ ରୋକିବାକୁ ଚେଷ୍ଟା କଲେ ଏହା ବିପଜ୍ଜନକ ହୋଇପାରେ। ଏପରିକି ଜୀବନ ବି ଚାଲି ଯାଇପାରେ।*



# ସରକାରଙ୍କ ଦୂରଦୃଷ୍ଟିରେ ମା'ମାଣିକେଶ୍ୱରୀ ଘୁମୁରା ପ୍ରଶିକ୍ଷଣକେନ୍ଦ୍ର

## କଳାହାଣ୍ଡିର ଲୋକନୃତ୍ୟକୁ ବଞ୍ଚାଇ ରଖିବା ଦାବି



**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡିର ଲୋକନୃତ୍ୟ ଘୁମୁରାକୁ ଆହୁରି ସମୃଦ୍ଧ କରିବା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଭବାନୀପାଟଣା ସହରରେ ୨୦୨୩ ଜାନୁଆରୀ ୧୪ରେ ମା' ମାଣିକେଶ୍ୱରୀ ଘୁମୁରା ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏଠାରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୦ ଜଣ ଉତ୍ସାହୀ ଘୁମୁରା ପ୍ରେମୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଉଥିଲା। ଛାତ୍ରମାନଙ୍କୁ ୧ବର୍ଷର ତାଲିମ ପରେ ପ୍ରମାଣପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ପାଠ୍ୟକ୍ରମ ପାଇଁ ୧ବର୍ଷର ପାଠ୍ୟଖସଡା ମଧ୍ୟ ପ୍ରସ୍ତୁତ ହୋଇଛି। ତାଲିମରେ ଥିବା ୩୦ଜଣ ଛାତ୍ରଙ୍କୁ ମାସିକ ୪ ହଜାର ଟଙ୍କା ଷ୍ଟାଇପେଣ୍ଟ ମଧ୍ୟ ଦେବାର ବ୍ୟବସ୍ଥା ରହିଥିଲା। କିନ୍ତୁ ରାଜ୍ୟ ସରକାର ଅନୁଦାନ ବନ୍ଦ କରି ଦେଇଥିବାରୁ ୨୦୨୪ ନଭେମ୍ବରରୁ ଏହି ପ୍ରଶିକ୍ଷଣ କେନ୍ଦ୍ରରେ ତାଲା ଝୁଲୁଛି। ଘୁମୁରା ନୃତ୍ୟର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ହେଉ ନ ଥିବାରୁ ଏଥିପ୍ରତି ଯୁବକମାନଙ୍କ ଆଗ୍ରହ କମିବାରେ ଲାଗିଛି। ନୂଆଁଖାଇରୁ ଗାଁମାନଙ୍କରେ ଆରମ୍ଭ ହେଉଥିବା ଘୁମୁରା ଦଳ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଘୁମୁରା ସହିତ ଜଡିତ ନୃତ୍ୟଦଳର ଜୀବନ ଜୀବିକା ପ୍ରତି ମଧ୍ୟ ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ଫଳରେ ନିଜ ପେଟପାଟଣାରେ ବ୍ୟସ୍ତ ରହୁଥିବା କଳାକାର ନୃତ୍ୟପତି ଇଚ୍ଛା ଥିଲେ। ମଧ ଏହାକୁ ପେଶା ଭାବରେ ଗ୍ରହଣ କରିପାରୁନାହାନ୍ତି। ନୂଆଁଖାଇଠାରୁ ଆରମ୍ଭହୋଇ ଖଣ୍ଡାବସା, ଛତର ଯାତ୍ରା, ଦଶହରା ଭଳି ବିଭିନ୍ନ ଜାନିଯାତ୍ରାରେ ଘୁମୁରା ପରିବେଷଣ ହୋଇଥାଏ। ହେଲେ ଏହାକୁ ପାଠ୍ୟପୁସ୍ତକରେ ସାମିଲ କରାଯାଇ ନ ଥିବାରୁ ଛାତ୍ରୀଛାତ୍ର ଘୁମୁରାର ଇତିହାସଠାରୁ ଆରମ୍ଭ କରି ଏହାର ନୃତ୍ୟଶୈଳୀ ପ୍ରତି ସଚେତନ ହୋଇପାରୁ ନାହାନ୍ତି। କେବଳ କଳାହାଣ୍ଡି ଉତ୍ସବ ଘୁମୁରା ନାମରେ ନାମିତ ହୋଇଥିବାବେଳେ ଘୁମୁରାର ଅସ୍ତିତ୍ୱ ବଞ୍ଚାଇବା ପାଇଁ କୋଣସି ଠୋସ ପଦକ୍ଷେପ ନିଆଯାଇପାରୁ ନାହିଁ। ଗାଁରୁ ସହର ପର୍ଯ୍ୟନ୍ତ କେବଳ ଘୁମୁରା ପ୍ରତିଯୋଗିତାରେ ସୀମିତ ରହିଯାଉଛି ତେଣୁ ରାଜ୍ୟ ସରକାର ଓ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କଳାହାଣ୍ଡିର ଲୋକନୃତ୍ୟ ଘୁମୁରାକୁ ବଞ୍ଚାଇବା ପାଇଁ କେନ୍ଦ୍ରୀୟ ଘୁମୁରା ଏକାଡେମୀ ସ୍ଥାପନ ସହିତ ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ସାମିଲ କରିବା ଏବଂ ଗବେଷଣା ଦିଗରେ ଅନୁ ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

# ରଙ୍ଗାରଙ୍ଗ ସାମୂହିକ ନୂଆଁଖାଇ ଭେଟ୍‌ଘାଟ

## ■ ପାରମ୍ପରିକ ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ



**ସିନାପାଲି(ଅମୃତ ମିଡିଆ):** ସିନାପାଲିରେ ନୂଆଁଖାଇ ଦିନେ ଭବ୍ୟ ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିନାପାଲି କାପସି ସ୍ଥିତ କେପି ବାଟିକା ଠାରେ ଅନୁଷ୍ଠିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସିନାପାଲି ଅଞ୍ଚଳର ସମସ୍ତ ବର୍ଗର ଲୋକ ସମବେତ ହୋଇ ପରସ୍ପର ଭେଟ ହେବା ସହ ପାରମ୍ପରିକ ନୃତ୍ୟଗୀତର ମଜା ନେଇଥିଲେ। ସାମୂହିକ ନୂଆଁଖାଇ ଭେଟ ପରିବାରର ସଭାପତି ତ୍ରିନାଥ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଓ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସହ ନୀଳମଣି ମେହେର, ବୈଶମ୍ପାୟନ ମେହେର, ଡମ୍ବରୁଧର ମେହେର, ଗୋଲାମଣି ସା, ନାରାୟଣ ପାତ୍ର, ଅକ୍ଷୟ ନନ୍ଦ, ନନ୍ଦକୁମାର ପାତ୍ର, ତେଜରାଜ ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ କମିଟିର ସଂପାଦକ ପ୍ରଭାତ କୁମାର ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜଣାଇବା ସହ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ବେଣୁଧର ମେହେର ବିବରଣୀ ପଠନ କରିଥିଲେ । ସ୍ୱର ସଙ୍ଗମ କଳା ପରିଷଦ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । କମିଟିର ବିଭିନ୍ନ କାର୍ଯ୍ୟକ୍ରମର ପତ୍ରିକା 'ନୂଆଁଖାଇ ଦର୍ପଣ'କୁ ମଞ୍ଚରେ ଉନ୍ମୋଚନ କରାଯାଇଥିଲା । ଏହାପରେ ସ୍ଥାନୀୟ ଏବଂ ଜିଲ୍ଲା ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସମ୍ବଲପୁରୀ ଗାୟିକା ସ୍ୱାଗତିକା ତ୍ରିପାଠୀ, ବ୍ଲୋଗସ ଶ୍ରଦ୍ଧା ପ୍ରଧାନ, କମେଡିଆନ ଚନ୍ଦନ ଶତପଥୀ, ୟୁଟୁବର ସ୍ମିତ ପ୍ରମୁଖ ଲୋକଙ୍କୁ ଭରପୁର ମନୋରଞ୍ଜନ ଦେଇଥିଲେ। ଭିନ୍ନଭିନ୍ନ ବର୍ଗର ଲୋକଙ୍କ ପାଇଁ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଭାଗିଙ୍କୁ ମଂଚରେ ପୁରସ୍କୃତ କରାଯାଇଥିବା ବେଳେ ଏହାକୁ କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ସା ପରିଚାଳନା କରିଥିଲେ । ମଞ୍ଚରେ ବହୁମୁଖୀ ପ୍ରତିଭା ନରସିଂହ ମେହେରଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପୂର୍ବରୁ ଏକ ଶୋଭାଯାତ୍ରା ମାଧ୍ୟମରେ ସହର ପରିକ୍ରମା କରିବା ସହ ସମସ୍ତ ଦେବାଦେବୀ ମନ୍ଦିରରୁ ଆଶୀର୍ବାଦ କାମନା କରାଯାଇଥିଲା । ପାରମ୍ପରିକ ବେଶଭୂଷା ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଭେଟଘାଟ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ହଜାରହଜାର ଲୋକ ବିଳମ୍ବିତ ରାତି ଯାଏଁ ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ସରିଛି ନୂଆଁଖାଇ, ଏବେ ଭେଟଘାଟର ସମୟ



**ସୁବର୍ଣ୍ଣପୁର(ଅମୃତ ମିଡିଆ):** ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ସରିଥିବା ବେଳେ ଏବେ ଗାଁଠୁ ସହର ସବୁଠି ନୂଆଁଖାଇ ଭେଟଘାଟରେ ଉତ୍ସବମୁଖର ପରିବେଶ ସୃଷ୍ଟି ହେଇଛି । ଢୋଲ, ନିଶାନ ଓ ତାସାର ତାଳେ ଅଣ୍ଟା ହଲାଇ ନାଚୁଛନ୍ତି ଯୁବକ-ଯୁବତୀ। କୋଉଠି ଭଜନ ସନ୍ଧ୍ୟା ତ କୋଉଁଠି ଚାଲିଛି ସମ୍ବଲପୁରୀ ନୃତ୍ୟ ର ମାହାଲ। ଉପଭୋଗ କରୁଛନ୍ତି ସ୍ଥାନୀୟ ଲୋକ । ବୀରମହାରାଜପୁର, ଉଲୁଣ୍ଡା, ବିନିକା, ତରଭା ସବୁଠି ଚାଲିଛି ଭେଟଘାଟ ର କାର୍ଯ୍ୟକ୍ରମ ଯୋଗ ଦେଉଛନ୍ତି ସ୍ଥାନୀୟ ରାଜନେତା, ବୃଦ୍ଧିଯୀ ସହ ସମାଜସେବୀ । ଆସନ୍ତା କାଲି ସୃଷ୍ଟିର ଶିଳ୍ପୀ ର ଦେବତା ବିଶ୍ୱକର୍ମା ଙ୍କ ପୂଜା ଥିବାରୁ ଏହି ନୂଆଁଖାଇ ପର୍ବ ଆଉ ଟିକେ ଉତ୍ସବମୁଖର ହୋଇଛି । ଏହି ଗଣପର୍ବ ଏକ କୃଷି ଭିତ୍ତିକ ହୋଇଥିବା ସହ ଭାଇଚାରା କୁ ଯୋଡି ଥାଏ । ଯେତେ ମାନ ଅଭିମାନ ଥିଲେ ମଧ ଏ ସବୁକୁ ଭୁଲି ସମସ୍ତେ ଏକାଠି ନୁଆଁ ଖାଇଥାନ୍ତି । ତେଣୁ ଏହି ପର୍ବ ଏବେ ସବୁଆଡେ ଉତ୍ସବ ର ବାତାବରଣ ସୃଷ୍ଟି କରିଥିବା ବେଳେ ସବୁଆଡେ ଆଜି ଚାଲିଛି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଏହା ଆଜି ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିବ । ଏହି କାର୍ଯ୍ୟକ୍ରମ ରେ ଏକାଠି ହେବେ ଗାଁ ର ସମସ୍ତ ଗ୍ରାମବାସୀ ମାନ ଅଭିମାନ ଭୁଲି ପରସ୍ପର କୁ କରିବେ ନୂଆଁଖାଇ ଜୁହାର । ସୁବର୍ଣ୍ଣପୁର ଜିଲ୍ଲା ମୁର୍ଷୁଣ୍ଡିରେ 'ମା' ମାଟିର ଉଚ୍ଛବ' ନାମରେ ଆୟୋଜିତ ନୂଆଁଖାଇ ଭେଟଘାଟ ଜମିଥିଲା ଧୁମ୍ ?ଧାମ। ନାଟ୍ୟଶ୍ରୀ ଗଦାଧର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଓଡ଼ିଶୀ ସହ ବିଭିନ୍ନ ଲୋକନୃତ୍ୟରେ ଦୁଲୁକିଥିଲା ମଞ୍ଚ।

## ପ୍ରଥମ ବୈଶ୍ୱିକ ଖବରକାଗଜ ଐତିହ୍ୟ ପ୍ରଦର୍ଶନୀ

# ପେପରମ୍ୟାନଙ୍କ ବ୍ୟକ୍ତିଗତ ସଂଗ୍ରହ ଦେଖି ଜନସାଧାରଣ ଅଭିଭୂତ



**ସମ୍ବଲପୁର(ଅମୃତ ମିଡିଆ):** ସ୍ଥାନୀୟ ନାରୀ ସେବା ସଦନରେ ସମ୍ବଲପୁରରେ ପ୍ରଥମ ବୈଶ୍ୱିକ ପ୍ରଦର୍ଶନୀକୁ ସମ୍ବଲପୁରର ଲୋକପ୍ରିୟ ବିଧାୟକ, ପ୍ରାକ୍ତନ ମନ୍ତ୍ରୀ ତଥା ପୂର୍ବତନ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ୧୪ ତାରିଖ ଦିନ ଉଦଘାଟନ କରିଛନ୍ତି। ପେପରମ୍ୟାନ ରୂପେ ପରିଚିତ, ଗିନିସ ଓ ଲିମକା ବୁକ ରେକର୍ଡ ଅଧିକାରୀ ଶଶାଙ୍କ ଶେଖର ଦାଶଙ୍କ ସଂଗୃହିତ ବିଶ୍ୱର ବିଭିନ୍ନ ଦେଶ, ଆମ ଦେଶର ପ୍ରାୟ ସମସ୍ତ ରାଜ୍ୟ ତଥା ଆମ ରାଜ୍ୟ ଓ ବିଶେଷ କରି ପଶ୍ଚିମ ଓଡ଼ିଶାର ଖବର ପ୍ରକାଶିତ ବିଭିନ୍ନ ଖବର କାଗଜ ଗୁଡିକ ସେ ଅତ୍ୟନ୍ତ ଆଗ୍ରହର ସହ ପ୍ରଦର୍ଶନୀରେ ବୁଲି ଦେଖିଥିଲେ। ପେପରମ୍ୟାନ ଶ୍ରୀ ଦାଶ ଖବରକାଗଜର ଇତିହାସ, ଖବର କାଗଜ ପ୍ରକାଶନର କ୍ରମ ବିବର୍ତ୍ତନ ଓ ବୈଷୟିକ ବୈପ୍ଲବିକ ପରିବର୍ତ୍ତନ ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲେ।

ଏହି ଅବସରରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ମିଶ୍ର ସମ୍ବାଦ ଅନଗୋଳ ସଂସ୍କରଣର ମୁଖ୍ୟ ବରିଷ୍ଠ ସାମ୍ବାଦିକ ରତ୍ନାକର ଭୋଇ, ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସାପ୍ତାହିକ ଖବର କାଗଜର ସଂପାଦକ ସବିତା ମିଶ୍ର, ଚନ୍ଦ୍ରଚୁଡ ସିଂ, ହରି ଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରେମୀ ଜନତା, ସଚେତନ ମହିଳା, ଛାତ୍ରଛାତ୍ରୀ ଅନିସନ୍ଧିତ୍ସୁ ହୋଇ ୧୮୪୦ ମସିହା ଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଖବର କାଗଜ ଗୁଡିକ ଦେଖି ଅବିଭୂତ ହୋଇ ଯାଇଥିଲେ। ମାନ୍ୟବର ବିଧାୟକ ପେପରମ୍ୟାନ ଦାଶଙ୍କ ଏହି ସଂଗ୍ରହ ସମୂହର ଭୁରି ଭୁରି ପ୍ରଶଂସା କରିଥିଲେ।

ଏହି ପ୍ରଦର୍ଶନୀରେ ବୀରମହାରାଜପୁର ପ୍ରାକ୍ତନ ବିଧାୟକ ରବି ନାରାୟଣ ପାଣିଗ୍ରାହୀ, ତତ୍କାଳୀନ ଛାତ୍ରନେତା ସୁବର୍ଣ୍ଣଭୂମିର ସଂପାଦକ ରାମକୃଷ୍ଣ ମହାପାତ୍ର ପ୍ରମୁଖ ଏହି ଉପସ୍ଥିତ ରହି ଏହାକୁ ସଫଳ ଓ ଅର୍ଥପୂର୍ଣ୍ଣ କରିଥିଲେ।

ସମ୍ବଲପୁରରେ ପ୍ରଥମ କରି ଆୟୋଜିତ ଏହି ଭଳି ଏକ ବିରଳ ପ୍ରଦର୍ଶନୀକୁ ସାକାର ଓ ସଫଳ କରିବାରେ ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମୀ ରମାକାନ୍ତ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ବିଜୟ ଖୁଣ୍ଟିଆ ଓ ରାଜାରାମ ପାଢ଼ୀ ସହଯୋଗ କରିଥିଲେ। ଆଗାମୀ ଦିନରେ ସମ୍ବାଦପତ୍ର କ୍ଷେତ୍ରରେ ଆହୁରି ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମୁଖ୍ୟ ଅତିଥି ତଥା ଉଦଘାଟକ ମାନ୍ୟବର ବିଧାୟକ ଓ ଉପସ୍ଥିତ ଭଦ୍ରମଣ୍ଡଳି ପ୍ରୋତ୍ସାହିତ କରିଥିଲେ।

# ଘରୋଇ କଳହକୁ ନେଇ ଜୀବନ ହାରିଲେ ମହିଳା

**ସଇଁତଲା(ଅମୃତ ମିଡିଆ):** ଘରୋଇ କଳହକୁ ନେଇ ମହିଳାଙ୍କ ଆତ୍ମହତ୍ୟା। ଗୋଳାବାରୁଦ କାରଖାନାର ଟାଇପ ଥ୍ରୀ କ୍ୱାଟରରେ ଗତକାଲି ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। କାରଖାନାରେ ଇଲେକ୍ଟ୍ରିକସିଆନ ଭାବେ ୟୁନିଟ ୧ ରେ କାର୍ଯ୍ୟରତ ସତୀଶ କୁମାରଙ୍କ ପତ୍ନୀ ବେକରେ ଓଢଣୀ ଦେଇ ପଙ୍ଖାରେଝୁଲି ପଡ଼ିଥିବା ଅଭିଯୋଗ ହୋଇଛି। ଖବର



ପାଇ ଆମ୍ବୁଲାନ୍ସ ଯୋଗେ ତୁରନ୍ତ କାରଖାନା ସ୍ଥିତ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଇଁତଲା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ହତ୍ୟା ନା ଆତ୍ମହତ୍ୟା, ତାହା ସନ୍ଦେହ ଘେରରେ ଅଛି। ଶବ ବ୍ୟବଚ୍ଛେଦ ପରେ ସତ୍ୟ କଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ପ୍ରକଳ୍ପ ସଙ୍ଗମ ଗ୍ରାମାଞ୍ଚଳରେ ଜଳସେଚନ ସୁବିଧାକୁ ସୁଦୃଢ଼ କରିଛି

**ଲାଞ୍ଜିଗଡ଼(ଅମୃତ ମିଡିଆ):** ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମର ଆଲୁମିନା ବିଶୋଧନାଗାର ଆଖପାଖ ଗାଁଗୁଡ଼ିକରେ ବଡ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହା ନୂତନ ଭାବରେ ସୃଷ୍ଟି ହୋଇଥିବା ଫାର୍ମ ପୋଖରୀରେ ପରିଲକ୍ଷିତ ହୋଇଛି ଯାହା ଖରାଦିନେ ଚାଷବାସ ସହିତ କୁକୁଡା ଫାର୍ମଗୁଡିକ ପାଣି ଯୋଗାଇଥାଏ, ଯାହା ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରୁଛି, ଏବଂ କୃଷି ପରିବାରଗୁଡ଼ିକରେ ଯାହା ଜଳବାୟୁ ଏବଂ ଅର୍ଥନୈତିକ ଅନିଶ୍ଚିତତା ପ୍ରତି ଅଧିକ ସହନଶୀଳ ହେବାରେ ଲାଗିଛି। ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ପ୍ରକଳ୍ପ ସଙ୍ଗମ, ଯାହା ଏକ ସମନ୍ୱିତ ଜଳବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପ ଯାହା ୨୦୨୩ ରେ ଜଳ ସୁରକ୍ଷାକୁ ମଜବୁତ କରିବା, କୃଷି ଉତ୍ପାଦକତା ବୃଦ୍ଧି କରିବା ଏବଂ ଗ୍ରାମାଞ୍ଚଳରେ ସ୍ଥାୟୀ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରିବା ପାଇଁ ଆରମ୍ଭ କରାଯାଇଥିଲା।

କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପ୍ରୟାସର ଅଂଶବିଶେଷ ସ୍ୱରୂପ ପ୍ରକଳ୍ପ ସଙ୍ଗମ ପ୍ରାକୃତିକ ସମ୍ବଳ ପରିଚାଳନା, ଜଳବାୟୁ-ନମନୀୟ କୃଷି, ଭୂତଳ ଜଳ ପୁନର୍ଭରଣ, ବର୍ଷା ଜଳ ଅମଳ, ଦକ୍ଷତା ବିକାଶ ଏବଂ ଦୀର୍ଘକାଳୀନ ସାମାଜିକ-ଆର୍ଥିକ ବିକାଶ ପାଇଁ ଗୋଷ୍ଠୀ-ପରିଚାଳିତ ଜୀବିକା ହସ୍ତକ୍ଷେପକୁ ଅନ୍ତର୍ଭୁକ୍ତ କରି ଏକ ବହୁସ୍ତରୀୟ ଆଭିମୁଖ୍ୟ ନିୟୋଜିତ କରିଛି। ଉଭୟ ଜଳ ଉପଲବ୍ଧତା ଏବଂ ଜୀବିକା ସୃଷ୍ଟି ଉପରେ ଧ୍ୟାନ ଦେଇ, ଏହି ପଦକ୍ଷେପ ଗ୍ରାମୀଣ ପରିବାରକୁ ଅଧିକ ଆତ୍ମନିର୍ଭରଶୀଳତା ଏବଂ ନମନୀୟତା ସୃଷ୍ଟି କରିବାରେ ସାହାଯ୍ୟ କରୁଛି। ଏହି ଆଭିମୁଖ୍ୟର ପ୍ରଭାବ ସମଗ୍ର ଅଞ୍ଚଳର ଗ୍ରାମଗୁଡ଼ିକରେ ଗଭୀର ଭାବେ ପ୍ରତିଫଳିତ ହେଉଛି। ନିକଟବର୍ତ୍ତୀ ନିଆଳି ଗ୍ରାମରେ, ଏହି କାର୍ଯ୍ୟକ୍ରମ ଅଧୀନରେ ବିକଶିତ ଏକ ଫାର୍ମ ପୋଖରୀ ଲିଙ୍ଗରାଜ ରାଉତଙ୍କୁ କଦଳୀ ଚାଷ, ମତ୍ସ୍ୟଚାଷ ଏବଂ ଉଦ୍ୟାନ କୃଷି ସହିତ ଏକ ସମନ୍ୱିତ କୃଷି ମଡେଲ ଗ୍ରହଣ କରିବାରେ ସାହାଯ୍ୟ କରିଛି। ସୁନିଶ୍ଚିତ ଜଳସେଚନ ଦ୍ୱାରା ଅନିୟମିତ ବର୍ଷା ଉପରେ ନିର୍ଭରଶୀଳତା ହ୍ରାସ ପାଇଛି, କୃଷି ଉତ୍ପାଦନରେ ଉନ୍ନତି ଘଟିଛି ଏବଂ ଆୟର ଏକାଧିକ ଧାରା ସୃଷ୍ଟି ହୋଇଛି। କଦଳୀ ଚାଷରେ ପାଖାପାଖି ୯୦୦୦ ଟଙ୍କା ନିବେଶ କରି ଲିଙ୍ଗରାଜ ଗୋଟିଏ ଅମଳ ଋତୁରେ ଛଅ ଗୁଣ ଆୟ କରିଥିଲେ, ଯେତେବେଳେ କି ତାଙ୍କ ମତ୍ସ୍ୟଚାଷରୁ ଅତିରିକ୍ତ ଆୟ ଘରୋଇ ଆୟକୁ ଆହୁରି ମଜବୁତ କରିଛି। 'ଚାଷ ପାଇଁ ଥିବା ପୋଖରୀ ମୋର ଚାଷ କରିବାର ଶୈଳୀକୁ ବାସ୍ତବରେ ବଦଳାଇ ଦେଇଛି। ମୁଁ ଏବେ ବର୍ଷସାରା ବିଭିନ୍ନ ପ୍ରକାରର ଫସଲ ଚାଷ କରିପାରିବି, ମୋ ଆୟରେ ବିବିଧତା ଆଣିପାରିବି ଏବଂ ମୋ ପରିବାରର ଆବଶ୍ୟକତାକୁ ଅଧିକ ଭଲ ଭାବେ ପୂରଣ କରିପାରିବି ', ବୋଲି ଲିଙ୍ଗରାଜ କୁହନ୍ତି। କେନ୍ଦୁଗୁଡା ଗ୍ରାମରେ, ଏହି ପଦକ୍ଷେପ ଅଧୀନରେ ପ୍ରଦାନ କରାଯାଇଥିବା ସହାୟତା ନିରଞ୍ଜନ ନାଗଙ୍କୁ ଏକ ୫୦୦ ବ୍ରଏଲର କୁକୁଡ଼ା ବିଶିଷ୍ଟ ଫାର୍ମ ପ୍ରତିଷ୍ଠା କରିବାରେ ସକ୍ଷମ କରିଥିଲା, ଯାହା ଏକ ଅନିୟମିତ ମଜୁରୀ ଆଧାରିତ ଆୟକୁ ଅଧିକ ସ୍ଥିର ଏବଂ ସ୍ଥାୟୀ ଜୀବିକା ରେ ପରିଣତ କରିଥିଲା ।

# ପାର୍ବଣରେ ବଢ଼ିଲାଣି ବେଆଇନ ନିଶାକାରବାର

## ■ ଧର୍ମଗଡ ଅଞ୍ଚଳରେ ଜମୁଛି କୁଟିଆ ମଦବେପାର
## ■ ଅବକାରୀ ବିଭାଗର ନୀରବତାକୁ ନେଇ ପ୍ରଶ୍ନ

**କଳାହାଣ୍ଡି(ଅମୃତ ମିଡିଆ):** ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଧର୍ମଗଡ ଅଞ୍ଚଳରେ ବଢ଼ିବାରେ ଲାଗିଛି ବେଆଇନ ନିଶା କାରବାର । ବିଭିନ୍ନ ଗାଁର ଗଳିକନ୍ଦିରେ ଖୋଲାଖୋଲି କୁଟିଆ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହେଉଛି। ପାର୍ବଣକୁ ଆଖି ଆଗରେ ରଖି ବେପାରୀମାନେ ମଦ ଗଚ୍ଛିତ ରଖିଥିବା ବେଳେ ଜାତୀୟ ରାଜପଥ ଦେଇ ଦିନ ଦ୍ୱିପହରରେ ବାଇକ୍ ଯୋଗେ ମଦ ଚାଲାଣ କରୁଥିବା ନଜର ରହିଛି । ଅଞ୍ଚଳରେ ଏଭଳି ବେ ଆଇନ ନିଶା କାରବାର ବଢୁଥିଲେ ମଧ ଅବକାରୀ ବିଭାଗର ଅବହେଳା କୁ ନେଇ ଏବେ ପ୍ରଶ୍ନ ଉଠୁଛି । ବିଭାଗ ପକ୍ଷରୁ କେବେ କେମିତି ଚଢ଼ାଉ କରାଯାଉଥିଲେ ମଧ ବେଆଇନ ମଦ ବେପାର ଉପରେ ଏହାର ସ୍ଥାୟୀ ପ୍ରଭାବ ପଡୁନଥିବା ଅଞ୍ଚଳ ର ସ୍ଥାନେ ସ୍ଥାନେ ଚର୍ଚ୍ଚାର ବିଷୟ ପାଲଟିଛି । ଚଢ଼ାଉ ପରେ କିଛିଦିନ କାରବାର ବନ୍ଦ ରହୁଥିବା ବେଳେ ପୁଣି ପୂର୍ବଭଳି ବେପାର ଆରମ୍ଭ ହେଉଥିବା ଅଭିଯୋଗ ହେଉଛି । ଗାଁ ଗୁଡ଼ିକରେ ମଦର ଅବାଧ ପ୍ରବାହ ଯୋଗୁଁ ପାରିବାରିକ ଅଶାନ୍ତି- ଗଣ୍ଡଗୋଳ ଭଳି- ସାମାଜିକ ସମସ୍ୟା ବଢୁଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି । ଅଞ୍ଚଳ ର ଲୋକେ ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ ବଢ଼ିବାରେ ଲାଗିଛି । ଧର୍ମଗଡ ଅଞ୍ଚଳର -ଧର୍ମଗଡ, ତରାପୁର, ବେହେରା, ଅଞ୍ଚଳରେ ଗୋଟିଏ ଗୋଟିଏ ଦେଶୀ ମଦ ଭାଟି ରହୁଥିବାବେଳେ ମଦ ଭାଟିରୁ ଅନେକ ସମୟରେ କୁଢ଼ କୁଢ଼ ମଦ ଚାଲାଣ ହୋଇ ବିଭିନ୍ନ ଗାଁରେ ବିକ୍ରି କରାଯାଉଥିବା ନଜର ରହିଛି। ଅନ୍ୟପକ୍ଷେ ବେଆଇନ ମଦ କାରବାର ରୋକିବା ଦାୟିତ୍ୱ ଅବକାରୀ ବିଭାଗ ରହିଥିବା ସତ୍ତ୍ୱେ ଧର୍ମଗଡ ଅଞ୍ଚଳର ଅନେକ ସ୍ଥାନରେ ବିଭାଗ ପ୍ରଭାବଶାଳୀ ବ୍ୟକ୍ତି ଙ୍କ ସହିତ ବନ୍ଧୁତା ସ୍ଥାପନ ରଖିଥିବା ଯୋଗୁଁ ଅଙ୍କୁଶ ଲାଗି ପାରୁ ନ ଥିବା ନେଇ ଲୋକଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

# ବିଉଟି ପାର୍ଲର ମାଲିକାଣୀଙ୍କୁ ଛୁରୀରେ ଆକ୍ରମଣ କଲେ ସ୍ୱାମୀ

**ସମ୍ବଲପୁର(ଅମୃତ ମିଡିଆ):** ସଦରଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ଛକରେ ଥିବା ଏକ ବିଉଟି ପାର୍ଲର ମଧରେ ପଶି ତାଙ୍କ ସ୍ୱାମୀ ପାର୍ଲର ମାଲିକାଣୀଙ୍କ ଉପରକୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିବା ଜଣାଯାଇଛି। ସେ ପାର୍ଲର ଭିତରକୁ ପଶି ମହିଳାଙ୍କ ହାତ ଏବଂ ପେଟକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଗୁରୁତର ଭାବେ ରକ୍ତାକ୍ତ କରି ପଳାଇବାକୁ ଚେଷ୍ଟା କରିଥିଲେ। ପାର୍ଲରରୁ ଚିତ୍କାର ଶୁଣି ଆଖପାଖର ଲୋକେ ତୁରନ୍ତ ଘଟଣାସ୍ଥଳକୁ ଦୌଡ଼ି ଆସି ତାଙ୍କୁ କାବୁ କରିବା ସହ ନିର୍ଘୁମ ଛେଚି ପୁଲିସ ଜିମା ଦେଇଛନ୍ତି। ଗୁରୁତର ଆହତ ମହିଳାଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଲୋକମାନେ ଅଭିଯୁକ୍ତଙ୍କୁ ଅଟକ ରଖିବା ସହିତ ପୁଲିସ ଜିମା ଦେଇଛନ୍ତି।

# ପ୍ରଶାସନକୁ ହସ୍ତାନ୍ତର ହୋଇନାହିଁ ଅଙ୍ଗନବାଡ଼ି କେନ୍ଦ୍ର

## ବିପଦସଙ୍କୁଳ ସ୍କୁଲ ବାରଣ୍ଡାରେ ବସୁଛନ୍ତି ଶିଶୁ



**ଲାଞ୍ଜିଗଡ(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ଠାରେ ୨୦୧୫ରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବାର ୪ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ପ୍ରଶାସନକୁ ହସ୍ତାନ୍ତର ହୋଇନାହିଁ। ଫଳରେ ବିପଦସଙ୍କୁଳ ସ୍କୁଲ ବାରଣ୍ଡାରେ କୋମଳମତି ଶିଶୁମାନେ ବସିବାକୁ ବାଧ ହେଉଛନ୍ତି। ସୂଚନା ଅନୁସାରେ, ଲାଞ୍ଜିଗଡ଼ ୧ ନମ୍ବର ୱାର୍ଡ ମହାଦେବପଡ଼ା ଓ ପ୍ରଧାନୀପଡ଼ାରେ ୧୯୮୧ ମସିହାଠାରୁ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଲୋକଙ୍କ ଘର ବାରଣ୍ଡାରେ କେନ୍ଦ୍ର ଚାଲିଥିଲା। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ୨୦୧୫ରେ କେନ୍ଦ୍ର ନିର୍ମାଣ ଆରମ୍ଭ ହୋଇ ୨୦୨୧ରେ ସମ୍ପୂର୍ଣ୍ଣ ହୋଇଥିଲା। ହେଲେ ଏହା ହସ୍ତାନ୍ତର ହୋଇ ନ ଥିବାରୁ ଲୋକଙ୍କ ଘର ଓ ବିଭିନ୍ନ ଅନୁଷ୍ଠାନ ବାରଣ୍ଡାରେ କେନ୍ଦ୍ର ଚାଲିଆସୁଛି। ବର୍ତ୍ତମାନ ସୁଦ୍ଧା ୮ଟି ସ୍ଥାନ ବଦଳାଇଥିବା ପରେ ଶେଷରେ ରାଜାରାଜୁଡା ଅମଳର ଲାଞ୍ଜିଗଡ଼ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ଏହା ଚାଲିଛି। ଏହି ବିଦ୍ୟାଳୟ ୧୩୫ ବର୍ଷର ହୋଇଥିବା ବେଳେ ମଝିରେ ମଝିରେ କାଠ ଖଣ୍ଡ ଖସୁଥିବାରୁ ଶିଶୁଙ୍କ ପାଇଁ ବିପଦ ରହିଛି। ମିଳିଥିବା ତଥ୍ୟ ଅନୁଯାୟୀ କେନ୍ଦ୍ର କୋଠା ତିଆରି କରିଥିବା ସମ୍ପୃକ୍ତ ଠିକାଦାରଙ୍କୁ ବର୍ତ୍ତମାନ ସୁଦ୍ଧା ପ୍ରାପ୍ୟ ମିଳିନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଠିକାଦାର ଜଣକ ନୂତନ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲାଇ ଦେଇଛନ୍ତି। ଫଳରେ ଶିଶୁମାନେ ଭଙ୍ଗାଦଦରା ସ୍କୁଲ ବାରଣ୍ଡାରେ ବସିବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ସେହି ଗୃହର ତାଲା ଭାଙ୍ଗି ୪ମାସ ହେବ ଏକ ବୃଦ୍ଧ ଦମ୍ପତି ରହୁଥିବା ଦେଖିବାକୁ ମିଳୁଛି। ଏଣୁ ବ୍ଲକ ପ୍ରଶାସନ, ବ୍ଲକ ଶିଶୁ ମଙ୍ଗଳ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ସିଡିପିଓ ନିରୁପମା ପଟ୍ଟନାୟକଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

ସମ୍ପାଦକୀୟ...

# କୁକୀଙ୍କୁ କାଉଣ୍ଟର

କେବଳ କୁକୀଙ୍କୁ କାଉଣ୍ଟର..! କାହିଁକି ? ଅତି ଆଶ୍ଚର୍ଯ୍ୟ ଲାଗିଲେ ବି , ଦୁଃଖ ଲାଗିଲେ ବି କ'ଣ କରାଯାଇପାରେ ? ଲାଚାର ଯେଉଁଠି ସରକାର.. ସେଠାରେ ଆଉ କିଏ ବା କ'ଣ କରିପାରେ ।କେବଳ କୁକୀଙ୍କୁ କାଉଣ୍ଟର, କେବଳ କୁକୀଙ୍କୁ ଏନକାଉଣ୍ଟର। ହେଲେ କାହିଁକି ? ତାହା ତ ଖୋଳତାଡ ପରେ ଜଣାପଡ଼ିବ । ତେବେ ଏଠାରେ ଆମେ ଆମ ସରକାରଙ୍କ କଥା କହୁନୁ , ଆମେ କହୁଛୁ ସେହି ସରକାରଙ୍କ କଥା ଯେ କି ତାଙ୍କ ରାଜ୍ୟର ଦୁଇ ବହୁ ପୁରାତନ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକାଠି କରିବାରେ ଏବେ ବି ଫେଲ୍। ମଣିପୁରର ଦୁଇ ଆଦିମ ଆଦି ସମ୍ପ୍ରଦାୟ ଯେଉଁମାନଙ୍କର ମଣିପୁରର ପାହାଡିଆ ଇଲାକା ଏବଂ ତତ୍ସଂଲଗ୍ନ ପାର୍ବତ୍ୟ ଅଞ୍ଚଳ ଇଲାକାରେ ସେମାନେ ପ୍ରାୟ ଦୀର୍ଘବର୍ଷରୁ ମଣିପୁରର ସ୍ଥାୟୀ ବାସିନ୍ଦା ଭାବେ ରହିଆସୁଛନ୍ତି ତଥାପି ..ଉଭୟ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ କିନ୍ତୁ କେବେ ବି ଭଲ ସମ୍ପର୍କ ସ୍ଥାପନ ହୋଇପାରୁନାହିଁ। ଏଯାବତ୍ ସେମାନଙ୍କ ମଧ୍ୟରେ ସେମିତି କିଛି ନା କିଛି ଲଫଡ଼ା ଚାଲିଛି ମାନେ କେହି କାହାକୁ ନା ମାନିବାକୁ ପ୍ରସ୍ତୁତ ନା ବୁଝିବାକୁ ପ୍ରସ୍ତୁତ। ଉଭୟଙ୍କ୍ ମଧ୍ୟରେ ଏହି ବିବାଦ ବହୁ ପୁରାତନ ଯାହା ପଛର କାରଣ ହେଉଛି ମାନ୍ୟତା ଅର୍ଥାତ୍ ମଣିପୁରର ମୈତେଇ ଯାହାକି ରାଜ୍ୟର ଅତି ପୁରାତନ ଆଦିବାସୀ ସମ୍ପ୍ରଦାୟ କିନ୍ତୁ ସର୍ବଦା ଘୃଣା ଚକ୍ଷୁରେ ଦେଖିଆସୁଛି। କାରଣ ମୈତେଇ ସମ୍ପ୍ରଦାୟ କେବେ ବି କୁକୀବାଲାଙ୍କୁ ମଣିପୁରର ମୂଳ ସମ୍ପ୍ରଦାୟ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। କାରଣ ମୈତେଇ ସମ୍ପ୍ରଦାୟ ଯେବେ ଦାବି କରୁଛି ଯେ ସେମାନେ ହିଁ ମୂଳ ଆଦିବାସୀ ବାସିନ୍ଦା ଏବଂ ସେମାନେ କେବେ ବି କୁକୀ ସମ୍ପ୍ରଦାୟଙ୍କୁ ମଣିପୁରର ମୂଳ ସମ୍ପ୍ରଦାୟ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ମଣିପୁର ସରକାରଙ୍କ ପକ୍ଷରୁ କେବେ ବି ଉଭୟଙ୍କୁ ନେଇ ସେମିତି କୌଣସି ବିଧିବଦ୍ଧ ଘୋଷଣା ହୋଇନାହିଁ କି ଆଗକୁ ସେମିତି କୌଣସି ସମ୍ଭାବନା ମଧ୍ୟ ନାହିଁ। ତେବେ ସରକାରଙ୍କ ପକ୍ଷରୁ ଉଭୟଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ ସହ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସେସବୁ ଆନୁଷଙ୍ଗିକ ସୁବିଧା ସୁଯୋଗ ସବୁ ପ୍ରଦାନ କରାଯାଇଛି ଯାହାକୁ ମଣିପୁରର ପୁରାତନ ମୈତେଇ ସମ୍ପ୍ରଦାୟ କିନ୍ତୁ ଅତି ସହଜରେ ଗ୍ରହଣ କରିବାକୁ ନାରାଜ୍। ମୈତେଇଙ୍କ ମତରେ କୁକୀବାଲା ହେଉଛନ୍ତି କନ୍‌ଭର୍ଟେଡ୍ ମଣିପୁରିଆନ। ଯାହା ପଛରେ ଯାହା ବି କିଛି ଇତିହାସ ଥାଉ ନା କାହିଁକି, ସେ ସବୁକୁ ଦୋହରାଇବା କେବେ ବି ସମ୍ଭବ ନୁହେଁ କାରଣ ଯେଉଁଠି ସରକାର ରାଜି , ସେଠାରେ କ୍ୟା କରେଗା ମୈତେଇ। ହେଲେ ମୈତେଇ କିନ୍ତୁ କିଛି କରୁନି ବରଂ ବହୁତ କିଛି କରିବାକୁ ଚେଷ୍ଟା କରୁଛି। ଦରକାର ପଡ଼ିଲେ ମାରଧାର ବି କରୁଛି। କେବଳ ମାରଧାର୍ କରୁନି ପୂରା ମାରି ପକାଉଛି । କୁକୀ ସମ୍ପ୍ରଦାୟର ଆଦିବାସୀ ସମୁଦାୟଙ୍କୁ କୁକୁର ମାଙ୍କଡ଼ ଭଳି ମାରୁଛି। ଏଇତ ଏବେ ଏବେ କୁକୀ ସମ୍ପ୍ରଦାୟର ଏକାବେଳକେ ଚାରିଜଣଙ୍କୁ ହତ୍ୟା କରାଯାଇଛି। ଯାହାପାଇଁ ନିଜ୍‌କୁ ଦାୟୀ କରିଛି ଦୁଇ ଦୁଇଟା ସଙ୍ଗଠନ ଯେମିତି କି ଏନ୍‌ଏସ୍‌ସିଏନ୍-ଆଇଏମ୍ ଏବଂ ଜେଡ୍ ୟୁ ଏଫ୍-କେ ଭଳି କେତେକ ସାମ୍ପ୍ରଦାୟିକ ସଙ୍ଗଠନରର ଦୁର୍ବୃତ୍ତ ଯେଉଁମାନେ କୁକୀ ସମ୍ପ୍ରଦାୟର ଯେଉଁ ଚାରିଜଣଙ୍କୁ ହତ୍ୟାପାଇଁ ନିଜକୁ ଦାୟୀ କରିଛନ୍ତି । ଗତ ରବିବାର କୁକୀ ସମ୍ପ୍ରଦାୟର ଏକ ମିଳିତ ସମାବେଶ ଯେଉଁମାନେ ୧୯୯୦ ମସିହାରେ ଘଟିଥିବା ରାଜ୍ୟ ସାମ୍ପ୍ରଦାୟିକ ହିଂସାରେ ମୃତ୍ୟୁବରଣ କରିଥିବା ଏକାଧିକ କୁକୀ ସମ୍ପ୍ରଦାୟର ଲୋକମାନଙ୍କ ଉଦ୍ଦେଶ୍ୟରେ ପାଳକ କରାଯାଉଥିବା କଳା ଦିବସ କୁ ଆହୁରି କଳା କରିଦେଇଛନ୍ତି ମଣିପୁରର ସେହି ଦୁଇ ସାମ୍ପ୍ରଦାୟିକ ସଙ୍ଗଠନ ଯେଉଁମାନେ ରାଜ୍ୟରେ ନିଜର ଦବଦବା ଜାହିର କରିବା ସହ ରାଜ୍ୟରେ କୁକୀବାଲାଙ୍କୁ ଡରାଇ ଧମକାଇ ରଖିବାର ସତେ ଯେମିତି ମୈତେଇ ବାଲା ପଣ କରିଛନ୍ତି। ରାଜ୍ୟର ପୂର୍ବ ବିଜେପି ସରକାର ବି ମଣିପୁରରେ ହିଂସା ରୋକିବାରେ ଫେଲ୍ ମାରିଥିଲା ଏବଂ ଏବର ସରକାର ବି ଫେଲ୍ । ଏଣୁ ମଣିପୁରରେ ଦରକାର ପ୍ରେସିଡେଣ୍ଟ ରୁଲ୍।

ଜ୍ଞାନାମୃତ

# ସଚେତନତା

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିଙ୍କୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ମଧ୍ୟ ପ୍ରୀତ ହୋଇଗଲେ ।

# ବିଶ୍ୱକର୍ମା ପୂଜା-ବିଶେଷତ୍ୱ ଓ ଉଦ୍ଦେଶ୍ୟ



ଭଗବାନ ଦାଶ

ଭାରତୀୟ ସଂସ୍କୃତିରେ ଦେବଦେବୀଙ୍କ ପୂଜା କେବଳ ଧାର୍ମିକ ଆଚାର ନୁହେଁ; ଏହା ମଣିଷର ଶ୍ରମ, ସୃଜନଶୀଳତା, କର୍ତ୍ତବ୍ୟବୋଧ ଓ ପ୍ରକୃତି ପ୍ରତି କୃତଜ୍ଞତାର ପ୍ରତୀକ। ଏହି ଦୃଷ୍ଟିରୁ ବିଶ୍ୱକର୍ମା ପୂଜାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ଦେବଶିଳ୍ପୀ ବିଶ୍ୱକର୍ମାଙ୍କୁ ନିର୍ମାଣ, କାରିଗରୀ ଦକ୍ଷତା ଓ ଶିଳ୍ପକଳାର ଅଧିଷ୍ଠାତା ଭାବେ ପୂଜା କରାଯାଏ।ପୌରାଣିକ ପରମ୍ପରାରେ ଦେବତାମାନଙ୍କ ପାଇଁ ଅସ୍ତ୍ର, ପ୍ରାସାଦ, ରଥ ଓ ବିଭିନ୍ନ ଦିବ୍ୟ ଆଶୁ ନିର୍ମାଣସହ ବିଶ୍ୱକର୍ମାଙ୍କ କୃତୀ ଜଡିତ।

ଋଗବେଦରୁ ବିଶ୍ୱକର୍ମା ଶବ୍ଦ ଓ ଧାରଣାର ଉଲ୍ଲେଖ ମିଳେ। ମହାଭାରତ ଓ ବିଭିନ୍ନ ପୌରାଣିକ କଥାରେ ଦେବଶିଳ୍ପୀ ଭାବରେ ତାଙ୍କର ଭୂମିକା ବର୍ଣ୍ଣିତ ହୋଇଅଛି।

ପ୍ରତିବର୍ଷ ସାଧାରଣତଃ ସେପଟେମ୍ବର ୧୭ ତାରିଖରେ ବିଶ୍ୱକର୍ମା ପୂଜା ପାଳିତ ହୁଏ। ବିଶେଷକରି କାରଖାନା, ଶିଳ୍ପାନୁଷ୍ଠାନ, ଯାନବାହନ ଗ୍ୟାରେଜ୍, ନିର୍ମାଣ ସଂସ୍ଥା, ଲୁହାକାମ, କାରିଗରୀ କାମ ଓ ବିଭିନ୍ନ ଯାନ୍ତ୍ରିକ କାର୍ଯ୍ୟସ୍ଥଳରେ ଏହି ପୂଜାର ଉତ୍ସାହ ଦେଖିବାକୁ ମିଳେ। ଆଧୁନିକ ଯୁଗରେ କମ୍ପ୍ୟୁଟର, ଯନ୍ତ୍ରପାତି ଓ ଅନ୍ୟାନ୍ୟ ପ୍ରଯୁକ୍ତି ସାମଗ୍ରୀକୁ ମଧ୍ୟ ଏହି ଦିନ ପୂଜା କରାଯାଉଛି।ଏହାର ମୂଳ ଭାବନା ହେଉଛି, ଯେଉଁ ଯନ୍ତ୍ର ଓ ଉପକରଣ ଆମର ଜୀବନ ଓ ଜୀବିକାକୁ ସହଜ କରୁଛି, ସେସବୁ ପ୍ରତି ସମ୍ମାନ ଓ କୃତଜ୍ଞତା।

ବିଶ୍ୱକର୍ମା ପୂଜାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି—ଶ୍ରମ ଓ ଶିଳ୍ପକୁ ସମ୍ମାନ ଦେବା। ଯେଉଁ ହାତ ଯନ୍ତ୍ର ତିଆରି କରେ, ଘର ନିର୍ମାଣ କରେ, ଗାଡ଼ି ମରାମତି କରେ କିମ୍ବା ଉତ୍ପାଦନ ବଢ଼ାଏ, ସେହି ହାତର ଦକ୍ଷତା ହିଁ ସମାଜର ଅଗ୍ରଗତିର ମୂଳ ଆଧାର। ବିଶ୍ୱକର୍ମାଙ୍କ ପୂଜା ଏହି ଶ୍ରମଜୀବୀ ଓ କାରିଗର ସମାଜ ପ୍ରତି ଏକ ସାମୂହିକ ସମ୍ମାନର ପ୍ରତୀକ।

ଏହି ଦିନ ଯନ୍ତ୍ରପାତି ଓ କାର୍ଯ୍ୟସ୍ଥଳକୁ ପରିଷ୍କାର କରି ସଜାଯାଏ। ଯନ୍ତ୍ରଗୁଡ଼ିକୁ ପୂଜା କରି ନିରାପଦ ଓ ସଫଳ କାର୍ଯ୍ୟ ପାଇଁ ପ୍ରାର୍ଥନା କରାଯାଏ। ଅନେକ ସ୍ଥାନରେ ସହକର୍ମୀମାନେ ଏକାଠି ହୋଇ ଉତ୍ସବ ପାଳନ କରନ୍ତି। ଏହା ଶ୍ରମିକ ଓ ମାଲିକଙ୍କ ମଧ୍ୟରେ ସୁସମ୍ପର୍କ ଓ ସହଯୋଗର ଭାବନାକୁ ମଧ୍ୟ ବଢ଼ାଏ।

ବିଶ୍ୱକର୍ମା ପୂଜାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କାର୍ଯ୍ୟରେ ସଫଳତା, ଯନ୍ତ୍ରପାତିର ସୁରକ୍ଷା ଓ ବୃତ୍ତିଗତ ଉନ୍ନତି ପାଇଁ ଆଶୀର୍ବାଦ ପ୍ରାର୍ଥନା। ଯନ୍ତ୍ର ମଣିଷର ଶକ୍ତିକୁ ବଢ଼ାଏ, କିନ୍ତୁ ତାହାର ସଠିକ୍ ବ୍ୟବହାର ପାଇଁ ଜ୍ଞାନ, ଦକ୍ଷତା ଓ ସତର୍କତା ଆବଶ୍ୟକ। ତେଣୁ ଏହି ପୂଜା ମାଧ୍ୟମରେ ଯନ୍ତ୍ରକୁ ସମ୍ମାନ କରିବା ସହିତ ତାହାର ସୁରକ୍ଷିତ ବ୍ୟବହାରର ମହତ୍ତ୍ୱ ମଧ୍ୟ ସ୍ମରଣ ହୁଏ ।

ଆଉ ମଧ୍ୟ ଏହା ଶ୍ରମର ମର୍ଯ୍ୟାଦାର ବାର୍ତ୍ତା ଦିଏ। ସମାଜରେ କୌଣସି କାମ ଛୋଟ ନୁହେଁ। କାରିଗର, ମେକାନିକ୍, ଇଞ୍ଜିନିୟର, ଶ୍ରମିକ ଓ ଶିଳ୍ପୀ—ସମସ୍ତଙ୍କ ଅବଦାନରେ ଦେଶର ଅର୍ଥନୈତିକ ବିକାଶ ସମ୍ଭବ ହୁଏ।

ଆଜିର ଯନ୍ତ୍ର ଓ ପ୍ରଯୁକ୍ତି ନିର୍ଭର ଯୁଗରେ ବିଶ୍ୱକର୍ମା ପୂଜାର ମହତ୍ତ୍ୱ ବହୁମୁଖି ଶିଳ୍ପର ବିକାଶ, ନୂତନ ପ୍ରଯୁକ୍ତିର ଆବିଷ୍କାର ଓ ମାନବ ଜୀବନକୁ ସହଜ ଓ ସରଳ କରିବାର ପ୍ରୟାସ।ଏ ସବୁ ମୂଳରେ ରହିଛି ମଣିଷର ସୃଜନଶୀଳ ବୁଦ୍ଧି ଓ ଶ୍ରମ।

ବିଶ୍ୱକର୍ମା ପୂଜା ତେଣୁ କେବଳ ଏକ ଧାର୍ମିକ ପର୍ବ ନୁହେଁ; ଏହା ଶ୍ରମ, ଶିଳ୍ପ, ପ୍ରଯୁକ୍ତି, ଦକ୍ଷତା ଓ ସୃଜନଶୀଳତାର ଏକ ସମୂହ ଓ ସାମଗ୍ରିକ ଉତ୍ସବ। ଆଜିର ଅର୍ଥନୀତି ଯନ୍ତ୍ର, ଶିଳ୍ପ, ପ୍ରଯୁକ୍ତି ଓ ମାନବ ସମ୍ବଳ ଆଧାରିତ।ଏହି ପୂଜା ଆମକୁ ଶିଖାଏ—ଯନ୍ତ୍ରକୁ ସମ୍ମାନ କରିବା ସହିତ ଯେଉଁ ମଣିଷ ନିଜ ଶ୍ରମ ଓ ଜ୍ଞାନରେ ତାହାକୁ ଚଳାଏ, ତାଙ୍କୁ ମଧ୍ୟ ସମାନ ସମ୍ମାନ ଦେବା ଆବଶ୍ୟକ। ଶ୍ରମକୁ ମର୍ଯ୍ୟାଦା ଓ ଦକ୍ଷତାକୁ ପ୍ରୋତ୍ସାହନ ଦେଲେ ହିଁ ଏକ ସମୃଦ୍ଧ ଓ ଆତ୍ମନିର୍ଭର ସମାଜ ଗଠନ ହୋଇପାରିବ।ବିଶ୍ୱକର୍ମା ପୂଜାର ଆଧୁନିକ ବାର୍ତ୍ତା ହେଉଛି, ' ଯନ୍ତ୍ରର ସୁରକ୍ଷା, ଶ୍ରମ ଓ ଶ୍ରମିକକୁ ମର୍ଯ୍ୟାଦା, ଦକ୍ଷତାର ଉପଯୁକ୍ତ ମୂଲ୍ୟାୟନ ଏବଂ ପ୍ରଯୁକ୍ତିର ମାନବକଲ୍ୟାଣରେ ସୁବ୍ୟବହାର।

ଗୁଣ୍ଡିଚା ବିହାର, ପୁରୀ
ମୋ. ନ.୮୨୪୯୦୮୨୪୦୦

# ଶିଳ୍ପୀଙ୍କ କୁଳଦେବତା : ବିଶ୍ୱକର୍ମା



ଲଳିତ ମୋହନ ମିଶ୍ର

ଶାସ୍ତ୍ର, ବେଦ, ଉପନିଷଦ ଓ ପୁରାଣ ମାନଙ୍କରେ ବିଶ୍ୱକର୍ମା ଶବ୍ଦଟି କେବଳ ଜଣେ ଦେବତାଙ୍କ ନାମ ନୁହେଁ; ଏହା ଏକ ପରମ ଚେତନା ଓ ବ୍ରହ୍ମ ସ୍ୱରୂପର ସୂଚକ । ବିଶ୍ୱକର୍ମା ପୂଜା କେବଳ ଯନ୍ତ୍ର, ଅସ୍ତ୍ରଶସ୍ତ୍ର କିମ୍ବା ବୈଷୟିକ କୌଶଳର ପୂଜା ନୁହେଁ; ଏହା ମାନବୀୟ ସୃଜନଶୀଳତା, ଶ୍ରମର ମର୍ଯ୍ୟାଦା ଓ ଚେତନା ବିକାଶର ଏକ ଭାବ ଗମ୍ଭୀର ଆଧ୍ୟାତ୍ମିକ ପ୍ରତୀକ । ବୈଦିକ ପରମ୍ପରାରେ ବିଶ୍ୱକର୍ମାଙ୍କୁ ବ୍ରହ୍ମାଣ୍ଡର ଆଦି ସ୍ଥପତି, ସ୍ରଷ୍ଟା ଓ ଶିଳ୍ପୀ ଭାବରେ ଗ୍ରହଣ କରାଯାଇଛି । ସୃଷ୍ଟିର ସୂକ୍ଷ୍ମ ରୂପକୁ ସ୍ଥୁଳ ବାସ୍ତବତାରେ ପରିଣତ କରିବାର ଯେଉଁ ଅମୂଲ୍ୟ ଶକ୍ତି, ତାହାରି ଦିବ୍ୟ ରୂପ ହେଉଛନ୍ତି ଶ୍ରୀବିଶ୍ୱକର୍ମା । ବିଶ୍ୱକର୍ମାଙ୍କ ସୃଜନ ପ୍ରକ୍ରିୟା ବିନା ବ୍ରହ୍ମାଣ୍ଡର ଅସ୍ତିତ୍ୱ ଅସମ୍ଭବ । ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁରେ ଯେଉଁ ନିୟମିତତା, ଆକାର ଓ ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ରହିଛି ତାହା ବିଶ୍ୱକର୍ମାଙ୍କ ସୃଜନ-ନିୟମର ଅଂଶ । ବିଶ୍ୱକର୍ମା ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା । ପୁରାଣମତେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରୁ ବିଶ୍ୱକର୍ମା ଜନ୍ମଗ୍ରହଣ କରିଥିଲେ । କେତେକ କୁହନ୍ତି ପ୍ରଜାପିତା ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ । ଚତୁର୍ଭୁଜ ବିଶ୍ୱକର୍ମା, ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ ମାର୍ତ୍ତୁଲି, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଦୃଷ୍ଟିଗୋଚର ହେଇଥାନ୍ତି । ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନହାର, ଅନୁପମ ରତ୍ନଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ ମକର କୁଣ୍ଡଳ । ସେ ଜ୍ଞାନ ଓ ଅବସ୍ଥାରେ ସମୃଦ୍ଧ ହୋଇଥିଲେ ମଧ୍ୟ କିଶୋର ପରି ପ୍ରତିଭାତ । ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ । ବିଶ୍ୱକର୍ମା ସକଳ ଶିଳ୍ପକଳାର ଜନକ । ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି ରଚନା କରିଥିଲେ । ଦେବତାମାନଙ୍କର ସମସ୍ତ ଶସ୍ତ୍ର ଏହାଙ୍କ ଦ୍ୱାରା ନିର୍ମିତ । ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ । ମଣିଷର କାର୍ଯ୍ୟର ପାର୍ଥକ୍ୟରେ ଯେପରି ଜାତିର ସୃଷ୍ଟି ସେହିପରି ଭଗବାନଙ୍କୁ ନାନା ରୂପରେ କଳ୍ପନା କରାଯାଇଛି । ଯେତେବେଳେ ସୃଷ୍ଟି କରନ୍ତି ସେତେବେଳେ ସେ ବ୍ରହ୍ମା, ଯେତେବେଳେ ପାଳନ କରନ୍ତି ସେତେବେଳେ ବିଷ୍ଣୁ, ଯେତେବେଳେ ସଂହାର କରନ୍ତି ସେତେବେଳେ ସେ ରୁଦ୍ର । ସେହିପରି ସେ ଯେତେବେଳେ ଶିଳ୍ପୀ ସେତେବେଳେ ସେ ବିଶ୍ୱକର୍ମା ବୋଲି ପରିଚିତ ହୁଅନ୍ତି । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରାଯାଏ । ଦେବଶିଳ୍ପୀ ବିଶ୍ୱକର୍ମା କନ୍ୟା ସଂକ୍ରାନ୍ତିରେ ମର୍ତ୍ତ୍ୟରେ ଆବିର୍ଭୂତ ହୋଇଥିଲେ । ବିଶ୍ୱ ସ୍ୱସ୍ୟ କର୍ମନ୍ ଇତି ବିଶ୍ୱକର୍ମା । ବିଶ୍ୱକର୍ମା ମଧ୍ୟ ତ୍ୱଷ୍ଟା ନାମରେ ବିଦିତ । ସେ ଚିତ୍ରାଙ୍ଗଦାଙ୍କ ପିତା ଥିଲେ । ଚିତ୍ରାଙ୍ଗଦାୟଃ ପିତରଂ ମାଂ ତ୍ୱଷ୍ଟାରଂ ତପୋଧନେ (ବାମନ ପୁରାଣ - ୬୫ / ୧୦୨) । କିମ୍ବଦନ୍ତୀ ଅନୁଯାୟୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଶ୍ୱକର୍ମା ନିର୍ମାଣ କରିଥିଲେ । ଇନ୍ଦ୍ରଦ୍ୟୁମ୍ନ ରାଜା ବାଙ୍କି ମୁହାଣରୁ ସଂଗ୍ରହ କରିଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବାକୁ ନାନା ଦେଶରୁ ଦକ୍ଷ ଶିଳ୍ପୀମାନଙ୍କୁ ଅଣାଇ କାମରେ ଲଗାଇଥିଲେ କିନ୍ତୁ ସେମାନଙ୍କ ନିହାଣ ମୁନରେ ସେ ଦାରୁ ଖୋଳାଯାଇ ପାରିଲା ନାହିଁ, ବରଂ ସେଗୁଡ଼ିକର ଧାର ଓଲଟି ଗଲା । ମୂର୍ତ୍ତି ଗଢ଼ିବାରେ ବିଫଳ ହୋଇ ସମସ୍ତେ ଫେରିବାରେ ଲାଗିଲେ ଓ ଦିନକୁ ଦିନ ରାଜା ରାଣୀଙ୍କ ମନରେ ଭାଳେଣି ପଡ଼ିଲା । କିଛିଦିନ ଗତ ହେବା ପରେ ଦିନେ ଜଣେ ବୁଢ଼ା ବଢ଼େଇ ଆସି ମୂର୍ତ୍ତି ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କଲା । ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣ ଦାୟିତ୍ୱ ଦିଆଗଲା । ବୁଢ଼ା ବଢ଼େଇର ସର୍ତ୍ତ ରଖିଲା ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ, ସେ ଉପବାସ ରହି ମୂର୍ତ୍ତି ନିର୍ମାଣ କରିବ । ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ କଲେ । ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି । କିଛିଦିନପରେ ଭିତରୁ ଶବ୍ଦ ଆସିବା ବନ୍ଦ ହୋଇଯିବା ପରେ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ବୁଢ଼ା ବଢ଼େଇ ଉପବାସରେ ମୃତ୍ୟୁବରଣ କରିଛି ବୋଲି ସେ ଭାବିଲେ ଓ ରାଜାଙ୍କୁ ଦ୍ୱାର ଖୋଲିବାକୁ ଅନୁରୋଧ କଲେ । ଦ୍ୱାର ଉନ୍ମୁକ୍ତ କଲାପରେ ଦେଖାଗଲା ଯେ ବୁଢ଼ା ବଢ଼େଇ ଅନ୍ତର୍ଦ୍ଧ୍ୟାନ ହୋଇଯାଇଛି, ଅଛି କେବଳ ଦରଗଢ଼ା ମୂର୍ତ୍ତି । ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲାଯେ- "ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ମୁଁ ସେହି ରୂପରେ ହିଁ ଆବିର୍ଭାବ ହୋଇଛି, ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ । ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ ଦେବଶିଳ୍ପୀ ବିଶ୍ୱକର୍ମା" । ଭକ୍ତର ଭଗବାନ ସ୍ୱୟଂ ବଢ଼େଇ ରୂପରେ ଭକ୍ତର ମନୋବାଞ୍ଛା ପୂରଣ କରିବା ପାଇଁ ଆସି ନିଜର ମୂର୍ତ୍ତିକୁ ନିଜେ ଗଢ଼ିଥିଲେ ବୋଲି, ଓଡ଼ିଶାରେ ସାଧାରଣତଃ ଏହି ବୁଢ଼ା ବଢ଼େଇ ରୂପକୁ ହିଁ ବିଶ୍ୱକର୍ମାଙ୍କ ରୂପ ବୋଲି କଳ୍ପନା କରାଯାଏ । ଗଣେଷ ପୂଜାର ଅବ୍ୟବହିତ ପୂର୍ବରୁ ବା ପରେ ଭାଦ୍ରବ ମାସ କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମାଙ୍କ ଚତୁର୍ଦ୍ଧା ମୂର୍ତ୍ତି ପୂଜା କରାଯାଏ । ପୁରାଣର ପ୍ରସିଦ୍ଧ ଯନ୍ତ୍ରୀ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପ୍ରତି କୃତଜ୍ଞତା ସ୍ୱରୂପ ଏଇ ଉତ୍ସବ ପାଳନ କରାଯାଏ । । ବିଶ୍ୱକର୍ମା ପୂଜା କେବଳ ଏକ ବାର୍ଷିକ ପାରମ୍ପରିକ ଉତ୍ସବ ନୁହେଁ; ଏହା ମାନବ ସଭ୍ୟତାର ଅଗ୍ରଗତି, ନିର୍ମାଣ ଶକ୍ତି ଓ ଶ୍ରମପ୍ରତି ଗଭୀର କୃତଜ୍ଞତା ଜ୍ଞାପନର ଏକ ମାଧ୍ୟମ । ମାନବିକ ସୃଜନଶୀଳତା



ଯେତେବେଳେ ଧର୍ମ, ନୀତି ଓ କଲ୍ୟାଣମୁଖୀ ଭାବନା ସହ ଯୁକ୍ତ ହୁଏ, ସେତେବେଳେ ତାହା ବିଶ୍ୱକର୍ମା ତତ୍ତ୍ୱର ପ୍ରକୃତ ଉପଲବ୍ଧି କରାଏ । ଜ୍ଞାନ ଯେତେବେଳେ କର୍ମର ରୂପ ନିଏ, ସେତେବେଳେ ବସ୍ତୁର ଆବିର୍ଭାବ ହୁଏ। ବିଶ୍ୱକର୍ମା ସେହି ଜ୍ଞାନ ଓ କ୍ରିୟାର ମିଳନ ବିନ୍ଦୁ। ଯନ୍ତ୍ରପାତିର ବିଶୋଧନ ଓ ପୂଜନ ମାଧ୍ୟମରେ ମାନବ ଚେତନା ନିଜର ଭୌତିକ ସାଧନଗୁଡ଼ିକ ସହ ଏକାତ୍ମତା ଅନୁଭବ କରେ, ଯାହା ଶ୍ରଦ୍ଧା ଓ ନିଷ୍ଠାର ଅଭିବୃଦ୍ଧି ଘଟାଏ । ଆଶ୍ୱିନ ମାସରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୁଏ । ଯେପରି ଧନର ଅଧିଶ୍ୱର ଗଣେଶ, ବିଦ୍ୟାର ଅଧିଶ୍ୱରୀ ସରସ୍ୱତୀ ଠିକ୍ ସେହିପରି ଶିଳ୍ପକାଳ, ଯାନ୍ତ୍ରୀକ ବିଦ୍ୟାର ଅଧିକାରୀ ବିଶ୍ୱକର୍ମା ବୋଲି ବିଶ୍ୱାସ କରାଯାଏ । ଅତୀତରେ ଏ ମୂର୍ତ୍ତିପୂଜାର ପ୍ରଚଳନ ନଥିଲା, ତେଣୁ ଘଟପୂଜା ହେଉଥିଲା । ତାଛଡା କେତେକ ସ୍ଥାନରେ ଶାଳଗ୍ରାମକୁ ପୂଜା ମଧ୍ୟ କରାଯାଉଥିଲା । ଏହି ଦିନଟି ଠିକ୍ ସରସ୍ୱତୀ ଓ ଗଣେଶ ପୂଜା ପରି ପାଳନ କରାଯାଏ । ପ୍ରତ୍ୟେକ ନିଜ ନିଜର ଅୟୁଧମାନ ପୂଜାରେ ବସାଇ ଏହି ଦିନଟି ଉପବାସ ରହିବେ। ନୂତନ ବସ୍ତ୍ର ପରିଧାନ ମଧ୍ୟ କରିପାରିବେ । ମୂର୍ତ୍ତି ପୂଜା କଳକାରଖାନା ଶିଳ୍ପାୟନ ଗୁଡିକରେ ହୁଏ । ଅନେକ ସ୍ଥାନରେ ଏହିଦିନ ଯାତ୍ରା, ପାଲା, ଦାଶକାଠିଆ ଆଦି କରାଯାଇଥାଏ । ବିଶ୍ୱକର୍ମାଙ୍କ ବର୍ଣ୍ଣ ଗୌରବର୍ଣ୍ଣ । ଭଗବାନ ବିଶ୍ୱକର୍ମାଙ୍କ ବାହନ କେତେକ ସ୍ଥଳରେ ହାତୀ ପୁଣି କେତେକ ସ୍ଥାନରେ ହଂସ । ଦୁଇ ଚକ୍ଷୁ, ପରିଧାନ ସାଧାରଣ ଲୁଗା, ଚଦର ଓ ବକ୍ଷରେ ପଇତାମାଳ । ଏ ପୂଜା ପଦ୍ଧତି ଠିକ୍ ଅନ୍ୟ ପୂଜାପଦ୍ଧତି ପରି । ପ୍ରାଚୀନ ଗ୍ରନ୍ଥ ଉପନିଷଦ ଏବଂ ପୁରାଣ ଆଦିକୁ ଅବଲୋକନ କଲେ ଦେଖାଯାଏ ବିଶ୍ୱକର୍ମା ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ । ଆଦି କାଳରେ ବିଶ୍ୱକର୍ମା ତାଙ୍କର ବିଶିଷ୍ଟ ଶିଳ୍ପ ଜ୍ଞାନ ଓ ବିଜ୍ଞାନ ଗୁଣ ଯୋଗୁଁ ଦେବତା ମାନବ ଦ୍ୱାରା ପୂଜିତ । ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା ।

ନୟାଗଡ
୯୪୩୭୯୮୫୮୬୬

# ସୃଷ୍ଟି ସର୍ଜନାକାରୀ ବିଶ୍ୱକର୍ମା



ଜୟଶ୍ରୀ ମୁଦ୍ରା

ପ୍ରତିବର୍ଷ କନ୍ୟା ସଂକ୍ରାନ୍ତି ଦିନ ଆମେ ବିଶ୍ୱକର୍ମା ପୂଜା ପାଳନ କରୁ । ସେ କେ୍ଵଳ ଜଣେ ଦେବତା ନୁହଁନ୍ତି, ସେ ହେଉଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ପ୍ରଥମ ଇଞ୍ଜିନିୟର, ପ୍ରଥମ କାରିଗର।ଏହି ଦିନଟି କଳ କାରଖାନା, ଗ୍ୟାରେଜ, ଫ୍ୟାକ୍ଟ୍ରି, ଇଞ୍ଜିନିୟର ସେକସନ୍ ରେ ଛୁଟି ନୁହେଁ, ବରଂ ସବୁଠୁ ବଡ଼ ପୂଜାର ଦିନ।

ଋଗ୍ ବେଦ କୁହେ, ବିଶ୍ୱକର୍ମା ହେଉଛନ୍ତି ସର୍ବଦର୍ଶୀ, ସର୍ବଜ୍ଞ। ସେ ହିଁ ବିଶ୍ୱକୁ ଗଢିଛନ୍ତି। ବ୍ରହ୍ମାଙ୍କ ପୁତ୍ର ଭାବେ ପୁରାଣରେ ବର୍ଣ୍ଣିତ। ତାଙ୍କର ଚାରି ହାତ - ଚାରି ହାତରେ ବେଦ, ଦଣ୍ଡ, ତୁଳା ଓ କମଣ୍ଡଳୁ। ଏହା ହିଁ ଜ୍ଞାନ, ଶାସନ, ନ୍ୟାୟ ଓ ସୃଷ୍ଟିର ପ୍ରତୀକ। କୁହାଯାଏ, ଦେବତାମାନଙ୍କ ଅସ୍ତ୍ର ବିଶ୍ୱକର୍ମାଙ୍କ ତିଆରି। ବିଷ୍ଣୁଙ୍କ ସୁଦର୍ଶନ ଚକ୍ର, ଶିବଙ୍କ ତ୍ରିଶୂଳ, କର୍ଣ୍ଣଙ୍କ କୁଣ୍ଡଳ, ଯମରାଜଙ୍କ

କାଳଦଣ୍ଡ,ଇନ୍ଦ୍ରଙ୍କ ବଜ୍ର ସବୁ ତାଙ୍କରି କାରିଗରୀ। ସେ ଗଢିଥିଲେ ସ୍ୱର୍ଗ, ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ସୁଦାମାପୁରୀ, ଶିବାମଣ୍ଡଳ ପୁରୀ, ପୁଷ୍ପକବିମାନ,ଲଙ୍କାର ସୁନାର ମହଲ, ଦ୍ୱାରକା ନଗରୀ,ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଦାରୁ ବିଗ୍ରହର ନିର୍ମାତା ହେଉଛନ୍ତି ଶିଳ୍ପରାଜ ବିଶ୍ୱକର୍ମା। ଶାସ୍ତ୍ରରେ କୁହାଯାଇଛି- ତାଙ୍କ ଆଶୀର୍ବାଦ ବିନା କୌଣସି କାର୍ଯ୍ୟ ସଫଳ ହୁଏନି। ଓଡିଶା ହେଉଛି ବିଶ୍ୱକର୍ମାଙ୍କ ଭୂମି। କୋଣାର୍କର ସୂର୍ଯ୍ୟ ମନ୍ଦିରର ପ୍ରତିଟି ପଥରରେ, ପୁରୀ ମନ୍ଦିରର ପ୍ରତିଟି କାରୁକାର୍ଯ୍ୟରେ ବିଶ୍ୱକର୍ମା ବଂଶର ମହାରଣା ମାନଙ୍କ ଝାଳ ଅଛି। ଆଜି ବି ଆମ ପିପିଲିର ଚାନ୍ଦୁଆ, ରାଘୁରାଜପୁରର ଚିତ୍ର, କଟକର ଫିଲିଗ୍ରୀ କାମ ସବୁ ବିଶ୍ୱକର୍ମା ପରମ୍ପରାର ଆଧୁନିକ ରୂପ। ସୃଷ୍ଟି ସର୍ଜନକାରୀ ବିଶ୍ୱକର୍ମାଙ୍କ ପାଞ୍ଚ ପୁତ୍ର -



ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବାଜ୍ଞ।ସଂସାରର ହିତ ପାଇଁ ଏମାନେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଥିଲେ। ଆଜି ଯାହାବି ମଣିଷ ବ୍ୟବହାର କରୁଛି, ତିଆରି କରୁଛି ଏବଂ ବିଭିନ୍ନ ଜ୍ଞାନ କୌଶଳରେ ନୂଆ ନୂଆ ଜିନିଷ ଉଦ୍ଭାବନ କରୁଛି, ସବୁକିଛି ସେହି ବିଶ୍ୱର ସୃଷ୍ଟି କର୍ତ୍ତାଙ୍କ କୃପା।ଆଜି ବିଶ୍ୱକର୍ମା ପୂଜା କେବଳ ଯନ୍ତ୍ରକୁ ସିନ୍ଦୂର ଲଗାଇବା ନୁହେଁ। ଏହା ହେଉଛି ଶ୍ରମକୁ ସମ୍ମାନ ଦେବାର ପୂଜା। ଆମେ ଯେଉଁ ଲାପଟପ୍, ମୋବାଇଲ, ମୋଟର ସାଇକେଲ ବ୍ୟବହାର କରୁଛୁ, ତାହା ପଛରେ ହଜାର ହଜାର ଇଞ୍ଜିନିୟର, କାରିଗରଙ୍କ ପରିଶ୍ରମ ଅଛି। ଏହି ଦିନରେ ଆମେ ଆମ କାମକୁ, ଆମ ଯନ୍ତ୍ରକୁ ସଫା କରି ପୂଜା କରୁ - ଏହା ହିଁ ଆମକୁ ଶିଖାଏ ଯେ କାମ ହିଁ ଭଗବାନ।

ପ୍ରତ୍ୟେକ କାରଖାନାରେ ଯେତେବେଳେ ମେସିନ୍ ବନ୍ଦ ରହେ, ଶ୍ରମିକ ମାନେ ଏକାଠି ହୋଇ ପ୍ରସାଦ ଖାଆନ୍ତି, ସେତେବେଳେ ମାଲିକ-ଶ୍ରମିକ ଭେଦ ରହେ ନାହିଁ। ଏହା ହିଁ ଭାରତୀୟ ସଂସ୍କୃତିର ସୌନ୍ଦର୍ଯ୍ୟ।

ଆସନ୍ତୁ, ଏହି ବିଶ୍ୱକର୍ମା ପୂଜାରେ ଆମେ ପ୍ରତିଜ୍ଞା କରିବା - ନିଜ କାମକୁ ସଚ୍ଚୋଟତା ସହ କରିବା, ଶ୍ରମିକଙ୍କୁ ସମ୍ମାନ ଦେବା। କାରଣ ବିଶ୍ୱକର୍ମା ଆମକୁ ଶିଖାଇଛନ୍ତି - ହାତରେ କୌଶଳ ଥିଲେ ପଥରରେ ବି ଫୁଲ ଫୁଟେ।ତେଣୁ ସମସ୍ତେ ତାଙ୍କ ଆଶୀର୍ବାଦ କାମନା କରିବା।

ଉପସ୍ଥାପିକା, ଆକାଶବାଣୀ, ପୁରୀ
୯୮୬୧୦୧୭୦୭୮

# ଆଖୁଚାଷ ପାଇଁ କରାଯାଉନି ସଚେତନ କି ମିଳୁନି ପ୍ରୋତ୍ସାହନ

**ନୟାଗଡ଼ (ଅମୃତ ମିଡିଆ):** ନୟାଗଡ଼ରେ ନୂତନ ଚିନିକଳ ପ୍ରତିଷ୍ଠା ପାଇଁ ଏବେ ସରକାରୀ ସ୍ତରରେ ଜୋରଦାର ପଦକ୍ଷେପ ନିଆଯାଉଛି । ନୂଆ କାରଖାନା ପାଇଁ ଜାଗା ଚିହ୍ନଟ ସହ ଅନ୍ୟାନ୍ୟ ପ୍ରକ୍ରିୟା ନିମନ୍ତେ ଇଣ୍ଡିଆନ୍ ପଟାସ ଲିମିଟେଡ୍ (ଆଇପିଏଲ୍) ଟିମ୍ ସହ ଜିଲ୍ଲା ପ୍ରଶାସନ ଘନ ଘନ ବୈଠକ ଚଳାଇଛି । କିଛିଦିନ ତଳେ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିନିକଳ ନିଶ୍ଚିତ ପ୍ରତିଷ୍ଠା ହେବ ବୋଲି ଘୋଷଣା କରି ସାରିଛନ୍ତି । ମାତ୍ର ଚିନିକଳ ପ୍ରତିଷ୍ଠା ପରେ ଏହାର କଞ୍ଚାମାଲ୍ ଅର୍ଥାତ୍ ଆଖୁ ଚାଷ କରିବା ପାଇଁ ଚାଷୀଙ୍କୁ କୌଣସି ପ୍ରକାର ସରକାରୀ ସଚେତନତା କିମ୍ବା ପ୍ରୋତ୍ସାହିତ କରାଯାଉଥିବା ଦେଖିବାକୁ ମିଳୁନି । ଫଳରେ ନୟାଗଡ଼ରେ ବର୍ଷକୁ ବର୍ଷ ଆଖୁଚାଷ ହ୍ରାସ ପାଉଥିବା ଦେଖିବାକୁ ମିଳିଛି । ଦିନେ ରାଜ୍ୟରେ ଆଖୁ ଉତ୍ପାଦନରେ ଦୁଇ



ନମ୍ବରରେ ଥିଲା ନୟାଗଡ଼ । ୨୦୧୩ରେ ଜିଲ୍ଲାରେ ୬ ହଜାର ହେକ୍ଟର ପାଖାପାଖି ଚାଷ ହେଉଥିଲା । ଫଳରେ ସେତେବେଳେ ଜିଲ୍ଲାରେ ଚିନିକଳ କାର୍ଯ୍ୟକ୍ଷମ ଥିଲା । ଚାଷୀମାନେ ଅନ୍ୟ କୃଷି ଅପେକ୍ଷା ଆଖୁଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଥିଲେ । ଗୋଟିଏ ଗୋଟିଏ ବ୍ଲକରେ ୭୦୦ରୁ ୮୦୦ ହେକ୍ଟର ପର୍ଯ୍ୟନ୍ତ ଆଖୁଚାଷ କରାଯାଉଥିଲା । ମାତ୍ର ହଠାତ୍ ଚିନିକଳରେ ତାଲା ପଡ଼ିଯିବାରୁ ଚାଷୀଙ୍କ ସମସ୍ୟା ବଢ଼ି ଯାଇଥିଲା । ଚାଷୀମାନେ ଆଖୁ ବିକ୍ରି କରିବାରେ ସମସ୍ୟା ଭୋଗିଲେ । ଚାଷରୁ ବି କ୍ଷତି ସହିଲେ । ସେଥିପାଇଁ ସେମାନେ ଏହି ଚାଷ କରିବା ଦିଗରେ ଆଉ ଆଗ୍ରହୀ ହେଲେ ନାହିଁ । ଆଖୁଚାଷୀମାନେ ଏବେ ଧାନ ଓ ପରିବା ଚାଷ କରି ଭଲ ରୋଜଗାର କରୁଛନ୍ତି । ବର୍ତ୍ତମାନ ଜିଲ୍ଲାରେ ମାତ୍ର ୬୦୦ ହେକ୍ଟର ଜମିରେ ଆଖୁଚାଷ କରାଯାଉଛି । ଜିଲ୍ଲା କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର କୁହନ୍ତି ଯେ ବର୍ତ୍ତମାନ ୮ଟି ବ୍ଲକ୍ ମଧ୍ୟରୁ ଓଡ଼ଗାଁ, ରଣପୁର, ନୟାଗଡ଼ ଓ ନୂଆଗାଁରୁ ଉତ୍ପାଦନ ହେଉଥିବା ଆଖୁ ଆସ୍କା ଚିନିକଳକୁ ପଠାଯାଉଛି । ସେହିପରି ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା ଓ ଭାପୁରରୁ ଉତ୍ପାଦନ ହେଉଥିବା ଆଖୁକୁ ଢେଙ୍କାନାଳରେ ଥିବା ଆଉ ଏକ ଚିନିକଳକୁ ପଠାଯାଉଛି । ବର୍ତ୍ତମାନ ସମସ୍ତ ବ୍ଲକରେ ଆଖୁଚାଷ ପାଇଁ ଚାଷୀମାନଙ୍କୁ ସଚେତନ କରାଯାଉଥିବା ବେଳେ ଉନ୍ନତ କିସମର ବିହନ ସମ୍ପର୍କରେ ସେମାନଙ୍କୁ ବୁଝାଯାଉଛି । ତଥାପି ଆଖୁଚାଷ ପ୍ରତି ସେମାନେ ସେତେଟା ଆଗ୍ରହ ଦେଖାଉ ନାହାନ୍ତି । ଏ ନେଇ ନବ ନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଭାପତି ରଣଜିତ ଦଳବେହେରା କୁହନ୍ତି, ସରକାର ହେଉ କି କମ୍ପାନି ଏ ପର୍ଯ୍ୟନ୍ତ କେହି ବି ଚାଷୀଙ୍କ ପାଖରେ ପହଞ୍ଚି ଆଖୁଚାଷ ସମ୍ପର୍କରେ ସଚେତନ କରୁ ନାହାନ୍ତି । ଅଞ୍ଚଳର ବଡ଼ବଡ଼ ଆଖୁଚାଷୀମାନେ ଅନ୍ୟ ଚାଷକୁ ଆପଣେଇ ସାରିଲେଣି । ଏଣୁ କେବଳ ଚିନିକଳ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଲେ ହେବନି, ଆଖୁ କେଉଁଠୁ ଆସିବ, ଏହାର ଚିନ୍ତା କରିବା ମଧ୍ୟ ଆବଶ୍ୟକ ।

# ଚାନ୍ଦା ନଦେବାରୁ ମିଠା ଦୋକାନୀଙ୍କୁ ଆକ୍ରମଣ: ତିନି ଗିରଫ



**ଜୟପୁର(ଅମୃତ ମିଡିଆ):** ପାର୍ବଣ ଋତୁ ଆରମ୍ଭ ନହେଉଣୁ ସହରରେ ମୁଣ୍ଡ ଟେକିଛି ଚାନ୍ଦା ଆଦାୟ ଜୁଲୁମ୍ । ଗଣେଶ ପୂଜା ପାଇଁ ଜୋର୍ ଜବରଦସ୍ତ ଚାନ୍ଦା ମାଗିବା ସହ ଜଣେ ୬୩ ବର୍ଷୀୟ ବୃଦ୍ଧ ଏସ୍. ଶ୍ରୀନିବାସ ରାଓ ମିଠା ବ୍ୟବସାୟୀଙ୍କୁ ମାରପିଟ୍ କରି ଦୋକାନ ଭଙ୍ଗାରୁଜା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଛି । ସୂଚନା ଅନୁସାରେ, ପି.ଆ. ପେଟା ୪ର୍ଥ ଲାଇନର ବାସିନ୍ଦା ତଥା ସହରର ମୁଖ୍ୟ ରାସ୍ତାର ଭାସ୍କର ଟକିଜ୍ ସମ୍ମୁଖରେ ମିଠା ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଏସ୍. ଶ୍ରୀନିବାସ ରାଓ ସୋମବାର ରାତି ପ୍ରାୟ ସାଢେ ୯ଟାରେ ନିଜ ଦୋକାନରେ ଥିଲେ । ଏହି ସମୟରେ ୨ରୁ ୩ ଜଣ ଯୁବକ ଆସି ତାଙ୍କୁ ଗଣେଶ ପୂଜା ଚାନ୍ଦା ମାଗିଥିଲେ । ଶ୍ରୀ ରାଓ ଚାନ୍ଦା ଟଙ୍କା ପରଦିନ ଅର୍ଥାତ ମଙ୍ଗଳବାର ଦେବା ପାଇଁ କହିବାରୁ ଉକ୍ତ ଯୁବକମାନେ ଉତକ୍ଷିପ୍ତ ହୋଇ ତାଙ୍କୁ ଏବଂ ତାଙ୍କ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଶ୍ରୀ ରାଓ ଏହାର ପ୍ରତିବାଦ କରି ଗଣ୍ଡଗୋଳ ନକରିବାକୁ କହିବାରୁ ସେମାନଙ୍କ ମଧ୍ୟରୁ ସୁଜିତ କୁମାର ହିଆଲ ନାମକ ଜଣେ ଯୁବକ ତାଙ୍କୁ ନିର୍ଦ୍ଦୟ ଭାବେ ମାରପିଟ୍ କରିଥିଲେ । ସାଥୀରେ ଥିବା ଅନ୍ୟ ଦୁଇଜଣ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ, ଉକ୍ତ ଯୁବକ ଜଣକ ବୃଦ୍ଧ ଶ୍ରୀ ରାଓଙ୍କୁ ଶକ୍ତ ଚାପୁଡ଼ା ମାରିବା ସହ ଦୋକାନର ସାମଗ୍ରୀ ଫିଙ୍ଗି ଭଙ୍ଗାରୁଜା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଘଟଣା ସମ୍ପର୍କରେ ପୀଡ଼ିତ ବ୍ୟବସାୟୀ ତୁରନ୍ତ ଜୟପୁର ଟାଉନ୍ ଥାନାରେ ଅଭିଯୋଗ କରିବା ପରେ କେଶ୍ ନଂ-୩୫୫/୨୬ରେ ମାମଲା ରୁଜୁ ହୋଇଥିଲା । ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ପି. ଆର. ବାରିକ ଘଟଣାର ତଦନ୍ତ ଭାର ଗ୍ରହଣ କରି ମଙ୍ଗଳବାର ତିନି ଅଭିଯୁକ୍ତ ନ୍ୟୁ ଷ୍ଟ୍ରିଟ୍ ଚତୁର୍ଥ ଲେନର ସୁଜିତ କୁମାର ହିଆଲ(୨୦), ନ୍ୟୁ ଷ୍ଟ୍ରିଟ୍ ତୃତୀୟ ଲେନର କୁନାଲ ନାୟକ(୨୦), ନ୍ୟୁ ଷ୍ଟ୍ରିଟ୍ ପଞ୍ଚମ ଲେନର ସୁରେନ୍ଦ୍ର ବାଗ(୧୯)ଙ୍କୁ ଗିରଫ କରିଥିଲେ । ଗିରଫ ପରେ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ପୁରୁଣା ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ

# ବାପା ମୃତ; ପୁଅ ଗୁରୁତର



**ଭଦ୍ରକ(ଅମୃତ ମିଡିଆ):** ସାହି ସାହି ମଧ୍ୟରେ ବିବାଦନେଲା ଉଗ୍ର ରୂପ । ପୁରୁଣା ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ । ଘଟଣାସ୍ଥଳରେ ବାପ ମୃତ ଓ ପୁଅ ଗୁରୁତର ହୋଇଛନ୍ତି । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ରାନ୍ଦିଆ ଜେନା ସାହିରେ ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି । ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ଦୁଇ ସାହି ମଧ୍ୟରେ ପୁରୁଣା ବିବାଦ ଥିଲା । ଏବେ ପୁଣି କୌଣସି କାରଣକୁ ନେଇ ଝଗଡା ହୋଇଥିଲା । ପରେ ଗୋଟିଏ ପକ୍ଷର ୩୯ ରୁ ଅଧିକ ଲୋକ ସଂଘବଦ୍ଧ ଭାବେ ଆସି ଲକ୍ଷ୍ମୀଧର ଜେନାଙ୍କୁ ଆକ୍ରମଣ କରିଥିଲେ । ବାପାଙ୍କୁ ଆକ୍ରମଣରୁ ବଞ୍ଚାଇବାକୁ ଆସି ଦୁଇ ପୁଅ ମଧ୍ୟ ସେମାନଙ୍କ ଆକ୍ରମଣର ଶିକାର ହୋଇଥିଲେ । ତେବେ ଆକ୍ରମଣରେ ବାପା ଲକ୍ଷ୍ମୀଧର ଜେନାଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅ ପର୍ଶୁରାମ ଜେନାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପର୍ଶୁରାମଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ୮ ନୂତନ ସେତୁ ପାଇଁ ଆରମ୍ଭ ହେବ ସର୍ଭେ ଓ ପରୀକ୍ଷଣ

**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲାରେ ୮ଟି ନୂତନ ସେତୁ ନିର୍ମାଣ ପାଇଁ ପ୍ରାଥମିକ ପଦକ୍ଷେପ ନେବା ଆରମ୍ଭ ହୋଇଛି । ଏହି ପ୍ରକଳ୍ପଗୁଡ଼ିକର ସର୍ଭେ ଓ ତଦନ୍ତ କାର୍ଯ୍ୟ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୋଟ ୨୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ପ୍ରତ୍ୟେକ ସେତୁ ପାଇଁ ୩ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ ବରାଦ ହୋଇଛି । ଏହି ଟଙ୍କାରେ ସର୍ଭେ ଓ ପରୀକ୍ଷଣ ଖର୍ଚ୍ଚ ହେବ । ବିଭାଗୀୟ ସୂଚନା ଅନୁଯାୟୀ, ଭଦ୍ରକ-୧ ଓ ଭଦ୍ରକ-୨ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ମାଣ ଡିଭିଜନ ଅଧୀନରେ ଏହି ୮ଟି ପ୍ରକଳ୍ପ ରହିଛି । ଭଦ୍ରକ-୧ ଡିଭିଜନ ଅଧୀନରେ କୁଣ୍ଡି ନଦୀ ଉପରେ ମାଳିଆରୁଆଁ ରାସ୍ତାରେ ହାଇ-ଲେଭେଲ ସେତୁ, ଭଦ୍ରକାଳୀ ମନ୍ଦିରରୁ ରଘୁପତିବିନ୍ଧା ରାସ୍ତାର ୧.୩୫୦ କିମିରେ ସାଳନ୍ଦୀ ନଦୀ ଉପରେ ସେତୁ ଏବଂ ସବରଙ୍ଗା-ହରିପୁର ରାସ୍ତାରେ ଧନତ୍ରୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ସର୍ଭେ ଓ ତଦନ୍ତ ହେବ । ସେହିପରି ଭଦ୍ରକ-୨ ଡିଭିଜନ ଅଧୀନରେ




ମାଧପୁର-ହେଙ୍ଗୁପଟି ରାସ୍ତାରେ ସାଳିଆଜୋର ନଦୀ ଉପରେ, ଘଟାପୁର-ରଟଣୀ ରାସ୍ତାରେ ନୂଆ ନାଳ ଉପରେ, ମୌଦପୁର-ନିଧିବିନ୍ଧା ରାସ୍ତାର ୧.୪ କିମି ନିକଟ କାଠମୁଣ୍ଡାରେ ଚେଲିଆ ନାଳ ଉପରେ ଏବଂ ଆରଡି ରାସ୍ତାରୁ ବାବାଜୀପୁହାଣ ଜମି ରାସ୍ତାରେ ବ୍ରଜାନନ୍ଦପୁର ଜୋର ଉପରେ ହାଇ-ଲେଭେଲ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ଏଥିସହ ଲକ୍ଷ୍ମୀଦାସପୁର ଛକ ନିକଟ କାମାରଗାଁ-ବାଲିମେଡ଼ ପୂର୍ତ୍ତ ବିଭାଗ ରାସ୍ତାରେ ଆଉ ଏକ ସେତୁ ନିର୍ମାଣ ପାଇଁ ମଧ୍ୟ ସର୍ଭେ ହେବ । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କ ପକ୍ଷରୁ ୯ ସେପ୍ଟେମ୍ବର ୨୦୨୬ରେ ପତ୍ର ସଂଖ୍ୟା ୩୨୪୮୭ ଜାରି ହୋଇଛି । ୨୦୨୬-୨୭ ବର୍ଷର ରାସ୍ତା ଓ ସେତୁ କାର୍ଯ୍ୟକ୍ରମ ଅଧୀନରେ 'ସର୍ଭେ ଆଣ୍ଡ ଇନଭେଷ୍ଟିଗେସନ୍ ଏକ୍ସପେନ୍ସ' ବାବଦରେ ଏହି ଅର୍ଥ ବରାଦ ହୋଇଛି । ସର୍ଭେ ଓ ତଦନ୍ତ ପରେ ପ୍ରକଳ୍ପଗୁଡ଼ିକର ବୈଷୟିକ ଦିଗ, ସେତୁର ଆବଶ୍ୟକତା ଓ ନିର୍ମାଣ ସମ୍ଭାବନା ସମ୍ପର୍କରେ ଆକଳନ କରାଯିବ । ପରବର୍ତ୍ତୀ ପଦକ୍ଷେପରେ ପ୍ରକଳ୍ପଗୁଡ଼ିକର ନିର୍ମାଣ ନେଇ ଆବଶ୍ୟକୀୟ ଅନୁମୋଦନ ଓ ପ୍ରଶାସନିକ ପ୍ରକ୍ରିୟା ଆଗକୁ ବଢ଼ିବ ।

# ଥାଇଲାଣ୍ଡରେ ଚମକିଲେ ଓଡ଼ିଆ ଝିଅ ଆୟାନୀ ଆଲିଶା ଆକାଂକ୍ଷା



**ନୟାଗଡ଼(ଅମୃତ ମିଡିଆ):** ଥାଇଲାଣ୍ଡର ଚମକିଲେ ଓଡ଼ିଆ ଝିଅ ଆୟାନୀ ଆଲିଶା ଆକାଂକ୍ଷା । ନୟାଗଡ଼ ସୁନାଲଟି ଗାଁର ଝିଅ ଆୟାନୀ । ସୁଦୂର ଥାଇଲାଣ୍ଡର ବ୍ୟାଙ୍କକଠାରେ ଆୟୋଜିତ 'ମିସ ଟିନ୍ ସୁପର ଗ୍ଲୋବ' ପ୍ରତିଯୋଗିତାରେ ନିଜର ପ୍ରତିଭା ଦେଖାଇ ଓଡ଼ିଶା ପାଇଁ ସେ ଗୌରବ ଆଣିଛନ୍ତି । ନୟାଗଡ଼ ସୁନାଲଟି ଗାଁର ଗୋପାଳ ଚନ୍ଦ୍ର ଦଳେଇଙ୍କ ସାନ ଝିଅ ଆୟାନି ଆଲିଶା ଆକାଂକ୍ଷା । ବିଭିନ୍ନ ଦେଶରୁ ଶ୍ରେଷ୍ଠ ୩୦ ଜଣ ମହାଦେଶର ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଚଳିତ ବର୍ଷ 'ମିସ ଏସିଆ' ମୁକୁଟ ପିନ୍ଧି ବା ସହ ଏସିଆନ୍ ଟପ୍ସର ଅୱାର୍ଡ ହାସଲ କରିଛନ୍ତି । ଆୟାନିଙ୍କ ବୟସ ମାତ୍ର ୧୩ ବର୍ଷ । ସେ ବର୍ତ୍ତମାନ ଖୋର୍ଦ୍ଧାରେ ରହି ନବମ ଶ୍ରେଣୀରେ ପାଠ ପଢୁଛନ୍ତି । କଠିନ ପରିଶ୍ରମ ଓ ଜିଦ୍ ଆଜି ତାଙ୍କୁ ବିଶ୍ୱସ୍ତରରେ ପରିଚିତ କରାଇଥିବା ସେ କହିଛନ୍ତି ।

# ସେକ୍ସ ରାକେଟ ଠାବ

**ଅନୁଗୋଳ(ଅମୃତ ମିଡିଆ) :** ଘର ଆଗରେ ନେମପ୍ଲେଟ ଲାଗିଛି । ଅବସରପ୍ରାପ୍ତ ପୋଲିସ କର୍ମଚାରୀ ବୋଲି ସେଥିରେ ଉଲ୍ଲେଖ ରହିଛି । ହେଲେ ଉକ୍ତ ଘରେ ଦେହ ବ୍ୟବସାୟ ଚାଲିଥିବା ଭଳି ଏକ ଗୁପ୍ତ ସୂଚନା ଲାଗିଥିଲା ପୋଲିସ ହାତରେ । ଜନସାଧାରଣଙ୍କୁ ଚକିତ କରିଦେବା ଭଳି ଏପରି ଖବର ମିଳିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଗୋଳ ଟାଉନ ଥାନା ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ତୁରନ୍ତ ଅମଲାପଡ଼ାସ୍ଥିତ ଉକ୍ତ ଘରେ ଚଢ଼ାଉ କରିଥିଲା । ଉକ୍ତ ଘରୁ ବାହାର ରାଜ୍ୟର ୨ ଯୁବତୀଙ୍କ ସହ ୨ ଜଣ ଗ୍ରାହକଙ୍କୁ ପୋଲିସ ଧରିବା ସହ ଘର ମାଲିକଙ୍କୁ ମଧ୍ୟ ଥାନାକୁ ନେଇଥିଲା । ସେଠାରେ ଘର ମାଲିକଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ଅମଲାପଡ଼ା ଅନୁଗୋଳ ସହରର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ । ଏହାଠାରୁ ଅନୁଗୋଳ ଟାଉନ ଥାନା ଓ ଏସ୍‌ପି ଅଫିସ୍ ଦୂରତା ବହୁତ କମ୍ । ଏଭଳି ଏକ ଅଞ୍ଚଳରେ ଓ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ଘରେ ସେକ୍ସ ରାକେଟ୍ ଚାଲିବା ଭଳି ଆଶ୍ଚର୍ଯ୍ୟକର ଖବର ପୋଲିସକୁ ମିଳିଥିଲା । ଏପରି ସୂଚନା ପାଇବାପରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ଟାଉନ ଥାନା ପୋଲିସର ଏକ ଟିମ୍ ଉକ୍ତ ଘର ଉପରେ ଚଢ଼ାଉ କରିଥିଲା । ନେମପ୍ଲେଟରେ ଉଲ୍ଲେଖଥିବା ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପରଲୋକ ହୋଇଯାଇଥିଲେ ମଧ୍ୟ ତାଙ୍କ ଘରେ ଦୀର୍ଘଦିନ ଧରି ଏପରି ଦେହ ବ୍ୟବସାୟ ଚାଲୁଥିଲେ ବି ପୋଲିସ ଓ ସ୍ଥାନୀୟ ଲୋକଙ୍କ ନଜରକୁ ଏହା କିପରି ଆସିଲା ନାହିଁ ତାହା ଚର୍ଚ୍ଚାର ବିଷୟ ହୋଇଛି । ଏପରି ବେଆଇନ କାରବାର କେବେଠାରୁ ସେଠାରେ ଚାଲିଥିଲା ଏବଂ ଏହା ପଛରେ ଆଉ କେଉଁମାନଙ୍କ ହାତ ରହିଛି ତାହା ଜାଣିବାକୁ ପୋଲିସ ଖୋଳତାଡ଼ କରୁଛି । ଏପରିକି ଏହି ଘଟଣାକୁ ନେଇ ସହରର ଆଉ କେତୋଟି ସ୍ଥାନରେ ମଧ୍ୟ ପୋଲିସ ଚଢ଼ାଉ ଚଳାଇଥିବା ଅନୁଗୋଳ ଟାଉନ ଥାନା ଆଇଆଇସି ପ୍ରକାଶ ମାଝୀ ସୂଚନା ଦେଇଛନ୍ତି ।



## ଗଣେଶ ପୂଜା ଭସାଣିରେ ଅଘଟଣ

# ଗାଡ଼ି ଚକା ତଳେ ପଡ଼ି ବୃଦ୍ଧା ମୃତ



**କାମାକ୍ଷାନଗର(ଅମୃତ ମିଡିଆ):** ଗଣେଶ ପୂଜା ଭସାଣି ବେଳେ ଅଘଟଣ । ମୂର୍ତ୍ତି ଗାଡ଼ି ଚକା ତଳେ ପଡି ବୃଦ୍ଧା ମୃତ । ଏଭଳି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ କାମାକ୍ଷାନଗର ଥାନା କନ୍ଧବୋଲ ଗାଁରେ । ସୂଚନା ଅନୁସାରେ, ଗତକାଲି ଭସାଣି ଶୋଭାଯାତ୍ରା ଦେଖୁଥିବା ବେଳେ ମୂର୍ତ୍ତି ବିସର୍ଜନ ଲାଗି ଆସିଥିବା ଟାଟା ଏସ୍ ସି ଗାଡି ଚକା ତଳେ ପଡିଯାଇଥିଲେ ବୃଦ୍ଧା । ଡିଜେ ସାଉଣ୍ଡ ଓ ଭିଡ଼ ପାଇଁ ହଠାତ୍ କିଛି ଜଣା ପଡି ନଥିଲା । ଘଟଣାସ୍ଥଳରେ ହିଁ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ମୃତକ ହେଲେ କନ୍ଧବୋଲ ଗାଁର ଯାତକ ପଧାନ । ଏନେଇ ଥାନାରେ ଅଭିଯୋଗ ପରେ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଚାଳକକୁ ମଧ୍ୟ ଅଟକ ରଖିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲକୁ ପଠାଯାଇ । ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

# ମହିଳାଙ୍କ ଶବସତ୍କାରକୁ ଗାଁ ଶ୍ମଶାନରେ ଅନୁମତି ନମିଳିବାରୁ ଉତ୍ତେଜନା



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁରଜିଲ୍ଲା ରାଇଘର ବ୍ଲକରେ ଧର୍ମାନ୍ତରୀକରଣ ଓ ଧର୍ମପରିବର୍ତ୍ତନକୁ ନେଇ ବିବାଦ ଲାଗିରହିଛି । ରାଇଘର ଅଞ୍ଚଳର କେତେକ ଆଦିବାସୀ ନିଜର ମୂଳଧର୍ମ ଛାଡ଼ି ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିଥିଲେ । ସେମାନଙ୍କ ଶବସତ୍କାର ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମରୁ ବାସନ୍ଦ ଆଦିକୁ ନେଇ ପ୍ରଶାସନ ଅନେକ ସମୟରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ଏହି କ୍ରମରେ ଆଜି ଏଭଳି ଧର୍ମପରିବର୍ତ୍ତନ କରିଥିବା ଜଣେ ବ୍ୟକ୍ତିଙ୍କୁ ଗାଁ ଶ୍ମଶାନରେ ଶବ ସତ୍କାର କରିବାକୁ ଅନୁମତି ନଦେବାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି । ଗତ ୩୦ ଘଣ୍ଟା ଧରି ଶବ ଗାଁ ଦାଣ୍ଡରେ ପଡ଼ିରହିଛି । ରାଇଘର ବ୍ଲକର କଚରାପାରା -୩ ପଂଚାୟତ ଅନ୍ତର୍ଗତ ଓଡଣ୍ଡି ଗ୍ରାମର ଗାଗିରି ଗଣ୍ଡ (୫୦) ନିଜ ସ୍ୱାମୀ ମାଙ୍ଗ ଗଣ୍ଡଙ୍କ କିଛି ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା । ସେ ନିଜ ତିନିଝିଅ ଓ ଏକମାତ୍ର ପୁଅଙ୍କ ସହିତ ରହୁଛନ୍ତି । ଗାଗିରିଙ୍କ ପରିବାର କିଛି ବର୍ଷ ପୂର୍ବେ ମୂଳ ଧର୍ମ ଛାଡ଼ି ଅନ୍ୟ ଧର୍ମ ପରିବର୍ତ୍ତନ କରିଥିଲେ । ଗତକାଲି ଅପରାହ୍ନ ୪ଟା ସମୟରେ ଗାଗିରିଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ଗାଗିରିଙ୍କ ବନ୍ଧୁ ବାନ୍ଧବ ଓଡଣ୍ଡି ଗାଁରେ ପହଂଚି ଯାଇଥିଲେ । ଗାଁ ମଶାଣୀ ରେ ଗାଗିରିଙ୍କ ଶବ ସତ୍କାର କରିବାକୁ ସମସ୍ତ ପ୍ରସ୍ତୁତ କରିବା ସମୟରେ ଗ୍ରାମବାସୀ ଏହାର ବାରଣ କରିଥିଲେ । ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହିତ ହାତାହାତି ମଧ ହୋଇଥିଲା । ଗତକାଲି(ସୋମବାର) ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହାର ସମାଧାନ ହୋଇ ପାରି ନଥିଲା । ଆଜି ମଧ ଗ୍ରାମରେ ଉତ୍ତେଜନା ରହିଥିବା ଦେଖି ପୂର୍ବାହ୍ନରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଶିବାନୀ ନାୟକ, ପାପଡାହାଣ୍ଡି ଏସଡିପିଓ ସୁରଜିତ କାଣ୍ଡେଲ ଏବଂ ଉମରକୋଟ ଥାନା ଅଧିକାରୀ ଯୁଗଳ ଶବର ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିଥିଲେ । କିନ୍ତୁ ଗାଗିରି ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମରେ ତାଙ୍କ ଶବ ସତ୍କାର କରାଇ ନଦେବାକୁ ଗ୍ରାମବାସୀ ଜିଦ ଧରି ବସିଥିଲେ । ଖବର ଲେଖା ହେବା ସୁଦ୍ଧା ଶବଟି ପ୍ରାୟ ୩୦ଘଣ୍ଟାରୁ ଅଧିକ ହେବ ଘରେ ପଡ଼ିରହି ସତ୍କାର ହୋଇ ପାରିନଥିଲା । ବର୍ତ୍ତମାନ ରାତିରେ ଓଡଣ୍ଡି ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ଗୋଟାଏ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିଥିବା ଜଣାପଡିଛି ।

# ଲିଭ୍‌ପ୍ୟୁର ନୟାଗଡ଼ରେ ନୂଆ ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍‌ଲେଟ୍ ଖୋଲିଲା

**ନୟାଗଡ଼(ଅମୃତ ମିଡିଆ):** ଦୈନନ୍ଦିନ ଜୀବନକୁ ଅଧିକ ସୁସ୍ଥ ଓ ସୁବିଧାଜନକ କରିବା ଉପରେ ଗୁରୁତ୍ୱ ଦେଉଥିବା ପ୍ରମୁଖ ବ୍ରାଣ୍ଡ ଲିଭପ୍ୟୁର ଆଜି ଓଡ଼ିଶାର ନୟାଗଡ଼ରେ ଏହାର ନୂଆ ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍ଲେଟ୍ ଖୋଲିବା ଘୋଷଣା କରିଛି । ଏହି ନୂଆ କେନ୍ଦ୍ର ରାଜ୍ୟରେ କମ୍ପାନୀର ପ୍ରତ୍ୟକ୍ଷ ବିକ୍ରୟ ଉପସ୍ଥିତି ବୃଦ୍ଧି ସହ ଘରୋଇ ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନଯାପନ ସମ୍ବନ୍ଧୀୟ ସମନ୍ୱିତ ସମାଧାନକୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ଦିଗରେ ଆଉ ଏକ ପଦକ୍ଷେପ । ଅନୁଭୂତିକେନ୍ଦ୍ରିକ ବିକ୍ରୟ କେନ୍ଦ୍ର ଭାବେ ପରିକଳ୍ପିତ ଏହି ନୂଆ ଆଉଟ୍ଲେଟ୍ରେ ଗ୍ରାହକମାନେ ଇଣ୍ଟରଆକ୍ଟିଭ୍ ପ୍ରଦର୍ଶନୀ ଓ ବିଶେଷଜ୍ଞଙ୍କ ସହାୟତା ମାଧ୍ୟମରେ ଲିଭପ୍ୟୁରର ବିଭିନ୍ନ ଉତ୍ପାଦକୁ ନିଜେ ଦେଖି ଓ ବୁଝିପାରିବେ । ବିଭିନ୍ନ ବର୍ଗର ଉତ୍ପାଦ ସହ ସିଧାସଳଖ ପରିଚିତ ହେବା ସହ ଗ୍ରାହକଙ୍କୁ ବିଶେଷଜ୍ଞମାନେ ପ୍ରଦର୍ଶନୀ ମାଧ୍ୟମରେ ଉତ୍ପାଦର ବୈଶିଷ୍ଟ୍ୟ ବୁଝାଇବେ । ଏହା ଫଳରେ ଉତ୍ପାଦ ଚୟନ ଅଧିକ ସରଳ ହେବା ସହ କ୍ରୟ ପୂର୍ବରୁ ଗ୍ରାହକଙ୍କ ଅନୁଭୂତି ମଧ୍ୟ ଉନ୍ନତ ହେବ । ଲିଭପ୍ୟୁରର ପରିଚାଳନା ନିର୍ଦ୍ଦେଶକ ରାକେଶ କୌଲ



କହିଛନ୍ତି, "ନୟାଗଡ଼ରେ ଆମର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍ଲେଟ୍ର ଉଦ୍ଘାଟନ ସାରା ଦେଶର ଗ୍ରାହକଙ୍କ ପାଇଁ ନିର୍ଭରଯୋଗ୍ୟ ଓ ପ୍ରଯୁକ୍ତିଭିତ୍ତିକ ଘରୋଇ ସମାଧାନକୁ ସୁଲଭ କରିବା ପ୍ରତି ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ବିଭିନ୍ନ ବଜାରରେ ଆମର ଉପସ୍ଥିତି ବୃଦ୍ଧି ପାଉଥିବା ବେଳେ ଆମର ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍ଲେଟ୍ଗୁଡ଼ିକ ଅଧିକ ଆକର୍ଷଣୀୟ ଓ ଅନୁଭୂତିମୂଳକ ବିକ୍ରୟ ବ୍ୟବସ୍ଥା ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ଗ୍ରାହକମାନେ ଏଠାରେ ଆମର ସମାଧାନଗୁଡ଼ିକୁ ନିଜେ ଦେଖି, ବୁଝି ଏବଂ ସଚେତନ ଭାବେ କ୍ରୟ ନିଷ୍ପତ୍ତି ନେଇପାରୁଛନ୍ତି । ଓଡ଼ିଶାରେ ଆମର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବା ଏବଂ ଏହି ଅଞ୍ଚଳର ଘରଗୁଡ଼ିକୁ ଉନ୍ନତ ଜୀବନଯାପନର ଅନୁଭୂତି ପହଞ୍ଚାଇବା ଦିଗରେ ଏହି ଉଦ୍ଘାଟନ ଆଉ ଏକ ପଦକ୍ଷେପ । ପ୍ରଯୁକ୍ତି ମାଧ୍ୟମରେ ସୁସ୍ଥ ଜୀବନଯାପନ ସୁନିଶ୍ଚିତ କରିବା ଲିଭପ୍ୟୁରର ମୂଳ ଦର୍ଶନ । ଏହି ଦର୍ଶନକୁ ଆଧାର କରି ନୟାଗଡ଼ ଆଉଟ୍ଲେଟ୍ରେ କମ୍ପାନୀର ବିଭିନ୍ନ ବର୍ଗର ନୂତନ ପ୍ରଯୁକ୍ତିସମ୍ପନ୍ନ ଉତ୍ପାଦ ପ୍ରଦର୍ଶିତ ହୋଇଛି । ଏଥିରେ କୃତ୍ରିମ ବୁଦ୍ଧିମତ୍ତା ଓ ଇଣ୍ଟରନେଟ୍ ସଂଯୋଗ ଆଧାରିତ ସ୍ମାର୍ଟ ସମାଧାନ ସାମିଲ ରହିଛି । ରକ୍ଷଣାବେକ୍ଷଣ ଆବଶ୍ୟକ ନଥିବା ଜଳ ବିଶୋଧକ ଶୃଙ୍ଖଳା, ଦୁଇଗୁଣା ଫିଲ୍ଟର ଆୟୁ ବିଶିଷ୍ଟ ଜଳ ବିଶୋଧକ, ସ୍ୱର ନିର୍ଦ୍ଦେଶନା ସୁବିଧାଯୁକ୍ତ ଚିମ୍ନି ଏବଂ ବିଭିନ୍ନ ସ୍ମାର୍ଟ ଓ ଶକ୍ତି-ସଞ୍ଚୟକାରୀ ଘରୋଇ ଉପକରଣ ଏଠାରେ ଗ୍ରାହକଙ୍କ ପାଇଁ ଉପଲବ୍ଧ । ପରିବେଶ ଅନୁକୂଳ ଓ ଭବିଷ୍ୟତମୁଖୀ ଜୀବନଯାପନ ପ୍ରତି ନିଜର ଗୁରୁତ୍ୱକୁ ଆହୁରି ଦୃଢ଼ କରି ଏହି ଆଉଟ୍ଲେଟ୍ରେ ଉତ୍ପାଦର ପ୍ରତ୍ୟକ୍ଷ ପ୍ରଦର୍ଶନୀ ସହ ପ୍ରଶିକ୍ଷିତ ବିଶେଷଜ୍ଞଙ୍କ ବ୍ୟକ୍ତିଗତ ସହାୟତା ମଧ୍ୟ ଦିଆଯାଉଛି । ଭାରତର ବିଭିନ୍ନ ବଜାରରେ ଗ୍ରାହକଙ୍କ ବିଶ୍ୱାସ ଗଠନରେ ପ୍ରତ୍ୟକ୍ଷ ବିକ୍ରୟ କେନ୍ଦ୍ରଗୁଡ଼ିକର ଭୂମିକା ଗୁରୁତ୍ୱ ବହନ କରୁଥିବାରୁ ଲିଭପ୍ୟୁର ଏହାର ପ୍ରତ୍ୟକ୍ଷ ବିକ୍ରୟ ବିସ୍ତାରକୁ ଆହୁରି ତ୍ୱରାନ୍ୱିତ କରିବାକୁ ଯୋଜନା କରିଛି । ଆସନ୍ତା ଆର୍ଥିକ ବର୍ଷରେ ଦେଶର ପ୍ରମୁଖ ବଜାରଗୁଡ଼ିକରେ ୧୦୦ଟି ଏକ୍ସକ୍ଲୁସିଭ୍ ବ୍ରାଣ୍ଡ ଆଉଟ୍ଲେଟ୍ ଖୋଲିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ଏହା ମାଧ୍ୟମରେ ଲିଭପ୍ୟୁରର ସୁସ୍ଥ ଜୀବନଯାପନକେନ୍ଦ୍ରିକ ସମନ୍ୱିତ ଉତ୍ପାଦ ଓ ସମାଧାନ ଦେଶର ଆହୁରି ଅଧିକ ଘରେ ପହଞ୍ଚିବ ।

# ବାରିପଦାରେ ବିଜେପିର ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



**ବାରିପଦା(ଅମୃତମିଡିଆ):** ଭଞ୍ଜ ପୂର୍ବ ସାଂଗଠନିକ ଜିଲ୍ଲା) ତରଫରୁ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ତକତପୁରସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପ-ସଭାନେତ୍ରୀ ସିପ୍ରା ବାଜପେୟୀ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦାଃ, ବାଙ୍ଗିରିପୋଷି ବିଧାୟିକା ସଂଜଳି ମୁର୍ମୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏସଡିସି ଅଧ୍ୟକ୍ଷ ଡା. ବୁଦ୍ଧାନ ମୁର୍ମୁ, ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ଏସ.ଟି. ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ, ଉଦଳା ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ ମିଡ଼ିଆ ପେନାଲିଷ୍ଟ କବି ବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସୁଶାସନ ଉପଲକ୍ଷେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବା ଲାଗି ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦିଆଯାଇଥିଲା । ଏହା ସହିତ ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତ, ସମବାୟ ତଥା ପୌର ନିର୍ବାଚନ ପାଇଁ ଦଳୀୟ ରଣନୀତି ପ୍ରସ୍ତୁତ କରାଯିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ବିଗତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ ବାରିପଦା ଦକ୍ଷିଣ ମଣ୍ଡଳ ସଭାପତି ସୁବ୍ରତ ମୁଖୀ ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ସମ୍ପାଦକ ପ୍ରବୀଣ କୁମାର ପାତ୍ର ମଞ୍ଚ ପରିଚାଳନା କରି ଥିବା ବେଳେ ବାରିପଦା ଉତ୍ତର ନଗର ମଣ୍ଡଳ ସଭାପତି ଶ୍ରଦ୍ଧାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ହାତୀକୋଟ ପଞ୍ଚାୟତ: ଗ୍ରାମସଭାରେ ଅନିୟମିତତା ଅଭିଯୋଗ

# ବିରୋଧ କରିବାରୁ ଗ୍ରାମବାସୀଙ୍କ ନାଁରେ ମିଛ ମାମଲା

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ବାରିପଦା ବ୍ଲକ ଅଧୀନ ହାତିକୋଟ ଗ୍ରାମପଞ୍ଚାୟତରେ ପ୍ରଶାସନିକ କଳ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ବିବାଦ ମୁଣ୍ଡ ଟେକିଛି । ଗତ ୮ ତାରିଖରେ ଜମାଦାପାଳ ଗ୍ରାମରେ ଅନୁଷ୍ଠିତ ଗ୍ରାମସଭା ବେଳେ ନିଜର ନ୍ୟାଯ୍ୟ ହକ୍ ଓ ସ୍ୱଚ୍ଛତା ଦାବି କରିଥିବା ନିରୀହ ଗ୍ରାମବାସୀଙ୍କ ସ୍ୱରକୁ ଚାପିଦେବା ପାଇଁ ପଞ୍ଚାୟତର କାର୍ଯ୍ୟରତ ଏଡିଇଓ ଷଡ଼ଯନ୍ତ୍ରମୂଳକ ଭାବେ ଥାନାରେ ମିଛ ଅଭିଯୋଗ ଦାୟର କରିଥିବା ଗ୍ରାମବାସୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗ୍ରାମସଭା ବୈଠକରେ ଗ୍ରାମର ଉନ୍ନୟନମୂଳକ କାର୍ଯ୍ୟ ଓ ବାସ୍ତବ ପ୍ରସ୍ତାବ ଗୁଡ଼ିକୁ ସାଧାରଣ ଲୋକଙ୍କ ସହମତି ବିନା ମନମୁଖୀ ଭାବେ ରେଜିଷ୍ଟରରେ ଲିପିବଦ୍ଧ କରାଯାଉଥିଲା । ଏହି ବେଆଇନ ତଥା ଏକତରଫା କାର୍ଯ୍ୟକୁ ଗ୍ରାମର ବଗଦା ମାର୍ଣ୍ଡି, ରଘୁନାଥ ମାର୍ଣ୍ଡିଙ୍କ ସମେତ ଉପସ୍ଥିତ ସଚେତନ ଗ୍ରାମବାସୀ ବିରୋଧ କରିବା ସହ ରେଜିଷ୍ଟରରେ ସମସ୍ତଙ୍କ ସହମତି ଓ ବାସ୍ତବ ନିଷ୍ପତ୍ତି ଉଲ୍ଲେଖ କରିବାକୁ ଦୃଢ଼ ଦାବି ଜଣାଇଥିଲେ । ନିଜର ଦୁର୍ନୀତି ଏବଂ ମନମାନି ପଦାରେ ପଡ଼ିଯିବା ଭୟରେ ଏଡିଇଓ ପ୍ରକୃତ ତଥ୍ୟକୁ ଲୁଚାଇବା ପାଇଁ ଚତୁରତାର ସହ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ନିଜ କାର୍ଯ୍ୟାଳୟର ତ୍ରୁଟି ଓ ଲୋକଙ୍କ ପ୍ରତିବାଦକୁ ଅସଦାଚରଣ ତଥା ସରକାରୀ କାର୍ଯ୍ୟରେ ବାଧା ବୋଲି ରୂପ ଦେଇ ଏଡିଇଓ ନିଜେ ରେକର୍ଡ ବିଭ୍ରାଟ ଘଟାଇବା ପରେ ଓଲଟା ନିରୀହ ଗ୍ରାମବାସୀଙ୍କ ବିରୋଧରେ ବେତନଟୀ ଥାନାରେ ମିଛ ଏତଲା ଦେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଏପରି ମିଥ୍ୟା ମାମଲା ରୁଜୁ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ଭୟଭୀତ କରାଇ ସେମାନଙ୍କ ଗଣତାନ୍ତ୍ରିକ ସ୍ୱରକୁ ଦବାଇବାକୁ ଚେଷ୍ଟା କରାଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଘଟଣାରେ ପୋଲିସ କେବଳ ସରକାରୀ କର୍ମଚାରୀଙ୍କ ଏକତରଫା ବୟାନ ଉପରେ ନିର୍ଭର ନ କରି, ଗ୍ରାମସଭାର ପ୍ରକୃତ ସତ୍ୟାସତ୍ୟ ଏବଂ ଉପସ୍ଥିତ ସାଧାରଣ ଲୋକଙ୍କ ମତାମତକୁ ଆଧାର କରି ନିରପେକ୍ଷ ତଦନ୍ତ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ଚିତ୍ରଡ଼ା କଲେଜରେ ସ୍ୱାସ୍ଥ୍ୟ ଓ କ୍ୟାନସର ସଚେତନତା କାର୍ଯ୍ୟକ୍ରମ

**ବାରିପଦା(ଅମୃତମିଡିଆ):** ଚିତ୍ରଡ଼ା କଲେଜର ଶକ୍ତିଶ୍ରୀ ସଶକ୍ତିକରଣ ସେଲ ପକ୍ଷରୁ ସ୍ୱାସ୍ଥ୍ୟ ଓ ସୁସ୍ଥତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଶ୍ରଦ୍ଧା ଫାଉଣ୍ଡେସନର ପ୍ରୋଗ୍ରାମ କୋର୍ଡିନେଟର, ସମାଜସେବୀ ତଥା କ୍ୟାନସର ବିଜୟିନୀ ଅନିତା ବେହେରା ଯୋଗଦେଇ କ୍ୟାନସର ପ୍ରତିରୋଧ, ପ୍ରାରମ୍ଭିକ ଚିହ୍ନଟ, ଚିକିତ୍ସା ଓ ରୋଗୀଙ୍କ ଯତ୍ନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ନିଜ କ୍ୟାନସର ଯାତ୍ରାର ଅନୁଭୂତି ବାଣ୍ଟି ସେ ସୁସ୍ଥ ଜୀବନଶୈଳୀ ଆପଣାଇବା ଓ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଶ୍ରୀମତୀ ବେହେରାଙ୍କ ସ୍ୱାମୀ ଇଞ୍ଜିନିୟର ରମାକାନ୍ତ ସାହୁ ମଧ୍ୟ ଉପସ୍ଥିତ ରହି କ୍ୟାନସର ରୋଗୀଙ୍କୁ ପରିବାର ଓ ସମାଜ ପକ୍ଷରୁ ମାନସିକ ସମର୍ଥନ, ସହଯୋଗ ଓ ଯତ୍ନ ପ୍ରଦାନର ଗୁରୁତ୍ୱ ଉପରେ ମତ ରଖିଥିଲେ । କଲେଜର ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ମାର୍ଗଦର୍ଶନରେ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍‌ର ସଂଯୋଜିକା ମାଳତୀ ମାରାଣ୍ଡିଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଡିଜି ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ ।




# ଗଣେଶ ପୂଜା ପାଇଁ ଉତ୍ସବମୁଖର ବାରିପଦା

## ବିଶାଳ ପ୍ରତିମା ପାଇଁ ପ୍ରସିଦ୍ଧ ଲାଲବଜାର ରାଜା

## ସିଦ୍ଧି ବିନାୟକ ମନ୍ଦିରରେ ଚାଲିଛି ଗଣେଶ ମହୋତ୍ସବ



**ବାରିପଦା(ଅମୃତମିଡିଆ):** ଗଣେଶ ପୂଜାକୁ ନେଇ ବାରିପଦା ସହର ଚଳଚଞ୍ଚଳ ହୋଇଉଠିଛି । ସହରର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଛି ସୁଉଚ୍ଚ ତୋରଣ ସହିତ ବିଶାଳ କାୟ ଗଣେଶଙ୍କ ମୃଣ୍ମୟୀ ପ୍ରତିମା । ବିଭିନ୍ନ ପୂଜା କମିଟି, ସ୍କୁଲ କଲେଜ ପକ୍ଷରୁ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ସହରର ଲାଲବାଜାର, କଲେଜ ଛକ, ତୁଳସୀ ଚୌରା, ଗାନ୍ଧୀପାର୍କ, ଷ୍ଟାଡିୟମ ଗୋଲେଇ, ତକତପୁର ଆଦି ସ୍ଥାନରେ ସୁଦୃଶ୍ୟ ତୋରଣ ସାଜସଜ୍ଜା ସହ ଗଣେଶ ପୂଜା ଅନୁଷ୍ଠିତ ହେଉଥିବା ବେଳେ, ବାରିପଦାର ସର୍ବବୃହତ ଗଣେଶ ପୂଜା ଭାବେ ପରିଚିତ ଲାଲବଜାର ରାଜା ଗଣେଶପୂଜା ଏବଂ ତୁଳସୀ ଚଉରା ଗଣେଶ ପୂଜା ମେଳାରେ ବିଶେଷ ଭିଡ଼ ପରିଲକ୍ଷିତ ହୋଇଛି । ସେହିପରି ବାରିପଦାର ପ୍ରତିଷ୍ଠିତ ସିଦ୍ଧି ବିନାୟକ ମନ୍ଦିରରେ ଚଳିତ ବର୍ଷ ଗଣେଶ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ସକାଳ ଠାରୁ ରାତ୍ରୀ ଯାଏ ମନ୍ଦିରରେ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ପରମ୍ପରା ଓ ବିଧିବିଧାନ ଅନୁଯାୟୀ ଭୋର ୪ଟା ସମୟରେ ମନ୍ଦିରର ପହୁଡ଼ ଖୋଲାଯାଇଥିଲା । ଏହାପରେ ପୂଜକ ମାନଙ୍କ ଦ୍ୱାରା ପ୍ରଭୁଙ୍କ ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ ଏବଂ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ପରେ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ସାର୍ବଜନୀନ ପୂଜା ଆରମ୍ଭ ହୋଇଥିଲା । ପୂଜା ଉପଲକ୍ଷେ ସମଗ୍ର ମନ୍ଦିର ପରିସରକୁ ରଙ୍ଗବେରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ଷ୍ଟିଲଗୋଲେଇ ରାସ୍ତାରେ ନିର୍ମିତ ସୁଦୃଶ୍ୟ ଆଲୋକିତ ତୋରଣ ଓ ଲାଇଟିଂ ସାଜସଜ୍ଜା ପଥଚାରୀ ତଥା ଦର୍ଶନାର୍ଥୀଙ୍କୁ ଆକର୍ଷିତ କରୁଛି । ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଧାଡ଼ି ବାନ୍ଧି ପ୍ରଭୁ ସିଦ୍ଧିବିନାୟକଙ୍କୁ ଲଡୁ, ମୋଦକ ଓ ନୈବେଦ୍ୟ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ତିନିଦିନିଆ ତ୍ରିରଙ୍ଗା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଆଦିତ୍ୟଙ୍କ ଧୂଆଁଧାର ବ୍ୟାଟିଂରେ ରୟାଲ ଷ୍ଟ୍ରାଇକର୍ସ ବିଜୟୀ



**ବାରିପଦା(ଅମୃତମିଡିଆ):** ସ୍ଥାନୀୟ ୧୫ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ପଡିଆରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ତ୍ରିରଙ୍ଗା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି ଓ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ ଓ ଫାଇନାଲ ମ୍ୟାଚରେ ରୟାଲ ଷ୍ଟ୍ରାଇକର୍ସ ୮ ଉଇକେଟରେ ମା' ଅମ୍ବିକା ସୁପର ସ୍ମାଶର୍ସକୁ ପରାସ୍ତ କରି ଚମ୍ପିୟାନ ହୋଇଛି ଓ ପ୍ରଥମେ ବ୍ୟାଟିଂ କରି ମା' ଅମ୍ବିକା ଦଳ ୧୦ ଓଭରେ ୭ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଲାଲଟୁ ସିଂ ୨୧ ବଲରେ ୬୮ ରନ କରିଥିବାବେଳେ ବିପକ୍ଷ ଦଳର ପୁଙ୍ଗା ସୋରେନ, ହୀରକ ସିଂ ଓ ନିହାର ରଞ୍ଜନ ନାଏକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ରୟାଲ ଦଳ ୯.୩ ଓଭରରେ ୨ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ ଓ ଦଳ ପକ୍ଷରୁ ଆଦିତ୍ୟ ବସା ୩୩ ବଲରେ ୫ଟି ଚୌକା ଓ ୧୧ଟି ଛକା ବଲରେ ଧୂଆଁଧାର ୯୨ ରନ ସଂଗ୍ରହ କରିଥିଲେ ଓ ମୃତ୍ୟୁଞ୍ଜୟ ଘୋଷାଲ ଓ ସ୍ୱାଭିମ ଦାସ ଖେଳ ପରିଚାଳନା କରିଥିବା ବେଳେ ଶେକ ନାଫିସୁଲ ହୁସେନ ଓ ଦୀନକୃଷ୍ଣ ନାୟକ ସ୍କୋରିଙ୍ଗରେ ସହଯୋଗ କରିଥିଲେ ଓ ମାନସ ରଞ୍ଜନ ସିଂହ ଧାରା ବିବରଣୀ ପ୍ରଦାନ କରିଥିଲେ ଓ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ସମ୍ବିତ ସାମଲ, ଶ୍ରେଷ୍ଠ ବ୍ୟାଟ୍ସମେନ ଭାବେ ଲାଲଟୁ ସିଂ, ଶ୍ରେଷ୍ଠ ବୋଲର ଭାବେ ଆଲୋକ ଦାସ ଏବଂ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ଭାବେ ଆଦିତ୍ୟ ବସା ପୁରସ୍କୃତ ହୋଇଥିଲେ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମନିୟମ ମହାନ୍ତି, ପୂର୍ବତନ କ୍ରିକେଟ ଖେଳାଳି ସୋମନାଥ ସିଂହ ଓ ତ୍ରିରଙ୍ଗା କ୍ଲବ ଉପ ସଭାପତି ରବୀନ୍ଦ୍ର କୁମାର ମହାନ୍ତି ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ଓ କ୍ଲବର ବରିଷ୍ଠ ସଦସ୍ୟ ସରୋଜ ମହାପାତ୍ର (ଲିଟନ)ଙ୍କ ନେତୃତ୍ୱରେ ମହମ୍ମଦ ଭାଇ, ଓମ ପ୍ରକାଶ, ଅଭିଜିତ ବେହେରା, ଚିରଞ୍ଜୀବ, ଉପେନ୍ଦ୍ର ନାୟକ, ଶିବୁ, ତୁଷାର, ବିନାରିଲାଲ ରଣା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ମହୁମାଛି ଆକ୍ରମଣରେ ଶିଶୁ ସମେତ ୫ ଗୁରୁତର





**ବାରିପଦା(ଅମୃତମିଡିଆ):** ଠାକୁରମୁଣ୍ଡା ବ୍ଲକ, ତାଳପଦା ଓ ଭରଣ୍ଡିଆ ପଞ୍ଚାୟତ ସୀମାନ୍ତ ବାରପଉଟିଆ ଅଞ୍ଚଳରେ ମଙ୍ଗଳବାର ମହୁମାଛି ଆକ୍ରମଣରେ ଗୋଟିଏ ପରିବାରର ଜଣେ ଶିଶୁ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତରମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯିବା ପରେ ଅଧିକ ଚିକିତ୍ସା ପାଇଁ ଘସିପୁରାକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁସାରେ, ବାରପଉଟିଆ ଅଞ୍ଚଳରେ ଏକ ପରିବାରର ସଦସ୍ୟମାନେ ବିଲକାମ କରୁଥିଲେ । ଏହି ସମୟରେ ଅପରାହ୍ନ ପ୍ରାୟ ୩ଟା ୩୦ ମିନିଟ ସମୟରେ ହଠାତ୍ ମହୁମାଛି ଆକ୍ରମଣ କରିଥିଲା । ଆକ୍ରମଣରେ ପରିବାରର ସଦସ୍ୟମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିଥିଲେ । ତେବେ ମହୁମାଛିଙ୍କ ଆକ୍ରମଣରେ ଦେଢ଼ ବର୍ଷର ଶିଶୁ ସାଗର ହେମ୍ବ୍ରମଙ୍କ ସମେତ ପରିବାରର ୫ ଜଣ ଗୁରୁତର ଆହତ ହୋଇଥିଲେ । ଆହତମାନଙ୍କ ମଧ୍ୟରେ ରେମେତ ହେମ୍ବ୍ରମ (୬୦), ପୁଅ ଟିକୁ ହେମ୍ବ୍ରମ (୨୩), ବୋହୂ ସୀତା ହେମ୍ବ୍ରମ (୨୦), ବଡ଼ମା - ତିଳ ହେମ୍ବ୍ରମ (୫୫) ଏବଂ ଦେଢ଼ ବର୍ଷର ଶିଶୁ ସାଗର ହେମ୍ବ୍ରମ ରହିଛନ୍ତି । ମହୁମାଛି ଆକ୍ରମଣରେ ସମସ୍ତେ ଗୁରୁତର ହୋଇପଡ଼ିବା ପରେ ପରିବାର ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ପରେ ଅଧିକ ଚିକିତ୍ସା ପାଇଁ ଘସିପୁରା ନିଆଯାଇଥିଲା । ଏହି ଘଟଣାକୁ ନେଇ ପରିବାର ମଧ୍ୟରେ ଭୟ ଦେଖାଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଚିନ୍ତା ପ୍ରକାଶ ପାଇଛି ।

# ଗଣେଶ ଚତୁର୍ଥୀରେ ପ୍ରିନ୍ସ ଗ୍ରୁପ୍‌ର ସମସ୍ତ ଅନୁଷ୍ଠାନରେ ନବାଗତଙ୍କୁ ସମ୍ବର୍ଦ୍ଧନା




**ବାରିପଦା(ଅମୃତମିଡିଆ):** ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ପ୍ରିନ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁସନ୍ସ ପକ୍ଷରୁ ବାଲେଶ୍ୱର ଓ ବାରିପଦାସ୍ଥିତ କଲେଜ ଏବଂ ବିଦ୍ୟାଳୟକୁ ମିଶାଇ ସମସ୍ତ କ୍ୟାମ୍ପସରେ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଭବ୍ୟ ସ୍ୱାଗତ ସମାରୋହ ଆୟୋଜିତ ହୋଇଥିଲା । ଧାର୍ମିକ ପରିବେଶ, ଶୃଙ୍ଖଳିତ ଆୟୋଜନ ଏବଂ ସାଂସ୍କୃତିକ ଉତ୍ସାହରେ ଭରପୂର ଏହି କାର୍ଯ୍ୟକ୍ରମ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା ।କାର୍ଯ୍ୟକ୍ରମର ଆରମ୍ଭରେ ବିଘ୍ନବିନାଶକ ଭଗବାନ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଭକ୍ତି ଓ ନିଷ୍ଠାର ସହ ସମ୍ପନ୍ନ ହୋଇଥିଲା । ପରେ ଅନୁଷ୍ଠିତ ସ୍ୱାଗତ ସଭାରେ ଅତିଥି, ଅଧ୍ୟାପକ ଓ ଶିକ୍ଷକମାନେ ନବାଗତମାନଙ୍କୁ ସ୍ୱାଗତ ଜଣାଇବା ସହ ଶୃଙ୍ଖଳା, ନୈତିକ ମୂଲ୍ୟବୋଧ, କଠିନ ପରିଶ୍ରମ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସମ୍ପର୍କରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ । ଏହାପରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ ଓ ବିଭିନ୍ନ ମନୋଜ୍ଞ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା । ନବାଗତ ଛାତ୍ରଛାତ୍ରୀଙ୍କୁ ପ୍ରିନ୍ସ ପରିବାରର ସଦସ୍ୟ ଭାବେ ସାଦରେ ଗ୍ରହଣ କରି ସେମାନଙ୍କୁ ସ୍ୱାଗତ ଉପହାର ପ୍ରଦାନ କରାଯାଇଥିଲା । ଏହି ଆତ୍ମୀୟ ପଦକ୍ଷେପ ନବାଗତଙ୍କ ମନରେ ଆନନ୍ଦ ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲା । ପ୍ରିନ୍ସ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁସନ୍ସର ସମସ୍ତ କ୍ୟାମ୍ପସରେ ଆୟୋଜିତ ଏହି ସ୍ୱାଗତ ସମାରୋହ ସୁଚାରୁ ଓ ସଫଳତାର ସହ ସମ୍ପନ୍ନ ହୋଇଥିଲା । ନୂତନ ଶିକ୍ଷାବର୍ଷର ଆରମ୍ଭରେ ଏଭଳି ଆୟୋଜନ ନବାଗତମାନଙ୍କ ମଧ୍ୟରେ ଉତ୍ସାହ, ଆତ୍ମବିଶ୍ୱାସ ଓ ପ୍ରିନ୍ସ ପରିବାର ପ୍ରତି ଆତ୍ମୀୟତାର ଭାବନାକୁ ଆହୁରି ସୁଦୃଢ଼ କରିଥିଲା । କାର୍ଯ୍ୟକ୍ରମ ଗୁଡ଼ିକୁ ପ୍ରିନ୍ସ ଗ୍ରୁପ୍‌ର ଅଧ୍ୟାପକ ଏବଂ ଶିକ୍ଷକ ମଣ୍ଡଳୀ କର୍ମକର୍ତ୍ତା ତଥା ଅନ୍ୟାନ୍ୟ ସଦସ୍ୟ ମାନେ ସୁଚାରୁ ଭାବରେ ସମ୍ପନ୍ନ ହେବାରେ ସହଯୋଗ କରିଥିଲେ ।

## ଉଦ୍ଧାର ହେଲା ଟ୍ରାକିଂ ଡିଭାଇସ ଲାଗିଥିବା ସନ୍ଦିଗ୍ଧ ପାରା; ଅନୁସନ୍ଧାନ ଜାରି



**ବାରିପଦା(ଅମୃତମିଡିଆ):** ବୈଶିଙ୍ଗା ଥାନା ଅଞ୍ଚଳରେ ଏକ ଅଜଣା ତଥା ସନ୍ଦିଗ୍ଧ ପାରା ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପାରାଟିର ଗୋଡ଼ରେ ଏକ ସ୍ୱତନ୍ତ୍ର ଟ୍ରାକିଂ ଡିଭାଇସ୍ ଲାଗିଥିବାର ଦେଖିବାକୁ ମିଳିଛି । ଏହି ପାରାଟି କେଉଁ ସ୍ଥାନରୁ କିମ୍ବା କେଉଁ ଦେଶରୁ ଆସିଛି, ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ସୂଚନା ଅନୁସାରେ, ବୈଶିଙ୍ଗା ଥାନା ଅଞ୍ଚଳର ଜଣେ ସ୍ଥାନୀୟ ବ୍ୟକ୍ତି ପାରାଟିକୁ ପ୍ରଥମେ ଦେଖିଥିଲେ । ପାରାଟିର ଗୋଡ଼ରେ ଯନ୍ତ୍ରାଂଶ ଲାଗିଥିବା ଦେଖି ତାଙ୍କ ମନରେ ସନ୍ଦେହ ଉପୁଜିଥିଲା । ସେ ତୁରନ୍ତ ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ପ୍ରଶାସନକୁ ସୂଚନା ଦେଇଥିଲେ । ?ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରାଟିକୁ ଉଦ୍ଧାର କରିବା ସହ ନିଜ ହେପାଜତକୁ ନେଇଥିଲା । ଏହାପରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ତୁରନ୍ତ ବନବିଭାଗକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଛି । ପାରାଟି କୌଣସି ବୈଜ୍ଞାନିକ ଗବେଷଣା ପାଇଁ ଛଡ଼ାଯାଇଛି ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେନେଇ ପୋଲିସ ଓ ବନବିଭାଗ ମିଳିତ ଭାବେ ଯାଞ୍ଚ ଆରମ୍ଭ କରିଛନ୍ତି ।

## ଚିପଟ ଅସ୍ତିଆ ପୋଲ ତଳୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

**ବାରିପଦା(ଅମୃତମିଡିଆ):** ବାରିପଦା ସହର ଉପକଣ୍ଠ ଚିପଟ ଅସ୍ତିଆ ପୋଲ ତଳୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଘଟଣାଟି ହତ୍ୟା ନା ଆତ୍ମହତ୍ୟା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ମୃତଦେହର ଅବସ୍ଥା ଦେଖି ଏହା ଏକ ଯୋଜନାବଦ୍ଧ ନୃଶଂସ ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ପ୍ରାୟ ଦୁଇ ଦିନ ଧରି ମୃତଦେହଟି ପାଣିରେ ବୁଡ଼ି ରହିଥିବାରୁ ତାହା ସମ୍ପୂର୍ଣ୍ଣ ପଚିଶଢ଼ି ବିକୃତ ହୋଇଯାଇଛି । ସ୍ଥାନୀୟ ଲୋକେ ପୋଲ ତଳେ ଶବଟି ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ମୃତକଙ୍କ ଶରୀରରେ ଏକାଧିକ ଗଭୀର କ୍ଷତଚିହ୍ନ ରହିବା ସହ ତାଙ୍କ ଉପରେ ଗରମ ତେଲ ଛିଞ୍ଚା ଯାଇଥିବା ଭଳି ପୋଡ଼ା ଦାଗ ପ୍ରତ୍ୟକ୍ଷଦର୍ଶୀମାନେ ଲକ୍ଷ୍ୟ କରିଛନ୍ତି । ବ୍ୟକ୍ତିଜଣଙ୍କୁ ଅନ୍ୟ କୌଣସି ସ୍ଥାନରେ ଅକଥନୀୟ ନିର୍ଯାତନା ଦେଇ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଏହି ନିଛାଟିଆ ପୋଲ ତଳେ ଫିଙ୍ଗି ଦିଆଯାଇଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଏବଂ ଭଞ୍ଜପୁର ଥାନା ପୋଲିସ ପହଞ୍ଚିଥିଲେ । ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପାଣି ମଧ୍ୟରୁ ମୃତଦେହକୁ ବାହାର କରାଯାଇ ପୋଷ୍ଟମର୍ଟମ ପାଇଁ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି । ପୋଲିସ ଘଟଣାର ତନାଘନା ତଦନ୍ତ ଆରମ୍ଭ କରିବା ସହ ମୃତକଙ୍କ ପରିଚୟ ଖୋଜିବା ପାଇଁ ଆଖପାଖ ଥାନାଗୁଡ଼ିକର ନିଖୋଜ ତାଲିକା ଯାଞ୍ଚ କରୁଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ଏସ୍‌ଭିଏମ୍ ଇଣ୍ଟରନେସନାଲ ସ୍କୁଲ ହଷ୍ଟେଲରେ ଛାତ୍ରୀଙ୍କୁ ବିଷ ଦେଇ ହତ୍ୟା ଉଦ୍ୟମ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି; ଅଭିଭାବକ ମହଲରେ ଉଦ୍‌ବେଗ



**ବାରିପଦା(ଅମୃତମିଡିଆ):** ବାରିପଦା ସହରର ଏକ ପ୍ରତିଷ୍ଠିତ ବେସରକାରୀ ବିଦ୍ୟାଳୟ 'ଏସଭିଏମ ଇଣ୍ଟରନ୍ୟାସନାଲ ସ୍କୁଲ' ହଷ୍ଟେଲ ପରିସରରେ ଘଟିଯାଇଛି ଏକ ଅତ୍ୟନ୍ତ ସମ୍ବେଦନଶୀଳ ତଥା ଚାଞ୍ଚଲ୍ୟକର ଘଟଣା । ସ୍କୁଲରେ ପଢୁଥିବା ସପ୍ତମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଜୀବନରୁ ମାରିଦେବା ପାଇଁ ହତ୍ୟା ଉଦ୍ୟମ କରାଯାଇଥିବା ଭଳି ସଙ୍ଗିନ ଅଭିଯୋଗ ସାମ୍ନାକୁ ଆସିଛି । ପାଣି ବୋତଲରେ ମଶା ଘଉଡ଼ାଇବା ପାଇଁ ବ୍ୟବହୃତ ବିଷାକ୍ତ ତରଳ ପଦାର୍ଥ (ଅଲ୍-ଆଉଟ୍ ଲିକ୍ୱିଡ୍) ମିଶାଇ ତାଙ୍କୁ ପିଇବାକୁ ଦିଆଯାଇଥିବା ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ଛାତ୍ରୀଜଣକ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାର ଆଇସିୟୁରେ ଜୀବନ ସହ ସଂଗ୍ରାମ କରୁଛନ୍ତି । ଏହି ଘଟଣାକୁ ନେଇ ଛାତ୍ରୀଙ୍କ ପିତାମାତା ବାରିପଦା ଭଞ୍ଜପୁର ଥାନାରେ ହତ୍ୟା ଉଦ୍ୟମ ନେଇ ଏତଲା ଦାୟର କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ସ୍କୁଲ ହଷ୍ଟେଲରେ ରହୁଥିବା ସପ୍ତମ ଶ୍ରେଣୀ ଛାତ୍ରୀ ସଂସ୍କୃତି ସେନାପତି ହଷ୍ଟେଲ ରୁମ୍‌ରେ ଥିବା ପାଣି ବୋତଲରୁ ପାଣି ପିଇଥିଲେ । ବୋତଲରେ ପୂର୍ବରୁ କେହି ଦୁର୍ବୃତ୍ତ ଅତ୍ୟନ୍ତ ବିଷାକ୍ତ 'ଅଲ୍-ଆଉଟ୍' ତରଳ ପଦାର୍ଥ ମିଶାଇ ଦେଇଥିଲା । ଅଜାଣତରେ ସଂସ୍କୃତି ଦୁଇ ଢୋକ ପିଇବା ପରେ ତା'ର ସ୍ୱାଦ ଓ ଗନ୍ଧ ଅସ୍ୱାଭାବିକ ଲାଗିବାରୁ ଚିତ୍କାର କରିଥିଲେ । ସଂଗେ ସଂଗେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା । ହଷ୍ଟେଲ ୱାର୍ଡେନ ଓ ସ୍କୁଲ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ତୁରନ୍ତ ବାରିପଦା ପିଆରଏମ ହସ୍ପିଟାଲକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ୨୪ ରୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଗଭୀର ପର୍ଯ୍ୟବେକ୍ଷଣରେ ରଖିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ଝିଅର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ଉପରେ ଭରସା ନପାଇ ପରିବାର ଲୋକେ ତାଙ୍କୁ ତୁରନ୍ତ ଭୁବନେଶ୍ୱରର କିମ୍ସ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ଆଇସିୟୁରେ ଭର୍ତ୍ତି କରି ଚିକିତ୍ସା ଜାରି ରଖିଛନ୍ତି । ଅଭିଭାବକଙ୍କ କହିବା ଅନୁସାରେ, ଏହା କୌଣସି ସାଧାରଣ ଦୁର୍ଘଟଣା ନୁହେଁ, ବରଂ ଏକ ସୁଚିନ୍ତିତ ହତ୍ୟା ଉଦ୍ୟମ । କିଛି ଦିନ ତଳେ ହଷ୍ଟେଲରେ ମୋବାଇଲ୍ ବ୍ୟବହାରକୁ କେନ୍ଦ୍ର କରି ଅନ୍ୟ ଜଣେ ଛାତ୍ରୀଙ୍କ ସହିତ ସଂସ୍କୃତିଙ୍କର ଝଗଡ଼ା ହୋଇଥିଲା । ଏପରିକି ଛାତ୍ରୀଜଣକ ସିଧାସଳଖ ସେହି ଛାତ୍ରୀଙ୍କ ନାମ ନେଇ ସେ ହିଁ ବୋତଲରେ ବିଷ ମିଶାଇଥିବା ଅଭିଯୋଗ କରିଛନ୍ତି । ପୂର୍ବ ଶତ୍ରୁତା ଓ ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଘଟାଯାଇଥିବା ସନ୍ଦେହ କରାଯାଉଛି । ଏତେ ବଡ଼ ଏକ ଆବାସିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ସୁରକ୍ଷା କିଭଳି ରହିଛି, ତାହା ଉପରେ ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଛାତ୍ରୀମାନଙ୍କ ମଧ୍ୟରେ ଏତେ ବଡ଼ ବିବାଦ ଘଟିବା ସତ୍ତ୍ୱେ ହଷ୍ଟେଲ ୱାର୍ଡେନ ଏହାର ସମାଧାନ କାହିଁକି କଲେ ନାହିଁ, ତାଙ୍କ ଅଜାଣତରେ ହଷ୍ଟେଲ ରୁମ୍ ଭିତରକୁ ଏଭଳି ବିଷାକ୍ତ କୀଟନାଶକ କିପରି ଆସିଲା ବୋଲି ପ୍ରଶ୍ନ ଉଠିଛି । ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଘଟଣାକୁ ହାଲୁକା ଭାବେ ନେଉଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍କୁଲର ଅଧ୍ୟକ୍ଷା ବୈଜୟନ୍ତୀ ପଣ୍ଡା କହିଛନ୍ତି, ରାତି ପ୍ରାୟ ୯ଟାରେ ଘଟଣା ସମ୍ପର୍କରେ ଖବର ପାଇବା କ୍ଷଣି ଆମର ଏକାଡେମିକ୍ ହେଡ୍, ହଷ୍ଟେଲ ଇନଚାର୍ଜ ଓ ସିଇଓ ତୁରନ୍ତ ପହଞ୍ଚି ପିଲାଟିକୁ ଡାକ୍ତରଖାନା ନେଇଥିଲେ ଏବଂ ପରିବାରକୁ ଜଣାଇଥିଲେ । ରୁମ୍‌ରେ ଥିବା ଅନ୍ୟ ୪ ଜଣ ଛାତ୍ରୀ ଓ ୱାର୍ଡେନଙ୍କୁ ପଚରାଉଚରା କରାଯାଉଛି । କିନ୍ତୁ କିଏ ଏହି ତରଳ ପଦାର୍ଥ ମିଶାଇଲା, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରମାଣ ମିଳିନାହିଁ । ଆମେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ- ସଂସ୍କୃତି ଶୀଘ୍ର ସୁସ୍ଥ ହୋଇ ଫେରିଆସୁ । ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗୋଟିଏ ପଟେ ମେଡିକାଲ ବେଡ୍‌ରେ ନିଷ୍ପାପ ନାବାଳିକା ଛାତ୍ରୀ ଜୀବନ ପାଇଁ ଲଢୁଥିବା ବେଳେ ଅନ୍ୟପଟେ କାନ୍ଦି କାନ୍ଦି ନ୍ୟାୟ ଭିକ୍ଷା କରୁଛନ୍ତି ଅସହାୟ ପିତାମାତା । ଅଭିଭାବକଙ୍କ ଲିଖିତ ଅଭିଯୋଗ ଆଧାରରେ ଭାଞ୍ଜପୁର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସ୍କୁଲର ସିସିଟିଭି ଫୁଟେଜ୍, ହଷ୍ଟେଲ ରେକର୍ଡ ଏବଂ ସମ୍ପୃକ୍ତ ଛାତ୍ରୀମାନଙ୍କୁ ପଚରାଉଚରା କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

# କର କୋଚିଙ୍ଗ ସେଣ୍ଟରରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା




**ବାରିପଦା(ଅମୃତମିଡିଆ):** ବହଳଦା ବ୍ଲକ ସ୍ଥିତ କର କୋଚିଙ୍ଗ ସେଣ୍ଟର ରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ବହୁ ଆଡ଼ମ୍ବର ରେ ପାଳିତ ହୋଇଯାଇଛି । ବିଦ୍ୟାଧିପତି ହେଉଛନ୍ତି ଗଣେଶ । ପ୍ରତି ଶୁଭ କାର୍ଯ୍ୟରେ ବିନାୟକଙ୍କ ପୂଜା ଅନୁଷ୍ଠିତ ହୁଏ । ସେହି ବିଘ୍ନବିନାଶକ ପୂଜା ସମସ୍ତ ଶିକ୍ଷା ଅନୁଷ୍ଠାନ ରେ କରାଯାଇଥାଏ । ଉକ୍ତ କୋଚିଙ୍ଗ ସେଣ୍ଟରରେ ମଧ ବହୁ ଆଡ଼ମ୍ବର ରେ ପୂଜା ଅର୍ଚ୍ଚନା ହୋଇଯାଇଛି । ଏହି ଦିନ ଉକ୍ତ କୋଚିଙ୍ଗ ସେଣ୍ଟର ର ଅଧକ୍ଷ କୃଷ୍ଣ ଚନ୍ଦ୍ର କର ପ୍ରତିନିଧି ଏବଂ ମୁଖ୍ୟ ପଣ୍ଡିତ ଧୃବେନ୍ଦ୍ର ମିଶ୍ର ରହିଥିଲେ । ସମସ୍ତ ଛାତ୍ରଛାତ୍ରୀ ଆନନ୍ଦ ରେ ଶ୍ରୀ ଗଣେଶଙ୍କୁ ପୂଜା କରିଥିଲେ । ଶେଷରେ କୋଚିଙ୍ଗ ସେଣ୍ଟର ସମସ୍ତ କର୍ମକର୍ତ୍ତା ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିଥିଲେ ।





# ନବନିଯୁକ୍ତ ପି.ସି.ସି. ସାଧାରଣ ସମ୍ପାଦକ ମନୋଜ ରାଉତଙ୍କୁ ସମ୍ବର୍ଦ୍ଧନା

**ଯାଜପୁର (ଅମୃତ ମିଡିଆ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯାଜପୁରର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ନଗର / ବ୍ଲକ କଂଗ୍ରେସ ପକ୍ଷରୁ ରେଡ଼କ୍ରସ୍ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ପ୍ରଥମେ ଶ୍ରୀ ରାଉତଙ୍କୁ ଉପସ୍ଥିତ ସମସ୍ତ କର୍ମୀ ଏବଂ ନେତୃମଣ୍ଡଳୀ ମାନେ ଭବ୍ୟ ସ୍ୱାଗତ କରିବା ସହ ସଭା ଗୃହକୁ ନେଇଥିଲେ । ସଭାଗୃହ ରେ ଉପସ୍ଥିତ ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଅଧକ୍ଷତା କରି ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଶ୍ରୀ ରାଉତ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ କାର୍ଯ୍ୟ କରି କଂଗ୍ରେସର ସଂଗଠନକୁ ସୁଦୃଢ଼ କରିବା ସହ ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ । ତାଙ୍କର ଦକ୍ଷତାକୁ ଆଧାର କରି ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି ବୋଲି କହିବା ସହ ପି.ସି.ସି ସଭାପତି ଶ୍ରୀ ଦାସ ଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟାନ୍ୟ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ନଗର କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ, ବ୍ଲକ କଂଗ୍ରେସ ସଭାପତି ଗଦାଧର ଦାସ, ବରିଷ୍ଠ ନେତା ଦିଲ୍ଲୀପ ଦାଶ, ଦୁର୍ଯ୍ୟୋଧନ ବେହେରା . ପୂର୍ଣ୍ଣ ଜେନା ପ୍ରଭୃତି ନେତୃମଣ୍ଡଳୀ ମାନେ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ କଂଗ୍ରେସ ସଂଗଠନ ମଜବୁତ୍ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ ନୂତନ ଗୁରୁ ଦାୟିତ୍ୱ ଅର୍ପଣ କରାଯାଇଛି; ତାହାକୁ ସେ ଆଗାମୀ ଦିନରେ ଦଳର ସାଂଗଠନିକ ବୈଠକରେ ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଓ ସମସ୍ତ ସେଲ୍ ଅଧକ୍ଷ ତଥା କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, ଛାମୁଆ ନେତାମାନଙ୍କ ସହିତ ବୈଠକ କରି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ଉପସ୍ଥିତ କର୍ମୀ ଓ ନେତୃମଣ୍ଡଳୀ ମାନଙ୍କୁ ଆହ୍ୱାନ ଦେବା ସହ ସମସ୍ତ ଏକ ମନ ହୋଇ କାର୍ଯ୍ୟ କଲେ ଆଗାମୀ ଦିନରେ କଂଗ୍ରେସ ଦଳ ନିଶ୍ଚିତଭାବେ ସୁଦୃଢ଼ ହୋଇପାରିବ ବୋଲି ଶ୍ରୀ ରାଉତ କହିଥିଲେ । ଏହି କ୍ରମରେ ପି.ସି.ସି ର ସଭାପତି ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରି ଲାଲଜୀ ଦେସାଇଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଏ.ଆଇ.ସି.ସି ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ, ଏ.ଆଇ.ସି.ସି. ସଭାପତି ମଲ୍ଲିକାର୍ଜ୍ଜୁନ୍ ଖଡ଼୍‌ଗେ, ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ, ଗାନ୍ଧୀ, ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏବଂ ଆଗାମୀ ଦିନରେ ଏହି ଗୁରୁ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିପାରିବେ ବୋଲି ଶ୍ରୀ ରାଉତ ଆଶା ପ୍ରକଟ କରିଛନ୍ତି । ଏହି କାର୍ଯ୍ୟକ୍ରମରେ

ଶ୍ୟାମସୁନ୍ଦର କର, ଦେବ ପଣ୍ଡା, ଆଲୋକ ବେହେରା, ପ୍ରତିମା କର, ହୃଷିକେଶ ପତି, କନକଲତା ରାଉତ, ଭରତ ସାମଲ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ସେକ୍ ଅବଦୁଲ୍ ହଲିମ୍ ?, ଭରତ ଚନ୍ଦ୍ର ସାହୁ , ଅକ୍ଷୟ ଶତପଥୀ ପ୍ରଭୃତି ଶତାଧିକ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀ ଯୋଗଦେଇ ଶ୍ରୀ ରାଉତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ କୁମାର ଆଶୁତୋଷ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।




## ସପ୍ତମ ଦିନରେ ପହଞ୍ଚିଲା ସମବାୟ ଚିନିଶିଳ୍ପର ଧାରଣା

# ତ୍ରିପାକ୍ଷିକ ଚୁକ୍ତି, କେ-ଫର୍ମର ଲିଖିତ ପ୍ରତିଶ୍ରୁତି ପାଳନ ବିଳମ୍ବକୁ ନିନ୍ଦା

**ଆସିକା (ଅମୃତ ମିଡିଆ):** ଏସିଆ ମହାଦେଶର ପ୍ରଥମ ସର୍ବପୁରାତନ ଅସିକା ସମବାୟ ଚିନିଶିଳ୍ପ ଭାବେ ପରିଚିତ ପାଇ ଆସୁଥିବା ବେଳେ ଦେଖାଦେଇଥିବା ଶ୍ରମିକ ମାନଙ୍କ ଅନିର୍ଦ୍ଦିଷ୍ଟକାଳ ଧାରଣା ଆଜି ସପ୍ତମ ଦିନରେ ପହଁଚିଛି । ତ୍ରିପାକ୍ଷିକ ଚୁକ୍ତି ଏବଂ କେ-ଫର୍ମରେ ଦିଆଯାଇଥିବା ଲିଖିତ ପ୍ରତିଶୃତି ପାଳନର ବିଳମ୍ବକୁ ନିନ୍ଦା କରାଯାଇଛି । ଏହାର ପ୍ରତିବାଦ ସ୍ୱରୁପ ଦିର୍ଘ ସାତ ଦିନ ହେଲା ପ୍ରାୟ ଶତାଧିକ ଶ୍ରମିକ ମୁଖ୍ୟ ଗେଟ ସମ୍ମୁଖରେ ଧାରଣା ଦେଇ ଆସୁଛନ୍ତି । ସମବାୟ ଚିନିଶିଳ୍ପର ସମସ୍ତ ଶ୍ରମିକ ଏକାଠି ହୋଇ ଗେଟ ସମ୍ମୁଖରେ ଧାରଣା ଦେବା ସହିତ ଦାବି ପୂରଣ ନେଇ ନାରାବାଜି ଏବଂ ପ୍ରତିବାଦ ସ୍ୱରୁପ ପ୍ରତିଶୃତି ପାଳନ ପାଇଁ ଦାବୀ କରିଛନ୍ତି । ଆସନ୍ତାକାଲି ବିଶ୍ୱକର୍ମା ପୂଜା ଯୋଗୁଁ ଗୋଟିଏ ଦିନ ଧାରଣା ବନ୍ଦ ରଖିବା ପାଇଁ ସୂଚନା ପ୍ରଦାନ କରିଛନ୍ତି । ଏହାର ପରବର୍ତି ଦିନରେ ଧାରଣା ପୁଣି ଆରମ୍ଭ ହେବା ନେଇ ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି । ଚିନିଶିଳ୍ପ ପରିସରରେ ଶ୍ରମିକ ଆନ୍ଦୋଳନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ କର୍ମଚାରୀ ସଂଘର ପ୍ରମୁଖ ଦାବୀ ଗୁଡିକ କେବେ ପୁରଣ ହେବ ତାକୁ ନେଇ ଏବେ ଆଲୋଚନା ଓ ପର୍ଯ୍ୟାଲୋଚନା ଲାଗି ରହିଛି । ସଂଘ ଦାବୀ ଗୁଡିକ ମଧ୍ୟରେ ଏନ.ଏମ.ଆର ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି, ଗତ ୪ ବର୍ଷର ବକେୟା ପ୍ରୋତ୍ସାହନ ରାଶି ପ୍ରଦାନ ଏବଂ ଯୋଗ୍ୟ ଶ୍ରମିକଙ୍କୁ ପଦୋନ୍ନତି ଦେବା ପ୍ରମୁଖ ରହିଛି । ସଂଘର ଅଭିଯୋଗ ଅନୁଯାୟୀ ଏସବୁ ପ୍ରସଙ୍ଗରେ ଚୁକ୍ତି ଓ ଲିଖିତ ପ୍ରତିଶୃତି ରହିଥିବା ସତ୍ୱେ ତାହାର ସମ୍ପୂର୍ଣ୍ଣ ପାଳନ ହୋଇନାହିଁ ବୋଲି ଧାରଣା ସ୍ଥଳରେ ଅଭିଯୋଗ କରାଯାଇଥିଲା । ତ୍ରିପାକ୍ଷିକ ଚୁକ୍ତି ଏବଂ କେ-ଫର୍ମରେ ଦିଆଯାଇଥିବା ପ୍ରତିଶୃତି ଅନୁଯାୟୀ ଦାବୀ ଗୁଡିକୁ ତୁରନ୍ତ ପୂରଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବା ନେଇ ଚେତାବନୀ ପ୍ରଦାନ କରାଯାଇଥିଲା । ଏପରିସ୍ଥିତିରେ ଶ୍ରମିକ ଆନ୍ଦୋଳନର ସମାଧାନ ପାଇଁ ଚିନିଶିଳ୍ପ କର୍ତ୍ତୃପକ୍ଷ କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ।

# କଳିଙ୍ଗା ଘାଟି ଭୁ-ସ୍ଖଳନ ଘଟଣାକୁ ବର୍ଷେ ପୂରିଲା
# ଏବେ ବି ଅସମ୍ପୂର୍ଣ୍ଣ ରହିଛି, ସ୍ଥାୟୀ ପ୍ରତିକାର



**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର - କଳିଙ୍ଗା ଘାଟି ଭୂ-ସ୍ଖଳନ ଘଟଣାକୁ, ବର୍ଷେ ବିତିଲା । ସେହି ସମୟରେ ପ୍ରଭାବିତ ହୋଇଥିଲା, ଦକ୍ଷିଣ ଓଡ଼ିଶାର ଅର୍ଦ୍ଧାଧିକ ଜିଲ୍ଲା ।ଗତ ସେପ୍ଟେମ୍ବର ୧୬ ଅପରାହ୍ନ ସମୟ । ତୁହାକୁ ତୁହା ବର୍ଷା ଯୋଗୁଁ କଳିଙ୍ଗା ଘାଟିର ପାହାଡ ଉପରୁ ହଠାତ୍ ମାଡ଼ିଆସିଲା ପାଣି । ଖସିବାକୁ ଲାଗିଲା, ବଡ଼ବଡ଼ ପଥର ଖଣ୍ଡ । ସମ୍ପୂର୍ଣ୍ଣ ଧୋଇ ହୋଇଗଲା, ପ୍ରାୟ ଶହେ ମିଟର ଘାଟି ରାସ୍ତା । ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଗଲା, ଗଂଜାମ – କନ୍ଧମାଳ ଜିଲ୍ଲା । ପ୍ରଭାବିତ ହେଲା, ଅର୍ଥନୈତିକ ପରିସ୍ଥିତି । ପରବର୍ତ୍ତୀ ମାସ ମଧ୍ୟରେ, ଘାଟିରେ ୩ ଥର ପାହାଡ଼ ଭୁଷୁଡିଥିଲା । ଯାହା ଥିଲା, ରାଜ୍ୟର ସବୁଠୁ ବଡ଼ଧରଣର ଘାଟି ଭୂସ୍ଖଳନ । ଦୀର୍ଘ ଦିନଧରି ଉଭୟ ଜିଲ୍ଲା ପ୍ରଶାସନ ସମେତ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଘାଟିରୁ ପଥର ହଟାଇବା କାର୍ଯ୍ୟ ଜାରି ରହିଲା । ଯୁଦ୍ଧକାଳୀନ ଭିତ୍ତିରେ ଚାଲିଲା, ଭୂସ୍ଖଳନ ସ୍ଥାନରେ ଅସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ । କିନ୍ତୁ ବାରମ୍ବାର ବର୍ଷା ଯୋଗୁଁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା । ଶେଷରେ ଗତ ନଭେମ୍ବର ମାସ ବେଳକୁ ଅଣଓସାରିଆ ଅସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ ସରିଲା । ଗମନାଗମନ ସ୍ୱଭାବିକ ହେଲା । ଆଜିପର୍ଯ୍ୟନ୍ତ ସେହି ଅସ୍ଥାୟୀ ରାସ୍ତା ହିଁ ଏକମାତ୍ର ଭରଷା ହୋଇଛି । ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ନେଇ, କଳିଙ୍ଗା ଘାଟିର ପାଦଦେଶରେ ରହିଥିବା ଦୁର୍ଗାପ୍ରସାଦ ଗାଁ ଠାରୁ ଭାଲିଙ୍କିଆ ଗାଁ ଦେଇ ବିକଳ୍ପ ଘାଟି ରାସ୍ତା ଚିହ୍ନଟ କଲେ, ଭଂଜନଗର ବିଧାୟକ । ତାହା ବର୍ତ୍ତମାନ କାର୍ଯ୍ୟକାରୀ ପାଇଁ ଅନୁମୋଦନ ଅପେକ୍ଷାରେ ରହିଥିବା କୁହାଯାଇଛି ।କଳିଙ୍ଗା ଘାଟିର ପାହାଡ ଧସିବା ଘଟଣାକୁ ଏବେ ବର୍ଷେ ପୁରିଲା । ତଥାପି ଅସ୍ପଷ୍ଟ ରହିଛି, ସ୍ଥାୟୀ ରାସ୍ତା ନିର୍ମାଣର ସମସ୍ତ ଉଦ୍ୟମ । ଏବେ ଏଥିପ୍ରତି ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସମେତ ରାଜ୍ୟ ସରକାର ଗୁରୁତ୍ୱ ଦେଇ, କଳିଙ୍ଗା ଘାଟିର ସ୍ଥାୟୀ ପ୍ରତିକାର କରିବା ଜରୁରୀ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

# ସାକ୍ଷୀଙ୍କୁ ଧମକଦେବା ଅଭିଯୋଗରେ ବିକ୍ରମ ପଣ୍ଡାଙ୍କ ନାଁରେ ପୁଣି ମାମଲା



**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପାଇଁ ବଢ଼ିଲା ଅଡୁଆ । ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନାରେ ବିକ୍ରମଙ୍କ ବିରୋଧରେ ନୂଆ ମାମଲା ରୁଜୁ ହୋଇଛି । ସାକ୍ଷୀଙ୍କୁ ଧମକ ଚମକ ଦେବା ନାମରେ ବିକ୍ରମଙ୍କ ନାମରେ ରୁଜୁ ହୋଇଛି ମାମଲା । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ସାକ୍ଷୀ ରହିଥିବା ଗୋଷାଣୀନୂଆଗାଁ ଥାନା ଅଞ୍ଚଳର ଲଳିତ ମୋହନ ମଙ୍ଗରାଜଙ୍କୁ ଗତ ଅଗଷ୍ଟ ମାସ ୨୮ ତାରିଖରେ ବ୍ରହ୍ମପୁର ଜେଲରୁ ଧମକପୂର୍ଣ୍ଣ ଫୋନ କଲ୍ ଆସିଥିଲା। ଫୋନ୍ ଯୋଗେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ବିଜେଡ଼ି ନେତା ମଦନ ଦଳେଇ ଲଳିତଙ୍କୁ କୋର୍ଟରେ ସାକ୍ଷୀ ନ ଦେବା ନିମନ୍ତେ ଧମକ ଦେଇଥିଲେ । ଏହାପରେ ଚଳିତ ମାସ ୧ ତାରିଖରେ ଦୁଇ ଜଣ ଅଚିହ୍ନ ଯୁବକ ଲଳିତଙ୍କୁ ଅଟକାଇ କୋର୍ଟରେ ବିକ୍ରମଙ୍କ ବିରୋଧରେ ସାକ୍ଷୀ ନ ଦେବାକୁ ଧମକାଇଥିଲେ । ଏନେଇ ଲଳିତ ଗତ ୧ ତାରିଖରେ ଏନେଇ ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜଣାପଡ଼ିଥିଲା ବ୍ରହ୍ମପୁର ଜେଲର ଡ଼ାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ଫୋନ୍‌କୁ ବିକ୍ରମ ଓ ମଦନ ମାଗି ଲଳିତଙ୍କୁ ଫୋନ ଯୋଗେ କୋର୍ଟରେ ସାକ୍ଷୀ ନ ଦେବା ନିମନ୍ତେ ଧମକ ଦେଇଥିଲେ । ଫୋନ ଯୋଗେ ଧମକ ଦେବାର ସିସିଟିଭି କ୍ୟାମେରା ଭିଜୁଆଲ ମଧ୍ୟ ପୋଲିସ ଜେଲ୍ ?ରୁ ପାଇଛି । ସିସିଟିଭି କ୍ୟାମେରା ଭିଜୁଆଲ ଓ ଅଡ଼ିଓ ରେକର୍ଡ଼ିଂ ପାଇବା ପରେ ତାହାକୁ ଯାଞ୍ଚ କରି ଆବଶ୍ୟକୀୟ ତଥ୍ୟ ପ୍ରମାଣ ପାଇବା ପରେ ଗତକାଲି ଗୋଷାଣୀନୂଆଗାଁ ଥାନାରେ ବ୍ରହ୍ମପୁରର ପୂର୍ବର୍ତନ ବିଧାୟକ ବିକ୍ରମ ପଣ୍ଡା, ବିଜେଡ଼ି ନେତା ମଦନ ଦଳେଇ ଓ ଜେଲର ଡ଼ାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ନାମରେ ମାମଲା ରୁଜୁ ହୋଇଛି । ସେପଟେ ଏହି ମାମଲାରେ ସାକ୍ଷୀ ଥିବା ତଥା ବିକ୍ରମଙ୍କ ଧମକର ଶୀକାର ହୋଇଥିବା ଲଳିତ ମୋହନ ମଙ୍ଗରାଜ ନିଜକୁ ଅସୁରକ୍ଷିତ ମନେ କରି ପୁଲିସକୁ ସୁରକ୍ଷା ମାଗିଛନ୍ତି ।

## ମୃତଦେହ ନେଇ ଶ୍ମଶାନ ଯାଉଥିବା ବେଳେ ଟ୍ରକ୍ ଧକ୍କା, ୫ ଗୁରୁତର

### ନିଜ ଗାଡ଼ିରେ ୩ ଗୁରୁତରଙ୍କୁ ନେଲେ ଡାକ୍ତରଖାନା ବିଧାୟକ ରମେଶ ଜେନା



**ବ୍ରହ୍ମପୁର / ଦିଗପହଣ୍ଡି (ଅମୃତ ମିଡିଆ):** ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ରାଜନାପଲ୍ଲୀ ନିକଟରେ ଗତକାଲି ସନ୍ଧ୍ୟାରେ ଶବ ଶୋଭାଯାତ୍ରାକୁ ଟ୍ରକ୍ ଧକ୍କା ଦେବାରୁ ୪ ଜଣ ମହିଳାଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ରାୟଗଡ଼ାରୁ ବ୍ରହ୍ମପୁର ଆସୁଥିବା ଟ୍ରକ୍‌ଟି ନିୟନ୍ତ୍ରଣ ହରାଇଶୋଭାଯାତ୍ରାରେ ଥିବା ଲୋକଙ୍କୁ ଧକ୍କା ଦେଇ କିଛି ଦୂର ଘୋଷାଡ଼ି ନେଇଥିଲା ।

ସେହି ସମୟରେ ତପ୍ତପାଣି ରାସ୍ତା ଦେଇ ଆସୁଥିବା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ୩ ଜଣ ଆହତଙ୍କୁ ନିଜ ଗାଡ଼ିରେ ଦିଗପହଣ୍ଡି ଡାକ୍ତରଖାନାକୁ ନେଇଥିଲେ । ପରେ ଅଗ୍ନିଶମ ବାହିନୀ ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରିଥିଲା । ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କୁ ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି ।

## ବଲାଣି- କିରିବୁରୁ ମୁଖ୍ୟରାସ୍ତା ପାଲଟିଛି ମରଣଯନ୍ତା

# ସଡ଼କ ଦୁର୍ଘଟଣାରେ ୨ ଯୁବକ ଗୁରୁତର



**ବଲାଣି/ବଡବିଲ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ବଲାଣି ରୁ କିରିବୁର ସଂଯୋଗ କରୁଥିବା ହରମଠ ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା ଉପରେ ଗତ ମଙ୍ଗଳବାର ଦିନ ଅପରାହ୍ନ ପ୍ରାୟ ୧ ସମୟ ରେ ଏକ ମରମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପଡ଼ିଥିଲେ । ପ୍ରାପ୍ତ ସୁଚନା ଅନୁସାରେ ଦୁର୍ଘଟଣା ଟି ସମ୍ପୂର୍ଣ୍ଣ ସାଙ୍ଘାତିକ ଅବସ୍ଥା ରେ ହୋଇଥିବା ଯୋଗୁଁ ଦୁଇ ଜଣ ମୋଟର ସାଇକେଲ ଆରୋହୀ ଘଟଣସ୍ଥଳରେ ହିଁ ଚେତା ହରାଇ ପଡ଼ିଥିଲେ । ଗୁରୁତର ଆହତ ହୋଇଥିବା ଯୁବକ ଜଣେ ବଡ଼ବିଲ ଥାନା ଅନ୍ତର୍ଗତ କଳିଙ୍ଗ ଉତ୍ତମ ହାଟିଂର ସନାତନ ଦାସ (୪୦) ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ବଡ଼ବିଲର ବବ୍ଲୁ ଦାସ(୩୮) ବୋଲି ଜଣାପଡ଼ିଛି । ସୂଚନା ଅନୁସାରେ ଉଭୟ ଯୁବକ ଗତ ମଙ୍ଗଳବାର ଦିନ ଅପରାହ୍ନ ପ୍ରାୟ ୧ ସମୟରେ କଳିଙ୍ଗରୁ ଏକ ଶୁଦ୍ଧି କ୍ରିୟା କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ତିବ୍ରଗତିରେ ଯାତ୍ରା କରୁଥିଲେ ଏବଂ ହଠାତ ଭାରସାମ୍ୟ ହରାଇ ବିପରୀତ ଦିଗରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇ ଗୁରୁତର ଅବସ୍ଥାରେ ପଡ଼ିଯାଇଥିଲେ ।କିଛି ସମୟ ପରେ ହରମଠ ଗ୍ରାମରୁ ଫେରୁଥିବା ବଲାଣି ଲୌହ ଖଣି ର ସି ଏସ ଆର ଅଧିନସ୍ଥ ଏକ ପିରାମଲ ସ୍ୱାସ୍ଥ୍ୟ ନାମକ ଡାକ୍ତରୀ ଟିମ୍ ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ପଡ଼ିଥିବା ଉଭୟଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ପ୍ରଦାନ କରିଥିଲେ । ଖବର ପାଇ ବଲାଣି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଡାକ୍ତରୀ ଟିମ୍ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରି ବଲାଣି ଡାକ୍ତରଖାନାକୁ ପଠାଇଥିଲେ, ଏବଂ ପରେ ଉତ୍ତମ ଚିକିତ୍ସା ନିମନ୍ତେ ସେମାନଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଘଟଣା ସମ୍ବନ୍ଧରେ ପୋଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି ।

ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ପୁଣି ଥରେ ରାସ୍ତା ସୁରକ୍ଷା ପ୍ରସଙ୍ଗକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିଛି । କେବଳ ବିଗତ କିଛି ଦିନ ପୂର୍ବେ ଉକ୍ତ ରାସ୍ତାରେ ତିବ୍ର ଗତିରେ ମୋଟର ସାଇକେଲ ଦୂର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା ।ଫଳରେ ବଲାଣୀ ଓ କିରିବୁରୁ ମୁଖ୍ୟ ରାସ୍ତା ଏବେ ମର୍ମନ୍ତୁଦ ପାଲଟିଥିବା ସ୍ଥାନୀୟ ଲୋକେ ଅଭଯୋଗ କରୁଛନ୍ତି । ତିବ୍ର ଗତି ନିୟନ୍ତ୍ରଣ, ସଡ଼କ ସୁରକ୍ଷା ସଚତନତା ଏବଂ ଦୂର୍ଘଟଣା ସମ୍ଭାବ୍ୟ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ପ୍ରଶାସନକୁ ଦୃଢ଼ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବାକୁ ସାଧାରଣ ରେ ଦାବି ପ୍ରକାଶ ପାଉଛି । ଅନ୍ୟ ପକ୍ଷରେ ଆହତ ଯୁବକମାନଙ୍କୁ ଉଦ୍ଧାର କରିଥିବା ବଲାଣୀ ଲୌହ ଖଣି ସି ଏସ ଆର ଅଧିନସ୍ତ ପିରାମଲ୍ ସ୍ୱାସ୍ଥ୍ୟ ଡାକ୍ତରୀ ଟିମ୍ କୁ ସ୍ଥାନୀୟ ଲୋକେ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି ।

## ୩ ଜୁଆଡୀ ଗିରଫ



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଦଧିବାମନଜୀୟୁ ମନ୍ଦିର ପଛପଟରେ ଥିବା ବାଡି ପଟେ ଜୁଆଖେଳ ହେଉଥିବା ପୋଲିସ ଖବର ପାଇଥିଲା । ଆଇଆଇସି ରତିରଂଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ଅବିନାଶ ମୁର୍ମୁ ଓ ପ୍ରବୀଣକୁମାର କାଣ୍ଡୁଲାନା, ଏଏସଆଇ ବସନ୍ତ କୁମାର ନାଥ, କନେଷ୍ଟବଳ ମାନସ ମଲିକଙ୍କ ସହ କର୍ମଚାରୀମାନେ ଚଢାଉ କରିଥିଲେ । ଘଟଣାସ୍ଥଳରୁ ତିନିଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ନଗଦ ୨୧ଶହ ଟଙ୍କା, ୪ଟି ମୋବାଇଲ, ଗୋଟିଏ ଛୁରୀ, ଦୁଇଟି ପଞ୍ଝା(ମାରଣାସ୍ତ୍ର) ଓ ଦୁଇଟି ବାଇକକୁ ଜବତ କରି ଥାନାକୁ ଆଣିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ରାଜନଗର ଗ୍ରାମର ଅବିନାଶ ଦଳାଇ(କାହ୍ନା), ବାପି ମଲିକ ଓ ସତ୍ୟରଂଜନ ସେଠୀ(ହଡା) । ଅନ୍ୟ ତିନିଜଣ ଫେରାର ହୋଇ ଯିବାରେ ସକ୍ଷମ ହୋଇଛନ୍ତି । ପୋଲିସ ସେମାନଙ୍କ ନାମରେ ୩୩୫/୨୬ରେ ମାମଲା ରୁଜୁ କରି ରାଜନଗର ଜେଏମଏଫସିଙ୍କ କୋର୍ଟରେ ହାଜର କରିଥିବା ଜଣାପଡିଛି । ସୂଚନା ଥାଉକ, ଏହି ମନ୍ଦିର ପଛପଟ ବାଡି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ନିଶା କାରବାର ସହ ଜୁଆ ଖେଳ ଚାଲୁଛି ।

## କାମରେ ଲାଗୁନି ଗୁପ୍ତିଠାରେ ଥିବା ବୋଟ ଆମ୍ବୁଲାନ୍ସ



**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ଗୁପ୍ତିଠାରେ ଥିବା ବୋଟ ଆମ୍ବୁଲାନ୍ସ ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ୍ୱ କାଳ ହେବ ଲୋକଙ୍କ ସେବାରେ ଲାଗୁନି । ଏହି ବୋଟ ଆମ୍ବୁଲାନ୍ସରେ କର୍ମଚାରୀଙ୍କ ସହ ଜଣେ ଫାର୍ମାସିଷ୍ଟଙ୍କୁ ମିଶାଇ ମୋଟ ୪ଜଣ ମାସକୁ ଲକ୍ଷାଧିକ ଟଙ୍କା ବସି ବସି ଦରମା ନେଉଥିବା ଅଭିଯୋଗ ହୋଇଛି । ବ୍ଲକର ଉପାନ୍ତ ତାଲଚୁଆ, ବାଘମାରୀ, କେରୁଆଁପାଳ ଓ ରଙ୍ଗଣୀ ପଂଚାୟତକୁ ସ୍ଥଳପଥରେ ଗାଡି ମଟର ଯାତାୟତ ପାଇଁ ସବୁଦିନିଆ ରାସ୍ତା ନଥିବାରୁ ୨୦୨୦ମସିହା ଅକ୍ଟୋବର ୮ତାରିଖରେ ବୋଟ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା । ରୋଗୀଙ୍କୁ ୧୦୮ ବୋଟ ଆମ୍ବୁଲାନ୍ସ ଯୋଗେ କେରୁଆଁପାଳ ଓ ରଙ୍ଗଣୀ କୋଠିଘାଟରୁ ଗୁପ୍ତି ପର୍ଯ୍ୟନ୍ତ ଆଣି ସେଠାରୁ ସ୍ଥଳପଥରେ ଆମ୍ବୁଲାନ୍ସ ଯୋଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାର ବ୍ୟବସ୍ଥା କରାଯାଇଥିଲା । ଯେଉଁମାନେ ସ୍ଥଳପଥରେ ୧୦୮ ଆମ୍ବୁଲାନ୍ସ ସେବା ପାଇବାରୁ ବଂଚିତ ହେଉଥିଲେ ସେମାନଙ୍କୁ ବିକଳ୍ପ ବ୍ୟବସ୍ଥା ଭାବରେ ଏହି ବୋଟ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା । ବର୍ତମାନ ଉପାନ୍ତ ତାଲଚୁଆ, ବାଘମାରୀ, କେରୁଆଁପାଳ ଓ ରଙ୍ଗଣୀ ପଂଚାୟତକୁ ସବୁଦିନିଆ ରାସ୍ତା ନିର୍ମାଣ ସରିଛି । ଗାଡି ମଟର ଚାଲୁଛି । ଫଳରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ଡାକ୍ତରଖାନାକୁ ରୋଗୀମାନେ ସହଜରେ ଆମ୍ବୁଲାନ୍ସରେ ଯିବା ଆସିବା କରି ପାରୁଛନ୍ତି । ଫଳରେ ଦୀର୍ଘ ଦିନ ହେଲା ବୋଟ ଆମ୍ବୁଲାନ୍ସଟି ଗୁପ୍ତି ଘାଟରେ ପଡି ରହି ଖତ ହେବାକୁ ଯାଉଛି । ତହିଁରେ ନିଯୁକ୍ତ କର୍ମଚାରୀମାନେ କୌଣସି କାମ ନକରି ଦରମା ନେଉଛନ୍ତି । ଏସଂପର୍କରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନମିତା ପଟ୍ଟନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ):** ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଗୁରୁବାର ସନ୍ଧ୍ୟା ସମୟରେ ପଞ୍ଚାୟତ କୋଇଲୋ ମଲ୍ଲିପୁର ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ମଣ୍ଡଳ ସ୍ତରୀୟ ସମୂହ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯାହାପାଇଁ ଏକ ପ୍ରସ୍ତୁତି ବୈଠକ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସଂଯୋଜକ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ସୁକରପଡ଼ା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଏକ ମାସ ଧରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିବା ବେଳେ ଗୁରୁବାର ଦିନ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅର୍ନ୍ତଭୁକ୍ତ ୨୭ଗୋଟି ଗ୍ରାମ ପଞ୍ଚାୟତରେ ସମୂହ ଦୀପ ଦାନ ପାଇଁ ସ୍ଥିର କରାଯାଇଥିଲା । ବୈଠକରେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ପୂର୍ବତନ ବ୍ଲକ ଉପାଧକ୍ଷ ଅଶୋକ କୁମାର ଓଝା,କୈଳାସ ଚନ୍ଦ୍ର ବେହେରା,ବିନୋଦ ସାମଲ,ରବିଚନ୍ଦ୍ର ବେହେରା,ଅଶୋକ କୁମାର ସାହୁ,ଯଜ୍ଞିନ୍ଦ୍ରନାଥ ଜେନା,ପିତାମ୍ବର ମହାନ୍ତି,ରଂଜନ କୁମାର ରାଉତ,ହେମନ୍ତ କୁମାର ରାଉତ,ଦେବଦ କର,ତ୍ରିଲୋଚନ ନାୟକ,ସଂଜୀବ କୁମାର ସାହୁ,ଅନନ୍ତରାମ ସିଂଙ୍କ ସମେତ ବହୁ ଯୁବ ଗୋଷ୍ଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ସଂକଳ୍ପ ନେଇଥିଲେ ।

# ପାଇକେରାପୁରରେ ବଧୂ ହତ୍ୟା ଅଭିଯୋଗ, ଅଭିଯୁକ୍ତ ସ୍ୱାମୀ ଥାନାରେ ଅଟକ



**ଚାନ୍ଦବାଲି (ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ପାଇକିରାପୁର ଗାଁରେ ମଦ୍ୟପାନକୁ କେନ୍ଦ୍ର କରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ପରେ ସ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଅଭିଯୁକ୍ତ ସ୍ୱାମୀ ବିଜୟ ପତିଙ୍କୁ ଚାନ୍ଦବାଲି ପୁଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି ।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, କସ୍ତୁରୀକଣ ଗାଁର ଦୁର୍ଯ୍ୟୋଧନ କରଣଙ୍କ ଝିଅ ପ୍ରାୟ ୧୫ ବର୍ଷ ତଳେ ପାଇକିରାପୁର ଗାଁର ମାନ ପତିଙ୍କ ପୁଅ ବିଜୟ ପତିଙ୍କୁ ବିବାହ କରିଥିଲେ । ତେବେ ବିଜୟ ନିୟମିତ ମଦ୍ୟପାନ କରି ଘରକୁ ଆସୁଥିବାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହେଉଥିବା ଅଭିଯୋଗ ରହିଛି ।

ମଙ୍ଗଳବାର ରାତିରେ ମଧ୍ୟ ବିଜୟ ମଦ ପିଇ ଘରକୁ ଆସିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ଅଭିଯୋଗ ହୋଇଛି । ଏହାପରେ ବିଜୟ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ କାଚ ବୋତଲ ଭାଙ୍ଗି ଆକ୍ରମଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଏଥିରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ରହିଛି ।

ବୁଧବାର ସକାଳେ ଘଟଣା ସମ୍ପର୍କରେ ଖବର ପାଇ ମୃତକଙ୍କ ବାପଘର ଲୋକେ ଚାନ୍ଦବାଲି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ । ପରେ ପୁଲିସ ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାକୁ ଆଣି ଅଟକ ରଖିଛି । ପୁଲିସ ସମ୍ମୁଖରେ ବିଜୟ ଘଟଣା ସମ୍ପର୍କରେ ସ୍ୱୀକାର କରିଥିବା ପରିବାର ପକ୍ଷରୁ କୁହାଯାଇଛି । ତେବେ ଘଟଣାର ପ୍ରକୃତ କାରଣ ଓ ସମସ୍ତ ପରିସ୍ଥିତି ନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।









# କୀର୍ତ୍ତି କିମ୍ବଦନ୍ତୀରେ

# ମା' ଜୟଚଣ୍ଡୀ ଶକ୍ତିପୀଠ

ଅମରନାଥ ବାରିକ୍

ମନ୍ଦିର ମାଳିନୀ ଓଡ଼ିଶାର ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଏକ ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଅଟେ । ଏଠାରେ ବିଭିନ୍ନ ବର୍ଗ ଜାତିର ମନୁଷ୍ୟ ବସବାସ କରନ୍ତି । ସେମାନେ ମୁଖ୍ୟତଃ ଗୋପାଳନ ଓ କୃଷି ଉପରେ ନିର୍ଭର କରୁଥିବା ବେଳେ ତନ୍ମଧ୍ୟରୁ କିଛି ମାତ୍ରାର ଲୋକ ବ୍ୟବସାୟ ମଧ୍ୟ କରନ୍ତି । ଯାଜପୁର ଜିଲ୍ଲା ମାନଚିତ୍ରରେ ଏହି ପଞ୍ଚାୟତ ଆଉ ଦୁଇଟି ଜିଲ୍ଲାକୁ ମଧ୍ୟ ସ୍ପର୍ଶ କରିଛି । ତାହା ହେଉଛି ଗୋଟିଏ କେନ୍ଦ୍ରାପଡ଼ା ଜିଲ୍ଲା ଓ ଅନ୍ୟଟି ହେଉଛି ଭଦ୍ରକ ଜିଲ୍ଲା । ତିନୋଟି ଜିଲ୍ଲା ସଙ୍ଗମର କେନ୍ଦ୍ରବିନ୍ଦୁ ପାଲଟିଛି ପୁଣ୍ୟତୋୟା ବୈତରଣୀ ନଦୀ । ଏହି ବୈତରଣୀ ନଦୀର ପଶ୍ଚିମ ଦିଗରେ ମା' ଜୟଚଣ୍ଡୀ ଶକ୍ତି ପୀଠ ପ୍ରସିଦ୍ଧ ଧର୍ମ ପୀଠ ହୋଇଥିବା ବେଳେ ପୂର୍ବ ଦିଗରେ ବାବା ଆଖଣ୍ଡଳମଣିଙ୍କ ଅବସ୍ଥାନ ହୋଇଛି । ଏହି ଶକ୍ତି ପୀଠରୁ ପୂର୍ବ ଆଡ଼କୁ ପ୍ରମୁଖ ପ୍ରବେଶ ପଥ ପଡ଼ୋଶୀ ଭଦ୍ରକ ଜିଲ୍ଲା ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଛି । ସେମିତି ଏହି ଶକ୍ତି ପୀଠରୁ ପଶ୍ଚିମ ଆଡ଼କୁ କଟକ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲା ସ୍ପର୍ଶ କରିଛି । କୟାଁଗୋଲା ନିକଟରେ ବୈତରଣୀ ନଦୀ ସେତୁ ପାର ହେଲେ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକର ବୋଡକ ଗ୍ରାମ ଆରମ୍ଭ । ସେହିପରି କୟାଁଗୋଲା ନିକଟସ୍ଥ ଗହିରାପାଳ ଗ୍ରାମ ନିକଟରେ ଥିବା ଏକ ସେତୁ ପାରି ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକ କନପୁର ଗ୍ରାମ ପଡ଼ିଥାଏ । ଏହି ସୀମା ମଧ୍ୟ ଦେଇ ପ୍ରତ୍ୟେକ ଦିନ ଶହଶହ ଭକ୍ତ ମା' ଜୟଚଣ୍ଡୀଙ୍କ ଆଶୀର୍ବାଦ ନିମନ୍ତେ ଶକ୍ତି ପୀଠକୁ ଯାତ୍ରା କରନ୍ତି । ସୂର୍ଯ୍ୟୋଦୟ ପୂର୍ବରୁ ସେବାୟତ ମାନେ ମା'ଙ୍କୁ ଶୀତଳ ଜଳରେ ଚୁଆ ଚନ୍ଦନ ହଳଦୀ ଅତର ଲଗାଇ ସ୍ନାନ କରାଇ ଥାଆନ୍ତି । ପରେ ଚନ୍ଦନ ନାଲି ସିନ୍ଦୂର କୁଙ୍କୁମ ସୁବାସ ଅତର ଲଗାଇ, ପାଟ ଲୁଗା ପିନ୍ଧାଇ, ମନ୍ଦାର ଫୁଲରେ ସଜାଇ ଦିଆଯାଏ । ବିଭିନ୍ନ ସମୟରେ ଭଳିଭଳି ବେଶରେ ମା'ଙ୍କୁ ପୂଜା କରାଯାଏ । ଝୁଣା ଧୂପ ବାସ୍ନାରେ ମନ୍ଦିର ବେଢା ମହକି ଉଠୁଥାଏ । ହସ୍ତତନ୍ତ ବୁଣାକାରମାନେ ସୂତାରେ ନିର୍ମିତ ରଙ୍ଗିନ ଚାନ୍ଦୁଆ ତିଆରି କରି ମା'ଙ୍କ ପାଇଁ ଅର୍ପଣ କରିଥାନ୍ତି । ମୁଗୁନି ଶିଳା ବେଦୀ ଉପରେ ବସି ମାଆ ଝଟକୁ ଥାଆନ୍ତି । ଏଠାରେ ରହୁଥିବା ପୂଜକ ମାନଙ୍କ ପାରିଶ୍ରମିକ ପାଇଁ ନିକଟରେ ଥିବା ଠାକୁର ଜମି ପ୍ରଦାନ କରାଯାଇଛି । ସେମାନେ ପାଳି କରି ମା'ଙ୍କର ମନଲାଖି ସେବା କରିଥାନ୍ତି ।ବୈଶାଖ ମାସ ଓଡ଼ିଆ ନୂଆବର୍ଷ ତଥା ପଣା ସଂକ୍ରାନ୍ତିରେ ମା'ଙ୍କୁ ବେଲ କଦଳୀ ମହୁ ମିଶିରି ଦହି କ୍ଷୀର ମଖନ ଛେନା ଗୁଡ଼ରୁ ତିଆରି ପଣା ଅର୍ପଣ କରାଯାଇ ପଞ୍ଜିକା ଆରମ୍ଭ ହୋଇଥାଏ । ଠିକ୍ ସେମିତି ପରେ ପରେ ଜ୍ୟେଷ୍ଠ ମାସରେ ପଡୁଥିବା ପର୍ବ ପର୍ବାଣୀ ଯେମିତିକି ଗଣପର୍ବ ରଜ ଆଉ ଚନ୍ଦନ ପୂର୍ଣ୍ଣିମା ଭଳି ବିଭିନ୍ନ ଓଷା ବ୍ରତ ଭକ୍ତିର ସହିତ ପାଳନ କରାଯାଇଥାଏ । ଆଷାଢ଼ ମାସରେ ନିଷ୍ଠାର ସହିତ ରଥ ଯାତ୍ରା ପାଳନ କରାଯାଇଥାଏ । ଶ୍ରାବଣ ମାସ ଆରମ୍ଭରେ ସମସ୍ତ ପର୍ବ ସର୍ବୋପରି ରାକ୍ଷୀ ଅର୍ପଣ ଅର୍ଥାତ୍ ଗହ୍ମା ପୂର୍ଣ୍ଣିମାରେ ମା'ଙ୍କର ପ୍ରିୟ ଭୋଗ କ୍ଷୀରି ଖେଚୁଡ଼ି ପିଠା ଭଳି ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଭୋଗ ଲାଗିଥାଏ । ଭାଦ୍ରବର ଆଗମନରେ ସଜ କରାଯାଏ ମା'ଙ୍କ ପରିଧାନ ଲାଗି ନୂତନ ପାଟ ବସ୍ତ୍ର । କାରଣ ଆଗ ନୂଆ ବସ୍ତ୍ରରେ ମା'ଙ୍କୁ ପତୁଆଁ କରି ବଡ଼ ସନ୍ତାନଙ୍କ ପାଇଁ ଜନ୍ମାଷ୍ଟମୀ ପାଳନ କରାଯାଇଥାଏ । ଏହା କେବଳ ଓଡ଼ିଶାରେ ହିଁ ଏକ ଅନନ୍ୟ ପର୍ବ । ଆଶ୍ୱିନ ପଦାର୍ପଣ କଲେ ହସିଥାଏ ନଈପଠା, କାଶତଣ୍ଡୀ ଫୁଲର ଚାମରରେ ମହକି ଉଠେ ମହା ପାର୍ବଣ । ଯାହା ଶାରଦୀୟ ଦୁର୍ଗା ପୂଜା ନାମରେ ଉଚ୍ଛୁଳିଉଠେ । ମା'ଙ୍କ ପାଖରେ ମହା ଅଷ୍ଟମୀ ତିଥିରେ କଖାରୁ ବଳୀପଡ଼େ । ସବୁ ମାସଠାରୁ ଧର୍ମ ମାସ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଇଥାଏ ମା'ଙ୍କ ନିକଟରେ । ଘୃତ ଦୀପ ଧୂପ କର୍ପୁର ଆଳତିର ତାଳେ ତାଳେ ବାଜି ଉଠେ ଘଣ୍ଟ ଘଣ୍ଟା ଶଙ୍ଖ ଖୋଳ ମର୍ଦ୍ଦଳ । ହବିଷ ଡାଲମା ଅନ୍ନ ପ୍ରସାଦ ଲାଗିଥାଏ ମା'ଙ୍କୁ । ଓଡ଼ିଆ ଘରର ଝୋଟି ଚିତାକୁ ଦେଖିଲେ ଜାଣିହୁଏ ଲକ୍ଷ୍ମୀପୂଜା ମାଣବସା ଗୁରୁବାର ଆସିଗଲା ବୋଲି । ଯାହା ମାର୍ଗଶିର ମାସରେ ମା'ଙ୍କ ନିକଟରେ ପାଳନ କରାଯାଇଥାଏ । ଲକ୍ଷ୍ମୀ ପୁରାଣରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ଯେ ନାରୀ କେବେବି ଅବଳା, ଦୁର୍ବଳା ନୁହେଁ । ନାରୀ ପୂଜ୍ୟା, ନାରୀ ବନ୍ଦନୀୟା, ନାରୀ ସମ୍ମାନୀୟା, ନାରୀ ଜନନୀ ଭଗିନୀ ଜାୟା କାୟା ନାରୀ ସର୍ବ ଶକ୍ତି ସ୍ୱରୂପିଣୀ । ପୌଷ ମାସରେ ପୌଷ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଇଥାଏ । ନୂଆ ଧାନରୁ ପ୍ରସ୍ତୁତ କରାଯାଏ ମକର ଚାଉଳ । ଯାହା ମାଘ ମାସରେ ପଡୁଥିବା ପବିତ୍ର ମକର ସଂକ୍ରାନ୍ତି ଭଳି ମହାନ ପର୍ବ ପାଳନ କରାଯାଇଥାଏ ଏଠି । ଗୋପାଳ ଓଗାଳ ରଙ୍ଗ ଅବିର କଥା କହିଲେ ଫାଲଗୁନ ମାସରେ ପଡୁଥିବା ଦୋଳପୂର୍ଣ୍ଣିମା କୁ ବୁଝାଏ ଯାହା ମା'ଙ୍କ ପାଖରେ ମେଳଣ ପର୍ବ ରୂପରେ ପାଳନ କରାଯାଇଥାଏ ଏଠି । ଶେଷରେ ଚୈତ୍ର ମାସରେ ଚଇତି ପୂର୍ଣ୍ଣିମା ଆଉ ଅନ୍ୟାନ୍ୟ ପର୍ବ ପର୍ବାଣୀ ମଧ୍ୟ ଆନନ୍ଦ ସହକାରେ ପାଳନ କରାଯାଇଥାଏ ମା'ଙ୍କ ଶକ୍ତି ପୀଠରେ ।ଦେଶ ସ୍ୱାଧୀନ ପୂର୍ବରୁ ଜମିଦାର ପ୍ରଥା ରାଜଙ୍କ କଠୋର ଶାସନ କଥା କହିଲେ ଆଜି ବି ଲୋମ ଟାଙ୍କୁରି ଉଠେ । କନିକାର ରାଜା ସୀମା ଅତିକ୍ରମ କରି ଏଠାରେ ରହୁଥିବା ଗରିବ ଖଟିଖିଆ ଲୋକ ମାନଙ୍କ ଠାରୁ ଅତିରିକ୍ତ କର ଆଦାୟ କରୁଥିଲେ । ଅତ୍ୟାଚାରିତ ପ୍ରଜା ଝାମ୍ପୁଲା ସିଂହ ମା' ଜୟଚଣ୍ଡୀ ଙ୍କ ଅନୁମତି ନେଇ କନିକା ରାଜାଙ୍କ ସହିତ ଯୁଦ୍ଧ ଆରମ୍ଭ କରିଥିଲେ । ତାଙ୍କ ଖଣ୍ଡାରେ ମାଆ ଷଡ଼ଭୂଜା ଜୟଚଣ୍ଡୀଙ୍କ ଶକ୍ତି ଥିବାରୁ କନିକା ରାଜା ପରାସ୍ତ ହୋଇଥିଲେ । ଝାମ୍ପୁଲା ସିଂହ ବିଜୟଲାଭ କରିଥିଲା । କିଏ କହେ ମା' ଜୟଚଣ୍ଡୀ କଲିକତାରୁ ଆସିଥିଲେ ତ କିଏ କହେ ଖୋର୍ଦ୍ଧାର ରଥି ଗଡ଼ରୁ ଆସିଥିଲେ । କିଏ କହେ କନିକାର ପଥର ଗଡ଼ରୁ ଆସିଥିଲେ ତ କିଏ କହେ କନିକା ପଳାଇ ଯାଇ ଥାନ୍ତେ । ଇତିହାସରେ ସେମିତି କିଛି ସଠିକ୍ ତଥ୍ୟ ନାହିଁ ଯେ ମାଆ କେମିତି ଆବିର୍ଭାବ ହେଲେ । ତଥାପି ସମାଲୋଚକ ମାନେ କୁହନ୍ତି ।

ଝାମ୍ପୁଲା ମାତିଲା ଖପରା ତାତିଲା
ଆସିଗଲା ନଈ ବଢ଼ି ।
ଆଉ ଯଦି ବେଳ ଘଡ଼ିଏ ଥାଆନ୍ତା
କନିକା ଯାଇଥାନ୍ତେ ମାଡ଼ି ।।



ସେ ଯାହା ବି ହେଉ ମା'ଙ୍କର ମହିମା କଥା କହିଲେ ସରିବ ନାହିଁ । ମା' ଜୟଚଣ୍ଡୀଙ୍କର ଭକ୍ତ ଝାମ୍ପୁଲା ସିଂହକୁ ମା କହିଲେ ତୋ ଭକ୍ତିରେ ସନ୍ତୁଷ୍ଟ ହୋଇ ମୁଁ ତୋ ସାଙ୍ଗରେ ଯିବି କିନ୍ତୁ ତୁ ମୋତେ ପଛକୁ ଫେରି ଚାହିଁବୁ ନାହିଁ । ଯେଉଁଠି ପଛକୁ ଫେରି ଚାହିଁବୁ ମୁଁ ସେଇ ସ୍ଥାନରେ ରହିଯିବି । ଆଗେ ଆଗେ ଝାମ୍ପୁଲା ଚାଲିଥାଏ । ପଛରେ ମା' ଜୟଚଣ୍ଡୀ ଚାଲୁଥାଆନ୍ତି । ମା'ଙ୍କର ସେ ଚରଣ କମଳରୁ ନୂପୁରର ରୁଣୁଝୁଣୁ ରୁଣୁଝୁଣୁ ଶବ୍ଦର ଝଙ୍କାର ଶୁଣି ଝାମ୍ପୁଲା ପଛକୁ ଫେରି ନ ଚାହିଁ ଆନନ୍ଦ ମନରେ ଚାଲିଥାଏ । କିଛି ବାଟ ଯିବା ପରେ ମଲ୍ଲିପୁର ଠାରେ ନୂପୁର ଶବ୍ଦ ବନ୍ଦ ହୋଇଗଲା । ଆଗରୁ ଏହି ଅଞ୍ଚଳ ବୃକ୍ଷଲତାରେ ଶୋଭନୀୟ ଥିବାରୁ ମା' ଟିକେ ଲତା ଗହଳରେ ଝୁଲି ଖେଳୁଥିଲେ । ଝାମ୍ପୁଲା ମନରେ ସନ୍ଦେହ ସୃଷ୍ଟି ହେଲା ଆଉ କାହିଁ ନୂପୁର ଶବ୍ଦ ଶୁଭୁନାହିଁ ! ସେ ପଛକୁ ଫେରି ଚାହିଁଦେଲା, ମା କହିଲେ 'ତୁ ମୋତେ ପଛକୁ ଫେରି ଚାହିଁଥିବାରୁ ମୁଁ ଏଇଠି ଅବସ୍ଥାନ କରୁଛି ।' ସେହି ଦିନଠାରୁ ମା' ମଲ୍ଲିପୁର ଠାରେ ରହି ପୂଜା ପାଇଆସୁଛନ୍ତି । ଦୈନିକ ମା'ଙ୍କୁ ପାଳିକରି ପଣ୍ଡିତମାନେ ପୂଜା କରନ୍ତି । ସେମାନଙ୍କ ମଧ୍ୟରୁ ମାନ ପଣ୍ଡା ବୋଲି ଜଣେ ମଲ୍ଲିପୁର ବରିଷ୍ଠ ପୂଜକ ମା'ଙ୍କର ପ୍ରିୟ ସେବାୟତ ଥିଲେ । ଅତି ନିଷ୍ଠାର ସହିତ ସେ ବିଭିନ୍ନ ବେଶରେ ସଜାଇ ମନ ପ୍ରାଣ ଦେଇ ଭକ୍ତିଭାବରେ ପୂଜା କରି ମା'ଙ୍କୁ ସନ୍ତୁଷ୍ଟ କରିପାରୁଥିଲେ । ସେଥିପାଇଁ ମାନ ପଣ୍ଡାଙ୍କୁ ମା' ଜୟଚଣ୍ଡୀଙ୍କର ବାପା ବୋଲି ସମ୍ବୋଧନ କରାଯାଏ । ଲୋକେ କୁହନ୍ତି 'ମାନ ପଣ୍ଡାର ଇଚ୍ଛା ନା ମା' ଜୟଚଣ୍ଡୀଙ୍କର ଇଚ୍ଛା' । କୁହାଯାଏ ଜଣେ ଶଙ୍ଖାରୀ ଦିନେ ଶଙ୍ଖା ବ୍ୟବସାୟ କରିବା ପାଇଁ ଏହି ରାସ୍ତା ଦେଇ ଯାଉଥାଏ । ମା' ଶଙ୍ଖାରୀ ଠାରୁ କିଛି ଶଙ୍ଖା ରଖିଲେ । ଶଙ୍ଖାରୀ ତା'ର ପଇସା ମାଗିବାରୁ ମା' କହିଲେ 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ । କହିବେ ତମ ଝିଅ ଶଙ୍ଖା ନେଇଛି ।' ଶଙ୍ଖାରୀ ଯାଇ ମାନ ପଣ୍ଡାଙ୍କୁ ପଇସା ମାଗିବାରୁ ମାନ ପଣ୍ଡା କହିଲେ ମୋର କଉ ଝିଅ ତମ ଠାରୁ ଶଙ୍ଖା ନେଲା କେଉଁଠୁ ନେଲା । ତଥାପି ମାନ ପଣ୍ଡା ପଇସା ଦେଲେ । କାରଣ ସେ ସମୟର ଲୋକେ ବିଶ୍ୱାସୀ ଓ ଧର୍ମପରାୟଣ ଥିଲେ । ପୁଣି ଆଉ ଥରେ ସେହି ବାଟ ଦେଇ ଜଣେ ଲୁଗା ବେପାରୀ ଯାଉଥାଏ । ତା' ଠାରୁ ମା' ପାଟ ଲୁଗା ଖଣ୍ଡେ ରଖି, କହିଲେ 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ ।' ଲୁଗା ବେପାରୀ ଆସି ପଇସା ମାଗିବାରୁ ମାନ ପଣ୍ଡା ଚକିତ ହୋଇଗଲେ । କିଏ ବାରମ୍ବାର ମୋ ନାଁ କହି ଜିନିଷ ରଖୁଛି ? ପୁଣି କହୁଛି 'ମଲ୍ଲିପୁର ଗ୍ରାମରେ ମୋ ବାପା ମାନ ପଣ୍ଡା ଅଛନ୍ତି, ତାଙ୍କ ଠାରୁ ପଇସା ମାଗି ନେଇଯିବେ ।' ଏମିତି କିଛି ସୂତ୍ରରୁ ମାନ ପଣ୍ଡା ଜାଣି ପାରିଲେ କି ସେ ହେଉଛନ୍ତି ମୋ ମା' ଜୟଚଣ୍ଡୀ । ବହୁ ଭକ୍ତଙ୍କୁ ମଧ୍ୟ ମା' ସ୍ୱପ୍ନରେ ଦେଖା ଦେଇଛନ୍ତି । ସେହି ସ୍ଥାନରେ ମା' ରାତ୍ରି ସମୟରେ ଖେଳାବୁଲା କରିବାରେ ବହୁତ ଭକ୍ତ ମଧ୍ୟ ନିଜ ଆଖିରେ ଦେଖିଛନ୍ତି । ମା'ଙ୍କର ବ୍ରତ ଉପାସନା କରି ବଡ଼ବଡ଼ ରୋଗ ବ୍ୟାଧିରୁ ମୁକ୍ତି ହେବାରେ ବହୁତ ଭକ୍ତ ମାନେ କୁହନ୍ତି । ତାଙ୍କୁ ଯିଏ ବିଶ୍ୱାସର ସହିତ ଡାକେ ସେ ନିଶ୍ଚୟ କ୍ଳେଶ ଦୁଃଖରୁ ପାରି ହୋଇଥାଏ । ମା'ଙ୍କୁ ଡାକି ଭକ୍ତ ତା'ର ସମସ୍ତ କାର୍ଯ୍ୟ ସଫଳ ହୋଇଛି । ମା'ଙ୍କୁ ଡାକି ହଜିଲା ପୁଅକୁ ଫେରି ପାଇଛି ତା ମାଆ । ମା'ଙ୍କୁ ଡାକି କାରୋବାରରେ ଲାଭ ପାଇ ପାରିଛି ବ୍ୟପାରୀ । ମା'ଙ୍କୁ ଡାକି ବିଦେଶ ଯାତ୍ରା କରିପାରିଛି ଭକ୍ତ ।



ଜୟଚଣ୍ଡୀ ନାମ ଯେ ସ୍ମରେ ହୃଦରେ
କଣ୍ଟା ହୋଇଥାଏ ଫୁଲସମ ।
ଏ ଭବ ସାଗରରୁ ପାରି ହୋଇଯାଏ
ବୁଲିଗଲେ ଥରେ ତା'ର ଧାମ ।।

ଏହି ଐତିହାସିକ ପ୍ରମୁଖ ଧର୍ମସ୍ଥଳୀ କୟାଁ ପଞ୍ଚାୟତର ଆରାଧ୍ୟ ଦେବୀ ତଥା ପୂର୍ବ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ଜୟଚଣ୍ଡୀ । ଏହି ଶକ୍ତିପୀଠରେ ମା'ଙ୍କ ଉଦ୍ଦେଶ୍ୟରେ ହେଉଥିବା ଅର୍ଥାତ୍ ଶ୍ରଦ୍ଧାଳୁ ମାନଙ୍କ ମଙ୍ଗଳ କାମନା ପାଇଁ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଭଳି ପବିତ୍ର ମହୋତ୍ସବ ଅତି ଆଡମ୍ବରରେ ଅନୁଷ୍ଠିତ ହୋଇଥାଏ । ଏହି ଐତିହାସିକ ପ୍ରମୁଖ ବାର୍ଷିକ ପଞ୍ଚଦିବସୀୟ ଅମୃତ ମହୋତ୍ସବ ଫଗୁ ଅଷ୍ଟମୀ ଠାରୁ ଆରମ୍ଭ ହୋଇ ଦ୍ୱାଦଶୀ ପର୍ଯ୍ୟନ୍ତ ଚାଲିଥାଏ । କୟାଁ ପଞ୍ଚାୟତର ଏହି ଐତିହାସିକ ଆଞ୍ଚଳିକ ମେଳା ଜନସାଧାରଣଙ୍କର କଲ୍ୟାଣ ହୋଇ ପାରିଛି । ଅଞ୍ଚଳବାସୀ ମାନେ ବଡ଼ ଧୁମ୍ ଧାମ ରେ ପାଳନ କରନ୍ତି । ବାର ମାସର ତେର ପର୍ବ ମଧ୍ୟରୁ ଏହି ପର୍ବଟି ଅନ୍ୟତମ ପ୍ରମୁଖ ପର୍ବ । ମା'ଙ୍କର ଏହି ଉତ୍ସବରେ ହଜାର ହଜାର ଭକ୍ତମାନଙ୍କର ସମାଗମ ବେଳେ ଯାଜପୁର ସମେତ ଆଉ ଦୁଇ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଶ୍ରଦ୍ଧାଳୁମାନେ ଶୋଭା ଯାତ୍ରାରେ ଅଂଶଗ୍ରହଣ କରି କଳସରେ ଜଳ ଆଣି ଯଜ୍ଞ ବେଦୀରେ ଘଟ ସ୍ଥାପନ କରିଥାନ୍ତି । ଯଜ୍ଞ କାର୍ଯ୍ୟକୁ ପୁରୋଧା ତଥା ମନ୍ଦିରର ପ୍ରମୁଖ ସେବାୟତ ଓ ମଲ୍ଲୀପୁର ଗ୍ରାମଠାରୁ ଆରମ୍ଭ କରି ଯାଜପୁରର ସମସ୍ତ ସହଯୋଗୀ ବାହ୍ମଣ ମାନେ ଅଗ୍ନି ସ୍ଥାପନା କରିବା ସହିତ ଘୃତାହୁତି ପ୍ରଦାନ କରନ୍ତି । ପରେ ସୂର୍ଯ୍ୟ ଦେବତାଙ୍କୁ ପୂଜା, ଗୋ ପୂଜା, ଭୂମି ପୂଜନ, ବାୟୁ ପୂଜା, ଜଳ ପୂଜା ସମେତ ମା' ଜୟଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇ ଷୋଡ଼ଶ ଉପଚାର ପୂଜା ହେବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥାଏ । ବଡ ବିଚିତ୍ର କଥା ହେଲା ଯଜ୍ଞ କୁଣ୍ଡରେ ଯେଉଁ ଅଗ୍ନି ସଂଯୋଗ କରାଯାଏ ତାହା କେଉଁ ଦିଆସିଲ ବା ଅନ୍ୟ କୌଣସି ଉପାୟରେ ନୁହେଁ, ବରଂ ସୁର୍ଯ୍ୟଙ୍କର ପ୍ରଖର କିରଣରୁ ଜ୍ୟୋତି ଆଣି ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରାଯାଇଥାଏ । ଏହି ଅବସରରେ ପ୍ରତ୍ୟେକ ଆଧ୍ୟାତ୍ମିକ ପ୍ରବଚନ, ଭଜନ, ଜଣାଣ, କୀର୍ତ୍ତନ, ସାଂସ୍କୃତିକ ପାଲା ଇତ୍ୟାଦି ପରିବେଷଣ କରାଯାଇଥାଏ । ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଦିବାନିଶି ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସାହିତ୍ୟ, କଳା ସଂସ୍କୃତିକୁ ପ୍ରୋତ୍ସାହିତ କରି ଆଗାମୀ ପିଢ଼ି ତଥା ଯୁବ ସମାଜକୁ ଆଧ୍ୟାତ୍ମିକ ଡୋରିରେ ବାନ୍ଧି ରଖିବା ପାଇଁ ଓଡ଼ିଶାର ବହୁ ଲୋକପ୍ରିୟ ସୁନାମଧନ୍ୟ ବରିଷ୍ଠ ଗାୟକ ମାନଙ୍କ ଦ୍ୱାରା ବାଦି ପାଲା ଅନୁଷ୍ଠିତ କରାଯାଇଥାଏ । ଫଳରେ ରୀତିନିତି ଅନୁଯାୟୀ ମନ୍ତ୍ରଧ୍ୱନି ସହିତ ହରିବୋଲ ହୁଳହୁଳି ଯଜ୍ଞସ୍ଥଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ । ମା'ଙ୍କ କୃପା ସାନିଧ୍ୟ ଲାଭ କରିବା ସହିତ ପାଞ୍ଚଦିନ ଧରି ମହୋତ୍ସବ ଚତୁର୍ପାର୍ଶ୍ୱରେ ବିଭିନ୍ନ ଦୋକାନ ବଜାର ପଡ଼ିଥାଏ । ଏହି ଅମୃତ ମହୋତ୍ସବକୁ ଦେଖଭାଳ ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ମା'ଙ୍କ ଶକ୍ତିପୀଠରେ ପାଞ୍ଚଦିନ ବ୍ୟାପି ପାଳିତ ଏହି ମହାସମାରୋହରେ କମିଟିର କର୍ମକର୍ତ୍ତାବୃନ୍ଦ ନିଷ୍ଠାର ସହିତ ସେବା କରିଥାନ୍ତି । ଯାଜପୁରରେ ବିରଜା ମନ୍ଦିର, ଜଗନ୍ନାଥ ମନ୍ଦିର, ମହାବୀର ମନ୍ଦିର, ଚଣ୍ଡି ମନ୍ଦିର, ବରୁଣେଶ୍ୱର ମନ୍ଦିର, ସିଦ୍ଧେଶ୍ୱର ମନ୍ଦିର, ତ୍ରିଲୋଚନେଶ୍ୱର ମନ୍ଦିର, ଜାଡୁଆ ମନ୍ଦିର, ଓଲାଷୁଣୀ, ଛତିଆବଟ, ଉଦୟଗିରି, ଲଳିତଗିରି, ଧର୍ମଶାଳା, ଲାଙ୍ଗୁଡ଼ି ପାହାଡ଼, ସମୃଦ୍ଧ ଐତିହାସିକ ପ୍ରମୁଖ ସ୍ମାରକୀ ଭୂମିକା ଅତୁଳନୀୟ ସ୍ଥାନ ଅଧିକାର କରିଥିବା ବେଳେ ମଲ୍ଲିପୁରରେ ମା' ଜୟ ଚଣ୍ଡୀ ମନ୍ଦିର କୀର୍ତ୍ତି ଶୋଭାମଣ୍ଡିତ କରୁଛି । କୟାଁ, ଲକ୍ଷ୍ମୀପୁର, ଗୁଣ୍ଠୁଣିପଡ଼ା, ଗୋପବନ୍ଧୁ ନଗର, କୟାଁଗୋଲା, ଇଚ୍ଛାପୁର, ବଳରାମପୁର, ଧରମପୁର, ଗହିରାପାଳ, ଦରବା, ଗରବନ୍ଧ, କମାରଡିହ, ଲାଲବାଗ, ଦୁବକଣ, ଯୋଗୀମଠ, କୁଳସାହି, ମଲ୍ଲୀପୁର ସମେତ ଇଟାପଡ଼ା ଭଳି ଛୋଟ ବଡ଼ ଗ୍ରାମ ମାନଙ୍କରେ ଚାନ୍ଦା ଆଦାୟ କରାଯାଇଥାଏ । ଅତି ଉଲ୍ଲାସର ସହିତ ଭକ୍ତ ମାନେ ଯିଏ ଯାହା ପାରିଲା ମା'ଙ୍କ ପାଖରେ ସମର୍ପଣ କରିଥାଆନ୍ତି । ମାନସିକ କରି ଘିଅ, ଚାଉଳ, ଫୁଲ, କାଠ, ଧୂପ, ଦୀପ, ପରିବା ଏମିତିକି ଭୋଗ ପର୍ଯ୍ୟନ୍ତ ଆଣି ଅଧିଷ୍ଠାତ୍ରୀ ଦେବୀଙ୍କ ଚରଣରେ ସମର୍ପିତ କରନ୍ତି । ଏହି ଉତ୍ସବରେ ଦେଶ ବିଦେଶରେ ରହୁଥିବା ଅଞ୍ଚଳବାସୀ ମାନେ ଆସି ଯୋଗ ଦେଇଥାଆନ୍ତି । ଏହି ଅମୃତ ମହୋତ୍ସବ ଫାଲ୍ଗୁନ ମାସରେ ପଡ଼ିଥାଏ । ମାତ୍ର ଶିବରାତ୍ରୀ ଦୋଳପୂର୍ଣ୍ଣିମାର ଅନ୍ତରାଳରେ । ଆହୁରି ଏକ ଆନନ୍ଦର ବିଷୟ ଅଞ୍ଚଳବାସୀ ମାନେ ଝିଅ ପୁଅଙ୍କ ବିବାହ ବ୍ରତଭଳି ବିଭିନ୍ନ ଶୁଭ କାର୍ଯ୍ୟ ମଧ୍ୟ ଏହି ଧର୍ମ ପୀଠରେ କରାଇ ଥାଆନ୍ତି । କୟାଁ ପଞ୍ଚାୟତର ଏହା ସର୍ବ ପୁରାତନ ପ୍ରାଚୀନ ମନ୍ଦିର ଅଟେ । ପ୍ରାୟ କୋଡ଼ିଏ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ଅଟେ । ଆଜିକୁ ସହସହ ବର୍ଷ ତଳେ କାଠରେ ନିର୍ମିତ ଥିଲା ଏହା । ମାତ୍ର ପଚାଶ ବର୍ଷ ତଳେ କୟାଁ ଗ୍ରାମର ଜଣେ ମା'ଙ୍କ ଭକ୍ତ ଶ୍ରୀ ବୈଷ୍ଣବ ଚରଣ ପରିଡ଼ା ମନ୍ଦିର ନିର୍ମାଣ କରିବାରେ ତାଙ୍କର ପ୍ରଥମ ଏକ ସ୍ୱତନ୍ତ୍ର ପ୍ରମୁଖ ଭୂମିକା ରହିଥିଲା । ପରବର୍ତ୍ତୀ ସମୟରେ ଏହି ଐତିହାସିକ ମନ୍ଦିରର ସରକାରଙ୍କ ପକ୍ଷରୁ ପୁନର୍ନିର୍ମାଣ କରାଯାଇଥିଲା ଏହି ମନ୍ଦିରର ମୁଖ୍ୟ ଦ୍ୱାର ପୂର୍ବ ଆଡ଼କୁ ରହିଛି । ଦ୍ୱାର ସାମ୍ନାକୁ ଲାଗି ଏକ ବିରାଟ ଯଜ୍ଞ କୁଣ୍ଡର ନିର୍ମାଣ ହୋଇଛି । ମନ୍ଦିରର ବାମ ପାର୍ଶ୍ୱରେ ଏକ ରୋଷେଇ ଘର ତିଆରି ହୋଇଛି । ଗ୍ରୀଷ୍ମ ତାପରୁ ତୃଷ୍ଣା ମେଣ୍ଟାଇବା ପାଇଁ ନିକଟରେ ଏକ ପୋଖରୀ ନଳକୂପ ଓ ପାଣି ଟ୍ୟାପର ବ୍ୟବସ୍ଥା ରହିଛି । ମନ୍ଦିର ବେଢାକୁ ଲାଗି ଏକ ପାଲା ମଣ୍ଡପ କରାଯାଇଛି । ମନ୍ଦିରର ମୁଖଶାଳାରେ ଦୁଇଗୋଟି ଆକର୍ଷଣୀୟ କଳା ଧଳା ରଙ୍ଗର ଘୋଡ଼ା ରହିଛନ୍ତି । ଯାହାର ଉଚ୍ଚତା ପ୍ରାୟ ସାତ ଫୁଟ୍ ଉଚ୍ଚତା ବିଶିଷ୍ଟ । ଏହା ମନ୍ଦିରକୁ ଆହୁରି ଶାଣିତ ସୌନ୍ଦର୍ଯ୍ୟ କରାଇ ପାରୁଛି । ତା' ଛଡ଼ା ମା' ମଧ୍ୟରାତ୍ରରେ ଘୋଡ଼ାରେ ଚଢ଼ି ବୁଲିବା ପାଇଁ ଯାଆନ୍ତି । ସେହି ପରିପ୍ରେକ୍ଷୀରେ ଦୁଇଗୋଟି ଘୋଡ଼ା ରଖାଯାଇଛି । ମନ୍ଦିର ଭିତର ବାହ୍ୟ ଆଡ଼କୁ ମନଲାଖି ହସ୍ତଶିଳ୍ପ କାରୁକାର୍ଯ୍ୟ କରାଯାଇଛି । ସେ ହେଉଛନ୍ତି ଜଗତର ମାଆ ତାଙ୍କୁ ଯିଏ ଯେପରି ଖୋଜେ ସିଏ ସେପରି ପାଏ । ତାଙ୍କର ଅଗାଧ ମହିମା ଅପାର କରୁଣା । ସେ କିନ୍ତୁ ସମସ୍ତଙ୍କ ଦୁଃଖ ଦୂର କରନ୍ତି । ପରିବେଶକୁ ସ୍ୱଚ୍ଛ ନିର୍ମଳ କରିବା ପାଇଁ ମନ୍ଦିର ପ୍ରାଙ୍ଗଣର ଚତୁର୍ପାର୍ଶ୍ୱରେ ଥିବା ପାଚେରୀ ଭିତରେ ତୁଳସୀ, ବେଲ, ନିମ୍ବ, ଆମ୍ବ ନଡ଼ିଆ ଭଳି ବିଭିନ୍ନ ଫୁଲ ଫଳ ଅନ୍ୟାନ୍ୟ ଗଛ ମଧ୍ୟ ଲଗାଯାଇଛି । ମନ୍ଦିରର ସମସ୍ତ କାର୍ଯ୍ୟ ତୁଲାଇବା ପାଇଁ ନିକଟରେ ଏକ ମୁଖ୍ୟ କାର୍ଯ୍ୟାଳୟ ନିର୍ମାଣ ହୋଇଛି । ଓଡ଼ିଶୀ ନୃତ୍ୟ ଶିକ୍ଷାଦାନ ପାଇଁ ଏକ କଳାବିକାଶ କେନ୍ଦ୍ର ଅଛି । ଅଞ୍ଚଳବାସୀ ତଥା ଭକ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଏକ ବାତ୍ୟା ଆଶ୍ରୟସ୍ଥଳୀ ମଧ୍ୟ କରାଯାଇଛି । ଆଉ ଏଠାରେ ଏକ କଲ୍ୟାଣ ମଣ୍ଡପ ସହିତ ଶୌଚାଳୟର ବ୍ୟବସ୍ତା କରାଯାଇଛି । ବିଜୁଳି ପାଣି ଆଧୁନିକରଣ ସିକ୍ୟୁରିଟି କ୍ୟାମେରା ଲାଇଟି ଫିଟିଙ୍ଗ କରାଯାଇଛି । ଏହା ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହେବାକୁ ଲାଗିଛି । ଏଠି ବିଭିନ୍ନ ଆଡୁ ଭକ୍ତ ମାନେ ଆସି ନୀତି ପାଳିରେ ନୀତି ପ୍ରଦାନ କରନ୍ତି । ଦୈନିକ ବହୁସଂଖ୍ୟାରେ ଭକ୍ତ ମାନେ ପ୍ରସାଦ/ଭୋଗ ସେବନ କରନ୍ତି । ମା'ଙ୍କର ଅପାର କରୁଣା ସମସ୍ତ ଭକ୍ତମାନଙ୍କ ପ୍ରତି ଥାଏ ।

*ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଯାଜପୁର*
*ମୋ- ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)*








# କମୁଛି ମାଇଲେଜ୍, ଚିନ୍ତାରେ ଗିଗ୍ ଶ୍ରମିକ




**ଭୁବନେଶ୍ୱର(ବ୍ୟୁରୋ):** ସରକାର ବର୍ତ୍ତମାନ ଇ-୨୦ ବା ଇଥାନଲ ମିଶ୍ରିତ ଇନ୍ଧନ ବ୍ୟବହାରକୁ ଉତ୍ସାହିତ କରୁଛନ୍ତି । ତେବେ ଏଭଳି ଇନ୍ଧନ ବ୍ୟବହାର ଯୋଗୁ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟ ସହର ଗୁଡିକରେ ଖାଦ୍ୟ, କିରାନା ଏବଂ ଅନ୍ୟ ସାମଗ୍ରୀ ଡେଲିଭରି କରୁଥିବା ହଜାର ହଜାର ଗିଗ୍ ଶ୍ରମିକଙ୍କ ରୋଜଗାରକୁ ଝଟକା ଲାଗିଛି । ପ୍ରତ୍ୟେକ କିଲୋମିଟର ଯାତ୍ରା ସେମାନଙ୍କ ରୋଜଗାରକୁ ପ୍ରଭାବିତ କରୁଛି । ପେଟ୍ରୋଲ ପମ୍ପ ଗୁଡ଼ିକରେ ୨୦% ଇଥାନଲ ମିଶ୍ରିତ ତେଲ ମିଳୁଥିବାରୁ ପୁରୁଣା ମୋଟର ସାଇକେଲ ଚଳାଉଥିବା ଅନେକ ଡେଲିଭରି ରାଇଡର ମାଇଲେଜ ହ୍ରାସ, ଖର୍ଚ୍ଚ ବୃଦ୍ଧିକୁ ନେଇ ଚିନ୍ତିତ ରହିଛନ୍ତି । ଇଚ୍ଛା ନ ଥିଲେ ମଧ ସେମାନେ ବାଧ ହୋଇ ଏହି ବର୍ଗର ଇନ୍ଧନ ବ୍ୟବହାର କରୁଛନ୍ତି । ଡେଲିଭରି ରାଇଡରମାନେ ଦୈନିକ ୧୫୦ରୁ ୨୦୦ କିମି କିମ୍ବା ଏହାଠାରୁ ଉର୍ଦ୍ଧ୍ୱ ଯାତ୍ରା କରିଥାନ୍ତି । ଅନେକ ରାଇଡର ଇ-୨୦ ଅନିବାର୍ଯ୍ୟ ହେବା ଆଗରୁ ପୁରୁଣା ଗାଡି କିଣିଛନ୍ତି । ଫଳରେ ଇନ୍ଧନ ଜନିତ ଖର୍ଚ୍ଚ ବୃଦ୍ଧି ସେମାନଙ୍କୁ ଚିନ୍ତାରେ ପକାଇଛି । ଗତ କିଛି ମାସ ହେବ ଗାଡିର ମାଇଲେଜ କମିଥିବା ଅନେକ ରାଇଡର କହିଛନ୍ତି । ଆଉ ଉପରେ ଚାପ ପଡ଼ିଥିବା ବେଳେ ପୂର୍ବ ତୁଳନାରେ ତେଲ ପକାଇବାକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି । ଛଅ ବର୍ଷ ହେବ ୨୦୧୭ ମଡେଲ ଚଳାଉଥିବା ରାଇଡର ରାକେଶ ସାହୁ କହିଛନ୍ତି, ପୂର୍ବରୁ କମ୍ ତେଲ ପକାଇଲେ ମଧ ଅନେକ ରାଇଡ କରି ହେଉଥିଲା । ମାତ୍ର ବର୍ତ୍ତମାନ ମିଳୁଥିବା ତେଲରେ ମାଇଲେଜ ଏତେଟା ନ ମିଳିବା ଯୋଗୁ ବାରମ୍ବାର ତେଲ ଟାଙ୍କିକୁ ଦୌଡିବାକୁ ପଡୁଛି । ଦୈନଦିନ ପାର୍ଥକ୍ୟ ନ ଜଣା ପଡିଲେ ମଧ ମାସ ଶେଷ ବେଳକୁ ମୋଟ ଆୟରେ ଏହାର ପ୍ରଭାବ ଦେଖାଯାଉଛି । ଅନ୍ୟ ଜଣେ ରାଇଡର ସନ୍ତୋଷ ମହାରଣା କହିଛନ୍ତି, ଇ-୨୦କୁ ଖାପ ଖାଉଥିବା ଗାଡି ଟିଏ ଏବେ କିଣିପାରୁନି । ବାଧ ହୋଇ ପୁରୁଣା ଗାଡି ଇ-୨୦ ପକାଉଛି । ଅତ୍ୟଧିକ ଦାମ ଯୋଗୁ ପ୍ରିମିୟମ ପେଟ୍ରୋଲ ମଧ ପକାଇବା ସମ୍ଭବ ହେଉନି । ପରିଚାଳନା ଖର୍ଚ୍ଚରେ ବୃଦ୍ଧି ନିଶ୍ଚିତ ପକ୍ଷେ ଆୟ ଉପରେ ସିଧାସଳଖ ପ୍ରଭାବ ପକାଉଛି । ସମସ୍ତଙ୍କୁ ଠିକ୍ ସମୟରେ ଅର୍ଡର ଡେଲିଭରି ଦରକାର । ମାତ୍ର ତେଲ ପାଇଁ କିଭଳି ଖର୍ଚ୍ଚ ହେଉଛି ତାହା କେହି ଦେଖନ୍ତି ନାହିଁ । ଶିଳ୍ପ ବିଶେଷଜ୍ଞ କହିଛନ୍ତି ଯେ, ଗିଗ୍ ଶ୍ରମିକଙ୍କ ଜୀବିକା ସମ୍ପୂର୍ଣ୍ଣ ଭାବେ ଗାଡିର ପ୍ରଦର୍ଶନ ସ୍ଥିତି ଉପରେ ନିର୍ଭର କରେ । ଉନ୍ନତ ମାଇଲେଜ ନ ଦେଲେ ପ୍ରତି ଟଙ୍କାଟିଏ ଖର୍ଚ୍ଚ କରିବା ବେଳେ ମଧ ଲୋକଙ୍କୁ ବାଧିଥାଏ । ଇ-୨୦ରେ ମାଇଲେଜ କମୁଥିବାରୁ ଗିଗ୍ ଶ୍ରମିକଙ୍କ ଚିନ୍ତା ବଢ଼ିଛି ।

# ଓଡ଼ିଶାରେ ହେବ ଦ୍ୱିତୀୟ ସେମିକଣ୍ଡକ୍ଟର ୟୁନିଟ୍

## ଇନ୍‌ଫୋଭ୍ୟାଲିରେ ଚିପ୍ ଉତ୍ପାଦନ କରିବ ସିକ୍‌ସେମ୍

**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ନୂଆ ଆଶା ସଂଚାର ହୋଇଛି । ଖୋର୍ଦ୍ଧାରେ ସିକ୍‌ସେମ୍ କମ୍ପାନି ଚିପ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ । ଏଥିରେ ୩,୪୦୬ କୋଟି ଟଙ୍କା ନିବେଶ ହେବ । ଓଡ଼ିଶାରେ ଦ୍ୱିତୀୟ ବୃହତ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପ୍ରସ୍ତାବକୁ ଫାଲ୍‌ଟା ଏସ୍‌ଇଜେଡ୍‌ର ୟୁନିଟ୍ ଅନୁମୋଦନ କମିଟିର ମଞ୍ଜୁରି ମିଳିଛି । ଜଟଣୀ ତହସିଲର ଇଡ୍‌କୋ ଇନଫୋଭ୍ୟାଲିଠାରେ ୨୨.୮୮ ଏକର ପରିମିତ ଜମିରେ ଏହି ଉତ୍ପାଦନ ୟୁନିଟ୍ ସ୍ଥାପନ ହେବ । କେନ୍ଦ୍ର ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧିନ ଏସ୍‌ଇଜେଡ୍ ନିୟମାବଳୀ ଅନୁସାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ୟୁନିଟ ଜଟିଳ ଇଲେକଟ୍ରୋନିକ୍ସ ଉତ୍ପାଦନରେ ଆତ୍ମନିର୍ଭରଶୀଳତା ବଢ଼ାଇବ । ଏହାଦ୍ୱାରା ରାଜ୍ୟର ରପ୍ତାନି ଭିତ୍ତିକ ଶିଳ୍ପ ବିକାଶ ତ୍ୱରାନ୍ୱିତ ହେବା ଆଶା ରହିଛି ।



ଏହି ଅତ୍ୟାଧୁନିକ ୟୁନିଟରେ ସିଲିକନ କାର୍ବାଇଡ କମ୍ପାଉଣ୍ଡ ସେମିକଣ୍ଡକ୍ଟର ପ୍ରଯୁକ୍ତି ବ୍ୟବହାର କରାଯିବ । ଏଠାରେ ବାର୍ଷିକ ୪୮ ଲକ୍ଷ ସିକ୍ ଡାୟୋଡ୍ ଏବଂ ୯.୧୨ କୋଟି ସିକ୍ ମସ୍‌ଫେଟ୍ ଉତ୍ପାଦନ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ନୂଆ ୟୁନିଟ କାର୍ଯ୍ୟକ୍ଷମ ହେଲେ ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ମାନଚିତ୍ରରେ ପ୍ରତିଷ୍ଠିତ କରିବ । ଏହା ସହ ବୃହତ ନିବେଶ ରାଜ୍ୟ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ । ଏହି ପ୍ରକଳ୍ପ ୧୨୭୦ କୁଶଳୀ ନିଯୁକ୍ତି ସୃଷ୍ଟି କରିବ । ଏହାବାଦ ସ୍ଥାନୀୟ ଶିଳ୍ପ ଏବଂ ଯୋଗାଣ ଶୃଙ୍ଖଳ କ୍ଷେତ୍ରରେ ପରୋକ୍ଷ ନିଯୁକ୍ତି ଆସିବା ସମ୍ଭାବନା ରହିଛି । ୟୁନିଟ କାର୍ଯ୍ୟକ୍ଷମ ହେବାର ପ୍ରଥମ ୫ବର୍ଷରେ ଏଠାରୁ ୭୦୪୩ କୋଟିର ରପ୍ତାନି ହେବା ନେଇ ଆକଳନ କରାଯାଇଛି । ଏହି ସମୟ ଅବଧିରେ କମ୍ପାନି ପ୍ରାୟ ୪୫୨୩ କୋଟିର ନିଟ୍ ବୈଦେଶିକ ମୁଦ୍ରା ଅର୍ଜନ କରିବ । ଭାରତ ସେମିକଣ୍ଡକ୍ଟର ମିଶନ ଅଧିନରେ ଏହି ଅନୁମୋଦନ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ସାଧାରଣ ସିଲିକନ ଭିତ୍ତିକ ଚିପ୍ ତୁଳନାରେ ସିଲିକନ କାର୍ବାଇଡ ସେମିକଣ୍ଡକ୍ଟର ଗୁଡିକ ଅଧିକ ତାପମାତ୍ରା, ଉଚ୍ଚ ଭୋଲଟେଜ, ଶକ୍ତି ଦକ୍ଷତା ସହ୍ୟ କ୍ଷମତା ରଖିଥାଏ । ଫଳରେ ବୈଦ୍ୟୁତିକ ଯାନ, ଫାଷ୍ଟ ଚାର୍ଜିଂ ଷ୍ଟେଶନ, ସୌର ଇନଭର୍ଟର, ସ୍ମାର୍ଟ ଗ୍ରୀଡ ସିଷ୍ଟମ, ଡାଟା ସେଣ୍ଟର ଏବଂ ଶିଳ୍ପ ଅଟୋମେଶନ କ୍ଷେତ୍ରରେ ଏଭଳି ଚିପ୍ ଗୁଡିକର ବହୁଳ ଭାବେ ଚାହିଦା ରହିଛି ।

# ପ୍ଲାଷ୍ଟିକ୍‌ର ବିଷ ବଳୟରେ ଓଡ଼ିଶା

**ଭୁବନେଶ୍ୱର(ବ୍ୟୁରୋ):** ପବିତ୍ର ଗାନ୍ଧୀ ଜୟନ୍ତୀରେ ଭୁବନେଶ୍ୱର ସମେତ ୫ ମହାନଗର ନିଗମରେ ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାରରେ ଓଡ଼ିଶା ସରକାର କଟକଣା ଲଗାଇଥିଲେ। ଲକ୍ଷ୍ୟ ଥିଲା, ପ୍ଲାଷ୍ଟିକ୍‌ର ବିଷ ବଳୟରୁ ଓଡ଼ିଶାକୁ ମୁକ୍ତ କରିବା। ଆରମ୍ଭରୁ ଏଥିପାଇଁ ଘନ ଘନ ଚଢ଼ଉ ?ହେଲା। ଦୋକାନ, ବଜାରରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପଲିଥିନ୍ ଜବତ ହେଲା। କିନ୍ତୁ ସେ ଜାଣତରେ ହେଉ କି ଅଜାଣତରେ, ମୂଳରେ ପହଞ୍ଚିବାକୁ ଚେଷ୍ଟା କଲେନି ଟିମ୍। ଯେଉଁମାନେ ପଲିଥିନ୍ ଉତ୍ପାଦନ କରି ବଜାରକୁ ଛାଡୁଛନ୍ତି, ସେମାନଙ୍କୁ ଧରାଗଲାନି। ଏଣୁ କଟକଣାର ୭ ବର୍ଷ ପରେ ବି ସ୍ଥିତି ଯଥାପୂର୍ବଂ ତଥା ପରଂ। ଏହି କଟକଣା କେବଳ ଲୋକ ଦେଖାଣିଆ ହୋଇ ରହିଯାଇଛି। ଚଢ଼ଉ କୋହଳ ଥିବାରୁ ପୁଣି ବିପୁଳ ପଲିଥିନ୍ ବଜାରରେ ପ୍ରବେଶ କଲାଣି



ଓ ବଜାରଘାଟ ଚାରିଆଡ଼େ ଅବାଧ ବ୍ୟବହାର ବଢ଼ିଗଲାଣି। ପାର୍ବଣରେ ଏହାର ବ୍ୟବହାର ଅଧିକ ବଢ଼ିଗଲାଣି। ଯାହା ହାତକୁ ଦେଖିଲେ, ନିଷିଦ୍ଧ ପଲିଥିନ୍। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମରୁ ପ୍ରତିବର୍ଷ ୨୦ହଜାର ଟନ୍‌ରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି। ଯାହା ଭୁବନେଶ୍ୱର ମହାନଗର ନିଗମରୁ ସଂଗୃହୀତ ଆବର୍ଜନାର ପ୍ରାୟ ୬୦ ପ୍ରତିଶତ। ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲା, ୫ ମହାନଗର ନିଗମ ଭିତରେ ଭୁବନେଶ୍ୱରରୁ ସର୍ବାଧିକ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି। ୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ରାଜ୍ୟର ଏହି ୫ ମହାନଗର ନିଗମରେ ପଲିଥିନ୍ ବ୍ୟବହାର ସଂପୂର୍ଣ୍ଣ ନିଷେଧ କରାଯାଇଥିଲା। ପୂର୍ବରୁ ମାଟିରେ ମିଶୁନଥିବା ୫୦ ମାଇକ୍ରନ୍ ପଲିଥିନ୍ ବ୍ୟବହାରରେ କେନ୍ଦ୍ର ସରକାର କଟକଣା ଲଗାଇଥିଲେ। ୨୦୨୧ରେ ନୂଆ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ଆସିବା ପରେ ୨୦୨୨ ଡିସେମ୍ବରରୁ ୧୨୦ ମାଇକ୍ରନ୍ ପଲିଥିନ୍ ବ୍ୟବହାର ନିଷେଧ କରିଛନ୍ତି। ସେପଟେ ବିଭିନ୍ନ ସହରାଞ୍ଚଳରେ ବଜାରଘାଟକୁ ପ୍ଲାଷ୍ଟିକ ଫ୍ରି' କରିବାକୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ମିଳୁଛି। କିନ୍ତୁ ଭୁବନେଶ୍ୱର ମହାନଗର ନିଗମରେ ଏହା ନିୟମକୁ ଆଖିଠାର ସଦୃଶ ହୋଇଛି। ଚଳିତବର୍ଷ ମାର୍ଚ୍ଚରେ ଭୁବନେଶ୍ୱର ମହାନଗର ନିଗମ ବିଭିନ୍ନ ହାଟରୁ ପ୍ଲାଷ୍ଟିକମୁକ୍ତ ଅଭିଯାନର ଶୁଭାରମ୍ଭ କରିଥିଲା। ଏହି ଅଭିଯାନ କେବଳ ବଡ଼ ବଡ଼ ହୋର୍ଡିଂ ଓ ସୂଚନା ଫଳକରେ ସୀମିତ ରହିଛି। ନିୟମ ତା' ବାଟରେ ଓ ପଲିଥିନ୍ ବ୍ୟବହାର ତା' ବାଟରେ। ସବୁଠୁ ଚିନ୍ତାଜନକ ସ୍ଥିତି ରାଜଧାନୀର ବଡ଼ ୟୁନିଟ୍-୧ ଓ ୟୁନିଟ୍-୪ ହାଟରେ। ଏଠାରେ ନିଷିଦ୍ଧ ପଲିଥିନ୍‌ର ଅବାଧ ବ୍ୟବହାର ହେଉଥିଲେ ବି ଏହା କେଉଁଠୁ ଆସୁଛି, ତାକୁ ଯାଞ୍ଚ କରିବାକୁ କେହି ନାହାନ୍ତି। ଏଣୁ ଏହି ପଲିଥିନ୍‌ର ବିଷୟ ବଳୟ ଭବିଷ୍ୟତ ପିଢ଼ିଙ୍କ ପାଇଁ ସତର୍କ ଘଣ୍ଟି ସାଜିଛି।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଭବିଷ୍ୟତର ଧାତୁକୁ ଆକାର ଦେଉଥିବା ଯନ୍ତ୍ରୀମାନଙ୍କୁ ହୃଦୟଭରା ସମ୍ମାନ

**ଭୁବନେଶ୍ୱର(ବ୍ୟୁରୋ):** ଭାରତର ବିଭିନ୍ନ ପ୍ରାନ୍ତରେ ପ୍ରତିଦିନ ଯନ୍ତ୍ରୀମାନେ ଧାରଣା ଓ କଂଚାମାଲକୁ ଆଧୁନିକ ଜୀବନକୁ ଗତି ଦେଉଥିବା ଅଭିନବ ସମାଧାନରେ ପରିଣତ କରୁଛନ୍ତି । ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟଙ୍କ ସମ୍ମାନରେ ପାଳିତ ଜାତୀୟ ଯନ୍ତ୍ରୀ ଦିବସ ଅବସରରେ ସମାଜ ଓ ଆଧୁନିକ ଉତ୍ପାଦନ ଶିଳ୍ପର ପ୍ରଗତିକୁ ଆଗେଇ ନେଉଥିବା ଏହି ବିଶେଷଜ୍ଞମାନଙ୍କ ଅବଦାନକୁ ସ୍ମରଣ କରାଯାଉଛି । ଓଡ଼ିଶା ଓ ଛତିଶଗଡ଼ରେ ବେଦାନ୍ତ ଆଲୁମିନିୟମର ବିଶ୍ୱସ୍ତରୀୟ କାର୍ଯ୍ୟକଳାପର ମୂଳକେନ୍ଦ୍ରରେ ରହିଛନ୍ତି ଯନ୍ତ୍ରୀମାନେ । ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନାଠାରୁ ଆଲୁମିନା ଉତ୍ପାଦନ ଏବଂ ବିଦ୍ୟୁତ୍‌ଚାଳିତ ଯାନ, ଅକ୍ଷୟ ଶକ୍ତି, ଭିତିଭୂମି ଓ ବିମାନ ଶିଳ୍ପ ଭଳି ଉନ୍ନତ କ୍ଷେତ୍ର ପାଇଁ ବିଶେଷ ଆଲୁମିନିୟମ ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ, ମୂଲ୍ୟ ଶୃଙ୍ଖଳାର ପ୍ରତ୍ୟେକ ପର୍ଯ୍ୟାୟରେ ସେମାନଙ୍କ ଭୂମିକା ରହିଛି । ବିଶ୍ୱର କେତେକ ବୃହତମ କାରଖାନାରେ ଉତ୍ପାଦିତ ପ୍ରତ୍ୟେକ ଟନ୍ 'ଭବିଷ୍ୟତର ଧାତୁ' ଆଲୁମିନିୟମ ପଛରେ ବିଭିନ୍ନ ବିଷୟର ଯନ୍ତ୍ରୀମାନଙ୍କ ସମ୍ମିଳିତ ପ୍ରୟାସ ରହିଛି । ଆଲୁମିନିୟମର ଯାତ୍ରା ଖଣିରୁ ଆରମ୍ଭ ହୁଏ । ଖଣି ଓ ଭୂତତ୍ୱ ଯନ୍ତ୍ରୀମାନେ ଖଣିଜ ସମ୍ପଦ ଚିହ୍ନଟ କରିବା ସହ ଦାୟିତ୍ୱପୂର୍ଣ୍ଣ ଭାବେ ତାହା ଉତୋଳନର ଯୋଜନା ପ୍ରସ୍ତୁତ କରନ୍ତି । ଓଡ଼ିଶାର କଳାହାଣ୍ଡିସ୍ଥିତ କମ୍ପାନୀର ବୃହତ୍ ଆଲୁମିନା ବିଶୋଧନାଗାରରେ ବକ୍ସାଇଟ୍ ଖଣିଜକୁ ପ୍ରକ୍ରିୟାକରଣ କରାଯାଇ ଆଲୁମିନାରେ ପରିଣତ କରାଯାଏ । ରାସାୟନିକ ଓ ପ୍ରକ୍ରିୟା ଯନ୍ତ୍ରୀମାନେ ଏହି ପ୍ରକ୍ରିୟାରେ ପ୍ରମୁଖ ଭୂମିକା ନିଭାଇଥାନ୍ତି ।



ଏହାପରେ ଆଲୁମିନା ଓଡ଼ିଶାର ଝାରସୁଗୁଡ଼ା ଏବଂ ଛତିଶଗଡ଼ର କୋରବାସ୍ଥିତ କମ୍ପାନୀର ଧାତୁ ତରଳୀକରଣ କାରଖାନାକୁ ପହଂଚେ। ସେଠାରେ ଧାତୁବିଜ୍ଞାନ ଯନ୍ତ୍ରୀମାନେ ବିଦ୍ୟୁତ୍ ବିଶ୍ଳେଷଣ ପ୍ରକ୍ରିୟା ମାଧ୍ୟମରେ ଆଲୁମିନାକୁ ତରଳ ଆଲୁମିନିୟମରେ ପରିଣତ କରିବା ପ୍ରକ୍ରିୟାର ତଦାରଖ କରନ୍ତି । ପରବର୍ତୀ ପର୍ଯ୍ୟାୟରେ ଯାନ୍ତ୍ରିକ ଓ ଉତ୍ପାଦ ବିକାଶ ଯନ୍ତ୍ରୀମାନେ ତରଳ ଆଲୁମିନିୟମକୁ ବିଭିନ୍ନ ପ୍ରକାରର ଉତ୍ପାଦରେ ରୂପ ଦିଅନ୍ତି । ଏଥିରେ ଧାତୁ ଦଣ୍ଡ, ତାର ଦଣ୍ଡ, ପ୍ରାଥମିକ ଢାଳେଇ ମିଶ୍ରଧାତୁ, ଧାତୁ ପଟି ଓ ଗଢ଼ାଯାଇଥିବା ଉତ୍ପାଦ ଆଦି ଅନ୍ତର୍ଭୁକ୍ତ । ଏହି ସମଗ୍ର ପରିସଂସ୍ଥାକୁ ସୁଦୃଢ଼ କରିବାରେ ନିର୍ମାଣ, ଗଠନ, ସୁରକ୍ଷା ଓ ପରିବେଶ ଯନ୍ତ୍ରୀମାନଙ୍କ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ନିର୍ଭରଯୋଗ୍ୟ ଭିତିଭୂମି, ନିରାପଦ କାର୍ଯ୍ୟପ୍ରଣାଳୀ ଓ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ସୁନିଶ୍ଚିତ କରନ୍ତି । ଏହି ସମସ୍ତ ବିଷୟର ସମନ୍ୱୟରେ ପ୍ରାକୃତିକ ସମ୍ପଦ ଏକ ବହୁମୁଖୀ ଧାତୁରେ ପରିଣତ ହୁଏ । ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, 'ଭବିଷ୍ୟତର ଧାତୁ ଉତ୍ପାଦନ ପାଇଁ ବିଭିନ୍ନ ବିଷୟର ଦକ୍ଷ ଯନ୍ତ୍ରୀମାନଙ୍କ ସାମୂହିକ ବିଶେଷଜ୍ଞତା ଆବଶ୍ୟକ। ଦକ୍ଷ ପ୍ରକ୍ରିୟାର ରୂପରେଖ ପ୍ରସ୍ତୁତି ଓ ଜଟିଳ ଯନ୍ତ୍ରପାତିର ରକ୍ଷଣାବେକ୍ଷଣଠାରୁ ନୂଆ ଉତ୍ପାଦ ବିକାଶ ଏବଂ ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରିବା ପର୍ଯ୍ୟନ୍ତ, ଆମ ଯନ୍ତ୍ରୀମାନେ ନିଜର ଗଭୀର ବୈଜ୍ଞାନିକ ଜ୍ଞାନକୁ ଅଭିନବ ସମାଧାନରେ ପରିଣତ କରୁଛନ୍ତି। ଏହା ଦେଶ ପାଇଁ ଅତିରିକ୍ତ ମୂଲ୍ୟ ସୃଷ୍ଟି କରୁଛି। ଭାରତରେ ବିଶ୍ୱସ୍ତରୀୟ ଓ ଭବିଷ୍ୟତ ପ୍ରସ୍ତୁତ ଆଲୁମିନିୟମ ଶିଳ୍ପ ଗଢ଼ିବାରେ ସେମାନଙ୍କ ଅବଦାନ କେନ୍ଦ୍ରୀୟ ଭୂମିକା ନିଭାଉଛି।

# ଅଭିନେତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ ସହନିର୍ଦ୍ଦେଶକ

**ଭୁବନେଶ୍ୱର(ବ୍ୟୁରୋ):** ଧାରାବାହିକ ଅଭିନେତ୍ରୀଙ୍କୁ ଏକତରଫା ପ୍ରେମ କରି ତାଙ୍କ ଫଟୋ ଭାଇରାଲ ଘଟଣା ସାମ୍ନାକୁ ଆସିଛି। ଏନେଇ ସମ୍ପୃକ୍ତ ଅଭିନେତ୍ରୀ ଥାନାରେ ଅଭିଯୋଗ କରିବା ପରେ ମଙ୍ଗଳବାର ମହିଳା ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଉତ୍ତରପ୍ରଦେଶ ଜୌନପୁର ଅଞ୍ଚଳର ଅମନ ଉପାଧ୍ୟାୟ। ପୋଲିସ ସୂଚନା ଅନୁଯାୟୀ, ଅମନ ଭୁବନେଶ୍ୱରରେ ପ୍ରାୟ ୧ ବର୍ଷ ପୂର୍ବେ ଏକ ଧାରାବାହିକରେ ସହ-ନିର୍ଦ୍ଦେଶକ ଭାବେ କାମ କରୁଥିଲେ। ଅଭିଯୋଗକାରିଣୀ ଅଭିନେତ୍ରୀ ଉକ୍ତ ଧାରାବାହିକରେ ମଧ ଅଭିନୟ କରିଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପରିଚୟ ହେବାପରେ ଅମନ ଅଭିନେତ୍ରୀଙ୍କୁ ଏକତରଫା ଭଲପାଇବା ସହିତ ତାଙ୍କ ଅନିଚ୍ଛା ସତ୍ତ୍ୱେ ବାରମ୍ବାର ପ୍ରେମ ନିବେଦନ କରିଥିଲେ। ଏଥିରେ ଅରାଜି ହେବାରୁ ଅମନ ସମ୍ପୃକ୍ତ ଅଭିନେତ୍ରୀଙ୍କ ଫଟୋ ସହ ନିଜ ଫଟୋକୁ



ଏଆଇ ମାଧ୍ୟମରେ ଏଡିଟ୍ କରି ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏଥିସହ ସେ ଅଭିନେତ୍ରୀଙ୍କ କେତେଜଣ ସାଙ୍ଗଙ୍କୁ ମଧ ଏହି ଫଟୋଗୁଡ଼ିକୁ ପଠାଇଥିଲେ। ଏନେଇ ଅଭିନେତ୍ରୀ ଜଣକ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୯୧/୨୬) ରୁଜୁ କରି ତଦନ୍ତ କରିବା ସହ ଅମନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି।

# ଅସୁରକ୍ଷିତ ହୋଇପଡ଼ିଛି ଚନ୍ଦକା-ଡମପଡ଼ା ଅଭୟାରଣ୍ୟ

**ଭୁବନେଶ୍ୱର(ବ୍ୟୁରୋ):** ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ପୁଣି ଏକ ହାତୀ ଆହତ। କିଛି ମାସର ବ୍ୟବଧାନ ପରେ ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ପରସ୍ପର ମଧ୍ୟରେ ଲଢ଼େଇ ହେଉ କିମ୍ବା ଅନ୍ୟ କୌଣସି କାରଣ ପାଇଁ ଦନ୍ତାହାତୀଟି ଆହତ ହୋଇଥିବା ଜଣାପଡ଼ିବା ପରେ ବନ ବିଭାଗ ତତ୍ପରତା ପ୍ରକାଶ କରିବା ସହ ତାହାର ଚିକିତ୍ସା କରିଛି। ଆଜି ସନ୍ଧ୍ୟା ସୁଦ୍ଧା ହାତୀଟିକୁ ଚିକିତ୍ସା କରାଯାଇ ଜଙ୍ଗଲରେ ଛଡ଼ାଯାଇଛି। ବନ ବିଭାଗର କର୍ମଚାରୀଙ୍କ ସମେତ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ହାତୀଟିର ଗତିବିଧି ଉପରେ ନଜର ରଖାଯାଇଛି। ତେବେ ରାଜଧାନୀ ସଂଲଗ୍ନ ଏହି ଜଙ୍ଗଲରେ ହାତୀଗୁଡ଼ିକ ବାରମ୍ବାର ଆହତ ହେବା ଘଟଣା ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନ ବିଭାଗ କହିବାନୁଯାୟୀ ଭାରତପୁର ସଂରକ୍ଷିତ ଜଙ୍ଗଲରେ ଏକ ଦନ୍ତାହାତୀ ଆହତ ହୋଇ ବୁଲୁଥିବା ସୋମବାର ସନ୍ଧ୍ୟାରେ ନଜରକୁ ଆସିଥିଲା। ତାହାର ଆଗ ବାମଗୋଡ଼ରେ କିଛି ସମସ୍ୟା ହେଉଥିବା ଦେଖିବାକୁ ମିଳିବା ପରେ ଚିକିତ୍ସା ପାଇଁ ଓୟୁଏଟିର ବିଶେଷଜ୍ଞ ଓ ନନ୍ଦନକାନନ ଟିମ୍‌କୁ ଅବଗତ



କରାଯାଇଥିଲା। ଚନ୍ଦକା ବନଖଣ୍ଡର କର୍ମଚାରୀ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଓୟୁଏଟିର ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଅପରାହ୍ଣ ୪ଟାରେ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯିବା ସହ ଚିକିତ୍ସା କରାଯାଇଛି। ଭାରତପୁର ଜଙ୍ଗଲରେ ପରସ୍ପର ମଧ୍ୟରେ ଲଢେଇରୁ ହାତୀଟି ଆହତ ହୋଇଥିବା ଅନୁମାନ କରାଯାଉଛି। ହାତୀର ବୟସ ପ୍ରାୟ ୨୮ ବର୍ଷ ହେବ। ଅପରାହ୍ଣରେ ଟ୍ରାଙ୍କୁଲାଇଜ୍ ପରେ ହାତୀଟି ପ୍ରାୟ ୨୦ ମିନଟ୍ ପର୍ଯ୍ୟନ୍ତ ଅଚେତ ହୋଇପଡ଼ିରହିଥିଲା। ହାତୀଟି ଚେତାଶୂନ୍ୟ ଥିବା ସମୟରେ ସ୍ୱାସ୍ଥ୍ୟ ଯାଞ୍ଚ କରିବାରୁ ସମ୍ମୁଖ ଭାଗ ବାମ ଗୋଡ଼ ମକଚି ହୋଇଥିବା ଜଣାପଡ଼ିଥିଲା। ଆଘାତପ୍ରାପ୍ତ ଜାଗାରେ ପ୍ରତିଷେଧକ ଓ ପେନ୍ କିଲର ଦେଇ ପ୍ରାୟ ଦୁଇ ଘଣ୍ଟା ଚିକିତ୍ସା କରାଯାଇଥିଲା। ଚେତା ଫେରିବା ପାଇଁ ଇଞ୍ଜେକ୍‌ସନ୍ ଦିଆଯାଇଥିଲା। ହାତୀଟି ଶୀଘ୍ର ସୁସ୍ଥ ହେବା ଉଦ୍ଦେଶ୍ୟରେ ତାକୁ ଜଙ୍ଗଲରେ ଛାଡ଼ିଦିଆଯାଇଥିବା ଚନ୍ଦକା ଡିଏଫ୍‌ଓ ବିନୋଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଡିଏଫ୍‌ଓ ଶ୍ରୀ ଆଚାର୍ଯ୍ୟ ଓ ଏସିଏଫ୍ ବିନ୍ଦୁ ପ୍ରସାଦ ମହାନ୍ତିଙ୍କ ଉପସ୍ଥିତିରେ ଓୟୁଏଟି ପ୍ରାଣୀ ବିଭାଗ ପ୍ରଫେସର ବିଶ୍ୱଜିତ ଜେନାଙ୍କ ତତ୍ତ୍ୱାବଧାନରେ ନନ୍ଦନକାନନର ଟ୍ରାଙ୍କୁଲାଇଜ୍ ବିଶେଷଜ୍ଞ ଦୁଷ୍ମନ୍ତ କୁମାର ନାଏକ ହାତୀଟିକୁ ଟ୍ରାଙ୍କୁଲାଇଜ୍ କରିଥିଲେ। ୨୦୨୫ ଡିସେମ୍ବର ଚନ୍ଦକା ଜଙ୍ଗଲରେ ଏକ ଅସୁସ୍ଥ ଦନ୍ତା ବୁଲୁଥିବା ନଜରକୁ ଆସିଥିଲା। ହାତୀଟି ଛୋଟେଇ ଚାଲୁଥିବାରୁ ଚିକିତ୍ସା ଦିଗରେ ପଦକ୍ଷେପ ନିଆଯାଇଥିଲା। ଜଙ୍ଗଲ ଭିତରେ ବହୁତ ଖୋଜାଖୋଜି ପରେ ଭାଲୁକା ଜଙ୍ଗଲରେ ତାକୁ ଠାବ କରାଯାଇ ଟ୍ରାଙ୍କୁଲାଇଜ୍ କରିବା ଦିଗରେ ପଦକ୍ଷେପ ନିଆଯାଇଥିଲା। ମାତ୍ର ସଫଳତା ମିଳି ନଥିଲା। ଟ୍ରାଙ୍କୁଲାଇଜ୍ କରିବାକୁ ଯିବା ସମୟରେ ହାତୀଟି ଗୋଡ଼େଇ ଆସିବାରୁ ବନ କର୍ମଚାରୀମାନେ ଭୟରେ ଦୌଡ଼ିଥିଲେ ଏବଂ କେତେଜଣ ଆହତ ହୋଇଥିଲେ। ପରଦିନ ଟ୍ରାଙ୍କୁଲାଇଜ୍ କରାଯାଇ ଚିକିତ୍ସା କରାଯାଇ ଜଙ୍ଗଲରେ ଛଡ଼ାଯାଇଥିଲା। ତେବେ ୨୦୨୪ ଅଗଷ୍ଟରୁ ୨୦୨୫ ଡିସେମ୍ବର ମଧ୍ୟରେ ତିନିଟି ହାତୀଙ୍କ ମୃତ୍ୟୁ ହୋଇଥିଲେ ମଧ ଏପର୍ଯ୍ୟନ୍ତ କାହାରିକୁ ଉତ୍ତରଦାୟୀ କରାଯାଇ ନାହିଁ। ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଦର୍ଶାଇ ସମସ୍ତେ ଚୁପ୍‌ବସିପଡ଼ିଛନ୍ତି। ୨୦୨୪ ଅଗଷ୍ଟରେ ଭରତପୁର ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ୍ ସଂସ୍ପର୍ଶରେ ଦନ୍ତାହାତୀ 'ରାମୁ'ର ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ଦୁଇଟି ଦନ୍ତାଙ୍କ ଲଢ଼େଇ ମଧ୍ୟରେ ଛୋଟଦନ୍ତା ଗୁରୁତର ଆହତ ହୋଇଥିଲା। ବନ ବିଭାଗ ଠିକ୍ ଭାବେ ତାହାକୁ ଟ୍ରାକିଂ ନ କରିବାରୁ କିଛି ଦିନ ପରେ ହାତୀର ମୃତଦେହ ମିଳିଥିଲା। ୨୦୨୫ ଡିସେମ୍ବରରେ ଆଉ ଏକ ହାତୀର ମୃତ୍ୟୁ ହୋଇଥିଲା। ଏଭଳି ହାତୀ ଆହତ ଓ ମୃତ୍ୟୁ ଘଟଣା ଅଭୟାରଣ୍ୟରେ ହାତୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଲାଣି।

# ପାର୍ବଣ ଆରମ୍ଭରୁ ହନ୍ତସନ୍ତ କଲାଣି ଟ୍ରାଫିକ ସମସ୍ୟା

**ଭୁବନେଶ୍ୱର(ବ୍ୟୁରୋ) :** ଗଣେଶ ପୂଜାରେ ଏତେ, ଦୁର୍ଗାପୂଜାରେ କେତେ? ରାଜଧାନୀରେ ପାର୍ବଣରେ କନ୍ଦାଉଛି ଟ୍ରାଫିକ ସମସ୍ୟା । ପ୍ରାୟ ୨ କିଲୋମିଟର ଯିବା ପାଇଁ ଲାଗୁଛି ପାଖାପାଖି ୨୦ ରୁ ୩୦ ମିନିଟ୍ । ଏଭଳି ଚିତ୍ର ଭୁବନେଶ୍ୱରର ଏକାଧିକ ରାସ୍ତା ଯଥା – ବାଣୀବିହାର ଛକରୁ ସହିଦ ନଗର ଦେଇ ମାଷ୍ଟରକ୍ୟାଣ୍ଟିନ୍ ଛକ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି । ଖାଲି ସେତିକି ନୁହେଁ, ପଟିଆ ଜୟଦେବ ବିହାର ରାସ୍ତା ସହ ରସୁଲଗଡ଼, ଆଚାର୍ଯ୍ୟ ବିହାର ରୋଡ, କଳ୍ପନା ଆଦି ଜାଗାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି । ପାର୍ବଣ ଆରମ୍ଭରୁ ଏହିଭଳି ଟ୍ରାଫିକ ସମସ୍ୟା କୁ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ବିଶେଷ କରି ଗଣେଶ ମଣ୍ଡପକୁ ବୁଲିବାକୁ ଆସୁଥିବା ଭକ୍ତ ରାସ୍ତା କଡ଼ରେ ଅବୈଧ ଭାବେ ପାର୍କିଂ କରୁଛନ୍ତି । ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଗଳି ରାସ୍ତାରେ ଲୋକେ ଗାଡ଼ି ମୋଟର ରଖି ବୁଲୁଛନ୍ତି । ରାସ୍ତା କଡ଼ରେ ମେଲୋଡ଼ି ଚାଲୁଥିବାରୁ ଲୋକେ ଦେଖିବାକୁ ଭିଡ଼ କରୁଛନ୍ତି । ରାସ୍ତା କଡ଼ରେ ସବୁ ଜାଗାରେ ଉଠା ଦୋକାନୀ ନିଜର ବେପାର ଖୋଲିଛନ୍ତି । ସଂଧ୍ୟାରେ ପରିବାର ସହ ଲୋକଙ୍କ କିଣାକିଣି ସହ ପୂଜା ମଣ୍ଡପ ବୁଲୁଛନ୍ତି । ଏଠି ପ୍ରଶ୍ନ ଉଠୁଛି ଯେ, ପାର୍ବଣ ଆରମ୍ଭରୁ ଅର୍ଥାତ୍ ଯଦି ଗଣେଶ ପୂଜାରେ ଏହିଭଳି ଭିଡ଼ ଦେଖିବାକୁ ମିଳୁଛି, ତେବେ ଆଗକୁ ଟ୍ରାଫିକ ଅବସ୍ଥା ଆଉ କିଭଳି ହେବ । ପ୍ରଶାସନ ଭିଡ଼ ନିୟନ୍ତ୍ରଣ କରିବାରେ ବିଫଳ ହେଉଛି କି ତାହାକୁ ନେଇ ମଧ ପ୍ରଶ୍ନ ଉଠୁଛି । କମିଶନରେଟ ପୋଲିସ ପକ୍ଷରୁ ସହରର ପ୍ରାୟ ୪୨୦ଟି ମଣ୍ଡପ ପାଇଁ ସୁରକ୍ଷା ବଳ ମୁତୟନ, ଡିଜେ ଉପରେ କଟକଣା ଏବଂ ପିକ ଆୱାରରେ ଭସାଣି ଶୋଭାଯାତ୍ରା ଉପରେ ବାରଣ ଭଳି ନିୟମ ଜାରି କରାଯାଇଛି ।

# ଭାରତୀୟ ନୌସେନା ଜାହାଜକୁ ଧକ୍କାଦେଲା ପାକିସ୍ତାନ ଜାହାଜ

- ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ବଢ଼ିଲା ଉତ୍ତେଜନା
- ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ଜବାବ ମାଗିଲା ବୈଦେଶିକ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୧୬।୯:** ଅନ୍ତର୍ଜାତୀୟ ଜଳ ରାଶିରେ ବଡ଼ ଅଘଟଣ। ପାକିସ୍ତାନ ନୌସେନାର ଗୋଟିଏ ଜାହାଜ ହଠାତ୍ ଭାରତୀୟ ନୌସେନାର ଜାହାଜକୁ ଦେଇଛି ଧକ୍କା। ଏହି ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଦୃଢ଼ ପ୍ରତିବାଦ କରିଛି। ଭାରତରେ ଅବସ୍ଥିତ ପାକିସ୍ତାନ ହାଇକମିଶନର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବୈଦେଶିକ ମନ୍ତ୍ରଣାଳୟ ସମନ କରିଛି। ସମୁଦ୍ରରେ ପାକିସ୍ତାନ ନୌସେନାର ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ଓ ପାକିସ୍ତାନର ଆଚରଣ ସଂପୂର୍ଣ୍ଣ ଅଣପେସାଦାର ବୋଲି ଭାରତ ପକ୍ଷରୁ କୁହାଯାଇଛି। ଗତବର୍ଷର ଅପରେସନ ସିନ୍ଦୂର ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ଏପରି ଘଟଣା ସାମ୍ନାକୁ ଆସିଛି। ପୂରା ଘଟଣା ସେପ୍ଟେମ୍ବର ୧୫ ତାରିଖ ସନ୍ଧ୍ୟା ସମୟରେ ଘଟିଥିଲା। ଭାରତୀୟ ଯୁଦ୍ଧ ଜାହାଜ ଉତ୍ତର ଆରବ ସାଗରରେ ନିୟମିତ ସର୍ଭେଲାନ୍ସ କାମରେ ନିୟୋଜିତ ଥିଲା। ଏହି ସମୟରେ ପାକିସ୍ତାନୀ ନୌସେନାର ଗୋଟିଏ ଜାହାଜ ଦ୍ରୁତଗତିରେ ସେଠାରେ ପହଞ୍ଚିବା ସହ ଭାରତୀୟ ଜାହାଜକୁ ଧକ୍କା ଦେଇଥିଲେ।

ଗୋଟିଏ ବିବୃତିରେ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଘଟଣା ଅନ୍ତର୍ଜାତୀୟ ଜଳରେ ଘଟିଥିବା ବେଳେ ଏଥିରେ କୌଣସି ବଡ଼ଧରଣର କ୍ଷୟକ୍ଷତି ହୋଇନାହିଁ। କିନ୍ତୁ ପାକିସ୍ତାନୀ ନୌସେନା ଜାହାଜର ଏପରି ଆଚରଣ ୧୯୯୧ ମସିହାରେ ହୋଇଥିବା ଚୁକ୍ତିର ଧାରା ୧୦ର ସିଧା ଉଲ୍ଲଙ୍ଘନ। ଏହି ଧାରାରେ ଭାରତ ଓ ପାକିସ୍ତାନ କୌଣସି ସାମରିକ ଅଭ୍ୟାସ, ଯୁଦ୍ଧାଭ୍ୟାସ ଓ ସେନା ବାହିନୀ ଚଳପ୍ରଚଳ କରିବା ସମୟରେ ଆଗରୁ ସୂଚନା ଦେବାକୁ ବାଧ ବୋଲି କୁହାଯାଇଛି। ହେଲେ ପାକିସ୍ତାନ ନୌସେନା ପୂର୍ବରୁ କୌଣସି ସୂଚନା ନ ଦେଇ ଅନ୍ତର୍ଜାତୀୟ ଜଳ ରାଶିରେ ବେଧଡ଼କ ଅନ୍ଦାଜରେ ବିଚରଣ କରିବା ସହ ଭାରତୀୟ ଜାହାଜକୁ ଧକ୍କା ଦେଇଥିବା ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।



ଅନ୍ୟପଟରେ, ପାକିସ୍ତାନୀ ନୌସେନା ଜାହାଜ ଏବଂ ଭାରତୀୟ ନୌସେନା ୟୁନିଟ ମଧ୍ୟରେ ହୋଇଥିବା ଧକ୍କାକୁ ନେଇ ଭାରତ ପାକିସ୍ତାନ ନିକଟରେ ଦୃଢ଼ ପ୍ରତିବାଦ ଜଣାଇଛି। ନୂଆଦିଲ୍ଲୀରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (MEA) ପାକିସ୍ତାନ ହାଇକମିଶନର 'ଚାର୍ଜ ଡି'ଆଫେୟାର୍ସ' ଙ୍କୁ ଡକାଇ ସମୁଦ୍ର ମଧ୍ୟରେ ପାକିସ୍ତାନୀ ନୌସେନା ୟୁନିଟର କଥିତ ଅସ୍ୱୀକାର୍ଯ୍ୟ ଏବଂ ଅପେଶାଦାର ଆଚରଣ ବିରୁଦ୍ଧରେ ଆପତ୍ତି ଜଣାଇଛି। ଏହି ଘଟଣା ଆରବ ସାଗରର ଆନ୍ତର୍ଜାତୀୟ ଜଳସୀମାରେ ଘଟିଥିଲା; ତଥାପି, ଏଥିରେ କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ। ଭାରତ ପାକିସ୍ତାନକୁ ଜଣାଇଛି ଯେ ପାକିସ୍ତାନୀ ନୌସେନା ଜାହାଜର ଏହି ଆଚରଣ ଏପ୍ରିଲ ୧୯୯୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମାର ଧାରା ୧୦ର ସିଧାସଳଖ ଉଲ୍ଲଂଘନ ଅଟେ। ୧୯୯୧ର ଏହି ଚୁକ୍ତିନାମା ସାମରିକ ଅଭ୍ୟାସ, ଚଳନ ଏବଂ ସୈନ୍ୟବାହିନୀର ଗତିବିଧି ସମ୍ପର୍କରେ ପୂର୍ବ ସୂଚନା ଦେବା ସହ ଜଡ଼ିତ; ଉଭୟ ଦେଶ ପୂର୍ବରୁ ସାମୁଦ୍ରିକ ଘଟଣା ସନ୍ଦର୍ଭରେ ଏହି ଧାରା ୧୦ର ଉଲ୍ଲେଖ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାକିସ୍ତାନୀ 'ଚାର୍ଜ ଡି'ଆଫେୟାର୍ସ'ଙ୍କୁ ଭାରତର ଦୃଢ଼ ବାର୍ତ୍ତା ସମ୍ପୃକ୍ତ ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚାଇବାକୁ କହିଛି। ଏହା ସହିତ, ସମୁଦ୍ର ମଧ୍ୟରେ ସମସ୍ତ ସାମରିକ ୟୁନିଟ ସତର୍କତା ଅବଲମ୍ବନ କରିବାକୁ ଏବଂ ଉଭୟ ଦେଶ ମଧ୍ୟରେ ହୋଇଥିବା ସମ୍ପୃକ୍ତ ଚୁକ୍ତିନାମାଗୁଡ଼ିକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

## ଆତଙ୍କବାଦ ବିରୋଧରେ କେନ୍ଦ୍ର ସରକାରଙ୍କ କଠୋର କାର୍ଯ୍ୟାନୁଷ୍ଠାନ

# ଶାହଜାଦ ଭାଟି ନେଟୱାର୍କକୁ ଆତଙ୍କବାଦୀ ସଂଗଠନ ଘୋଷଣା

- ଆଇଏସଆଇ ସଙ୍ଗଠନ ସହ ରହିଥିଲା ଲିଙ୍କ୍

**ନୂଆଦିଲ୍ଲୀ,୧୬।୯:** କେନ୍ଦ୍ର ସରକାର ପୁଣିଥରେ ଆତଙ୍କବାଦ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ପାକିସ୍ତାନ ସ୍ଥିତ ତଥା ଓଝଓ ସମର୍ଥିତ ଶାହଜାଦ ଭାଟି ନେଟୱାର୍କକୁ ଏକ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛନ୍ତି। ଗୃହ ମନ୍ତ୍ରଣାଳୟ ଶାହଜାଦ ଭାଟି ନେଟୱାର୍କକୁ ବେଆଇନ କାର୍ଯ୍ୟକଳାପ ଆଇନ (UAPA) ଅନୁଯାୟୀ ଏକ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛନ୍ତି। ଗୃହମନ୍ତ୍ରୀ ଅମିତ ଶାହ ଏକ ସୋସିଆଲ ମିଡିଆ ପୋଷ୍ଟରେ ଏହା ଘୋଷଣା କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଏପରି ଏକ ସମୟରେ ଆସିଛି ଯେତେବେଳେ ସୁରକ୍ଷା ଏଜେନ୍ସି ଗୁଡ଼ିକ ଦେଶର ବିଭିନ୍ନ ରାଜ୍ୟରେ ଶାହଜାଦ ଭାଟି ନେଟୱାର୍କ ବିରୁଦ୍ଧରେ ବଡ଼ ଧରଣର ଅପରେସନ୍ କରିସାରିଛନ୍ତି। ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ଅଗଷ୍ଟ ୧୨ ତାରିଖରେ ୧୪ଟି ରାଜ୍ୟରେ ଏକକାଳୀନ ଅପରେସନରେ ୨୫୩ ଜଣଙ୍କୁ ଅଟକ ରଖାଯାଇଥିଲା। ଏହି ନେଟୱାର୍କ ବିରୁଦ୍ଧରେ ଏପର୍ଯ୍ୟନ୍ତ ୮୦ ରୁ ଅଧିକ ଏଫଆଇଆର ଏବଂ ୨୦୦ ରୁ ଅଧିକ ଗିରଫ କରାଯାଇଛି। ଏହି ନେଟୱାର୍କ



ସୀମାପାର ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ନିଶାଦ୍ରବ୍ୟ ଚୋରା ଚାଲାଣରେ ଜଡିତ ଥିବା ଏବଂ ଯୁବକ ଏବଂ ଛୋଟ ଅପରାଧୀଙ୍କୁ ଆତଙ୍କବାଦରେ ନିଯୁକ୍ତି ଦେବାର ଅଭିଯୋଗ ରହିଛି। ସୁରକ୍ଷା ଏଜେନ୍ସି ଅନୁଯାୟୀ, ଅପରେସନ ସମୟରେ IED, ପାକିସ୍ତାନ ଅର୍ଡନାନ୍ସ ଫ୍ୟାକ୍ଟ୍ରି ଚିହ୍ନିତ ଗ୍ରେନେଡ, ପିସ୍ତଲ, ଜୀବନ୍ତ କାର୍ଟ୍ରିଜ୍ ଏବଂ ଗୁପ୍ତଚର ପାଇଁ ବ୍ୟବହୃତ CCTV କ୍ୟାମେରା ଜବତ କରାଯାଇଥିଲା। ଏଜେନ୍ସି ଗୁଡ଼ିକ ଦାବି କରିଛନ୍ତି ଯେ ଏହି ଜବତ ଗୁଡ଼ିକ ନେଟୱାର୍କର ସୀମାପାର ସଂଯୋଗକୁ ପ୍ରକାଶ କରିଛି।

ଶହଜାଦ ଭାଟି ନେଟୱାର୍କ ଉପରେ ଭାରତରେ ଗ୍ରେନେଡ, IED, ପେଟ୍ରୋଲ ବୋମା ଆକ୍ରମଣ ଏବଂ ଟାର୍ଗେଟ କିଲିଂରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ତଦନ୍ତକାରୀ ଏଜେନ୍ସି ଗୁଡ଼ିକ ଅନୁଯାୟୀ, ନେଟୱାର୍କ ପୋଲିସ, ପ୍ରତିରକ୍ଷା ପ୍ରତିଷ୍ଠାନ ଏବଂ ଧାର୍ମିକ ସ୍ଥଳ ଗୁଡ଼ିକର ଯାଞ୍ଚ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ଟଙ୍କା ଦେଇଥିଲା ଏବଂ ସେଗୁଡ଼ିକୁ ତଦାରଖ କରିବା ପାଇଁ ସମ୍ବେଦନଶୀଳ ସ୍ଥାନରେ CCTV କ୍ୟାମେରା ଲଗାଇଥିଲା।

୧୨ ଅଗଷ୍ଟରେ କରାଯାଇଥିବା ଅଭିଯାନରେ, ଉତ୍ତର ପ୍ରଦେଶରେ ୬୨ ଜଣ, ହରିୟାଣାରେ ୫୨ ଜଣ, ଦିଲ୍ଲୀରେ ୫୧ ଜଣ ଏବଂ ପଞ୍ଜାବରେ ୪୪ ଜଣଙ୍କୁ ଅଟକ ରଖାଯାଇଥିଲା। ଏହା ବ୍ୟତୀତ, ରାଜସ୍ଥାନରେ ୧୫ ଜଣ, ମହାରାଷ୍ଟ୍ରରେ ୮ ଜଣ ଏବଂ ଉତ୍ତରାଖଣ୍ଡରେ ୫ ଜଣଙ୍କୁ ଅଟକ ରଖାଯାଇଥିଲା, ଯେତେବେଳେ କର୍ଣ୍ଣାଟକ, ଗୁଜରାଟ ଏବଂ ବିହାରରେ ପ୍ରତ୍ୟେକ ୩ ଜଣ ଏବଂ ତେଲେଙ୍ଗାନା, ହିମାଚଳ ପ୍ରଦେଶ, ଜମ୍ମୁ ଏବଂ କାଶ୍ମୀର ଏବଂ କେରଳରେ ପ୍ରତ୍ୟେକ ୨ ଜଣଙ୍କୁ ଅଟକ ରଖାଯାଇଥିଲା। ଦିଲ୍ଲୀ ଏବଂ କର୍ଣ୍ଣାଟକରେ ମଧ୍ୟ ନୂତନ ଏଫଆଇଆର ପଞ୍ଜିକୃତ ହୋଇଥିଲା।

# ଅକ୍ଟୋବରରେ ଲାଗୁହେବ ଭାରତ-ନ୍ୟୁଜିଲାଣ୍ଡ ବାଣିଜ୍ୟ ଚୁକ୍ତି



**ନୂଆଦିଲ୍ଲୀ,୧୬।୯:** ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ୱାକ୍ଷରିତ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଅକ୍ଟୋବର ୧୯ରୁ ବିଧିବଦ୍ଧ ଭାବେ ଲାଗୁ ହେବା ନେଇ ଆଶା କରାଯାଉଛି । ୨ ଦେଶ ମଧ୍ୟରେ ଗତ ଏପ୍ରିଲ ୨୭ରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଦ୍ୱିପାକ୍ଷିକ ବାଣିଜ୍ୟକୁ ବୃଦ୍ଧି କରିବା ଏବଂ ବିଦେଶୀ ନିବେଶକକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ । ଏହାଦ୍ୱାରା ଭାରତର ଶତ ପ୍ରତିଶତ ରପ୍ତାନି ଶୁଳ୍କମୁକ୍ତ ରହିବ । ବର୍ତ୍ତମାନ ନ୍ୟୁଜିଲାଣ୍ଡ ଭାରତର ସେରାମିକ, ଗାଲିଚା, ଅଟୋମୋବାଇଲ, ଅଟୋ ଯନ୍ତ୍ରାଂଶ ଭଳି ପ୍ରମୁଖ ଉତ୍ପାଦ ଉପରେ ୧୦% ପର୍ଯ୍ୟନ୍ତ ଟିକସ ଲାଗୁ କରୁଛି । ଏଫ୍‌ଟିଏ ଲାଗୁ ହେବା ପରେ ଏସବୁ ସାମଗ୍ରୀ ସମେତ ସମସ୍ତ ଭାରତୀୟ ଉତ୍ପାଦ ନ୍ୟୁଜିଲାଣ୍ଡ ବଜାରରେ ସମ୍ପୂର୍ଣ୍ଣ ଶୁଳ୍କମୁକ୍ତ ଭାବେ ପ୍ରବେଶ କରିବ । ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଡଲାର ନିବେଶ କରିବ ନ୍ୟୁଜିଲାଣ୍ଡ । ସେବା କ୍ଷେତ୍ରରେ ଦେଶର ଆଇଟି, ଶିକ୍ଷା, ଆର୍ଥିକ ସେବା, ନିର୍ମାଣ ଏବଂ ପର୍ଯ୍ୟଟନ କ୍ଷେତ୍ର ପାଇଁ ବଡ଼ ସୁଯୋଗ ସୃଷ୍ଟି ହେବ । ଏହା ସହିତ ଆୟୁଷ, ଯୋଗ ପ୍ରଶିକ୍ଷକ, ଭାରତୀୟ ରୋଷେୟା ଏବଂ ସଙ୍ଗୀତ ପ୍ରଶିକ୍ଷକଙ୍କ ପାଇଁ ନୂଆ ରାସ୍ତା ଖୋଲିବ ।

## ପ୍ରତିରକ୍ଷା ମନ୍ତ୍ରଣାଳୟର ବଡ଼ ଘୋଷଣା

# ସେନା ମେଡାଲ ବୀରଙ୍କୁ ଟ୍ରେନଯାତ୍ରା ମାଗଣା

**ନୂଆଦିଲ୍ଲୀ,୧୬।୯:** ପ୍ରତିରକ୍ଷା ମନ୍ତ୍ରଣାଳୟର ବଡ଼ ଘୋଷଣା। ଦେଶର ବୀରଙ୍କ ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ନେଇଛି ବଡ଼ ପଦକ୍ଷେପ। ଏଣିକି ସାହସିକତା ପାଇଁ ସେନା ମେଡାଲ ଜିତିଥିବା ବୀରମାନଙ୍କୁ ସାରା ଜୀବନ ମାଗଣାରେ ଟ୍ରେନ ଯାତ୍ରାର ସୁବିଧା ମିଳିବ। ସେନା ମେଡାଲ, ନୌସେନା ମେଡାଲ ଓ ବାୟୁ ସେନା ମେଡାଲ ଜିତିଥିବା ବୀର ଏବଂ ସେମାନଙ୍କ ପରିବାର ଲୋକ ଭାରତୀୟ ରେଳବାଇର ପ୍ରଥମ, ଦ୍ୱିତୀୟ ଏସି ଓ ଏସି ଚେୟାର କାରରେ ବିନା କୌଣସି ଦେୟରେ ଦେଶର ବିଭିନ୍ନ ସ୍ଥାନକୁ ଯାଇ ପାରିବେ। ପଦକ ବିଜେତାଙ୍କ ସ୍ୱାମୀ/ସ୍ତ୍ରୀ, ଦ୍ୱିତୀୟ ବିବାହ କରିବା ଯାଏ ଦେଶ ପାଇଁ ସହିଦ ହୋଇଥିବା ସେନା ଯବାନଙ୍କ ପତ୍ନୀ କିମ୍ବା ସ୍ୱାମୀ ଓ ବିବାହ ନ କରି ଦେଶ ପାଇଁ ବଳିଦାନ ଦେବା ମରୋଣତ୍ତୋର ପଦକ ଜିତିଥିବା ସହିଦଙ୍କ ବାପା ମା' ମଧ



ମାଗଣାରେ ଟ୍ରେନ ଯାତ୍ରାର ସୁବିଧା ପାଇବେ। ସରକାରଙ୍କ ଏହି ଯୋଜନାର ଲାଭ ଯୋଗାଇ ଦେବା ପାଇଁ ଗୋଟିଏ ସୁବିଧା ଜନକ ଓ କାଗଜବିହୀନ ଡିଜିଟାଲ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଯୋଗ୍ୟ ହିତାଧିକାରୀମାନେ ଅନଲାଇନ ଜରିଆରେ ଭାରତୀୟ ରେଳବାଇର ରିହାତି କାର୍ଡ ପୋର୍ଟାଲ (ଆଇଆରସିସିପି) ଜରିଆରେ ଏହାର ଲାଭ ଉଠାଇ ପାରିବେ ବୋଲି ସେନା ପକ୍ଷରୁ ବୁଧାର କୁହାଯାଇଛି। ଯୋଗ୍ୟ ହିତାଧିକାରୀଙ୍କ ଆବେଦନକୁ ଯାଞ୍ଚ କରାଯିବା ପରେ ଅନୁମୋଦନ ମିଳିବ। ଅନଲାଇନରେ ସେମାନଙ୍କୁ ଇ-ପାସ୍ ଯୋଗାଇ ଦିଆଯିବ। ଆଇଆରସିଟିସି ୱେବ୍ ପୋର୍ଟାଲ ଜରିଆରେ ଟିକେଟ୍ ବୁକିଂ ସୁବିଧା ୨୦୨୬ ନଭେମ୍ବର ୧ରୁ ଆରମ୍ଭ ହେବ। ସେନା ମେଡାଲ୍, ନୌସେନା ମେଡାଲ ଓ ବାୟୁ ସେନା ମେଡାଲ ଦୁଇଟି ବର୍ଗରେ ପ୍ରଦାନ କରାଯାଏ। ଗୋଟିଏ ହେଉଛି ସାହସିକତା ପାଇଁ ଓ ଅନ୍ୟଟି ନିଜର କର୍ତ୍ତବ୍ୟ ପ୍ରତି ସମର୍ପଣ ଭାବ। ମାଗଣା ଟ୍ରେନ ଯାତ୍ରା ସୁବିଧା କେବଳ ସାହସିକତା ପାଇଁ ପଦକ ବିଜେତାଙ୍କୁ ହିଁ ମିଳିବ।

## ଚୁଟ୍‌କୀରେ...

### ୪ ପୌର ନିଗମରେ ଭାଜପା ବିଜୟୀ

**ଜୟପୁର,୧୬।୯:** ରାଜସ୍ଥାନ ପୌର ନିର୍ବାଚନରେ ଶାସକ ଭାଜପା ୧୦ଟି ପୌର ନିଗମ ମଧ୍ୟରୁ ୪ଟିରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଏଥିସହିତ ଶାସକ ଦଳ ୪,୧୭୯ଟି ୱାର୍ଡ ଜିତିଥିବାବେଳେ ବିରୋଧୀ କଂଗ୍ରେସ ୩,୬୧୩ଟିରେ ବିଜୟୀ ହୋଇଛି। ବିକାନେର ପୌର ନିଗମରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କ ଗଡ଼ କୁହାଯାଉଥିବା ଝଲୱାର ପୌର ପରିଷଦରେ କଂଗ୍ରେସ ବଡ଼ ବିଜୟ ହାସଲ କରିଛି। ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ନିଜ ସହର ଭରତପୁର ପୌର ନିଗମରେ ସ୍ୱାଧୀନ ପ୍ରାର୍ଥୀମାନେ ୨,୨୭୩ ୱାର୍ଡରେ ଜିତି ଏକ ବଡ଼ ଶକ୍ତି ଭାବେ ଉଭା ହୋଇଛନ୍ତି। ଅନ୍ୟପକ୍ଷରେ ୧୦ ପୌର ନିଗମରୁ ଭାଜପା ୯ଟିରେ ବିଜୟୀ ହେବ ବୋଲି ଦାବି କରିଛି। ପୌର ନିର୍ବାଚନରେ ଦଳୀୟ ପ୍ରଦର୍ଶନକୁ ପ୍ରଶଂସା କରି ଭାଜପା ଏହାକୁ ଦଳର ସାମାଜିକ ଓ ଭୌଗୋଳିକ ପରିସର ବୃଦ୍ଧି ଏବଂ କୋଟାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମିଛ ପ୍ରଚାରକୁ ଲୋକଙ୍କ ପ୍ରତ୍ୟାଖ୍ୟାନ ବୋଲି କହିଛନ୍ତି। ରାଜସ୍ଥାନର ୩୦୯ ପୌର ସଂସ୍ଥା ପାଇଁ ହୋଇଥିବା ନିର୍ବାଚନରେ ଭାଜପା ବିଜୟ ଦିଗରେ ଅଗ୍ରସର ହେଉଛି। ସହଯୋଗୀମାନଙ୍କ ସହ ମିଶି ଏହି ଦଳ ୧୦ଟି ପୌର ନିଗମ ମଧ୍ୟରୁ ୯ଟିକୁ ଅକ୍ତିଆର କରିବାକୁ ଯାଉଥିବା ଭାଜପା ଏମ୍‌ପି ସୁଧାଂଶୁ ତ୍ରିବେଦୀ ଗଣମାଧ୍ୟମକୁ କହିଛନ୍ତି। ବୁନ୍ଦି, ଦୌସା, ହନୁମାନଗଡ଼, କରୌଲି, ଢୋଲପୁର ଏବଂ ଭରତପୁରରେ ଭାଜପା ଆଗରେ ଥିବା ସେ କହିଛନ୍ତି।

### ସାଉଦିର ଏଫ୍-୧୫ ଯୁଦ୍ଧବିମାନ ଖସାଇଥିବା ଦାବିକଲା ହୁତି

**ନୂଆଦିଲ୍ଲୀ,୧୬।୯:** ସାଉଦି ଆରବ ଓ ୟେମେନର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଆହୁରି ତୀବ୍ର ହୋଇଛି । ମକ୍କା ଅଭିମୁଖେ ଆସୁଥିବା ଏକ ହୁତି ଡ୍ରୋନକୁ ସାଉଦି ପ୍ରତିରକ୍ଷା ବାହିନୀ ଧ୍ୱଂସ କରିବାର କିଛି ଘଣ୍ଟା ପରେ, ହୁତି ପକ୍ଷରୁ ସାଉଦିର ଏକ ଏଫ୍-୧୫ ଫାଇଟର୍ ଜେଟ୍‌କୁ ଆକାଶରେ ଖସାଇ ଦିଆଯାଇଥିବା ଦାବି କରାଯାଇଛି । ତେବେ ଏହି ଦାବିକୁ ସ୍ୱତନ୍ତ୍ର ଭାବେ ଏପର୍ଯ୍ୟନ୍ତ ନିଶ୍ଚିତ କରାଯାଇନାହିଁ । ହୁତି ପକ୍ଷର ଦାବି ଅନୁସାରେ, ଗତ ଏକ ସପ୍ତାହ ମଧ୍ୟରେ ସାଉଦି ନେତୃତ୍ୱାଧୀନ ମିଳିତ ସେନା ୟେମେନରେ ୪୫୦ରୁ ଅଧିକ ବିମାନ ଆକ୍ରମଣ କରିଛି। ଏହାର ଜବାବରେ ହୁତି ପକ୍ଷରୁ ସାଉଦି ସାମରିକ ଠିକଣା ଓ ଅନ୍ୟାନ୍ୟ ଲକ୍ଷ୍ୟକୁ ଟାର୍ଗେଟ୍ କରାଯାଉଥିବା କୁହାଯାଇଛି । ସାଉଦି ନେତୃତ୍ୱାଧୀନ ମିଳିତ ସେନାର ପ୍ରବକ୍ତା ତୁର୍କୀ ଅଲ-ମାଲକି କହିଛନ୍ତି ଯେ, ମକ୍କାର ନିଷିଦ୍ଧ ଆକାଶସୀମାରେ ପ୍ରବେଶ କରିବା ପୂର୍ବରୁ ସୁରକ୍ଷା ବାହିନୀ ହୁତି ଡ୍ରୋନକୁ ଚିହ୍ନଟ କରି ଧ୍ୱଂସ କରିଥିଲା। ମକ୍କା ଓ ହଜ୍ ତୀର୍ଥଯାତ୍ରୀଙ୍କ ସୁରକ୍ଷା ସାଉଦି ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ ବୋଲି ସେ କହିବା ସହ ହୁତି ବିରୋଧରେ କଠୋର ପ୍ରତିରୋଧମୂଳକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି । ସାଉଦି ସୀମାନ୍ତ ଅଞ୍ଚଳରେ ହୁତିଙ୍କ ଉପସ୍ଥିତି, ସୀମାପାର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ଏବଂ ଲୋହିତ ସାଗରରେ ଜାହାଜ ଚଳାଚଳକୁ ନେଇ ସୁରକ୍ଷା ଚିନ୍ତା ଯୋଗୁଁ ଏହି ଅଞ୍ଚଳରେ ଉତ୍ତେଜନା ଜାରି ରହିଛି ।

### ଲସ୍ ଆଞ୍ଜେଲସ୍‌ରେ ନ୍ୟୁଜ୍ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୩ ମୃତ

**ଆମେରିକା,୧୬।୯:** ଆମେରିକାର ଲସ୍ ଆଞ୍ଜେଲସର ସାନ୍ ଫର୍ଣ୍ଣାଣ୍ଡୋ ଭ୍ୟାଲିରେ ଏକ ନ୍ୟୁଜ୍ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ଦୁର୍ଘଟଣା ଚାଟସୱର୍ଥ ଅଞ୍ଚଳରେ ଘଟିଛି । ଦୁର୍ଘଟଣାଗ୍ରସ୍ତ ହୋଇଥିବା ହେଲିକପ୍ଟରଟି କେଉଁ ନ୍ୟୁଜ୍ ଚ୍ୟାନେଲର ବୋଲି ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ । ସୂଚନାନୁଯାୟୀ, ଦୁର୍ଘଟଣାଟି ନର୍ଥ ମେସନ୍ ଆଭେନ୍ୟୁର ୯୧୦୦ ବ୍ଲକ୍ ନିକଟରେ ଦୁଇଟି ବାଣିଜ୍ୟିକ କୋଠା ମଧ୍ୟରେ ଘଟିଥିବା ସୂଚନା ମିଳିଛି । ହେଲିକପ୍ଟରଟି ଦୁଇଟି ସିପିଂ କଣ୍ଟେନର ଏବଂ ସେଠାରେ ପାର୍କିଂ ହୋଇଥିବା ଅନେକ ଯାନ ଉପରେ ପଡ଼ିଥିଲା । ଫଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ଘଟଣା ସମ୍ପର୍କରେ ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ହେଲେ ଦୁର୍ଘଟଣାବେଳେ ହେଲିକପ୍ଟରରେ କେତେ ଜଣ ଥିଲେ ତାହା ଜଣାପଡିନାହିଁ ।

# ଟିଏମସିର ୧୦ ବିଦ୍ରୋହୀ ବିଧାୟକଙ୍କୁ ବିଧାନସଭା ନୋଟିସ୍



**ନୂଆଦିଲ୍ଲୀ,୧୬।୯:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରାଜୟ ପରେ ମମତା ବାନାର୍ଜୀଙ୍କ ଟିଏମସି ବିରୋଧରେ ବିଦ୍ରୋହ ଘୋଷଣା କରି ଅଲଗା ହୋଇ ଯାଇଥିବା ୧୦ ବିଧାୟକଙ୍କ ଅଡୁଆ ବଢ଼ିଛି। ସେମାନଙ୍କ ବିରୋଧରେ ମମତାଙ୍କ ଟିଏମସି କରିଥିବା ଅଯୋଗ୍ୟ ଘୋଷଣା ଆବେଦନ ଉପରେ ପଶ୍ଚିମବଙ୍ଗ ବିଧାନସଭା ସଚିବାଳୟ ନୋଟିସ କରିଛି। ଟିଏମସିର ୧୦ ବିଦ୍ରୋହୀ ବିଧାୟକଙ୍କୁ ଗୋଟିଏ ସପ୍ତାହ ମଧ୍ୟ ଅଯୋଗ୍ୟ ଘୋଷଣା ଆବେଦନର ଜବାବ ରଖିବାକୁ କୁହାଯାଇଛି। ଏହି ଘଟଣା ବେଳେ ଦଳ ଭିତରେ ସୃଷ୍ଟି ହୋଇଥିବା ଆଭ୍ୟନ୍ତରୀଣ କନ୍ଦଳକୁ ବିସ୍ଫୋରକ ରୂପ ଦେଇଛି। ନୋଟିସର ଦିନକ ପୂର୍ବରୁ ମମତାଙ୍କ ଟିଏମସିର ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟ ସୁପ୍ରିମକୋର୍ଟରେ ପହଞ୍ଚି ବିଧାନସଭାର ବିରୋଧୀ ଦଳ ନେତା ରତ୍ନବ୍ରତ ବାନାର୍ଜୀ ଓ ଅନ୍ୟ ୯ ଜଣ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଆବେଦନ କରିଛନ୍ତି। ତେଣୁ ଏହି ବିବାଦ ଏବେ ବିଧାନସଭା, କୋର୍ଟ, ସଂସଦ ଓ ନିର୍ବାଚନ କମିଶନଙ୍କ ନିକଟରେ ପହଞ୍ଚି ଯାଇଛି। ଟିଏମସିର ଆବେଦନ ଉପରେ ବିଧାନସଭା ପକ୍ଷରୁ ରତ୍ନବ୍ରତ ବାନାର୍ଜୀ, ଅରୂପ ରୟ, ଫିରହଦ ହକିମ, ସନ୍ଦୀପନ ସାହା, ଅଖରୁଜମାନ ଅନସାରୀ, ଶିଉଲୀ ସାହା, ସାବିନା ୟସ୍ମୀନ, ବିପ୍ଲବ ମିତ୍ର, ଜାଭେଦ ଖାନ ଓ ରଥିନ ଘୋଷଙ୍କୁ ନୋଟିସ କରାଯାଇଛି। ସମସ୍ତଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ନୋଟିସ ପାଇଥିବା ଘଟଣାକୁ ବିଦ୍ରୋହୀ ବିଧାୟକ ଅନସାରୀ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, "ଆମେ ଦଳ ମଧ୍ୟରେ ଏହି ପ୍ରସଙ୍ଗରେ ଆଲୋଚନା କରିବୁ ଓ ସମୟ ପୂର୍ବରୁ ଉପଯୁକ୍ତ ନିଷ୍ପତ୍ତି ନେବୁ।" ଜୁଲାଇ ୭ରେ ମମତାଙ୍କ ଦ୍ୱାରା ବେଙ୍ଗଲ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିଯୁକ୍ତ ପାଇଁ ଶୋଭନଦେବ ବାଚସ୍ପତି ରଥିନ ବୋଷଙ୍କୁ ଚିଠି ଲେଖିଥିଲେ। ୧୦ ଜଣ ବିଧାୟକ ଦଳର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ସେ ଚିଠିରେ ଉଲ୍ଲେଖ କରିଥିଲେ।

# ଧସିଲା ସୁନାଖଣି, ୬୦ରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ

## ଭଗ୍ନାବଶେଷ ତଳେ ଫଶି ରହିଛନ୍ତି ଅନେକ

**ନୂଆଦିଲ୍ଲୀ,୧୬।୯:** ସୁଦାନର ପଶ୍ଚିମ କୋର୍ଡୋଫାନ ପ୍ରଦେଶରେ ସୁନା ଖଣି ଭୁଶୁଡ଼ିବା ଯୋଗୁଁ ଅତି କମରେ ୬୭ ଜଣଙ୍କର ମୃତ୍ୟୁ ହୋଇଛି। ନୁହୁଦ ସହରର ଅଲ-ଜାରା ସୁନା ଖଣିରେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଡାକ୍ତରୀ ଟିମ୍ ଏବଂ



ସ୍ଥାନୀୟ ଲୋକଙ୍କ ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଖଣିର ଏକ ଅଂଶ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଅନେକ ଲୋକ ଭଗ୍ନାବଶେଷ ତଳେ ଫସି ରହିଥିବାର ଆଶଙ୍କା କରାଯାଉଛି ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁର୍ଘଟଣାସ୍ଥଳଟି ସୁଦାନର ଅର୍ଦ୍ଧସାମରିକ ବାହିନୀ ରାପିଡ୍ ସପୋର୍ଟ ଫୋର୍ସ ଦ୍ୱାରା ନିୟନ୍ତ୍ରିତ ଏକ ଅଞ୍ଚଳରେ ଅବସ୍ଥିତ। ଆରଏସଏଫ ଏବଂ ଦେଶର ସେନା ମଧ୍ୟରେ ତିନି ବର୍ଷରୁ ଅଧିକ ସମୟ ଧରି ସଂଘର୍ଷ ଜାରି ରହିଛି। ଏହି କାରଣରୁ ଦୁର୍ଗମ ଅଞ୍ଚଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟକୁ ଅଧିକ ଚ୍ୟାଲେଞ୍ଜିଂ ରହିଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ଖଣି ଭୁଶୁଡ଼ିବା ପରେ ଅନେକ ଶ୍ରମିକ ନିଖୋଜ ଅଛନ୍ତି। ଉଦ୍ଧାର କାର୍ଯ୍ୟ ଆଗକୁ ବଢ଼ିବା ସହିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ । ସ୍ଥାନୀୟ ଲୋକମାନେ ଏହା ମଧ୍ୟ କହିଛନ୍ତି ଯେ କିଛି ଶ୍ରମିକ ଏବେ ବି ମାଟିତଳେ ଜୀବିତ ଥାଇପାରନ୍ତି ଏବଂ ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯିବା ଆବଶ୍ୟକ। ରଏଟର୍ସର ରିପୋର୍ଟ ଅନୁସାରେ, ଅଲ୍-ଜାରା ଖଣି ଚାରିପାଖରେ ଥିବା ଅନେକ ଖଣି ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିଛି। ଏହାଦ୍ୱାରା ୭୦ ରୁ ଅଧିକ ଖଣି ଶ୍ରମିକଙ୍କ ମୃତ୍ୟୁ ହୋଇଛି କିମ୍ବା ନିଖୋଜ ଅଛନ୍ତି।

## ମଧ୍ୟପ୍ରାଚ୍ୟରେ ଆମେରିକା ଓ ଇରାନ ମଧ୍ୟରେ ସଂଘର୍ଷ ଜାରି

# ଶାନ୍ତି ଚୁକ୍ତିନାମା ପାଳନ ପାଇଁ ଚୀନ୍‌ର ପ୍ରୟାସ

**ବେଜିଂ,୧୬।୯:** ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ଜାରି ରହିଛି। ଉଭୟଙ୍କ ମଧ୍ୟରେ ଏକ ଶାନ୍ତି ଚୁକ୍ତିନାମା ପାଇଁ ପ୍ରୟାସ କରାଯାଉଛି। ଅନୁମାନ କରାଯାଉଛି, ଚୀନ୍ ମଧ୍ୟ ଶାନ୍ତି ପ୍ରୟାସରେ ସାମିଲ ହୋଇଛି। କିଛି ଦିନ ପୂର୍ବରୁ ଏକ ଶାନ୍ତି ଚୁକ୍ତିନାମା ହୋଇଥିଲା, କିନ୍ତୁ ଏହା ପରେ ଭାଙ୍ଗିଯାଇଥିଲା। ସମ୍ପ୍ରତି ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଚୀନ୍ ଗସ୍ତରେ ଅଛନ୍ତି। ସେ ତାଙ୍କର ଚୀନ୍ ପ୍ରତିପକ୍ଷ ୱାଙ୍ଗ ୟିଙ୍କ ସହ ସାକ୍ଷାତ କରିବେ। ଚୀନ୍ ଉଭୟ ପକ୍ଷକୁ ଶାନ୍ତି ଚୁକ୍ତିନାମା ପୁନଃସ୍ଥାପିତ କରିବାକୁ ଆହ୍ୱାନ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଆରାଘଚି ମେ' ମାସରେ ଚୀନ୍ ଗସ୍ତ କରିଥିଲେ। ଏବେ ପୁଣି ସେ ଚୀନ୍ ଗସ୍ତ କରିଛନ୍ତି। ଆମେରିକା ସହିତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ଆରାଗଚିଙ୍କର ଦ୍ୱିତୀୟ ଚୀନ୍ ଗସ୍ତ। ଏଥର ମଧ୍ୟ ତାଙ୍କର ଗସ୍ତ ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ହେବାକୁ ଥିବା ବୈଠକର ଠିକ୍ ପୂର୍ବରୁ ହୋଇଛି। ଶେଷ ବୈଠକ ବେଜିଂରେ ହୋଇଥିଲା, ଏବଂ ଏଥର ଏହା ସେପ୍ଟେମ୍ବର ଶେଷ ଭାଗରେ ୱାସିଂଟନରେ ହେବ। ମେ' ମାସରେ ଏବଂ ବର୍ତ୍ତମାନ ସେପ୍ଟେମ୍ବରରେ ହେବାକୁ ଥିବା ଏହି ବୈଠକଗୁଡ଼ିକ ଯୁଦ୍ଧ ସମୟରେ ଚୀନ୍ ନିର୍ବାହ କରିଥିବା ଭୂମିକାକୁ ପ୍ରତିଫଳିତ କରିବ ବୋଲି ଅନୁମାନ



କରାଯାଉଛି। ଚୀନ୍ ନିଜକୁ ଏକ ନିରପେକ୍ଷ ପକ୍ଷ ଭାବରେ ଉପସ୍ଥାପନ କରିଛି ଏବଂ ବିବାଦର ଅନ୍ତ କରିବାକୁ ଚାହୁଁଛି। ୱାସିଂଟନ ଏବଂ ତେହେରାନ ଉଭୟଙ୍କୁ ସଂଘର୍ଷ ଏଡାଇବାକୁ ଚୀନ୍ ଅନୁରୋଧ କରିଛି। ଏକ ବିବୃତିରେ ୱାଙ୍ଗ କହିଛନ୍ତି, ଆମେ ଚାହୁଁନାହୁଁ ଆଞ୍ଚଳିକ ଉତ୍ତେଜନା ଆହୁରି ବୃଦ୍ଧି ପାଉ ଏବଂ ୟେମେନ ଏବଂ ଲୋହିତ ସାଗର ଜଡିତ ହେଉ। ଆମେ ୱାସିଂଟନ ଏବଂ ତେହେରାନକୁ ବାକି ଥିବା ପ୍ରସଙ୍ଗଗୁଡ଼ିକ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା କରିବାକୁ ଅନୁରୋଧ କରୁଛୁ। ଇସଲାମାବାଦ ବୁଝାମଣାପତ୍ର ପରେ ହୋଇଥିବା ସହମତି ଉପରେ ଆଧାରିତ ଆଲୋଚନାର ଢାଞ୍ଚା ପୁନଃସ୍ଥାପନ କରିବାକୁ ମଧ୍ୟ ଆହ୍ୱାନ କରୁଛୁ। ଉଭୟ ଦେଶ ସଂଯମତା ଅବଲମ୍ବନ କରିବା ଉଚିତ୍। ଯୁଦ୍ଧ ଉଭୟ ପକ୍ଷର ସ୍ୱାର୍ଥ ପାଇଁ ଠିକ୍ ନୁହେଁ।





# ଦହିବରା ଖାଇ ୯ ଗାଁର ଲୋକ ଅସୁସ୍ଥ

- ଫକୀରଚନ୍ଦ୍ରଙ୍କ ପରିବାରର ୭ ଗୁରୁତର
- ଅନେକ ପୁରୀ, ଭୁବନେଶ୍ୱର ସ୍ଥାନାନ୍ତର
- ଛେନାପାଣି ମିଶା ଅଭିଯୋଗ
- ଦହିବରା ବ୍ୟବସାୟୀ କିଏ ?








**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ଗୋଟେ ପ୍ଲେଟ୍ ଦହିବରା ପାଲଟିଲା ଯମ ଦୂତ। ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଙ୍ଗୁରୀଗାଁ ଅଞ୍ଚଳର ୯ଟି ଗାଁରେ ଏବେ କେବଳ କାନ୍ଦ ବୋବାଳି। କାକଟପୁର ବ୍ଲକ ଅଧୀନ ମାଟିଆପଡା, ତରପଦା, ଶ୍ରୀଚନ୍ଦନପୁର, ଅଶିଜଙ୍ଘା, ଗଣିପୁର, ତେନ୍ତୁଳିଆ, ଗଡ ନୟରଛଡା, ବାଣିଆ, କଣିଆ ଗାଁର ୫୦ରୁ ଅଧିକ ଲୋକ ବିଷାକ୍ତ ଦହିବରା ଖାଇ ଅସୁସ୍ଥ ହୋଇପଡିଛନ୍ତି। ସମସ୍ତେ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ବେଡ ନାହିଁ, ବାରଣ୍ଡା ଓ ତଳେ ପଡି ରୋଗୀ ଛଟପଟ ହେଉଛନ୍ତି। ମଙ୍ଗଳବାର ଅପରାହ୍ନ ରେ ବାପି ଦାସ ନାମକ ଜଣେ ବୁଲା ବ୍ୟବସାୟୀ ସାଇକେଲରେ ଆସି ଏହି ସବୁ ଗାଁରେ ଶସ୍ତା ଦହିବରା ବିକିଥିଲା। ଲୋକେ ତାଙ୍କ ପାଖରୁ ୧୦-୨୦ ଟଙ୍କା ପ୍ଲେଟ୍ କିଣି ଖାଇଥିଲେ। ହେଲେ ରାତି ୨ଟା ବାଜିବା ପରେ ଆରମ୍ଭ ହେଲା ଅସଲ କାହାଣୀ। ଗୋଟିଏ ପରେ ଗୋଟିଏ ଘରୁ ବାନ୍ତି, ଝାଡା ଆଉ ପେଟ ଫାଟି ଯିବା ଭଳି ଯନ୍ତ୍ରଣା। ଛୋଟ ପିଲାରୁ ବୁଢା କେହି ବାଦ୍ ପଡିନାହାନ୍ତି। ଏଥିରେ ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି ଫକୀର ଚନ୍ଦ୍ର ସ୍ୱାଇଁଙ୍କ ପରିବାର। ତାଙ୍କ ଘରର ୭ ଜଣ ସଦସ୍ୟ ଏକା ସଙ୍ଗେ ଅସୁସ୍ଥ। ସେମାନେ ହେଲେ ସନ୍ଧ୍ୟା ରାଣୀ ସ୍ୱାଇଁ, ଦୀପକ ସ୍ୱାଇଁ, ବାବୁ ସ୍ୱାଇଁ ଓ ଅନ୍ୟ ୪ ଜଣ। ଅପରାହ୍ନ ରେ ସମସ୍ତେ ମିଶି ଦହିବରା ଖାଇଥିଲେ, ଏବେ ସମସ୍ତେ ହସ୍ପିଟାଲ ବେଡରେ। ସନ୍ଧ୍ୟା ରାଣୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରିଛନ୍ତି।ରୋଗୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ଦହିବରାରେ ବାସି ଏବଂ ପଚା ଛେନା ପାଣି ମିଶାଯାଇଥିଲା। ଅଧିକ ଲାଭ ପାଇବା ପାଇଁ ବ୍ୟବସାୟୀ ବାପି ଏଭଳି ଜଘନ୍ୟ କାମ କରିଥିଲାକିନ୍ତୁ ସଠିକ ସ୍ପଷ୍ଟ ସୂଚନା ମିଳିନାହିଁ। ଏହା ଖାଇବା ପରେ ସମସ୍ତଙ୍କୁ ଫୁଡ୍ ପଏଜନିଂ ହୋଇଛି। ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସମ୍ବଜିତ ମଲ୍ଲିକ କହିଛନ୍ତି, ମଙ୍ଗଳବାର ରାତି ୨ଟାରୁ ଆମ ପାଖକୁ କ୍ରମାଗତ ଭାବେ ରୋଗୀ ଆସୁଛନ୍ତି। ସମସ୍ତେ ଏକା ପ୍ରକାର ଲକ୍ଷଣ କହୁଛନ୍ତି। ସମସ୍ତେ ଦହିବରା ଖାଇଥିବା ସ୍ୱୀକାର କରିଛନ୍ତି। ଏହା ସ୍ପଷ୍ଟ ଫୁଡ୍ ପଏଜନିଂ କେସ୍। ଗୁରୁତର ରୋଗୀଙ୍କୁ ଆମେ ପୁରୀ ଓ ଭୁବନେଶ୍ୱରକୁ ପଠାଉଛୁ।ସ୍ଥାନୀୟ ଲୋକେ କହିଛନ୍ତି, ଖାଦ୍ୟ ନିରାପତ୍ତା ବିଭାଗ ଶୋଇଛି। ବିନା ଲାଇସେନ୍ସ, ବିନା ଯାଞ୍ଚରେ ଗାଁ ଗାଁ ବୁଲି ବିଷ ବିକ୍ରି ହେଉଛି। ଏବେ ଅଭିଯୁକ୍ତ ଦହିବରା ବ୍ୟବସାୟୀ ବାପି ଦାସ ନାଁ ଆଉ କିଏ ତଦନ୍ତ ହେଉ। ପୁଲିସ ଘଟଣାର ତଦନ୍ତ କରୁଛି। ଲୋକେ ଦହିବରା ବ୍ୟବସାୟୀକୁ ଗିରଫ କରିବା, ଦହିବରା ସାମ୍ପଲ ଲାବ୍ରୋଟୋରୀ ପଠାଇ ଯାଞ୍ଚ କରିବା ଏବଂ ଅସୁସ୍ଥ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# କାକଟପୁରର ଜୀବନ୍ତ ବିଶ୍ୱକର୍ମା ତ୍ରିଲୋଚନ

- ଚାଲିପାରନ୍ତିନି, ହେଲେ ହାତଚାଲିଲେ କାଠରୁ ବାହାରନ୍ତି ଭଗବାନ
- ଦୁଇଗୋଡ଼ ଅଚଳ, ୨୦ ବର୍ଷ ଧରି ହାତରେ ଗଢୁଛନ୍ତି ଭାଗ୍ୟ





**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ବିଶ୍ୱକର୍ମା ପୂଜା ମାନେ ଯନ୍ତ୍ର ଓ ମେସିନାରୀ ପୂଜା। ଆଜି ସବୁଠି କାରଖାନା, ଗ୍ୟାରେଜରେ ମେସିନକୁ ସିନ୍ଦୁର ଲାଗୁଛି। ହେଲେ ଆଜି ଆମେ ଆପଣଙ୍କୁ ଯନ୍ତ୍ର ନୁହେଁ, ଯନ୍ତ୍ର ପଛର ହାତର କାହାଣୀ କହିବୁ। ଯେଉଁ ହାତର କାହାଣୀ ଶୁଣିଲେ ଆପଣଙ୍କ ଆଖିରୁ ଲୁହ ବାହାରିବ, ମନରେ ସାହସ ଆସିବ। ପୁରୀ ଜିଲ୍ଲା କାକଟପୁର ବଜାର ପାଖ ଗଳିରେ ଜଣେ ମଣିଷ।ତା' ଦୁଇ ଗୋଡ଼ ଜନ୍ମରୁ ଦିବ୍ୟାଙ୍ଗ । ସେ କେବେ ନିଜ ଗୋଡ଼ରେ ଠିଆ ହୋଇନାହିଁ, ଚାଲି ନାହିଁ। ଲୋକେ ତାକୁ ଦେଖି ପ୍ରଥମେ ଦୟା କରନ୍ତି। ହେଲେ ତା' ପାଖକୁ ଗଲା ପରେ ସେ ଦୟା ସମ୍ମାନରେ ବଦଳି ଯାଏ। କାରଣ ସେ ଯେମିତି ଶୁଖିଲା କାଠ ଉପରେ ଛେଣୀ ଚଳାଏ, ମରା କାଠରୁ ଜୀବନ୍ତ ଭଗବାନ ହସି ଉଠନ୍ତି। ସେ ହେଉଛନ୍ତି ତ୍ରିଲୋଚନ ଓଝା। ବୟସ ୪୨ ବର୍ଷ। ମୂଳ ଘର ଯାଜପୁର ଜିଲ୍ଲାରେ। ପେଟ ପାଟଣା ପାଇଁ ପରିବାର ସହ ଗତ ୧୬ ବର୍ଷ ତଳେ ଆସି ପୁରୀ ଜିଲ୍ଲା କାକଟପୁରକୁ ନିଜର କର୍ମଭୂମି କରିଛନ୍ତି। ଗତ ୨୦ ବର୍ଷ ହେଲା କାଠ କାମକୁ ସେ ତପସ୍ୟା କରିଛନ୍ତି। ତାଙ୍କ ହାତରେ ଯାଦୁ ଅଛି। କବାଟ, ଖଟ, ପାଲିଙ୍କିରେ ତା' ସୂକ୍ଷ୍ମ ଡାଲି କାମ ଏମିତି ନିଖୁଣ ଯେ ବଡ ବଡ ମେସିନ ବି ହାରିଯିବ। ସେ କାଠରେ ଗଢୁଛନ୍ତି ଜଗନ୍ନାଥ, ରାଧାକୃଷ୍ଣ, ଲକ୍ଷ୍ମୀ, ଶିବ ଓ ଖୋଦ୍ ବିଶ୍ୱକର୍ମାଙ୍କ ମୂର୍ତ୍ତି। ଆଜି କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ତାଙ୍କ ନାଁ ହିଁ ବ୍ରାଣ୍ଡ। ଲୋକେ କୁହନ୍ତି, ତ୍ରିଲୋଚନ ଭାଇ ପାଖରୁ ନିଅ।କେବେ ଭିକ୍ଷା ମାଗିନାହାନ୍ତି। ସରକାରୀ ସହାୟତା କହିଲେ କେବଳ ସାମାନ୍ୟ ଭତ୍ତା। ତଥାପି ସ୍ୱାଭିମାନରେ ବଞ୍ଚିଛନ୍ତି।ଆପଣ ଭାବୁଥିବେ ସେ ଦୁଃଖରେ ଅଛି। ନା, ସେ ଗର୍ବରେ କୁହେ – 'ମୁଁ ଦିବ୍ୟାଙ୍ଗ ନୁହେଁ, ମୋ ଗୋଡ଼ ଦିବ୍ୟାଙ୍ଗ। ଭଗବାନ ଗୋଡ଼ ନେଲେ ସତ, ହେଲେ ହାତରେ ବିଶ୍ୱକର୍ମାଙ୍କୁ ଦେଇଛନ୍ତି।'

ଆଜିର ଯୁବକ ସୁସ୍ଥ ଦେହ ଥାଇ ଚାକିରି ନାହିଁ ବୋଲି ହତାଶ ହୋଇ ମୋବାଇଲ ଧରି ବସିଛି। ଆଉ ତ୍ରିଲୋଚନ ? ତଳେ ବସି ପରିବାର ପୋଷୁଛି, ହଜାର ଲୋକଙ୍କୁ ପ୍ରେରଣା ଦେଉଛି। ସେ କହିଛନ୍ତି – 'ହାତ ଥିଲେ ହାତ ପାତନ୍ତୁ ନାହିଁ, ହାତରେ ଭାଗ୍ୟ ଗଢନ୍ତୁ। ମୋ ହାତ ହିଁ ମୋ ବିଶ୍ୱକର୍ମା, ତୁମ ହାତ ବି ତୁମର ବିଶ୍ୱକର୍ମା।'ଆଜି ବିଶ୍ୱକର୍ମା ପୂଜାରେ ଆମେ ଯନ୍ତ୍ରକୁ ପୂଜା କରୁଛୁ, ହେଲେ ପ୍ରକୃତ ପୂଜା ହେଉଛି ଏହି ହାତକୁ ପୂଜା କରିବା। ସେ କେବେ ଠିଆ ହୋଇନାହିଁ, ହେଲେ ହଜାର ଘରକୁ ଠିଆ କରାଇଛି। ଏହା ହିଁ ଜୀବନ୍ତ ବିଶ୍ୱକର୍ମା, ଏହା ହିଁ ପ୍ରକୃତ ବିଶ୍ୱକର୍ମା ପୂଜା।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶ୍ରୀଗଣେଶଙ୍କ ପୂଜା



**ସତ୍ୟବାଦୀ/ ସୁଆଣ୍ଡୋ(ଅମୃତ ମିଡିଆ):** ସତ୍ୟବାଦୀ ସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ, ଆଞ୍ଚଳିକ-ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ମିଳିତ ଆନୁକୂଲ୍ୟରେ ବିଦ୍ୟା ଓ ସିଦ୍ଧିଦାତା ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଏକ ଭାବପୂର୍ଣ୍ଣ-ଭକ୍ତିକ ବାତାବରଣ ମଧ୍ୟରେ ସମାହିତ ହୋଇଯାଇଛି । ଏହି ପୂଜୋତ୍ସବରେ କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଭବ୍ୟ ଉପସ୍ଥିତିରେ ସମବେତ ବିଦ୍ୟାର୍ଥୀ / ବିଦ୍ୟାର୍ଥିନୀଗଣ ଶ୍ରୀଗଣେଶ ବନ୍ଦନା, ଶ୍ରୀଗଣେଶ ସ୍ତୁତି ସହ ବୈଦିକ ମନ୍ତ୍ରପାଠ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଅଣ-ଶିକ୍ଷକ କର୍ମଚାରୀ, ସ୍ନାତକୋତ୍ତର ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀମାନେ ପୂଜାର୍ଚ୍ଚନାରେ ସାମିଲ୍ ହୋଇ ଶ୍ରୀଗଣେଶଙ୍କ ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳି। ଭାଷା ଓ ସାହିତ୍ୟ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ବିଶ୍ୱଜିତ୍ ଦଳାଇ ଓ ଆଶାରାଣୀ ବେହୁରାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଶାନ୍ତି ଶୃଙ୍ଖଳାର ସହ ଚଳିତ ବର୍ଷର ଶ୍ରୀବିନାୟକ ଚତୁର୍ଥୀ ପୂଜୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ଶତ୍ରୁକୁ ଜବାବ ଦେବ ସାଗର କବଚ-୨

- ଅସ୍ତରଙ୍ଗ ଉପକୂଳରେ ନୌସେନାର ମିଳିତ ସମରାଭ୍ୟାସ
- ସ୍ଥିତି ଅନୁଧ୍ୟାନ କଲେ ଅତିରିକ୍ତ ଏସ୍‌ପି
- ସାମିଲ ହେଲେ ବିଭିନ୍ନ ବିଭାଗ





**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ସମୁଦ୍ର ପଥେ ଶତ୍ରୁ ପଶିଲେ ମିଳିବ ମୁଁହତୋଡ ଜବାବ। ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ଉପକୂଳରେ ପ୍ରବେଶ ନ କରାଇବା ପାଇଁ ନୌସେନାର ଅଭିନବ ଉପାୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ-୨' ବୁଧବାର ସକାଳ ୬ ଘଟିକାରୁ ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟା ଯାଏଁ ଏହି ଅଭ୍ୟାସ ଚାଲିବ। ସୂଚନା ଅନୁଯାୟୀ, ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ପ୍ରତିବର୍ଷ ଦୁଇ ଥର ଏହି ସମରାଭ୍ୟାସ କରାଯାଏ। ୨୦୦୮ ମସିହା ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମଗ୍ର ଭାରତ ଦୋହଲିଯିବା ପରେ କେନ୍ଦ୍ର ଓ ରାଜ୍ୟ ସରକାର ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରିଛନ୍ତି। ସମୁଦ୍ର ପଥ ଦେଇ ଆତଙ୍କବାଦୀ ପ୍ରବେଶ କରିଥିବାରୁ ଏହାକୁ ରୋକିବା ପାଇଁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ବି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ'। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଳବା ସମେତ ସମଗ୍ର ଉପକୂଳରେ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ କରାଯାଉଛି। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ବୁଧବାର ଠାରୁ ଆରମ୍ଭ ହୋଇ ଗୁରୁବାର ଏହା ସମାପ୍ତ ହେବ।ଏହି ସମରାଭ୍ୟାସରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି। ବ୍ଲୁ ଓ ରେଡ୍ ଦୁଇଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିବ। ଉପକୂଳକୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ୍ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂର ସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ପ୍ରସ୍ତୁତ ରହିବେ।ବାହ୍ୟ ଶତ୍ରୁ ଠାରୁ ଉପକୂଳକୁ ରକ୍ଷା କରିବା ପାଇଁ ଏହି ସମରାଭ୍ୟାସ ପ୍ରତିବର୍ଷ କରାଯାଇଥାଏ। କିଭଳି ଭାବେ ଜଳପଥ ଦେଇ ଉପକୂଳକୁ ଶତ୍ରୁ ପଶିନଯିବେ ସେ ନେଇ ସମସ୍ତ ବିଭାଗକୁ ସଚେତନ କରିବା ଏହି ସମରାଭ୍ୟାସର ମୂଳ ଲକ୍ଷ୍ୟ। ସମୁଦ୍ର ମଧ୍ୟରେ ସନ୍ଦିଗ୍ଧ ଡଙ୍ଗାକୁ କେମିତି ଚିହ୍ନଟ କରିବେ, ମତ୍ସ୍ୟଜୀବୀଙ୍କୁ କେମିତି ସଚେତନ କରିବେ ସେ ନେଇ ମଧ୍ୟ ଅଭ୍ୟାସ କରାଯାଉଛି। ଏହି ସମରାଭ୍ୟାସ କାର୍ଯ୍ୟକ୍ରମକୁ ପୁରୀ ଅତିରିକ୍ତ ଏସପି ସଚିନ ପଟେଲ ଅସ୍ତରଙ୍ଗ ଅଞ୍ଚଳର କାଳିଆକଣ, ନୂଆଗଡ, ସହନ ସମେତ ବିଭିନ୍ନ ସ୍ଥାନ ବୁଧବାର ପ୍ରତ୍ୟୁଷରୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ସହ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଟେକ୍ନିକାଲ ଷ୍ଟାଫ ମାଷ୍ଟର ପ୍ରକାଶ ଦାଶ, ବିପ୍ର ଚରଣ ସ୍ୱାଇଁ, ନୂଆଗଡ ଥାନା ଏଏସଆଇ ଯୁଧିଷ୍ଠିର ସାହୁଙ୍କ ସମେତ ସୁମିତ ଡୁମୁଡୁମ୍, କାର୍ଜି ପାଙ୍ଗୁଆଁ, ସାଗର ମିତ୍ର ହାପି ମାଝୀ ସମେତ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ପୁରୀର ସ୍ୱାର୍ଥକୁ ନେଇ ସରକାରଙ୍କୁ କଂଗ୍ରେସର ପ୍ରଶ୍ନ

**ପୁରୀ (ବ୍ୟୁରୋ):**ପୁରୀର ସ୍ୱାର୍ଥ, ସ୍ୱାଭିମାନ ଓ ଅଧିକାର ପାଇଁ ସରକାରଙ୍କୁ ସିଧା ପ୍ରଶ୍ନ କରିଛି କଂଗ୍ରେସ। ପୁରୀ କେବଳ ଏକ ସହର ନୁହେଁ। ପୁରୀ ଓଡ଼ିଶାର ଆଧ୍ୟାତ୍ମିକ ରାଜଧାନୀ, ବିଶ୍ୱର କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ଆସ୍ଥାର କେନ୍ଦ୍ର ଏବଂ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ପୁରୀର ନାମରେ ବଡ଼ ବଡ଼ ଯୋଜନା ଓ ପ୍ରକଳ୍ପ ଘୋଷଣା ହେଉଥିବାବେଳେ ସାଧାରଣ ପୁରୀବାସୀ ତାହାର ପ୍ରକୃତ ସୁଫଳ କେତେ ପାଉଛନ୍ତି-ଏହାର ସ୍ପଷ୍ଟ ଉତ୍ତର ସରକାର ଦିଅନ୍ତୁ।ଶ୍ରୀଜଗନ୍ନାଥ ଜମି ସେଟେଲମେଣ୍ଟ ନୀତି ବଦଳିବ, କିନ୍ତୁ ପ୍ରଶାସନିକ ବିଳମ୍ବର ଦଣ୍ଡ ଲୋକେ କାହିଁକି ଦେବେ ?ସରକାରଙ୍କ ଘୋଷିତ ସ୍ଲାବ ସମ୍ପର୍କରେ ୩୦ ବର୍ଷରୁ ଅଧିକ, ୨୦–୩୦ ବର୍ଷ ଓ ଅନ୍ୟ ଦୀର୍ଘକାଳୀନ ପୋଜିସନ କାଟାଗୋରି ପାଇଁ ଆଲୋଚନା ହେଉଛି। ପୂର୍ବ ୟୁନିଫର୍ମ ପଲିସି ବଳବତ୍ତର ଥିବା ସମୟରେ ଆବେଦନ କରିଥିବା ଅନେକ ପରିବାରଙ୍କ ଦରଖାସ୍ତ ବର୍ଷ ବର୍ଷ ପଡି ରହିଛି। ସେହି ସମୟରେ କେତେକ ସେଟେଲମେଣ୍ଟ ପାଇଥିବାବେଳେ ସମାନ ପରିସ୍ଥିତିର ଅନ୍ୟ ଫାଇଲ କାହିଁକି ପଡ଼ିରହିଲା ? ଆବେଦନକାରୀ ସମୟରେ ନିଜ କର୍ତ୍ତବ୍ୟ କରିଥିଲେ, ସରକାରଙ୍କ ବିଳମ୍ବର ଆର୍ଥିକ ଦଣ୍ଡ ଆବେଦନକାରୀଙ୍କ ଉପରେ କାହିଁକି ପଡ଼ିବ ?ପୁରୀର ସରକାରୀ ମେଡିକାଲ କଲେଜ – ଏତେ ବିଳମ୍ବ ପାଇଁ ଦାୟୀ କିଏ ?ଯଦି ଏହି ଅଞ୍ଚଳରେ ସରକାରୀ ମେଡିକାଲ କଲେଜ ନିର୍ମାଣ ବୈଧ ଥିଲା, ତେବେ ଏହାକୁ କାର୍ଯ୍ୟକ୍ଷମ କରିବାରେ ଏତେ ବିଳମ୍ବ କାହିଁକି ? ଯଦି ୨୦୧୭ ପରବର୍ତ୍ତୀ ପରିବେଶ ବ୍ୟବସ୍ଥା ଅନୁସାରେ କୌଣସି ଏନ୍‌ଓସି ଆବଶ୍ୟକ ଥିଲା, ତେବେ ସରକାରୀ ବିଭାଗ ନିଜେ ସେହି ଅନୁମୋଦନ ବିନା କୋଠା କିପରି ନିର୍ମାଣ କଲା-ଏହା ସ୍ପଷ୍ଟ କରାଯାଉ।ନର୍ଦ୍ଦମା ଓ ବର୍ଷାଜଳ ନିଷ୍କାସନ – ଟଙ୍କା ଖର୍ଚ୍ଚ ହେଲା, ପାଣି ଯାଉନି କାହିଁକି ? ପୁରୀର ସ୍ୱରେଜ ଓ ଡ୍ରେନେଜ ବ୍ୟବସ୍ଥା ନାମରେ ବର୍ଷ ବର୍ଷ ଧରି ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ ହୋଇଛି। ତଥାପି ସାମାନ୍ୟ ବର୍ଷାରେ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ଓ ନର୍ଦ୍ଦମା ଜଳ ନିଷ୍କାସନ ସମସ୍ୟା ରହିଛି।ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ – ଉଦ୍‌ଘାଟନ ହେଲା, ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ କେବେ ହେବ ସାର୍ବଜନୀନ କରାଯାଉ।ଶ୍ରୀମନ୍ଦିରରେ ପୁରୀବାସୀଙ୍କ ସ୍ୱତନ୍ତ୍ର ପ୍ରବେଶ – ଘୋଷଣା ପରେ ମଧ୍ୟ ଅପେକ୍ଷା କାହିଁକି ବୋଲି କଂଗ୍ରେସ ପ୍ରଶ୍ନ କରିଛି।କଂଗ୍ରେସ ସଭାପତି ଇଂ ରାଜେଶ କୁମାର ମିଶ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ଭୂସଂପତ୍ତି ସୁରକ୍ଷା ପରିଷଦ ର ସଭାପତି ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଜିଲ୍ଲା ଓକିଲ ସଂଘ ସଭାପତି ପ୍ରେମାନନ୍ଦ ମହାନ୍ତି, ସଂପାଦକ ଶରତ କୁମାର ରାୟଗୁରୁ, ? ମାନସ ରଞ୍ଜନ ମହାପାତ୍ର, ଜଗନ୍ନାଥ ଦେଓ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ସସ୍ମିତା ଦାସ, ମମତା ସ୍ୱାଇଁ, କାଳୀ ପ୍ରସାଦ ନାୟକ, ସୁକାନ୍ତ କୁମାର ପ୍ରଧାନ, ପ୍ରମୋଦ ପ୍ରଧାନ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ବିଶ୍ୱରଂଜନ ମହାପାତ୍ର, ବିଶ୍ୱରଂଜନ ସାମନ୍ତରାୟ, ବୈଦ୍ୟନାଥ ପାଣି, ସ୍ୱାଧୀନ କୁମାର ପଣ୍ଡା, ଅମରେନ୍ଦ୍ର ପାଇକରାୟ, ଅବିନାଶ ମିଶ୍ର, ଅସ୍ୱିନି ବଳବନ୍ତରାୟ, ଜ୍ୟୋତି ପ୍ରକାଶ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ସ୍ମୃତି ରଂଜନ ପତି, ଆର୍ତ୍ତତ୍ରାଣ ସାହୁ, ଅମିୟ ମହାପାତ୍ର, ବିପିନ୍ ବିହାରୀ ଦଳେଇ , ଜିବେଶ ରଥ , ନିର୍ମଳ ସାମନ୍ତରାୟ, ଦୁର୍ଗାପ୍ରସାଦ ସାମନ୍ତରାୟ, ରାଧେଶ୍ୟାମ ସାହୁ, ଉମାକାନ୍ତ ବେହେରା, ରଂଜନ ସାହୁ, କପିଳ ଷଡ଼ଙ୍ଗୀ, ସୈମ୍ୟକାନ୍ତ ପ୍ରଧାନ, ଆଶୁତୋଷ ମିଶ୍ର, ଆଦର୍ଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବେଆଇନ ପାର୍କିଂ ଓ ଜବରଦଖଲ ଯୋଗୁଁ ସଙ୍କୁଚିତ ବଡ଼ଦାଣ୍ଡ

**ପୁରୀ (ବ୍ୟୁରୋ):** ବେଆଇନ ପାର୍କି ଓ ଜବରଦଖଲ ଯୋଗୁ ସଙ୍କୁଚିତ ହେଉଛି ହେଉଛି ପୁରୀ ବଡ଼ଦାଣ୍ଡ। ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଅବାଧରେ ବାଇକ୍ ଅଟୋ ଓ ବସ୍ ପାର୍କ କରାଯାଉଥିବାରୁ ଯାତାୟାତ ବ୍ୟାହତ ହେଉଛି। ଜାତୀୟ ରାଜପଥ ମାନ୍ୟତା ପାଇଥିବା ଏହି ରାସ୍ତା ଏବେ ପାର୍କ କବଳରେ ରହିଥିବା ଅଭିଯୋଗ ହୋଇଛି। ସନାତନ ହିନ୍ଦୁ ଧର୍ମର ଚାରିଧାମ ମଧ୍ୟରୁ ପୁରୀ ଅନ୍ୟତମ ତଥା ପ୍ରମୁଖ ଧାମ ହୋଇଥିବାବେଳେ ପର୍ଯ୍ୟଟନ ସ୍ଥଳୀ ଭାବେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହାପ୍ରଭୁଙ୍କ ଦର୍ଶନ ଓ ବେଳାଭୂମି ସୋନ୍ଦର୍ଯ୍ୟ ଉପଭୋଗ କରିବା ନିମନ୍ତେ ପ୍ରତ୍ୟେକ ଦିନ ଦେଶବିଦେଶରୁ ଲକ୍ଷାଧିକ ଲୋକ ପୁରୀକୁ ଆସୁଛନ୍ତି। ତେଣୁ ଭିଡ଼ ହେଉଛି। ତେବେ ପର୍ଯ୍ୟଟକଙ୍କ ଭିଡ଼ ଓ ସହରବାସୀଙ୍କ ଯାତାୟାତ ମଧ୍ୟରେ ପୁରୀ ବଡ଼ଦାଣ୍ଡ ସମ୍ପୂର୍ଣ୍ଣ ଲୁଚିଯାଉଛି। ବଡ଼ଦାଣ୍ଡରେ ଏକାଧିକ ମଲ୍ ତାହାକୁ ଆହୁରି ଚଉଡ଼ା କରାଯାଉଛି। ଯାତାୟାତ ପାଇଁ ଲୋକେ ହଇରାଣ ଏନଫୋର୍ସିମେଣ୍ଟକୁ ଆହୁରି କଡ଼ାକଡ଼ି ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନର ନିଜସ୍ୱ ପାର୍କସ୍ଥଳ ନ ଥିବାରୁ ଶହ ଶହ ଗାଡ଼ି ବେଆଇନ୍ ପାର୍କିଂ କରାଯାଉଛି। ଏଠି ପ୍ରଶ୍ନ ଉଠୁଛି, ପୁରୀ ମହାନଗର ନିଗମର ଏନ୍‌ଫୋର୍ସ ସ୍କାଡ୍ କରୁଛି କ'ଣ। କାହିଁକି ଏହି ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବଡ଼ଦାଣ୍ଡକୁ ଗୋଟିଏ ପଟେ ଉଠାଦୋକାନୀ ଜବରଦଖଲ କରିଥିବା ବେଳେ ଅନ୍ୟପଟେ ବେଆଇନ ପାର୍କ ରାସ୍ତାକୁ ଆହୁରି ସଙ୍କୁଚିତ କରିଛି। ବଡ଼ଦାଣ୍ଡରୁ ବେଆଇନ ପାର୍କ ହଟାଇବା ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଆଗକୁ ପାର୍କ ସମସ୍ୟା କମିଯିବ। କାରଣ, ଜେିବିପିସିର ପାର୍କସ୍ଥଳରେ ଅନେକ ଗାଡ଼ି ପାର୍କ ହେଉଛି। ସେହିପରି ଯେଉଁ ଓପନ ପାର୍କ ପ୍ଲେସ୍ ଅଛି, କରାଯିବା ସହ ବଡଦାଣ୍ଡରେ ବେଆଇନ ଭାବେ ଗାଡ଼ି ପାର୍କ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବେସ୍‌ମେଣ୍ଟ ପାର୍କ ଉପରେ ଗୁରୁତ୍ୱ ଦିଆଯାଉଛି। ପୁରାତନ ମଲ୍‌ଗୁଡ଼ିକର ବେସ୍‌ମେଣ୍ଟରେ ପାର୍କିଂ ନେଇ ଯୋଜନା କରିବାକୁ କୁହାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାର୍କି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। କେତେ ଗାଡ଼ି ପୁରୀକୁ ଆସୁଛି ସେ ନେଇ ଟାଇମ ଟୁ ଟାଇମ ମନିଟରିଂ କରାଯାଉଛି। ହୋଟେଲ ପର୍ଯ୍ୟଟକଙ୍କ ସୂଚନା ନିଆଯାଉଛି। ରେଲୱେ ଠାରୁ ମଧ୍ୟ ସୂଚନା ସଂଗ୍ରହ କରାଯାଉଛି। ଶ୍ରୀମନ୍ଦିରରେ କେତେ ଭିଡ଼ ହେବାର ଅଛି ଓ କେତେ ଗାଡ଼ି ଯାତାୟାତ କରୁଛି ସେନେଇ ତଥ୍ୟ ମିଳିପାରୁଛି।



# ବିଜେପି ନେତା ସ୍ୱର୍ଗତ ଶରତ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ବିଜେପିର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ଶରତ ମିଶ୍ରଙ୍କର ଆସନ୍ତା ଅକ୍ଟୋବର ୨୪ତାରିଖରେ ପଡୁଥିବା ଶ୍ରାଦ୍ଧୋତ୍ସବ ଧୂମଧାମରେ ପାଳନ କରିବାକୁ ନିଷ୍ପତ୍ତି କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ଶରତ ଭାଇନା ସ୍ମୃତି ସଂସଦ ପକ୍ଷରୁ ଆଜି ବରିଷ୍ଠ ନେତା କୃଷ୍ଣ ଜଗଦ୍ଦେବଙ୍କ ଅଧକ୍ଷତାରେ ପୁରୀ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅକ୍ଟୋବର ୨୪ ତାରିଖ ଶ୍ରାଦ୍ଧୋତ୍ସବକୁ ସଫଳ କରିବାକୁ ଗଠିତ ସମିତିର ସଭ୍ୟ ଭାବରେ ନାରାୟଣ ପାତ୍ର, ମହେଶ ରଥ, ହେମନ୍ତ ମହାପାତ୍ର,ସୁରଥ ବିଶ୍ୱାଳ, ଦିବାକର ହରିଚନ୍ଦନ ସର୍ବ ସମ୍ମତି ଭାବରେ ମନୋନୀତ ହୋଇଥିବା ବେଳେ ଆଦିକନ୍ଦ ଶ୍ରୀଚନ୍ଦନ ସମିତିର ସଂଯୋଜକ ଭାବରେ ମନୋନୀତ ହୋଇଛନ୍ତି। ଶ୍ରାଦ୍ଧୋତ୍ସବରେ ପ୍ରତିଷ୍ଠା ହେବାକୁ ଥିବା ପ୍ରତିମୂର୍ତ୍ତୀ କମିଟିର ମୂଖ୍ୟ ଭାବରେ ଦିବାକର ହରିଚନ୍ଦନ, ରଞ୍ଜନ ଦଳାଇ,ଉତ୍ସବ ସ୍ଥଳ ତତ୍ୱାବଧନ ସମିତିର ମୂଖ୍ୟ ଭାବରେ ମାନସ ଲେଙ୍କା, ସଂପର୍କ ପ୍ରମୁଖ ଭାବରେ ମହେଶ ରଥ,ମିଡିଆ ପରିଚାଳନା ମୂଖ୍ୟ ଭାବରେ ବିନୟ ନୃସିଂହ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ସୁରଥ ଜେନା, ନକୁଳ ଦଳାଇ,ଧୁନିଆ ବେହେରା, ଗୋବିନ୍ଦ ପ୍ରଧାନ,ରବି ନାୟକ ପ୍ରମୁଖ ପୁରୀ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରୁ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ।

# ଅଗ୍ନିକାଣ୍ଡର ୩ ମାସ ପରେ ବି ଖୋଲୁନି ମୁଖ୍ୟ ଡାକଘର

## ଗ୍ରାହକ ହନ୍ତସନ୍ତ, ବିଭିନ୍ନ ସେବା ପାଇଁ ଦୌଡୁଛନ୍ତି ଗୋଟିଏ ଅଫିସରୁ ଅନ୍ୟ ଅଫିସ




**ଆସିକାରେ ଡାକ ସେବା ଠପ୍**

ଆସିକା (ଅମୃତ ମିଡିଆ): ଆସିକାରେ ଡାକ ସେବା ଏବେ ଗୁରୁତର ଭାବେ ପ୍ରଭାବିତ। ଗତ ଜୁନ ୭ ତାରିଖରେ ଆସିକା ଡାକ ମଣ୍ଡଳ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ କାଗଜପତ୍ର, କମ୍ପ୍ୟୁଟର, ଆସବାବପତ୍ର ସମେତ ବହୁ ଜରୁରୀ ସାମଗ୍ରୀ ନଷ୍ଟ ହୋଇଥିଲା। ଘଟଣାକୁ ପ୍ରାୟ ୩ ମାସ ବିତିଯାଇଥିଲେ ମଧ ମୁଖ୍ୟ ଡାକଘର ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ହୋଇନଥିବାରୁ ଗ୍ରାହକଙ୍କ ମଧରେ ଅସନ୍ତୋଷ ବଢୁଛି।

ଅଗ୍ନିକାଣ୍ଡର ପ୍ରକୃତ କାରଣ କ'ଣ ଥିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ନେଇ ମଧ ପ୍ରଶ୍ନ ଉଠୁଛି। ଆସିକା ଡାକ ମଣ୍ଡଳ ଅଧୀନରେ ଆସିକା ଓ ଭଞ୍ଜନଗର ହେଡ୍? ପୋଷ୍ଟ ଅଫିସ ସମେତ ପ୍ରାୟ ୪୫ଟି ସବ୍-ପୋଷ୍ଟ ଅଫିସ ଓ ୨୮୬ଟି ବ୍ରାଞ୍ଚ ପୋଷ୍ଟ ଅଫିସ ରହିଥିବା ବେଳେ ଏହା ଉପରେ ବହୁ ସଂଖ୍ୟକ ଗ୍ରାହକ ନିର୍ଭରଶୀଳ। ଅଗ୍ନିକାଣ୍ଡ ପରେ ଆସିକା ସହରର ସୁନାମ, ଖମ୍ବେଶ୍ୱରୀପାଟଣା ଓ ବସଷ୍ଟାଣ୍ଡସ୍ଥିତ ପୋଷ୍ଟ ଅଫିସ ଜରିଆରେ ବିଭିନ୍ନ ଡାକ ସେବା ଯୋଗାଇ ଦିଆଯାଉଛି। ତେବେ କେଉଁ କାର୍ଯ୍ୟ କେଉଁ ଡାକଘରରେ ହେଉଛି, ତାହା ନେଇ ଗ୍ରାହକମାନେ ସ୍ପଷ୍ଟ ସୂଚନା ପାଇପାରୁ ନଥିବା ଅଭିଯୋଗ ହେଉଛି। ସୁନାମ ପୋଷ୍ଟ ଅଫିସରେ ଟଙ୍କା ଜମା ଓ ଉଠାଣ, ବସଷ୍ଟାଣ୍ଡ ପୋଷ୍ଟ ଅଫିସରେ ଚିଠିପତ୍ର ବୁକିଂ ଏବଂ ଖମ୍ବେଶ୍ୱରୀପାଟଣା ପୋଷ୍ଟ ଅଫିସରେ ପିଏଲଆଇ ଇନ୍ସୁରାନ୍ସ ସମ୍ବନ୍ଧୀୟ କାର୍ଯ୍ୟ ଚାଲୁଥିବା ଜଣାପଡ଼ିଛି। ଫଳରେ ଟଙ୍କା ଜମା, ଉଠାଣ, ରେଜିଷ୍ଟ୍ରି, ଫିକ୍ସଡ୍ ଡିପୋଜିଟ୍, ଆଧାର, ପାସପୋର୍ଟ ଓ ଅନ୍ୟାନ୍ୟ ସେବା ପାଇଁ ଲୋକଙ୍କୁ ବିଭିନ୍ନ ସ୍ଥାନକୁ ଯିବାକୁ ପଡୁଛି। ବିଶେଷକରି ପାସପୋର୍ଟ ସେବା ପ୍ରଭାବିତ ହୋଇଥିବା ନେଇ ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ଅନଲାଇନ୍‌ରେ ଆସିକା ଲୋକେସନ୍ ଦେଖାଯାଉଥିବାରୁ ଆବେଦନ କରିବା ପରେ ଅସୁବିଧା ହେଉଥିବା ଏବଂ ଶେଷରେ ବ୍ରହ୍ମପୁର ଡାକଘର ଉପରେ ନିର୍ଭର କରିବାକୁ ପଡୁଥିବା ଅଭିଯୋଗ ରହିଛି। ଏପଟେ ଡାକ କାର୍ଯ୍ୟାଳୟଗୁଡ଼ିକରେ ପୁରୁଣା କମ୍ପ୍ୟୁଟର ବ୍ୟବହାର ହେଉଥିବା ସହ ବିଦ୍ୟୁତ ବିଭ୍ରାଟ ସମୟରେ ୟୁପିଏସ୍ ସୁବିଧା ଠିକ୍ ଭାବେ କାମ କରୁନଥିବା ଅଭିଯୋଗ ମଧ ଆସିଛି। ଫଳରେ ହଠାତ୍? ବିଦ୍ୟୁତ କଟିଗଲେ କମ୍ପ୍ୟୁଟର ବନ୍ଦ ହୋଇ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କୁହାଯାଉଛି। ଆହୁରି ଚିନ୍ତାଜନକ ବିଷୟ ହେଉଛି, କେତେକ କାର୍ଯ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଚେୟାର ଓ ଟେବୁଲ ନଥିବାରୁ କର୍ମଚାରୀମାନେ ଅସୁବିଧାରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଏହା ସହ କାର୍ଯ୍ୟାଳୟର ଉପରିସ୍ଥ ଅଧିକାରୀମାନେ କାର୍ଯ୍ୟ ସବୁ ଠିକ୍‌ଠାକ ଚାଲୁଥିବା ନେଇ ରିପୋର୍ଟ ଦେବା ପାଇଁ କର୍ମଚାରୀଙ୍କ ଉପରେ ଚାପ ପକାଉଥିବା ନେଇ ମଧ ଅଭିଯୋଗ ରହିଛି। ପ୍ରତିଦିନ ଡାକ ସେବା ପାଇଁ ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେଉଥିବା ସତ୍ତ୍ୱେ ଆବଶ୍ୟକ ସେବା ନପାଇ ନିରାଶ ହୋଇ ଫେରୁଥିବା ଚିତ୍ର ଏବେ ସାଧାରଣ ହୋଇପଡ଼ିଛି। ଲକ୍ଷାଧିକ ଗ୍ରାହକଙ୍କ ଦୈନନ୍ଦିନ ଜୀବନ ସହ ଜଡ଼ିତ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ଦୀର୍ଘଦିନ ଧରି ବ୍ୟାହତ ରହିବା ନେଇ ବୁଦ୍ଧିଜୀବୀ ମହଲରେ ମଧ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଜନବସତି ଅଞ୍ଚଳରେ ଡାକ ମଣ୍ଡଳ କାର୍ଯ୍ୟାଳୟ ରହିବାର ନିୟମ ଥିବା ସତ୍ତ୍ୱେ ଆସିକା ଚିନିଶିଳ୍ପ ନୂଆଗାଁରେ ଅସ୍ଥାୟୀ ଭାବେ ସୁପରିଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟ ଚାଲୁଥିବା ନେଇ ମଧ ପ୍ରଶ୍ନ ଉଠିଛି। ଏହି ପରିସ୍ଥିତିରେ ମୁଖ୍ୟ ଡାକଘରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ସହ ସମସ୍ତ ଡାକ ସେବାକୁ ସ୍ୱାଭାବିକ କରିବା ପାଇଁ ଦାବି ଜୋର ଧରିଛି। ଲକ୍ଷାଧିକ ଲୋକଙ୍କ ସହ ଜଡ଼ିତ ଡାକ ସେବା ଯଦି ଏଭଳି ଭାବେ ଅନିଶ୍ଚିତତା ମଧରେ ରହେ, ତେବେ ଏହା କେବଳ ପ୍ରଶାସନିକ ସମସ୍ୟା ନୁହେଁ, ବରଂ ସାଧାରଣ ଲୋକଙ୍କ ଅଧିକାର ଓ ଆବଶ୍ୟକ ସେବା ସହ ଜଡ଼ିତ ଏକ ଗୁରୁତର ପ୍ରସଙ୍ଗ ବୋଲି କଂଗ୍ରେସ ନେତା ତଥା ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଣ୍ଡା ମତ ପ୍ରକାଶ କରିଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ଲୁଣିସାହି ବିସ୍ଥାପିତ ପରିବାର



ଯୋଡା (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲାର ବହୁ ପ୍ରତିକ୍ଷିତ କାନୁପୁର ବୃହତ୍ ଜଳସେଚନ ପ୍ରକଳ୍ପ ଯୋଗୁଁ ଚମକପୁର ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ପରିବାର ପ୍ରଭାବିତ ହୋଇ ନାରଦପୁରସ୍ଥିତ ଲୁଣି ସାହିରେ ନିଜସ୍ୱ ଭାବେ ଘରଡ଼ିହ କ୍ରୟ କରି ବସବାସ କରୁଛନ୍ତି। ତେବେ ସାହିରେ ଦୀର୍ଘଦିନ ଧରି ବିଭିନ୍ନ ମୌଳିକ ସୁବିଧାର ଅଭାବ ରହିଥିବା ନେଇ ସାହିବାସୀ ମତ ପ୍ରକାଶ କରିଛନ୍ତି।

ସାହିବାସୀଙ୍କ କହିବା ଅନୁଯାୟୀ, ପ୍ରକଳ୍ପ ଜରିଆରେ ନିର୍ମିତ ଓଭରହେଡ୍ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇନଥିବାରୁ ନିୟମିତ ଭାବେ ପାନୀୟ ଜଳ ଯୋଗାଣ ହେଉନାହିଁ। ସେହିପରି ଲୁଣି ସାହିରୁ ଗ୍ରାମ୍ୟ ମୁଖ୍ୟ ରାସ୍ତାକୁ ସ୍ଥାୟୀ ରାସ୍ତା ନଥିବାରୁ ବିଶେଷକରି ବର୍ଷାଦିନେ ଯାତାୟାତରେ ସମସ୍ୟା ହେଉଛି। ଏହା ଯୋଗୁଁ ଛାତ୍ରଛାତ୍ରୀ, ବୃଦ୍ଧ ଓ ରୋଗୀମାନେ ଅଧିକ ଅସୁବିଧାରେ ପଡୁଥିବା ସେମାନେ କହିଛନ୍ତି। ଏଥିସହ ସାହିରେ ଷ୍ଟ୍ରିଟ୍ ଲାଇଟ୍ ଓ ପର୍ଯ୍ୟାପ୍ତ ଶୌଚାଳୟ ବ୍ୟବସ୍ଥା ନଥିବାରୁ ରାତ୍ରିକାଳୀନ ଯାତାୟାତ ଏବଂ ସ୍ୱଚ୍ଛତା ସମ୍ବନ୍ଧୀୟ ସମସ୍ୟା ରହିଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ଯୋଗୁଁ ଭିଟାମାଟି ଛାଡ଼ି ନିଜସ୍ୱ ଖର୍ଚ୍ଚରେ ନୂତନ ସ୍ଥାନରେ ବସତି ସ୍ଥାପନ କରିଥିବା ପରିବାରଗୁଡ଼ିକର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେଇ ଓଭରହେଡ୍ ପାଣି ଟାଙ୍କି କାର୍ଯ୍ୟକ୍ଷମ କରିବା ସହ ସ୍ଥାୟୀ ରାସ୍ତା, ଷ୍ଟ୍ରିଟ୍ ଲାଇଟ୍ ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଦାବି ଉଠିଛି।

# ଆଦର୍ଶ ଆଇନଜୀବୀ ବଂଶୀଧର ପାଳଙ୍କ ପରଲୋକ

## ଅଞ୍ଚଳରେ ଶୋକର ଛାୟା



ଦିଗପହଣ୍ଡି (ଅମୃତ ମିଡିଆ): ଗଞ୍ଜାମ ଜିଲା ବ୍ରହ୍ମପୁର ଓକିଲ ସଂଘର ବରିଷ୍ଠ ସଦସ୍ୟ ବରିଷ୍ଠ ଆଇନଜୀବୀ ବଂଶୀଧର ପାଳଙ୍କ ଭୁବନେଶରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଗତ ୧୯୪୯ ଜୁନ୍? ୨୮ରେ ଜନ୍ମଗ୍ରହଣ କରିଥିବା ବଂଶୀଧର ବ୍ରହ୍ମପୁରରେ ଓକିଲାତି କରୁଥିଲେ। ସେ ତାଙ୍କର ପେସାକୁ ସେବା ଭାବରେ ଗ୍ରହଣ କରି ଜଣେ ଆଦର୍ଶ ଆଇନଜୀବୀ ଭାବେ ବେଶ ପରିଚିତ ଥିଲେ। ସେ ଦିଗପହଣ୍ଡି କୋର୍ଟକୁ ମଧ ଆସି ତାଙ୍କ ମହକିଲମାନଙ୍କ ପାଇଁ ମୋକଦ୍ଦମା ଲଢୁଥିଲେ। ତାଙ୍କ ଆକସ୍ମିକ ବିୟୋଗରେ ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ବୁଧବାର ମଧ୍ୟାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଂଘର ସମ୍ପାଦକ ସନ୍ତୋଷ କୁମାର ସାହୁ, ପୂର୍ବତନ ସଭାପତି ସୂର୍ଯ୍ୟ ନାରାୟଣ ସାହୁ, ରସାନନ୍ଦ ରାଉତ, ଚନ୍ଦ୍ରଧ୍ୱଜ ସିଂହ, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ରତ୍ନାକର ମେକାପ, ହରପ୍ରସାଦ ରଥ, ରବୀନ୍ଦ୍ର ସାହୁ,ରଞ୍ଜନ କୁମାର ବେହେରା, ସରକାରୀ ଓକିଲ ପରେଶ ଚନ୍ଦ୍ର ରଥ, ହେମନ୍ତ କୁମାର ପାଣିଗ୍ରାହୀ, ସୀମାଞ୍ଚଳ ପ୍ରଧାନ ଙ୍କ ସମେତ ପ୍ରଦୀପ କୁମାର ନାୟକ, ନୀଳମାଧବ ରଥ, କିଶୋର ଚନ୍ଦ୍ର ଗୌଡ଼, ଅକ୍ଷୟ କୁମାର ମହାନ୍ତି, ସଚିକାନ୍ତ ରଥ ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

# ଶ୍ରୀ ଗଣେଶଙ୍କ ଚୈତନ୍ୟ ଝାଙ୍କିର ଶୁଭ ଉଦ୍‌ଘାଟନ



ଭଞ୍ଜନଗର (ଅମୃତ ମିଡିଆ): ଅଗ୍ରପୂଜ୍ୟଦେବ ବିଘ୍ନ ବିନାଶକ ଶ୍ରୀ ଗଣେଶଙ୍କ ଧରା ଆଗମନରେ ସାରା ଭଞ୍ଜନଗର ସହର ଚଳଚଞ୍ଚଳ। ବ୍ରହ୍ମାକୁମାରୀସ ଶାନ୍ତିସ୍ରୋତ ଭବନ ତରଫରୁ ପୁରୁଣା ବଜାର ସାହିରେ ଏକ ଚୈତନ୍ୟ ଝାଙ୍କିର ଶୁଭ ଉଦ୍‌ଘାଟନ ହୋଇସାରିଛି। ଉଦ୍‌ଘାଟକ ରୂପେ ଉପଖଣ୍ଡ ଚିକିତ୍ସାଳୟର ପରିଚାଳକ ବିଚିତ୍ରାନନ୍ଦ ପାଣିଗ୍ରାହୀ, ଅଧାପିକା ସ୍ମରଣିକା ପାଢ଼ୀ, ଗୀତା ଜୁଏଲର୍ସର ମାଲିକ ମହେଶ୍ୱର ପାତ୍ର, ସାମ୍ବାଦିକ ବିଶ୍ୱମ୍ବର ଜେନା ଉପସ୍ଥିତ ଥିଲେ। ଏହି ଚୈତନ୍ୟ ଝାଙ୍କି ତିନି ଦିନ ପର୍ଯ୍ୟନ୍ତ ପ୍ରଦର୍ଶନ ହେବ ବୋଲି କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ସନ୍ତୋଷିନୀ ଭଉଣୀ କହିଛନ୍ତି। ସାପ୍ତାହିକ ପାଠ୍ୟକ୍ରମ ତଥା ସତ୍ୟ ଗୀତା ଜ୍ଞାନ ପ୍ରଦାନ ସହ ସହଜ ରାଜ ଯୋଗର ଅଭ୍ୟାସ କରାଯିବ। ଯାହା ଅବିନାଶୀ,ଅତିନ୍ଦ୍ରିୟ ସୁଖଶାନ୍ତିର ମାର୍ଗ ଦର୍ଶନ କରାଇଥାଏ।

# ହାଇୱା ଧକ୍କାରେ ଓଲଟିଲା ମାଲବାହୀ ଅଟୋ



ବେଗୁନିଆପଡା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ଥାନା ଅନ୍ତର୍ଗତ ବେଗୁନିଆପଡା-କେ ବରିଡା ରାସ୍ତାର ପଟାଯୋଡ଼ି ଶଙ୍ଖ ନିକଟରେ ହାଇୱା ଧକ୍କାରେ ଏକ ପରିବା ବୋଝେଇ ଅଟୋ (ବଜାଜ ମାକ୍ସିମା) ଧାନବିଲରେ ଓଲଟି ପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନ ଘ ୧୧:୩୦ ମି ସମୟରେ ଅଟୋଟି ପୁରୁଷୋତ୍ତମପୁର ଏବଂ ବେଗୁନିଆପଡା ବଜାରରୁ ପରିବା ଲୋଡ୍ କରି ଷଣ୍ଢମୂଳ ଅଭିମୁଖେ ଯାଉଥିଲା। ସେହି ସମୟରେ ସାମ୍ନା ପଟରୁ ଏକ ଯାତ୍ରୀବାହି ଅଟୋ ଆସୁଥିବା ସମୟରେ ମାଲବାହି ଅଟୋ ପଛରେ ଆସୁଥିବା ହାଇୱା ଅଟୋର ପାର୍ଶ୍ୱପଟୁ ଧକ୍କା ଦେଇ ଚାଲିଯାଇଥିଲା। ସୌଭାଗ୍ୟବଶତଃ କାହାରିକୁ ବି ଆଘାତ ଲାଗିନାହିଁ। ଖବରପାଇ ଅଟୋ ମାଲିକ ଓ ସ୍ଥାନୀୟ ଲୋକେ ସୌରା ଛଚିନା ଗଡ଼ାନାଳ ନିକଟରେ ହାଇୱାକୁ ଅଟକାଇ ପୋଲିସରେ ଖବର ଦେଇଥିଲେ। ବେଗୁନିଆପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଛି।

# ଗାଡି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ



## ରାସ୍ତାକଡରେ ମୃତଦେହ ରଖି କ୍ଷତିପୂରଣ ଦାବିକଲେ ପରିବାର

ଆଳି (ଅମୃତ ମିଡିଆ): କଟକ-ଚାନ୍ଦବାଲି ରାସ୍ତାର ଆଳି ସିଙ୍ଗିରି ବଜାରଠାରେ ଗାଡି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ପତ୍ରପୁର ପଂଚାୟତ ରାଇସରପୁର ଗ୍ରାମର ନଟବର ମହାଳିକ (୮୦)। ମଙ୍ଗଳବାର ଭୋର ପ୍ରାୟ ୪ଟା ୩୦ରେ ରାଇସରପୁର ଗ୍ରାମର ନଟବର ସିଙ୍ଗିରି ବଜାରରୁ ଘରକୁ ଫେରୁଥିବା ବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଲୋକେ ଦୀର୍ଘ ସମୟ ଧରି ରାସ୍ତାକଡରେ ମୃତଦେହ ରଖି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ପତ୍ରପୁର ସରପଞ୍ଚ କାନନ ପରିଡା, ପୂର୍ବତନ ସରପଞ୍ଚ ପ୍ରତିନିଧି ସୁବ୍ରତ ବେହୁରା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବଡ଼ଖେମୁଣ୍ଡି ରାଜକୁମାର ମୋହନ ପ୍ରସାଦ ଦେବଙ୍କ ପରଲୋକ

## ରାଜ ଶ୍ମଶାନରେ ହେଲା ଅନ୍ତିମ ସଂସ୍କାର



ଦିଗପହଣ୍ଡି (ଅମୃତ ମିଡିଆ): ବଡ଼ଖେମୁଣ୍ଡି ରାଜକୁମାର ମୋହନ ପ୍ରସାଦ ଦେବଙ୍କ ଦେହାନ୍ତ ହୋଇଛି। ଗଞ୍ଜାମ ଜିଲାର ତତ୍କାଳୀନ ବଡ଼ଖେମୁଣ୍ଡି ରାଜ୍ୟର ଶେଷ ସମ୍ରାଟ ରାଜା ରାମଚନ୍ଦ୍ର ଦେବଙ୍କ ଚତୁର୍ଥ ପୁତ୍ର ରାଜକୁମାର ମୋହନ ପ୍ରସାଦ ଦେବଙ୍କ ୭୫ ବର୍ଷ ବୟସରେ ପରଲୋକ ହୋଇଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ରାଜାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଦିଗପହଣ୍ଡି ଓ ବ୍ରହ୍ମପୁର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଜଣେ ସରଳ, ଭଦ୍ର, ମିଷ୍ଟଭାଷୀ ଓ ସେବାପରାୟଣ ବ୍ୟକ୍ତି ଭାବେ ସେ ନିଜ ଜୀବନକୁ ସମାଜସେବା, ସଂସ୍କୃତି ଓ ସାଙ୍ଗଠନିକ କାର୍ଯ୍ୟରେ ଉତ୍ସର୍ଗ କରିଥିଲେ। ତାଙ୍କର ଅମାୟିକ ବ୍ୟବହାର, ସରଳ ଜୀବନଶୈଳୀ ଓ ସମାଜ ପ୍ରତି ତାଙ୍କ ବହୁ ଅବଦାନ ରହିଥିଲା। ସେ ବ୍ରହ୍ମପୁର ସହରର ଅନେକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଦିଗପହଣ୍ଡି ସହରର ବହୁ ମଠ ମନ୍ଦିର ଧର୍ମ ଅନୁଷ୍ଠାନର ସେ ଅଗ୍ରଜ ପୁରୋଧା ଥିଲେ। ପୂର୍ବରୁ କିଛିବର୍ଷ ପୂର୍ବେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ପ୍ରତିଷ୍ଠ ରେ ମଧ ମୋହନ ପ୍ରସାଦ ଙ୍କ ଯୋଗଦାନ ରହିଥିଲା। ତାଙ୍କ ବିୟୋଗରେ ଦିଗପହଣ୍ଡି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱରରୁ ପ୍ରଥମେ ବ୍ରହ୍ମପୁର ସ୍ଥିତ ବଡ଼ଖେମୁଣ୍ଡି ରାଜବଙ୍ଗଳା ସ୍ଥିତ ବାସଭବନକୁ ନିଆଯାଇଥିଲା। ପରେ ବୁଧବାର ମଧ୍ୟାହ୍ନରେ ଦିଗପହଣ୍ଡି ରାଜବାଟୀକୁ ଅଣାଯାଇଥିଲା। ସେଠାରେ ବହୁସଂଖ୍ୟକ ସ୍ଥାନୀୟ ବାସିନ୍ଦା ଓ ଗଣ୍ୟମାନ୍ୟ ବ୍ୟକ୍ତିବୃନ୍ଦ ରାଜକୁମାରଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଦିଗପହଣ୍ଡି ରାଜବାଟିରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଓ ସମ୍ପର୍କୀୟ ତାଙ୍କ ପାର୍ଥିବ ଶରୀରକୁ ବିରାଟ ଶୋଭାଯାତ୍ରାରେ ନେଇ ସହରର ପୁଞ୍ଜିକଂଯା ଛକ ନିକଟ ରାଜ ଶ୍ମଶାନରେ ପହଞ୍ଚିଥିଲେ। ସେଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

# ଶ୍ରୀବଳଦେବଜୀଉଙ୍କ ବଡ଼ପଣ୍ଡା ଭଗବାନ ପତ୍ରୀଙ୍କ ପରଲୋକ



ଂ ଭଗବାନ ପତ୍ରୀ

କେନ୍ଦ୍ରାପଡ଼ା (ଅମୃତ ମିଡିଆ): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ବଡପଣ୍ଡା, ପଣ୍ଡିତସଭାର ସଦସ୍ୟ ତଥା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଭଗବାନ ପତ୍ରୀଙ୍କର (୭୪)ବର୍ଷ ବୟସରେ ବିୟୋଗ ହୋଇଯାଇଛି। କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଚକଡା ଗ୍ରାମରେ ଜନ୍ମିତ ପ୍ରଫେସର ପତ୍ରୀ ଚାକିରୀରୁ ଅବସରଗ୍ରହଣ ପରେ ଶ୍ରୀବଳଦେବଜୀଉଙ୍କ ସେବା କରିବା ସହ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ। ସେ ଜଣେ କର୍ମନିଷ୍ଠ, ପରୋପକାରୀ ବ୍ୟକ୍ତି ଭାବରେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଅସୀତ ଓ ବିଶ୍ୱପ୍ରକାଶଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ଅସୀତ ମୁଖାଗ୍ନି ଦେଇଥିଲେ।

# ପରିଣତ ବୟସରେ ବେସାହାରା ବୁଦ୍ଧିମନ୍ତି

## ➲ପାରିବାରିକ ସମସ୍ୟାରୁ ହରାଇଲେ ଚାକିରି ➲ପ୍ରାପ୍ୟ ପାଇଁ ସରକାରଙ୍କ ଦ୍ୱାରସ୍ଥ



ଆସିକା (ଅମୃତ ମିଡିଆ): ଦିନେ ସରକାରୀ ଚାକିରି କରି ଦେଶ ସେବା କରିବାର ସ୍ୱପ୍ନ ଦେଖିଥିଲେ। ଚାକିରି ଜୀବନରେ ଦରମା ପାଉଥିଲେ, ହେଲେ ଏକ ପାରିବାରିକ ସମସ୍ୟା ତାଙ୍କ ଜୀବନର ଗତିପଥ ବଦଳାଇଦେଲା। ଚାକିରି ଗଲା, ଦୀର୍ଘ ବର୍ଷ ଧରି ନ୍ୟାୟ ପାଇଁ ଦୌଡ଼ିଲେ, ହେଲେ ଆଜି ପରିଣତ ବୟସରେ ମଧ ତାଙ୍କ ଜୀବନରୁ ଦୁର୍ଦ୍ଦଶା ଦୂର ହୋଇନାହିଁ। ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ହରିଡାପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁମ୍ଭାରୀ ଗାଁର ବୁଦ୍ଧିମନ୍ତି ବେହେରା। ବୟସ ପ୍ରାୟ ୭୦ ବର୍ଷ। ସ୍ତ୍ରୀ ଲକ୍ଷ୍ମୀ ବେହେରା ଓ ତିନି ପୁଅଙ୍କୁ ନେଇ ତାଙ୍କ ପରିବାର। ବାର୍ଦ୍ଧକ୍ୟରେ ପହଞ୍ଚିଥିବା ବୁଦ୍ଧିମନ୍ତି ଏବେ ଆର୍ଥିକ ଅନଟନ ମଧରେ ଦିନ କାଟୁଛନ୍ତି। ବୁଦ୍ଧିମନ୍ତି ବେହେରାଙ୍କ ଜନ୍ମ ୧ ଜାନୁଆରୀ ୧୯୫୬। ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଅଧିକ ପାଠ ପଢ଼ିବାର ସୁଯୋଗ ମିଳିନଥିଲା। ଗାଁ ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଚାକିରି ପାଇଁ ଉଦ୍ୟମ କରିଥିଲେ। ପ୍ରାୟ ୧୮ ବର୍ଷ ବୟସରେ ୧୯୭୫ ମସିହାରେ କଟକରେ ଏକ ଇଣ୍ଟରଭ୍ୟୁରେ ଉତ୍ତୀର୍ଣ୍ଣ ହେବା ପରେ ମହାରାଷ୍ଟ୍ରର ୪-ଇଏମଇ ସେଣ୍ଟରରେ କମ୍ପୋଜିଟ୍ ମେକାନିକ୍ ଟ୍ରେନିଂ ନେଇଥିବା ସେ କହିଛନ୍ତି। ପରେ ଦିଲ୍ଲୀସ୍ଥିତ ୫୦୫ ଆର୍ମି ବେସ ୱାର୍କସପ୍‌ରେ ଇଏମଇ ବିଭାଗରେ କାର୍ଯ୍ୟ କରିଥିଲେ। ପ୍ରାୟ ୫ ବର୍ଷ କାମ କରିବା ପରେ ତାଙ୍କର ଗୁଜରାଟକୁ ବଦଳି ହୋଇଥିଲା। ପାରିବାରିକ ସମସ୍ୟା ବଦଳାଇଦେଲା ଜୀବନ ଗୁଜରାଟରେ କାର୍ଯ୍ୟରତ ଥିବା ସମୟରେ ଘରେ ଏକ ପାରିବାରିକ ସମସ୍ୟା ଦେଖାଦେଇଥିବାରୁ ସେ ନିଜ ଗାଁକୁ ଫେରିଥିଲେ। ସ୍ଥାନୀୟ ଥାନାରେ ତାଙ୍କ ନାମରେ ଏକ ମାମଲା ହୋଇଥିବାରୁ ସେ ନିଜ କାର୍ଯ୍ୟାଳୟକୁ ଲିଖିତ ଭାବେ ଛୁଟି ସମ୍ପର୍କରେ ଜଣାଇଥିବା ଦାବି କରିଛନ୍ତି। ପ୍ରଥମେ ୧୪ ଦିନ ପାଇଁ କାଜୁଆଲ୍ ଛୁଟି ନେଇଥିଲେ। ପରେ ଆଉ ଏକ ମାସ ଛୁଟି ପାଇଁ ଆବେଦନ କରିଥିଲେ। ପାରିବାରିକ ସମସ୍ୟା ଜଟିଳ ହେବାରୁ ମୋଟ ୬୯ ଦିନ ଧରି ସେ କାର୍ଯ୍ୟରେ ଯୋଗ ଦେଇପାରିନଥିବା କହିଛନ୍ତି। ଏହାପରେ ତାଙ୍କ ବିରୋଧରେ ଚାକିରି ସମ୍ପର୍କିତ ପଦକ୍ଷେପ ନିଆଯାଇ ୪ ଡିସେମ୍ବର ୧୯୮୧ରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ସେ ଦାବି କରିଛନ୍ତି। ମାମଲାରୁ ନିର୍ଦ୍ଦୋଷ ଖଲାସ ବୁଦ୍ଧିମନ୍ତିଙ୍କ କହିବା ଅନୁସାରେ, ତାଙ୍କ ନାମରେ ରୁଜୁ ହୋଇଥିବା ମାମଲା ଦୀର୍ଘ ସମୟ ଧରି ଚାଲିଥିଲା। ପ୍ରାୟ ୧୯୮୯ ମସିହାରେ ସେ ଏହି ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ମାମଲା ସମୟରେ ପ୍ରାୟ ୧୦ ଦିନ ଜେଲରେ ରହିବା ପରେ ଜାମିନରେ ବାହାରିଥିବା ସେ କହିଛନ୍ତି। ଚାକିରି ହରାଇବା ପରେ ନିଜ ଉପରିସ୍ଥ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଗୁହାରି କରିଥିବା ସେ ଦାବି କରିଛନ୍ତି। ୧୯୯୦ ମସିହାରେ ରାଷ୍ଟ୍ରପତିଙ୍କ ନିକଟରେ ମଧ ନିଜର ଅଭିଯୋଗ ଜଣାଇଥିବା କହିଛନ୍ତି। ହେଲେ ତାଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ତାଙ୍କ ଅଭିଯୋଗ। ଦିନେ ୧୨ ଶହ ଦରମା, ଆଜି ଟଙ୍କା ପାଇଁ ଅପେକ୍ଷା ଚାକିରି ସମୟରେ ମାସକୁ ପ୍ରାୟ ୧୨ ଶହ ଟଙ୍କା ଦରମା ପାଉଥିବା ବୁଦ୍ଧିମନ୍ତି ଆଜି ନିଜ ବାର୍ଦ୍ଧକ୍ୟରେ ଆର୍ଥିକ ସହାୟତା ପାଇଁ ଅପେକ୍ଷାରତ। ତିନି ପୁଅଙ୍କ ମଧରୁ ବଡ଼ ପୁଅ ସୁରତରେ ରହି ନିଜ ପରିବାର ଚଳାଉଥିବା ବେଳେ ଅନ୍ୟ ଦୁଇ ପୁଅ ଗାଁରେ ଦୈନିକ ମଜୁରି କରି ପରିବାର ଚଳାଉଛନ୍ତି। ଫଳରେ ବୟସର ଏହି ଅପରାହ୍ଣରେ ବୁଦ୍ଧିମନ୍ତିଙ୍କ ଆଶ୍ରା ଏବେ ଭଗବାନଙ୍କ ଉପରେ। ଯେଉଁ ବୟସରେ ନାତିନାତୁଣୀଙ୍କ ସହ ସମୟ କାଟିବା କଥା, ସେହି ବୟସରେ ନିଜର ଅଧିକାର ଓ ପ୍ରାପ୍ୟ ପାଇଁ ସେ ଆଜି ମଧ ଆଶା ବାନ୍ଧି ବସିଛନ୍ତି। ଏବେ ସରକାରଙ୍କ ନିକଟରେ ଗୋଟିଏ ଗୁହାରି ବୁଦ୍ଧିମନ୍ତିଙ୍କ କହିବା କଥା, ତାଙ୍କର ଦୀର୍ଘ ଚାକିରି ଜୀବନ ଏକ ପାରିବାରିକ ଘଟଣା ଯୋଗୁଁ ଅଧାରେ ଅଟକିଗଲା। ପରେ ମାମଲାରୁ ଖଲାସ ହେଲେ ମଧ ଚାକିରି ଓ ଆର୍ଥିକ ସୁରକ୍ଷା ଫେରିପାଇଲେ ନାହିଁ। ଏବେ ଜୀବନର ଶେଷ ପର୍ଯ୍ୟାୟରେ ଅତୀତର ଘଟଣାକୁ ଭୁଲି ନିଜ ଜୀବନ ଚଳାଇବା ପାଇଁ ସରକାରଙ୍କ ନିକଟରୁ ଉଚିତ ପ୍ରାପ୍ୟ କିମ୍ବା ସହାୟତା ମିଳୁ ବୋଲି ସେ ଆଶା ରଖିଛନ୍ତି।

# ରେୟାରଫର୍ମ ଷ୍ଟୁଡିଓକୁ ଜାତୀୟ ପୁରସ୍କାର

## ଡିଜାଇନ୍ ଜଗତରେ ଓଡ଼ିଶାର ନୂଆ ପରିଚୟ




**ଭୁବନେଶ୍ୱର(ବ୍ୟୁରୋ)** ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ଡିଜାଇନ୍ ସଂସ୍ଥା ରେୟାରଫର୍ମ ଷ୍ଟୁଡିଓ 'ଭାରତର ଶ୍ରେଷ୍ଠ ୟଙ୍ଗ୍ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର-୨୦୨୬' ହାସଲ କରିଛି। ଏହି ଜାତୀୟ ସ୍ୱୀକୃତି ଅବସରରେ ଷ୍ଟୁଡିଓ ପକ୍ଷରୁ ଭୁବନେଶ୍ୱରରେ 'ଓଡ଼ିଶାର ଡିଜାଇନ୍ ସଂସ୍କୃତିର ଭବିଷ୍ୟତ' ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ଆଲୋଚନାରେ ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ, ସ୍ଥାପତ୍ୟ ଓ ପାରମ୍ପରିକ ସୃଜନଶୀଳତାକୁ ଆଧୁନିକ ଡିଜାଇନ୍ ସହ ଯୋଡ଼ିବା ନେଇ ମତବିନିମୟ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି, ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ଶତପଥୀ, ବଲିଉଡ୍ ଆର୍ଟିଷ୍ଟ ସୁକାନ୍ତ ପାଣିଗ୍ରାହୀ ଏବଂ ଏନ୍ଆଇଏଫ୍‌ଟିର ପ୍ରଫେସର ସୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନାର ଦାୟିତ୍ୱ ବିଜୟ ଲକ୍ଷ୍ମୀ ପରିଜା ତୁଲାଇଥିବା ବେଳେ ମିଡିଆ ସଂଯୋଗର ଦାୟିତ୍ୱ ଚକ୍ରଧର ମାଝୀ ନେଇଥିଲେ।କାର୍ଯ୍ୟକ୍ରମରେ ରେୟାରଫର୍ମ ଷ୍ଟୁଡିଓର ସହ-ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇ ଷ୍ଟୁଡିଓର ଯାତ୍ରା ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଡିଜାଇନ୍ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ମୌଳିକ ଚିନ୍ତାଧାରା, କଳ୍ପନା ଓ କାହାଣୀ କହିବାର ଏକ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରାଚୀନ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଆଧୁନିକ ଡିଜାଇନ୍ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ। ଷ୍ଟୁଡିଓର ସହ-ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ନୀଲ୍ ଆୟା କହିଥିଲେ ଯେ ଜାତୀୟ ପୁରସ୍କାର ଡିଜାଇନ୍ ମାଧ୍ୟମରେ କାହାଣୀ କହିବାର ସେମାନଙ୍କ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି। ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷ୍ଟୁଡିଓର ଯାତ୍ରା ଓଡ଼ିଶାର ମାଟି ଓ ପରମ୍ପରାରୁ ପ୍ରେରଣା ନେଇ ଆଗକୁ ବଢ଼ୁଛି ବୋଲି ସେ କହିଥିଲେ। ଶେଷରେ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରି ଏହି ପୁରସ୍କାରକୁ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଅଭିହିତ କରିଥିଲେ। ଓଡ଼ିଶାର ସୃଜନଶୀଳତାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ସହ ରାଜ୍ୟରେ ଏକ ଦୃଢ଼ ସୃଜନଶୀଳ ପରିବେଶ ଗଠନ କରିବା ଷ୍ଟୁଡିଓର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ।

## ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଙ୍ଘ ଭୁବନେଶ୍ୱର ଶାଖା ପୁନର୍ଗଠନ

**ଭୁବନେଶ୍ୱର(ବ୍ୟୁରୋ)** ଓୟୁଡ଼ବ୍ଲ୍ୟୁଜେଡ଼ ଭୁବନେଶ୍ୱର ତରଫରୁ ଏକ ଜରୁରୀ ବୈଠକ ପୁରୁଣା ଭୁବନେଶ୍ୱରସ୍ଥ କାର୍ଯ୍ୟାଳୟରେ ସମ୍ପାଦକଙ୍କ ଦ୍ୱାରା ଆହୁତ ହୋଇଥିଲା ।ଏହି ବୈଠକ ସଭାପତି ଅଜିତ ସାହାଣୀଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା ।ଏହି ବୈଠକରେ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀଙ୍କୁ ଉତ୍ତରୀ ଦେଇ ସମ୍ମାନିତ କରାଯାଇଥିବା ବେଳେ ଭୁବନେଶ୍ୱର ଶାଖାର ପୁନର୍ଗଠନ ହୋଇଥିଲା ।ନୂତନ ସଭ୍ୟ ଭାବେ ତ୍ରିଲୋଚନ ମିଶ୍ର, ନବ କିଶୋର ସୁବୁଦ୍ଧି,ଦିଲୀପ କୁମାର ବିଶ୍ୱାଳଙ୍କୁ ସଂଗଠନରେ ଗ୍ରହଣ କରାଯାଇଥିଲା ।ପୁନର୍ଗଠନ ରେ ସଭାପତି - ଅଜିତ ସାହାଣୀ, ଉପସଭାପତି - ବିଜୟ କୁମାର ପ୍ରଧାନ, ସମ୍ପାଦକ - ପ୍ରକାଶ ଚନ୍ଦ୍ର ସାହୁ, ସହ ସମ୍ପାଦକ - ଦିଲୀପ କୁମାର ବିଶ୍ୱାଳ , କୋଷାଧକ୍ଷ - ପ୍ରମୋଦ କୁମାର ନାୟକ, ସହ କୋଷାଧକ୍ଷ - ନବ କିଶୋର ସୁବୁଦ୍ଧି, କାର୍ଯ୍ୟକାରୀ ସଦସ୍ୟ ଭାବେ ତ୍ରିଲୋଚନ ମିଶ୍ରଙ୍କ ନାମକୁ ସାଧାରଣ ଭାବେ ଘୋଷଣା କରାଯାଇଥିଲା ।ମୋଟ ୨୫ ଜଣ ସଭ୍ୟଙ୍କ ସହମତି ରେ ଶାଖା ପୁନର୍ଗଠନ କୁ ସାର୍ବଜନୀନ କରାଗଲା ବୋଲି ରାଜ୍ୟ ସଭାପତି ଶ୍ରୀଯୁକ୍ତ ସୁଜ୍ଞାନ ଚୌଧୁରୀ ସ୍ୱୀକୃତି ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୧୦...

ଫାଶୀ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଉଚ୍ଚ କୋର୍ଟଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ଦୋଷୀମାନଙ୍କୁ ଉପର କୋର୍ଟରେ ଆବେଦନ କରିବାକୁ ୩୦ ଦିନର ସମୟ ମିଳିଛି। ଏହି ଘଟଣାର ତଦନ୍ତ ପ୍ରଥମେ ବସ୍ତର ପୁଲିସ୍ କରିଥିଲା। କିନ୍ତୁ ହମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଦାୟିତ୍ୱ ଏନଆଇଏକୁ ହସ୍ତାନ୍ତର କରାଯାଇଥିଲା। ୨୦୧୪ ସେପ୍ଟେମ୍ବର ମାସରେ ଏନଆଇଏ ଜଗଦଲପୁର ସ୍ପେଶାଲ କୋର୍ଟରେ ନିଜର ପ୍ରଥମ ଚାର୍ଜଶିଟ ଦାଖଲ କରିଥିଲା। ପ୍ରାୟ ୧୦୧ ଜଣ ସାକ୍ଷୀଙ୍କ ବୟାନ ମଧ୍ୟ କୋର୍ଟରେ ରେକର୍ଡ ହୋଇଥିଲା। ଏନଆଇଏ ବ୍ୟତୀତ ଘଟଣାର ତଦନ୍ତ ପାଇଁ ୨ଟି ନ୍ୟାୟିକ କମିଶନ ମଧ୍ୟ ଗଠନ କରାଯାଇଥିଲା। କୋର୍ଟ ମାମଲାର ଶୁଣାଣି ଶେଷ କରିବା ପରେ ଅଗଷ୍ଟ ୩୧ରେ ରାୟ ଦେବାର ଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହା ସେପ୍ଟେମ୍ବର ୫କୁ ଘୁଞ୍ଚିଥିଲା। କୋର୍ଟ ୨୦୧୩ ନକ୍ସଲ ହମଲା ଘଟଣାରେ ପ୍ରମିଳା ମୋଡ଼ିୟାମ, ଚୈତୁ ଲେକାମ ଓରଫ ମୁନା, ସୁମିତା ଓରଫ ପୁନେମ ମୋଡ଼ିୟାମ, ମୁକ୍କା ମାଣ୍ଡଭୀ, କୋସା କାବାସି ଓରଫ କୋସାରାମ, ଆୟାତା ମର୍କମ, ମାଡକାମୀ ଦେବ, ଜୋଗା ମାଡକାମୀ, ବଜ୍ଜାମି ସ୍ମା ଓରଫ ଚାମରୁ ଓ ମହାଦେବକ ନାଗକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୩ ବର୍ଷ ମଧ୍ୟରେ ମାମଲାର ଶୁଣାଣି ପ୍ରାୟ ୨୯୪ ଥର ହୋଇଥିଲା। ଏକାଧିକ ଅତିରିକ୍ତ ଚାର୍ଜଶିଟ ମଧ୍ୟ ଦାଖଲ ହୋଇଥିଲା। ଅତିରିକ୍ତ ଚାର୍ଜଶିଟରେ ଥିବା ଅଭିଯୁକ୍ତମାନଙ୍କୁ ସେପ୍ଟେମ୍ବର ୫ ରାୟରେ କୋର୍ଟ ଦୋଷୀ ସାବ୍ୟସ୍ତ କରି ନଥିଲେ। ତେଣୁ ସେମାନଙ୍କ ବିରୋଧରେ ଏଯାଏ ଦଣ୍ଡବିଧାନ ହୋଇନି।

### ସମ୍ବଲପୁରକୁ ...

ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି ।ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି। ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି। ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି। କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ଗଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି। ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍ ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି।

### ଦରମା...

ହେଉଛି ଦୀର୍ଘ ସମୟ ଧରି ଦରମା ବୃଦ୍ଧି, ବଢୁଥିବା ଆୟ ଏବଂ ଔପଚାରିକ ନିଯୁକ୍ତିର ନିରନ୍ତର ବିସ୍ତାରକୁ ପ୍ରତିଫଳିତ କରିବା। ସରକାରଙ୍କ ତଥ୍ୟ ଅନୁସାରେ, ୨୦୧୪ ପରଠାରୁ ଗତ ୧୨ ବର୍ଷ ମଧ୍ୟରେ ହାରାହାରି ଓ ସର୍ବନିମ୍ନ ଦରମା ସହ ଜୀବନଯାପନ ଖର୍ଚ୍ଚରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ତଥ୍ୟ ଅନୁଯାୟୀ, ଜଣେ ବେତନଭୋଗୀ କର୍ମଚାରୀଙ୍କ ହାରାହାରି ମାସିକ ଆୟ ଏବେ ପ୍ରାୟ ୨୩,୦୦୦ ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ସେମାନେ କର୍ମଚାରୀ ପେନସନ ଯୋଜନା ଇପିଏସର ସୁବିଧାରୁ ବଞ୍ଚିତ ଥିଲେ। ତେଣୁ ସେମାନଙ୍କୁ ମଧ୍ୟ ବାଧ୍ୟତାମୂଳକ ଭାବେ ଇପିଏଫଓର ସୁରକ୍ଷା ବ୍ୟବସ୍ଥା ଅଧୀନରେ ଆଣିବା ପାଇଁ ଦରମା ସୀମା ବଢ଼ାଇବାର ଆବଶ୍ୟକତା ଥିଲା।

### ବଜ୍ରାଘାତ...

ହୋଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳାଙ୍କ ନାମ ସବିତା ବାରିକ । ଗୋଟିଏ ଦିନରେ ଭିନ୍ନ ଦୁଇଟି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଆନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁଇ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଅସଜଡ଼ା...

କରି ସରକାରୀ ଅର୍ଥକୁ ଶେଷ କରିବାରେ ଲାଗିଛନ୍ତି। ଏଥିରେ ସରକାରଙ୍କର ଅଧା ସମୟ ଯାଉଛି। ପ୍ରତିବର୍ଷ ମେଳା କରି ସୁଭଦ୍ରା ଯୋଜନାରେ ଟଙ୍କା ଦେଉଛନ୍ତି। ହେଲେ ସରକାର ଯାହା କହିଥିଲେ, ତାହା କଲେ ନାହିଁ। କହିଥିଲେ ୫୦ ହଜାର ଟଙ୍କା ଦେବୁ, ୨ ବର୍ଷରେ ମହିଳାମାନେ ଖର୍ଚ୍ଚ କରିବେ। ହେଲେ ତାହା କଲେନାହିଁ। ଦୁଇବର୍ଷ ପରିବର୍ତ୍ତେ ପାଞ୍ଚ ବର୍ଷ ସମୟ ନେଲେ। ସରକାର ନିଜର ମାନସିକତା ବଦଳାନ୍ତୁ। ଅଧିକ ମହିଳାଙ୍କୁ ଯୋଡନ୍ତୁ। ତା'ପରେ ରାଜ୍ୟର ଲୋକ ଖୁସି ହେବେ ବୋଲି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି।

### ଦିନକରେ...

ବିଭାଗର ଆଇଜିପି ଉମାଶଙ୍କର ଦାଶଙ୍କ ସୂଚନା ଅନୁଯାୟୀ, ହୋମଗାର୍ଡ଼ମାନଙ୍କୁ ଜୀବନରକ୍ଷା ଓ ଜଳ ଉଦ୍ଧାର ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ । ଚନ୍ଦ୍ରଭାଗାସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ଼ ଇନଷ୍ଟିଚ୍ୟୁଟ୍ ରେ ଏହି ପ୍ରଶିକ୍ଷଣ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧,୦୧୦ ଜଣ ପ୍ରଶିକ୍ଷିତ ହୋମଗାର୍ଡ଼ଙ୍କୁ ମୁତୟନ କରାଯିବ । ଅଧିକ ଲୋକଙ୍କ ସମାଗମ ହେଉଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଏହି ପର୍ଯ୍ୟାୟରେ ପ୍ରାଥମିକତା ଦିଆଯିବ । ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ, ୨୦୨୦ରୁ ୨୦୨୪ ମଧ୍ୟରେ ଓଡ଼ିଶାରେ ବୁଡ଼ିଯିବା ଘଟଣାରେ ୧୦,୩୮୩ଜଣଙ୍କ ମୃତ୍ୟୁ ଘଟିଛି । ସେଥିମଧ୍ୟରୁ ୯,୧୪୯ଟି ମୃତ୍ୟୁ ଦୁର୍ଘଟଣାଜନିତ ହୋଇଥିବାବେଳେ ୧,୨୩୪ଟି ମୃତ୍ୟୁ ଆତ୍ମହତ୍ୟା ଭାବେ ରେକର୍ଡ଼ ହୋଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଡ଼ି ଯାଇ ମୃତ୍ୟୁର ସମ୍ଭାବନା ଥିବା ସ୍ଥାନଗୁଡ଼ିକର ବୈଜ୍ଞାନିକ ଭିତ୍ତିରେ ମ୍ୟାପିଂ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ସତର୍କ ସୂଚନା ଫଳକ ଲଗାଇବା, ରେଲିଂ ଓ ବ୍ୟାରିକେଡ୍ ନିର୍ମାଣ କରିବା ଏବଂ ଖୋଲା କୂଅ ଗୁଡ଼ିକୁ ଆବଦ୍ଧ କରିବା ଭଳି ପଦକ୍ଷେପ ନିଆଯିବ। ଏହା ସହିତ ସାରା ରାଜ୍ୟରେ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିବାକୁ ମଧ୍ୟ ସରକାର ଯୋଜନା କରୁଛନ୍ତି ।

## ତନିଷ୍କ ବାଏ ରିଭା ପକ୍ଷରୁ 'ୱେଡିଂ ସିଗ୍ନେଚର୍ସ' ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)** ତନିଷ୍କର ବିବାହ ଅଳଙ୍କାର କେନ୍ଦ୍ରିତ ସବ୍-ବ୍ରାଣ୍ଡ ରିଭାହ ପକ୍ଷରୁ 'ୱେଡିଂ ସିଗ୍ନେଚର୍ସ' ନାମରେ ନୂଆ କଲେକ୍ସନ୍ ଲଞ୍ଚ କରାଯାଇଛି। ଏହି କଲେକ୍ସନ୍‌ରେ ଭାରତର ୬ଟି ପ୍ରମୁଖ ବିବାହ ପରମ୍ପରାକୁ ପ୍ରତିଫଳିତ କରୁଥିବା ସମ୍ପୂର୍ଣ୍ଣ ବ୍ରାଇଡାଲ୍ ଜୁଏଲେରୀ ଟ୍ରୁସୋ ରହିଛି। ଏଥିରେ ତାମିଲ, ତେଲୁଗୁ, ରାଜସ୍ଥାନୀ/ମାରୱାଡ଼ି, ଗୁଜରାଟୀ, ମରାଠୀ ଏବଂ ପାନ୍-ଇଣ୍ଡିଆ/ମେଟ୍ରୋ ଶୈଳୀ ସାମିଲ ହୋଇଛି। ଆଜିର ଆଧୁନିକ ଭାରତୀୟ କନ୍ୟା ନିଜ ସାଂସ୍କୃତିକ ମୂଳ ସହ ଯୋଡ଼ି ରହିଥିବା ସତ୍ତ୍ୱେ ନିଜସ୍ୱ ଅନନ୍ୟ ଶୈଳୀରେ ତାହାକୁ ପାଳନ କରୁଛନ୍ତି—ରିଭାହର ଏହି ଅନ୍ତର୍ଦୃଷ୍ଟିକୁ ଆଧାର କରି ଏହି କଲେକ୍ସନ୍ ପ୍ରସ୍ତୁତ କରାଯାଇଛି ।ବିବାହ ପୂର୍ବରୁ ୮ରୁ ୧୨ ମାସ ମଧ୍ୟରେ ଜଣେ କନ୍ୟା ବିବାହର ସ୍ଥାନ, ଭେନ୍ୟୁ, ବିଭିନ୍ନ ଉତ୍ସବ, ପୋଷାକ, ଫଟୋଗ୍ରାଫି,ସାଜସଜ୍ଜା, ସୌନ୍ଦର୍ଯ୍ୟସଜ୍ଜା ଓ ଅଳଙ୍କାର ଭଳି ବିଭିନ୍ନ ଦିଗରେ ନିଜ ପସନ୍ଦ ଚୟନ କରନ୍ତି। ଏହା ବ୍ରାଇଡାଲ୍ ଜୁଏଲେରୀଚୟନର ଧାରାକୁ ମଧ୍ୟ ବଦଳାଇଛି। ଏବେ ଗୋଟିଏ ମାତ୍ର ସେଟ୍ ଉପରେ ନିର୍ଭର ନକରି, ବିବାହର ପ୍ରତ୍ୟେକ ଅବସର ପାଇଁ ଅଲଗା ଅଲଗା ଅଳଙ୍କାର ବାଛିବା ପ୍ରତି ଆଧୁନିକ କନ୍ୟାମାନଙ୍କ ଆଗ୍ରହ ବଢ଼ିଛି। ଏହି ଧାରାକୁ ଦୃଷ୍ଟିରେ ରଖି 'ୱେଡିଂ ସିଗ୍ନେଚର୍ସ'ରେ ବିବାହର ବିଭିନ୍ନ ଉତ୍ସବ ଓ ଅବସର ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସମ୍ପୂର୍ଣ୍ଣ ଜୁଏଲେରୀ ୱାର୍ଡରୋବ୍ ସାମିଲ କରାଯାଇଛି ।ପ୍ରତ୍ୟେକ କନ୍ୟାର ଲୁକ୍‌କୁ ତାଙ୍କ ନିଜସ୍ୱ ସ୍ୱତନ୍ତ୍ର ଗହଣା ଶୈଳୀ ମାଧ୍ୟମରେ ବିକଶିତ କରାଯାଇଛି। ମରାଠୀ ଟ୍ରୁସୋରେ ମଙ୍ଗଳସୂତ୍ର, ତୁଷି ନେକଲେସ୍ ଏବ ବଜ୍ର ଟିକ ଚୋକର ଭଳି ମୁଖ୍ୟ ଉପାଦାନ ରହିଛି। ରାଜସ୍ଥାନୀ/ମାରୱାଡ଼ି ଟ୍ରୁସୋରେ ବୋର୍ଲା, ତେବତା, ଆଡ୍ ଓ ପାଂଚଲଡା ହାର ରହିଛି ଏବଂ ଗୁଜରାଟୀ ଟ୍ରୁସୋ ଚନ୍ଦନ ହାର, ଦୋଡି, ମୋର ଓ କେରୀଭଳି ଉପାଦାନ ରହିଛି। ତାମିଲ ଓ ତେଲୁଗୁ ଟ୍ରୁସୋଗୁଡ଼ିକ ସ୍ୱତନ୍ତ୍ର ଦକ୍ଷିଣ ଭାରତୀୟ ରୂପ ଓ ମନ୍ଦିରପ୍ରେରିତ ଡିଜାଇନ୍ ଶୈଳୀକୁ ପ୍ରଦର୍ଶିତ କରୁଛି।

## ରସୁଲଗଡ଼ରେ ବିଶାଳ ହୋର୍ଡିଂ ନିର୍ମାଣକୁ ନେଇ ସାଧାରଣରେ ଚିନ୍ତା

**ଭୁବନେଶ୍ୱର(ବ୍ୟୁରୋ)** ରାଜଧାନୀର ବିଭିନ୍ନ ଅଞ୍ଚଳରେ ସରକାରୀ ଓ ବେସରକାରୀ ସ୍ଥାନରେ ବିଜ୍ଞାପନ ହୋର୍ଡିଂ ନିର୍ମାଣକୁ ନେଇ ପୂର୍ବରୁ ଅନେକ ପ୍ରଶ୍ନ ଉଠିଛି। ଗତ କିଛି ସମୟ ମଧ୍ୟରେ ହୋର୍ଡିଂ ଭୁଶୁଡ଼ି ଜୀବନହାନି ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ରସୁଲଗଡ଼ ଭଳି ଅତ୍ୟଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏକ ବିଶାଳ ହୋର୍ଡିଂ ସୁପରଷ୍ଟ୍ରକ୍ଚର ନିର୍ମାଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ସ୍ଥାନୀୟଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଥିବା ଦୁଇଟି ହୋର୍ଡିଂର ପଛପଟେ ପ୍ରାୟ ୨୦ ଫୁଟ୍‌ରୁ ଅଧିକ ଉଚ୍ଚତାରେ ଏହି ନୂତନ ଷ୍ଟ୍ରକ୍ଚର ନିର୍ମାଣ କରାଯାଉଛି। ଯେଉଁଟା କି ଓଡିଶା ମୁନିସିପାଲିଟି ନିଗମ ନିୟମ ୨୦୦୩ କୁ ଉଲଂଘନ କରୁଛି ।ଏହାର ସୁରକ୍ଷା, ଅନୁମତି ଓ ନିୟମାନୁସାରିତା ନେଇ ସ୍ପଷ୍ଟତା ଆବଶ୍ୟକ ବୋଲି ସେମାନେ କହିଛନ୍ତି ।ଆଗକୁ ଦଶହରା ପର୍ବ ଥିବାରୁ ରସୁଲଗଡ଼ ଅଞ୍ଚଳରେ




ଯାତାୟାତ ଓ ଜନସମାଗମ ଆହୁରି ବଢ଼ିବ। ଏଭଳି ସମୟରେ କୌଣସି ଅପ୍ରତ୍ୟାଶିତ ଘଟଣା ଘଟିଲେ ଧନଜୀବନ କ୍ଷତିର ଆଶଙ୍କା ଥିବାରୁ ପ୍ରଶାସନ ତୁରନ୍ତ ଏହି ନିର୍ମାଣର ସୁରକ୍ଷା ଓ ବୈଧତା ଯାଞ୍ଚ କରିବାକୁ ଦାବି ହୋଇଛି। ସ୍ଥାନୀୟ ବାସିନ୍ଦା ଓ ଛୋଟ ବ୍ୟବସାୟୀମାନେ ବିଏମ୍‌ସି ପକ୍ଷରୁ ବିଧିବଦ୍ଧ ତଦନ୍ତ କରି, ନିୟମ ଉଲ୍ଲଂଘନ ଥିଲେ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନ ନିଆଗଲେ ଆଇନଗତ ପଦକ୍ଷେପ ନେବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

## ଅଗଷ୍ଟରେ ୧୨୫୮୧ଟି ଟ୍ରାକ୍ଟର ବିକ୍ରି କରିଛି ସୋନାଲିକା

**ଭୁବନେଶ୍ୱର(ବ୍ୟୁରୋ)** ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଏହାର ୨୦୨୬-୨୭ ଆର୍ଥିକ ବର୍ଷର ଉଲ୍ଲେଖନୀୟ ବର୍ଗ ଜାରି ରଖିଛି। ଗତ ଅଗଷ୍ଟ ମାସରେ କମ୍ପାନୀ ମୋଟ ୧୨୫୮୧ଟି ଟ୍ରାକ୍ଟର ବିକ୍ରି କରିଛି। ଏହି ବିକ୍ରି ଶିଳ୍ପର ସାମଗ୍ରିକ ପ୍ରଦର୍ଶନ ତୁଳନାରେ ୧.୯ ଗୁଣ ଅଭିବୃଦ୍ଧି ଦ୍ୱାରା ପରିଚାଳିତ ହୋଇଛି ଯାହା ଭାରାତୀୟ ବଜାରରେ ଅଗ୍ରଣୀ ସଂସ୍ଥାଗୁଡିକ ମଧ୍ୟରେ ଏହାର ମଜବୁତ ସ୍ଥିତିକୁ ପ୍ରତିଫଳନ କରୁଛି। ଏହାର ଗୌରବମୟ ୩୦ତମ ବାର୍ଷିକୀ ବର୍ଷରେ ଅଢେ ଏକ ଅତୁଳନୀୟ ସଫଳତା ଯୋଗ କରି କମ୍ପାନୀ ଏହାର ପାବର ହୋସିଆରପୁରସ୍ଥିତ ବିଶ୍ୱର ଏକ ନମ୍ବର ଟ୍ରାକ୍ଟର ଉତ୍ପାଦନକାରୀ ପ୍ଲାଂଟ୍‌ରେ ୧୮୦୬୭ଟି ଟ୍ରାକ୍ଟରର ସର୍ବୋଚ୍ଚ ମାସିକ ଉତ୍ପାଦନ ରେକର୍ଡ କରିଛି। ଏହା ଆଗାମୀ ପାର୍ବଣ ଋତୁ ସମୟରେ କୃଷକଙ୍କ ଚାହିଦା ପୂରଣ କରିବା ପାଇଁ କମ୍ପାନୀର ପ୍ରସ୍ତୁତିକୁ ମଜବୁତ କରିଛି। ଏହି ଦୁଇଟି ସଫଳତା ସୋନାଲିକାର ସମନ୍ୱିତ ବ୍ୟବସାୟ ଇକୋସିଷ୍ଟମର ଶକ୍ତିକୁ ପ୍ରଦର୍ଶିତ କରୁଛି ଯେଉଁଠାରେ ଉତ୍ପାଦନ କ୍ଷମତା, ଉତ୍ପାଦ ଶକ୍ତି ଓ ବଜାର ଦୃଢତା ଉପଯୁକ୍ତ ତାଳମେଳ ସହ କାର୍ଯ୍ୟ କରୁଛି। ସୋନାଲିକା ନୂଆ ଗୋଲ୍ଡ ସିରିଜ ଟ୍ରାକ୍ଟର ଦ୍ୱାରା ପରିଚାଳିତ ଏହାର ଦମ୍‌ଦାର ଟ୍ରାକ୍ଟରଗୁଡିକ ସହ ନିଜର ପରିଚାଳନାରେ ବେଗ, ଦକ୍ଷତା ଓ ପ୍ରତିକ୍ରିୟାଶୀଳତାକୁ ଉନ୍ନତ କରିବା ଜାରି ରଖିଛି। ପାର୍ବଣ ଋତୁ କୃଷକଙ୍କ ଚାହିଦା ବୃଦ୍ଧି କରିବାର ସମ୍ଭାବନା ଥିବାରୁ ସୋନାଲିକା ଏକ ପ୍ରସ୍ତୁତ ଡିଲରସିପ ନେଟୱାର୍କ ସହିତ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ପ୍ରବେଶ କରିଛି।

## ଦୁର୍ଗାପୂଜା ପାଇଁ ଆବାସିକ ସଂଘର ମାଟି ଅନୁକୂଳ

**ଭୁବନେଶ୍ୱର(ବ୍ୟୁରୋ)** ପବିତ୍ର ଗଣେଶ ଚତୁର୍ଥୀ ତିଥିରେ ଶୈଳଶ୍ରୀ ବିହାର ଫେଜ୍-୭ ଆବାସିକ ସଂଘ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ପାଇଁ କୁଆଖାଇ ନଦୀ ପଠାରୁ ମାଙ୍କ ମୃଣ୍ମୟ ମୂ ି ନିର୍ମାଣ ନିମନ୍ତେ ମାଟି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ଅଧ୍ୟକ୍ଷ ହେମନ୍ତ କୁମାର ମହାପାତ୍ର ଓ ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କମିଟିର କର୍ମକ ାମାନେ ପୂର୍ବ ନିର୍ଦ୍ଧାରିତ ଶୁଭବେଳା ଅନୁସାରେ କୁଆଖାଇ ନଦୀ ଅଭିମୁଖେ ଯାତ୍ରା କରିଥିଲେ। ନଦୀ ପଠାରେ ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରିବା ପରେ କ ା ଅନନ୍ତ କୁମାର ପ୍ରଧାନ ମାଟି ଅନୁକୂଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆବାସିକ ସଂଘର ସଭାପତି ଆଶିଷ କୁମାର ମଲ୍ଲିକ, ଉପସଭାପତି ରମେନ୍ଦ୍ର କୁମାର ମହାକୁଡ, ଯୁଗ୍ମ ସମ୍ପାଦକ ଅମିତ କିରଣ ହୋତା, ସୁରେନ୍ଦ୍ର ନାଥ ସେନାପତି, ମାନସ କୁମାର ଦାଶ, ସୁଜିତ କୁମାର ବିଶ୍ୱାଳ, ପ୍ରତାପ ଭାନୁ ଧଳ, ସଂଜୀବ କୁମାର ମହାପାତ୍ର, ଅଭିନାଶ କୁଅଁର, ଅନୁରାଗ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍

# ଇନିସିଆଲ ପବ୍ଲିକ ଅଫର୍ ୧୭ରେ ଖୋଲିବ

**ଭୁବନେଶ୍ୱର(ବ୍ୟୁରୋ)** ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ ତାର ଇନିସିଆଲ ପବ୍ଲିକ ଅଫର ପାଇଁ ପ୍ରତି ୧ ଟଙ୍କା ଫେସ୍ ଭାଲ୍ୟୁ ବିଶିଷ୍ଟ ଇକ୍ୱିଟି ସେୟାର ପିଛା ପ୍ରାଇସ୍ ବ୍ୟାଣ୍ଡ ୧,୭୦୦ ଟଙ୍କାରୁ ୧,୭୮୫ ଟଙ୍କା ଧାର୍ଯ୍ୟ କରିଛି । କମ୍ପାନୀର ଏହି ଇନିସିଆଲ ପବ୍ଲିକ ଅଫରିଂ (ନ୍ତଆଇପିଓ' ବା ନ୍ତଅଫର') ଆବେଦନ ପାଇଁ ୧୭ ସେପ୍ଟେମ୍ବର ୨୦୨୬ରେ ଖୋଲିବ ଏବଂ ୨୧ ସେପ୍ଟେମ୍ବର ୨୦୨୬ରେ ବନ୍ଦ ହେବ । ନିବେଶକମାନେ ସର୍ବନିମ୍ନ ୮ଟି ଇକ୍ୱିଟି ସେୟାର ଏବଂ ଏହା ପରେ ୮ଟି ଇକ୍ୱିଟି ସେୟାରର ଗୁଣିତକରେ ବିଡ୍ କରିପାରିବେ । ବର୍ତ୍ତମାନ ସୁଦ୍ଧା ବଜାରରେ ଥିବା ସମୁଦାୟ ଇକ୍ୱିଟି ସେୟାର ସଂଖ୍ୟା ହେଉଛି ପ୍ରତି ୧ ଟଙ୍କା ମୂଲ୍ୟର ୨,୪୭,୫୦,୦୦,୦୦୦ଟି ଇକ୍ୱିଟି ସେୟାର । ୧ ଟଙ୍କା ଫେସ୍ ଭାଲ୍ୟୁ ଥିବା ଏହି ଆଇପିଓଟି ହେଉଛି ସେୟାର ବିକ୍ରି କରୁଥିବା କର୍ପୋରେଟ୍ ଅଂଶୀଦାରମାନଙ୍କ ଦ୍ୱାରା ୧୨,୬୪,୩୬,୬୫୦ଟି ପର୍ଯ୍ୟନ୍ତ ଇକ୍ୱିଟି ସେୟାରର ଏକ ଅଫର-ଫର୍-ସେଲ୍ (ଓଏଫ୍‌ଏସ୍) । ଏହି ବିକ୍ରୟକାରୀ ଅଂଶୀଦାରମାନେ ହେଉଛନ୍ତି - ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାଡ଼ା ପେନସନ ପ୍ଲାନ ଇନଭେଷ୍ଟମେଣ୍ଟ ବୋର୍ଡ, ଆରନ୍ଦା ଇନଭେଷ୍ଟମେଣ୍ଟସ (ମରିସସ) ପ୍ରାଇଭେଟ ଲିମିଟେଡ୍, ଏମଏସ ଷ୍ଟ୍ରାଟେଜିକ୍ (ମରିସସ) ଲିମିଟେଡ୍, ଦ ନ୍ୟୁ ଇଣ୍ଡିଆ ଆସୁରାନ୍ସ କମ୍ପାନୀ ଲିମିଟେଡ୍, ଏସବିଆଇ କ୍ୟାପିଟାଲ ମାର୍କେଟ୍ସ ଲିମିଟେଡ୍ (ଏସଏସ), ବ୍ୟାଙ୍କ ଅଫ୍ ବରୋଦା, ଷ୍ଟକ୍ ହୋଲ୍ଡିଂ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍, ଜେନେରାଲ ଇନସୁରାନ୍ସ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ ଏବଂ ୟୁନାଇଟେଡ ଇଣ୍ଡିଆ ଇନସୁରାନ୍ସ କମ୍ପାନୀ ଲିମିଟେଡ୍ । ସେବି ଆଇସିଡିଆର ନିୟମାବଳୀ ଅନୁଯାୟୀ ଏହି ଇସ୍ୟୁ ବୁକ୍-ବିଲ୍ଡିଂ ପ୍ରକ୍ରିୟା ମାଧ୍ୟମରେ କରାଯାଉଛି, ଯେଉଁଥିରେ ଯୋଗ୍ୟ ସାଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ସର୍ବାଧିକ ୫୦% ପର୍ଯ୍ୟନ୍ତ, ଅଣ-ସାଂସ୍ଥାଗତ ନିବେଶକ (ଏନଆଇଆଇ)ଙ୍କ ପାଇଁ ଅତିକମରେ ୧୫%, ଏବଂ ଖୁଚୁରା ବ୍ୟକ୍ତିଗତ ନିବେଶକ (ଆରଆଇଆଇ)ଙ୍କ ପାଇଁ ଅତିକମରେ ୩୫% ସଂରକ୍ଷିତ ରଖାଯାଇଛି । ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ୧୯୯୪ ମସିହାରେ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ଇଲେକ୍ଟ୍ରୋନିକ୍ ବା ସ୍କ୍ରିନ୍-ଆଧାରିତ ଟ୍ରେଡିଂ ବ୍ୟବସ୍ଥା ଲାଗୁ କରିବାରେ ଏହା ଭାରତର ପ୍ରଥମ ଏକ୍ସଚେଞ୍ଜ ଥିଲା । ଏନଏସଇ ପାଖରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ବ୍ୟବସାୟ ମଡେଲ୍ ରହିଛି, ଯେଉଁଥିରେ ଏକ୍ସଚେଞ୍ଜ ତାଲିକାଭୁକ୍ତିକରଣ (ଲିଷ୍ଟିଂ), ଟ୍ରେଡିଂ ସେବା, କ୍ଲିୟରିଂ ଓ ସେଟଲମେଣ୍ଟ ସେବା, ସୂଚକାଙ୍କ ଏବଂ ବଜାର ତଥ୍ୟ ସେବା ଅନ୍ତର୍ଭୁକ୍ତ । ଏନଏସଇ ଟ୍ରେଡିଂ ସଦସ୍ୟ, କ୍ଲିୟରିଂ ସଦସ୍ୟ ଏବଂ ତାଲିକାଭୁକ୍ତ କମ୍ପାନୀଗୁଡ଼ିକ ଦ୍ୱାରା ସେବି ଏବଂ ଏକ୍ସଚେଞ୍ଜର ନିୟମ କାନୁନ ପାଳନ ଉପରେ ମଧ୍ୟ ନଜର ରଖେ । ଏନଏସଇ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଅଗ୍ରଣୀ ସଂସ୍ଥା ଏବଂ ନବସୃଜନ ତଥା ପ୍ରଯୁକ୍ତିରେ ପୁଞ୍ଜିନିବେଶ ମାଧ୍ୟମରେ ନିଜ ସିଷ୍ଟମର ବିଶ୍ୱସନୀୟତା ଓ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିଥାଏ । ଫ୍ୟୁଚର୍ସ ଇଣ୍ଡଷ୍ଟ୍ରି ଆସୋସିଏସନ (ଏଫ୍‌ଆଇଏ)ର ପରିସଂଖ୍ୟାନ ଅନୁଯାୟୀ, ୨୦୨୫ କ୍ୟାଲେଣ୍ଡର ବର୍ଷରେ ଟ୍ରେଡିଂ ପରିମାଣ (ଚୁକ୍ତିସଂଖ୍ୟା) ଦୃଷ୍ଟିରୁ ଏନଏସଇ ବିଶ୍ୱର ସବୁଠାରୁ ବଡ଼ ଡେରିଭେଟିଭ୍ସ ଏକ୍ସଚେଞ୍ଜ । ୱାର୍ଲ୍ଡ ଫେଡେରେସନ ଅଫ୍ ଏକ୍ସଚେଞ୍ଜେସ୍ (ଡବ୍ଲୁଏଫ୍‌ଇ)ର ପରିସଂଖ୍ୟାନ ଅନୁସାରେ, ୨୦୨୫ରେ କାରବାର ସଂଖ୍ୟା (ଇଲେକ୍ଟ୍ରୋନିକ୍ ଅର୍ଡର ବୁକ୍) ହିସାବରେ ଇକ୍ୱିଟି କ୍ଷେତ୍ରରେ ଏନଏସଇ ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି । ରେଡସିର ରିପୋର୍ଟ ଅନୁସାରେ, ଆର୍ଥିକ ବର୍ଷ ୨୦୧୧ରୁ ଆର୍ଥିକ ବର୍ଷ ୨୦୨୬ ଏବଂ ୩୦ ଜୁନ ୨୦୨୬ରେ ଶେଷ ହୋଇଥିବା ତିନି ମାସ ଅବଧି ପର୍ଯ୍ୟନ୍ତ, କ୍ୟାଶ୍ ମାର୍କେଟ୍‌ର ମୋଟ କାରବାର (ଟର୍ଣ୍ଣଓଭର) ଏବଂ ଇକ୍ୱିଟି ଡେରିଭେଟିଭ୍ସର ମୋଟ କାରବାର (ଇକ୍ୱିଟି ଅପ୍ସନର ନୋସନାଲ ଟର୍ଣ୍ଣଓଭର ଆଧାରରେ) ଦୃଷ୍ଟିରୁ ଏନଏସଇ ଭାରତର ସର୍ବବୃହତ ଷ୍ଟକ୍ ଏକ୍ସଚେଞ୍ଜ ହୋଇ ରହିଆସିଛି । ଏହା ସହିତ ଆର୍ଥିକ ବର୍ଷ ୨୦୦୯ରୁ ଆର୍ଥିକ ବର୍ଷ ୨୦୨୬ ଏବଂ ୩୦ ଜୁନ ୨୦୨୬ରେ ଶେଷ ହୋଇଥିବା ତିନି ମାସ ଅବଧିରେ ଏକ୍ସଚେଞ୍ଜ-ଟ୍ରେଡେଡ୍ କରେନ୍ସି ଡେରିଭେଟିଭ୍ସର ମୋଟ କାରବାର (କରେନ୍ସି ଅପ୍ସନର ନୋସନାଲ ଟର୍ଣ୍ଣଓଭର ଆଧାରରେ) କ୍ଷେତ୍ରରେ ମଧ୍ୟ ଏହା ଭାରତର ସର୍ବବୃହତ ଷ୍ଟକ୍ ଏକ୍ସଚେଞ୍ଜ ରହିଛି । ୱାର୍ଲ୍ଡ ଫେଡେରେସନ ଅଫ୍ ଏକ୍ସଚେଞ୍ଜେସ୍ ଅନୁଯାୟୀ, ବିଶ୍ୱର ପ୍ରମୁଖ ତାଲିକାଭୁକ୍ତ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପ ତୁଳନାରେ, କମ୍ପାନୀଟି ଆର୍ଥିକ ବର୍ଷ ୨୦୨୬ ଏବଂ ୩୦ ଜୁନ ୨୦୨୬ରେ ଶେଷ ହୋଇଥିବା ତିନି ମାସ ଅବଧିରେ କ୍ୟାଶ୍ ଇକ୍ୱିଟିରେ କାରବାର ସଂଖ୍ୟା ଏବଂ ଇକ୍ୱିଟି ଡେରିଭେଟିଭ୍ସରେ ଟ୍ରେଡ୍ ହୋଇଥିବା ଚୁକ୍ତି ସଂଖ୍ୟା ଦୃଷ୍ଟିରୁ ସର୍ବବୃହତ ମଲ୍ଟି-ଆସେଟ୍ କ୍ଲାସ୍ ଏକ୍ସଚେଞ୍ଜ ।

## ଆମାଜନ ଡଟ୍ ଇନ୍‌ର ବେଷ୍ଟ ଇନ୍‌ଟେକ୍ ସର୍ଭେର ୩ୟ ସେଟ୍ ଫଳାଫଳ ପ୍ରକାଶିତ

**ଭୁବନେଶ୍ୱର(ବ୍ୟୁରୋ)** ଆମାଜନ ଇଣ୍ଡିଆ ଏହାର ଉଦ୍‌ଘାଟନୀ ବେଷ୍ଟ ଇନ୍ ଟେକ୍ ସର୍ଭେର ୩ୟ ସେଟ ଫଳାଫଳ ପ୍ରକାଶ କରିଛି। ସ୍ମାର୍ଟ ଟିଭି ଏବଂ ଘରୋଇ ଉପକରଣଗୁଡିକ ବର୍ଗରେ ଭାରତ କିଭଳି ନିଜର ବିଶ୍ୱସନୀୟ ବ୍ରାଣ୍ଡଗୁଡିକୁ ଚୟନ କରିଥାଏ ଏହି ଫଳାଫଳ ତାହାକୁ ଦର୍ଶାଇଛି। ଏହି ସର୍ଭେ ଅନୁଯାୟୀ, ସ୍ମାର୍ଟ ଟିଭି କିଣୁଥିବା ଗ୍ରାହକଙ୍କ ପାଇଁ ପିକ୍‌ଚର କ୍ୱାଲିଟି (ଚିତ୍ର ଗୁଣବତା) ହେଉଛି ବିଚାର କରିବା ପାଇଁ ପ୍ରମୁଖ ଫିଚର, ସେହିପରି ଏୟାର କଣ୍ଡିସନର ଓ ରେଫ୍ରିଜରେଟର କ୍ରେତାଙ୍କ ପାଇଁ ଏନର୍ଜି ଷ୍ଟାର ରେଟିଂ ହେଉଛି ସର୍ବୋଚ୍ଚ ପ୍ରାଥମିକତା। ସହଜ ଋଣ ସହାୟତା ସମାନ ଭାବରେ ନିର୍ଣ୍ଣାୟକ ହୋଇଥିବା ବେଳେ, ୪୭% ବୃହତ ଆପ୍ଲାଏନ୍ସ ଗ୍ରାହକ କହିଛନ୍ତି ଯେ ନୋ-କଷ୍ଟ ଇଏମଆଇ ହେଉଛି ମୂଲ୍ୟ ନିର୍ଦ୍ଧାରଣ ଲିଭର ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ପ୍ରମୁଖ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ବର୍ଗରେ ମିଳିଥିବା ୪୦,୦୦୦ରୁ ଅଧିକ ପ୍ରତିକ୍ରିୟାରୁ ଏହି ଫଳାଫଳଗୁଡିକୁ ନିଆଯାଇଛି ଏବଂ ଆମାଜନ ଡଟ୍ ଇନ୍‌ରେ ଚୟନରେ ଅନ୍ତର୍ଭୁକ୍ତ କରାଯାଉଛି। ଏଗୁଡିକ ବେଷ୍ଟ ଇନ୍ ଟେକ୍ ପୁରସ୍କାର ପାଇଁ ମଧ୍ୟ ଏଜେଣ୍ଡା ସ୍ଥିର କରିବେ, ଯାହା ଆସନ୍ତା ୧୮ ସେପ୍ଟେମ୍ବର, ୨୦୨୬ ରେ ଏହାର ଦ୍ୱିତୀୟ ସଂସ୍କରଣ ସହିତ ଫେରିବ। ଆମାଜନ ଇଣ୍ଡିଆର କ୍ୟୁମର ଇଲେକ୍‌ଟ୍ରୋନିକ୍ସ ବର୍ଗର ନିର୍ଦ୍ଦେଶକ ଜେବା ଖାନ କହିଛନ୍ତି, ନ୍ତପ୍ରଥମ ଦୁଇଟି ସେଟ୍ ଆମକୁ ଦର୍ଶାଇଛି ଯେ ଭାରତୀୟ କ୍ରେତାମାନେ ସେମାନଙ୍କର ବ୍ୟକ୍ତିଗତ ଡିଭାଇସ୍ ଚୟନ କରିବାରେ ଅଧିକରୁ ଅଧିକ ଟେକ୍ନୋଲୋଜି-ପରିଚାଳିତ ହେଉଛନ୍ତି।

### ଆଇସିସି ମହିଳା ଟି-୨୦ ର୍ୟାଙ୍କିଙ୍ଗ୍

# ଟପ୍‌ରେ ଶ୍ରୀ ଚରଣୀ, ଦ୍ୱିତୀୟକୁ ଉଠିଲେ ଦୀପ୍ତି





**ନୂଆଦିଲ୍ଲୀ ;** ସଦ୍ୟ ଘୋଷିତ ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ଓ ଶେଫାଳି ବର୍ମାଙ୍କ ସ୍ଥାନରେ ଉନ୍ନତି ଘଟିଛି । ବୋଲିଂ ତାଲିକାରେ ଦୀପ୍ତି ୬ଟି ସ୍ଥାନ ଉଠି ଦ୍ୱିତୀୟରେ ରହିଛନ୍ତି । ସେହିପରି ସ୍ପିନର ଏନ୍ ଶ୍ରୀ ଚରଣୀ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଗତ ଏସିଆ କପ୍‌ରେ ଭାରତକୁ ଚାମ୍ପିଅନ୍ କରାଇବାରେ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ଦୀପ୍ତି ସର୍ବାଧିକ ୧୪ଟି ଓ ଶ୍ରୀ ଚରଣୀ ୧୨ଟି ୱିକେଟ୍ ଅକ୍ତିଆର କରିଥିଲେ । ଶ୍ରୀ ଚରଣୀ ମୋଟ ୮୦୪ ରେଟିଂ ପଏଣ୍ଟ ପାଇଛନ୍ତି । ଭାରତୀୟ ଭାବେ ସେ ସର୍ବାଧିକ ରେଟିଂ ପଏଣ୍ଟ ହାସଲରେ ରେକର୍ଡ କରିଛନ୍ତି । ପୂର୍ବରୁ ମିଥାଲି ରାଜ ୨୦୧୧ରେ ୭୮୦ ରେଟିଂ ପଏଣ୍ଟ ହାସଲ କରିଥିଲେ । ବୋଲର ଭାବେ ସର୍ବାଧିକ ରେଟିଂ ପଏଣ୍ଟ ରେକର୍ଡ ଅଷ୍ଟ୍ରେଲିଆର ମେଗାନ ସ୍କଟଙ୍କ (୮୦୬) ନାମରେ ରହିଛି । ବ୍ୟାଟିଂ ମାନ୍ୟତା ତାଲିକାରେ ଭାରତର ସ୍ମୃତି ମନ୍ଧନା ପଞ୍ଚମ ଓ ଅଧିନାୟିକା ହର୍ମନପ୍ରୀତ ଦଶମ ସ୍ଥାନ ବଜାୟ ରଖିଥିବାବେଳେ ଓପନ ଶେଫାଳି ବର୍ମା ଗୋଟିଏ ସ୍ଥାନ ଉନ୍ନତି ଘଟାଇ ଷଷ୍ଠରେ ରହିଛନ୍ତି । ଏସିଆ କପ୍‌ରେ ଶେଫାଳି ସର୍ବାଧିକ ୨୩୬ରନ୍ (୩ ଅର୍ଦ୍ଧଶତକ) କରିଥିବାବେଳେ ମନ୍ଧନା ୨୧୩ରନ୍ ସଂଗ୍ରହ କରିଥିଲେ । ଅଷ୍ଟ୍ରେଲିଆର ବେଥ ମୁନି ଓ ଜର୍ଜିୟା ଭୋଲ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି । ଅଲରାଉଣ୍ଡର ତାଲିକାରେ ଦୀପ୍ତି ପଞ୍ଚମ ସ୍ଥାନ ବଜାୟ ରଖିଥିବାବେଳେ ଶେଫାଳି ୫ଟି ସ୍ଥାନ ଉଠି ୧୫ତମ ସ୍ଥାନରେ ରହିଛନ୍ତି । ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁସଙ୍କ ଶୀର୍ଷ ସ୍ଥାନ ସୁରକ୍ଷିତ ରହିଛି । କହି ରଖୁଛି କି, ଚଳିତ ମହିଳା ଏସିଆ କପ ଚାମ୍ପିଅନ୍ ହୋଇଛି ଭାରତ । ଲିଗ୍ ପର୍ଯ୍ୟାୟରେ ଅପରାଜେୟ ରହି ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଅଷ୍ଟମ ଥର ପାଇଁ ଏସିଆ କପ ଜିତିଛି ଟିମ୍ ହରମନ୍ ଆଣ୍ଡ କୋ । ଏସିଆ କପ ବିଜୟ ପରେ ଏବେ ଟିମ୍ ଇଣ୍ଡିଆର ଲକ୍ଷ୍ୟ ଏସିଆନ୍ ଗେମ୍ସରେ । ସ୍ୱର୍ଣ୍ଣ ପଦକ ବିଜୟ ଲକ୍ଷ୍ୟ ନେଇ ଜାପାନ ଗସ୍ତ କରିବ ଟିମ୍ ଇଣ୍ଡିଆ ।

# ପାକିସ୍ତାନର ସାହିବଜାଦା ଫରହାନଙ୍କୁ ପଛରେ ପକାଇଲେ ଅଭିଷେକ ଶର୍ମା




**ନୂଆଦିଲ୍ଲୀ :** ଆଫଗାନିସ୍ତାନ ଟି-୨୦ ସିରିଜରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ। ଭାରତ ୩ଟିକିଆ ଟି-୨୦ ସିରିଜକୁ ମଙ୍ଗଳବାର ୨-୦ରେ ଆଗୁଆ କବଜା କରି ନେଇଛି। ପ୍ରଥମ ଓ ଦ୍ୱିତୀୟ ଟି-୨୦ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଆଇସିସି ରାଙ୍କିଙ୍ଗରେ ସେମାନଙ୍କୁ ଜବରଦସ୍ତ ଫାଇଦା ଦେଇଛି। ଆଇସିସି ଟି-୨୦ ବିଶ୍ୱକପ ବିଜେତା ପୂର୍ବଭଳି ଟି-୨୦ ଟିମ ରାଙ୍କିଙ୍ଗର ୧ ନମ୍ବର ସ୍ଥାନରେ ରହିଛି। ସେହିପରି ଚଳିତ ସପ୍ତାହରେ ପାକିସ୍ତାନର ଟି-୨୦ ଓପନର ସାହିବଜାଦା ଫରହାନଙ୍କୁ ପଛରେ ପକାଇ ଦେଇଛନ୍ତି ଭାରତର ଅଭିଷେକ ଶର୍ମା। ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ଅଭିଷେକ ୮୨ ରନ ଓ ଦ୍ୱିତୀୟ ଟି-୨୦ରେ ୩୯ ରନର ଇନିଂସ ଖେଳିଥିଲେ। ଏଥିପାଇଁ ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ତାଙ୍କୁ ଫାଇଦା ମିଳିଛି। ସେ ଗୋଟିଏ ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୨ ନମ୍ବର ସ୍ଥାନରେ ପହଞ୍ଚି ଯାଇଛନ୍ତି। ପୂର୍ବରୁ ଫରହାନ ଏହି ସ୍ଥାନରେ ଥିଲେ। ଏବେ ଅଭିଷେକ ଦୁଇ ନମ୍ବରରେ ପହଞ୍ଚିଥିବା ବେଳେ ଭାରତର ଈଶାନ କିଶନ ୧ ନମ୍ବରରେ ଅଛନ୍ତି। ଅଭିଷେକଙ୍କ ତୁଳନାରେ ତାଙ୍କ ପଏଣ୍ଟ ସଂଖ୍ୟା ୫୧ ଅଧିକ। ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଟି-୨୦ରେ ସଞ୍ଜୁ ସାମସନ ୨୨ ବଲରେ ୫୭ ରନ କରିଥିଲେ। ଏହାପରେ ସେ ୪ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୩୦ତମ ସ୍ଥାନ ଦଖଲ କରିଛନ୍ତି। ଟି-୨୦ ବୋଲିଂ ରାଙ୍କିଙ୍ଗରେ ମଧ୍ୟ ଭାରତକୁ ଲାଭ କରିଛି। ବରୁଣ ଚକ୍ରବର୍ତ୍ତୀ ୨ଟି ସ୍ଥାନ ଉଠି ୫ମ, ଯଶପ୍ରୀତ ବୁମ୍ରା ୭ଟି ସ୍ଥାନ ଉଠି ୧୦ମ, ଅର୍ଶଦୀପ ସିଂହ ୧୧ଟି ସ୍ଥାନ ଉଠି ୧୪ ଓ ଅକ୍ଷର ପଟେଲ ୬ଟି ସ୍ଥାନ ଲମ୍ଫ ମାରି ରାଙ୍କିଙ୍ଗର ୨୭ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଆଫଗାନର ରାଶିଦ ଖାନ ପୂର୍ବଭଳି ଟି-୨୦ରେ ବିଶ୍ୱର ୧ ନମ୍ବର ବୋଲର ହୋଇ ରହିଛନ୍ତି। ଦ୍ୱିତୀୟରେ ପାକିସ୍ତାନର ଆବ୍ରାର ଅହମଦ, ତୃତୀୟରେ ଇଂଲଣ୍ଡର ଆଦିଲ ରଶିଦ ଓ ୪ର୍ଥରେ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଅଛନ୍ତି। ପୂର୍ବରୁ ୫ମ ସ୍ଥାନରେ ଥିବା ଅଷ୍ଟ୍ରେଲିଆର ନାଥନ ଏଲିସ ୬ଷ୍ଠକୁ ଖସିଥିବା ବେଳେ ୬ଷ୍ଠ ସ୍ଥାନରେ ଥିବା ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ୭ମକୁ ଖସି ଯାଇଛନ୍ତି। ୭ମରେ ଥିବା ବରୁଣ ୫ମକୁ ଉଠିଛନ୍ତି। ପାକିସ୍ତାନର ମହମ୍ମଦ ନୱାଜ ୮ମ ଓ ଶ୍ରୀଲଙ୍କାର ମହୀଶ ତିକସାନା ୯ମ ସ୍ଥାନରେ ଅଛନ୍ତି।

# ବିସିସିଆଇ ଚୟନ କମିଟି ଅଧ୍ୟକ୍ଷ ପଦରୁ ହଟିବେ ଅଗରକର




**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ୍‌ରେ ବଡ଼ ଖବର। ବିସିସିଆଇ ଚୟନ କମିଟି ଅଧ୍ୟକ୍ଷ ପଦରୁ ଅଜିତ ଅଗରକରଙ୍କ ବିଦାୟ ନେଇ ଚର୍ଚ୍ଚା ଜୋର ଧରିଛି। ରିପୋର୍ଟ ଅନୁସାରେ, ୱେଷ୍ଟଇଣ୍ଡିଜ୍ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ୍ ପାଇଁ ଦଳ ଚୟନ ବୈଠକ ସେପ୍ଟେମ୍ବର ୧୬ରେ ହେବାର ସମ୍ଭାବନା ରହିଛି। କିନ୍ତୁ ଅଗରକରଙ୍କ ଭବିଷ୍ୟତକୁ ନେଇ ବିସିସିଆଇର ଶୀର୍ଷ ଅଧିକାରୀଙ୍କ ସହ କୌଣସି ଆଲୋଚନା ହୋଇନଥିବା ଦାବି କରାଯାଇଛି। ଫଳରେ ୱେଷ୍ଟଇଣ୍ଡିଜ୍ ସିରିଜ୍ ପାଇଁ ଦଳ ଘୋଷଣା ହିଁ ଅଗରକରଙ୍କ ଶେଷ ଚୟନ ବୈଠକ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଅଗରକରଙ୍କ ଚୁକ୍ତି ଅକ୍ଟୋବର ୪ ପର୍ଯ୍ୟନ୍ତ ରହିଛି। ତେବେ ତାଙ୍କୁ ଆଉ ଏକ ବର୍ଷର ଏକ୍ସଟେନ୍ସନ୍ ମିଳିବ କି ନାହିଁ, ସେନେଇ ସ୍ପଷ୍ଟତା ନାହିଁ। ପୂର୍ବରୁ ସେ ଆସନ୍ତା ବର୍ଷର ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ପଦରେ ରହିବେ ବୋଲି ରିପୋର୍ଟ ଆସିଥିଲା। କିନ୍ତୁ ଗତ କିଛି ସପ୍ତାହରେ ପରିସ୍ଥିତି ବଦଳିଥିବା କୁହାଯାଉଛି। ପିଟିଆଇ ରିପୋର୍ଟ ଅନୁସାରେ, ୱେଷ୍ଟଇଣ୍ଡିଜ୍ ଦଳ ଚୟନ ପରେ ଅଗରକର ବିସିସିଆଇ ସଚିବ ଦେବଜିତ ସାଇକିଆଙ୍କୁ ଧନ୍ୟବାଦ ନୋଟ୍ ପଠାଇପାରନ୍ତି। ତିନି ବର୍ଷ କାମ କରିବାର ସୁଯୋଗ ଦେଇଥିବାରୁ ବୋର୍ଡକୁ ଧନ୍ୟବାଦ ଜଣାଇବା ନେଇ ଚର୍ଚ୍ଚା ହେଉଛି। ତେବେ ବିସିସିଆଇ ଅଗରକରଙ୍କୁ ହଟାଇବା ନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ଦେଇନାହିଁ। ତେଣୁ ତାଙ୍କ ଭବିଷ୍ୟତ ଉପରେ ସସ୍ପେନ୍ସ ଜାରି ରହିଛି। ଏପଟେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଋଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ଋତୁରାଜ ଗାଏକ୍ୱାଡ୍ ଓ ରଜତ ପାଟିଦାରଙ୍କ ଭଳି ଖେଳାଳିଙ୍କୁ ଦଳରେ ସୁଯୋଗ ମିଳିପାରେ। ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ଟି-୨୦ ସିରିଜ୍ ଅକ୍ଟୋବର ୬ରୁ ଆରମ୍ଭ ହେବାକୁ ଥିବାବେଳେ, ଅଗରକରଙ୍କ ଭବିଷ୍ୟତ ଉପରେ ସମସ୍ତଙ୍କ ନଜର ରହିଛି।

# ଡିସେମ୍ବରରେ ଆଇପିଏଲ୍ ୨୦୨୭ ନିଲାମ

**ନୂଆଦିଲ୍ଲୀ ;** ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୨୦୨୭ ସଂସ୍କରଣକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ଆଇପିଏଲ୍ ୨୦୨୭ ନିଲାମ ଭାରତରେ ଅନୁଷ୍ଠିତ ହେବ । ସେପ୍ଟେମ୍ବର ୧୫ ରେ ଅନୁଷ୍ଠିତ ଆଇପିଏଲ୍ ପରିଚାଳନା ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଗତ ୩ ବର୍ଷ ଧରି ଆଇପିଏଲ୍ ନିଲାମ ଦେଶ ବାହାରେ ଲଗାତାର ଚାଲିଥିଲା । କିନ୍ତୁ ଏଥର ବିସିସିଆଇ ଏହାକୁ ଦେଶକୁ ଅର୍ଥାତ ଭାରତରେ ନିଲାମ ପ୍ରକ୍ରିୟା କରିବାକୁ ନିଜର ଷ୍ଟାମ୍ପ ଲଗାଇଛି । ଆଇପିଏଲ୍ ୨୦୨୭ ନିଲାମ ବ୍ୟତୀତ ଆଇପିଏଲ୍ ୨୦୨୮ ପାଇଁ ମେଗା ନିଲାମ ବିଷୟରେ ମଧ୍ୟ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ଆଇପିଏଲ୍ ୨୦୨୭ ନିଲାମ ଭାରତରେ ଡିସେମ୍ବର ମଧ୍ୟଭାଗରେ ଅନୁଷ୍ଠିତ ହେବ । ୨୦୨୮ ମେଗା ନିଲାମ ବିଦେଶରେ ଆୟୋଜିତ ହୋଇପାରେ । ଆଇପିଏଲ୍ ୨୦୨୭ ନିଲାମ କେବେ ହେବ ? ଆଇପିଏଲ୍ ୨୦୨୭ ନିଲାମ ଚଳିତ ବର୍ଷ ଡିସେମ୍ବରରେ ଅନୁଷ୍ଠିତ ହେବ । ତେବେ ଏଯାବତ୍ ତାରିଖ ସ୍ଥିର ହୋଇନାହିଁ । ଏଥି ସହିତ ଗଭର୍ଣ୍ଣିଂ କାଉନସିଲ ବୈଠକରେ ଆଇପିଏଲ୍ ୨୦୨୮ ପାଇଁ ବିଦେଶରେ ଆୟୋଜିତ ହେବାକୁ ଥିବା ମେଗା ନିଲାମ ବିଷୟରେ ଏକ ଅପଡେଟ୍ ରହିଛି । ଆଇପିଏଲ୍ ନିଲାମର ଘରବାହୁଡା- ଭାରତରେ ଶେଷ ଆଇପିଏଲ୍ ନିଲାମ ୨୦୨୩ ମସିହାରେ କୋଚିରେ ଅନୁଷ୍ଠିତ ହୋଇଥିଲା । ଏହା ପରେ ପରବର୍ତ୍ତୀ ୩ଟି ନିଲାମ ଦେଶ ବାହାରେ ଅନୁଷ୍ଠିତ ହୋଇଥିଲା । ଦୁବାଇ, ଜେଦା ଏବଂ ଆବୁଧାବି । କିନ୍ତୁ, ୨୦୨୭ ସିଜନ୍ ପାଇଁ ଆଇପିଏଲ୍ ନିଲାମ ପୁଣି ଥରେ ଘରକୁ ଫେରିଛି । ଅର୍ଥାତ ଯାହା ଜାତୀୟ ଗଣମାଧ୍ୟମ ରିପୋର୍ଟରୁ ଜଣାପଡୁଛି ନିଲାମ ଭାରତରେ ହେବ । ଇମ୍ପାକ୍ଟ ପ୍ଲେୟାର ନିୟମ ଉପରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ । ସେପ୍ଟେମ୍ବର ୧୫ ରେ ଅନୁଷ୍ଠିତ ଗଭର୍ଣ୍ଣିଂ କାଉନସିଲ୍ ବୈଠକରେ ଆଇପିଏଲ୍ ୨୦୨୭ ନିଲାମ ଉପରେ ନିଷ୍ପତ୍ତି ନିଆଯାଇଥିଲା, କିନ୍ତୁ ଇମ୍ପାକ୍ଟ ପ୍ଲେୟାର ନିୟମ ଉପରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇ ନାହିଁ । ପରିଚାଳନା ପରିଷଦର ପରବର୍ତ୍ତୀ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ ।



### ଅକ୍ଟୋବର ୨୮ରେ ଡବ୍ଲ୍ୟୁପିଏଲ୍ ନିଲାମ

# ଜାନୁଆରୀ ୧୪ରୁ ଆରମ୍ଭ ହେବ ମହିଳା ପ୍ରିମିୟର ଲିଗ୍




**ନୂଆଦିଲ୍ଲୀ :** ମହିଳା ପ୍ରିମିୟର ଲିଗ୍‌ର ଆଗାମୀ ସିଜନକୁ ନେଇ ବଡ଼ ଘୋଷଣା କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ। ବୁଧବାର, ସେପ୍ଟେମ୍ବର ୧୬ରେ ବିସିସିଆଇ ପକ୍ଷରୁ ଡବ୍ଲୁପିଏଲ ୨୦୨୭ର ତାରିଖ ଘୋଷଣା କରାଯାଇଛି। ଆସନ୍ତା ସିଜନର ଅକ୍ସନ୍ ଅକ୍ଟୋବର ୨୮ରେ କୋଚିରେ ଅନୁଷ୍ଠିତ ହେବ। ସେହିପରି ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୧୪ରୁ ଫେବୃଆରୀ ୭ ମଧ୍ୟରେ ଖେଳାଯିବ।ତେବେ ଏପର୍ଯ୍ୟନ୍ତ ମ୍ୟାଚର ସମ୍ପୂର୍ଣ୍ଣ ଫିକ୍ସଚର ଘୋଷଣା କରାଯାଇନାହିଁ। ଅର୍ଥାତ୍ କେଉଁ ଦଳ କେଉଁ ଦଳ ବିପକ୍ଷରେ ଖେଳିବ, ସେନେଇ ସୂଚୀ ପରେ ପ୍ରକାଶ ପାଇବ। ମହିଳା ପ୍ରିମିୟର ଲିଗ୍ ୨୦୨୭ ହେବ ଏହି ଲିଗର ପଞ୍ଚମ ସିଜନ୍। ନୂଆ ସିଜନ୍ ପୂର୍ବରୁ ସମସ୍ତ ୫ଟି ଦଳକୁ ନିଜ ନିଜ ରିଟେନ୍ ଏବଂ ରିଲିଜ୍ ଖେଳାଳିଙ୍କ ତାଲିକା ଦେବାକୁ ପଡ଼ିବ। ଏଥିପାଇଁ ସେପ୍ଟେମ୍ବର ୨୮, ୨୦୨୬କୁ ପ୍ଲେୟର ରିଟେନସନର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଅର୍ଥାତ୍ ଅକ୍ସନର ପ୍ରାୟ ଏକ ମାସ ପୂର୍ବରୁ ଦଳଗୁଡ଼ିକୁ ନିଜ ଖେଳାଳି ତାଲିକା ଦେବାକୁ ହେବ। ଡବ୍ଲୁପିଏଲ୍‌ର ପ୍ରତ୍ୟେକ ଦଳର ସ୍କ୍ୱାଡରେ ସର୍ବାଧିକ ୧୮ ଜଣ ଖେଳାଳି ରହିପାରିବେ। ଏଥିରେ ସର୍ବାଧିକ ୬ ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରାଯାଇପାରିବ। ଏହା ସହ ଅକ୍ସନରେ କୌଣସି ଖେଳାଳିଙ୍କ ମୂଲ୍ୟ ୧୫ କୋଟି ଟଙ୍କାରୁ ଅଧିକ ହେବ ନାହିଁ। ମହିଳା ପ୍ରିମିୟର ଲିଗ୍ ୨୦୨୭ର ଭେନ୍ୟୁକୁ ନେଇ ବିସିସିଆଇ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଘୋଷଣା ହୋଇନାହିଁ। ତେବେ ରିପୋର୍ଟ ଅନୁସାରେ ଭଦୋଦରା ଏବଂ ମୁମ୍ବାଇରେ ମ୍ୟାଚ୍ ଆୟୋଜନ କରାଯାଇପାରେ। ଏହା ସହ ବାରାଣସୀରେ ନିର୍ମାଣ ହେଉଥିବା ନୂଆ ଷ୍ଟାଡିୟମରେ ମଧ୍ୟ WPL ମ୍ୟାଚ୍ ଖେଳାଯିବା ନେଇ ଚର୍ଚ୍ଚା ରହିଛି। ତେବେ ଷ୍ଟାଡିୟମର ପ୍ରସ୍ତୁତି ଉପରେ ଏହା ନିର୍ଭର କରିବ। ଡବ୍ଲୁପିଏଲ୍‌ର ୨୦୨୬ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିଅନ୍ ହୋଇଥିଲା। ଷ୍ଟାର ଭାରତୀୟ ବ୍ୟାଟର ସ୍ମୃତି ମନ୍ଧାନାଙ୍କ ନେତୃତ୍ୱରେ ଜଉଇ ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୬ ୱିକେଟରେ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଫାଇନାଲରେ ସ୍ମୃତି ମନ୍ଧାନା ମାତ୍ର ୪୧ ବଲରେ ୮୭ ରନର ଇନିଂସ୍ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏହା ମହିଳା ଆରସିବି ଦଳର ଦ୍ୱିତୀୟ ଉତଖ ଟାଇଟଲ୍ ଥିଲା। ଏହା ପୂର୍ବରୁ ୨୦୨୪ରେ ମଧ୍ୟ ଦଳ ଚାମ୍ପିଅନ୍ ହୋଇଥିଲା। ଏବେ ନୂଆ ସିଜନ୍ ପାଇଁ ପ୍ରସ୍ତୁତି ଆରମ୍ଭ ହେବାକୁ ଥିବାବେଳେ, ଅକ୍ସନରେ କେଉଁ ଖେଳାଳି କେଉଁ ଦଳକୁ ଯିବେ ଏବଂ ୨୦୨୭ରେ କେଉଁ ଦଳର ପ୍ରଦର୍ଶନ କିପରି ରହିବ, ତାହା ଉପରେ କ୍ରିକେଟ୍ ପ୍ରଶଂସକଙ୍କ ନଜର ରହିବ।

### ପୁରୁଣା ଫର୍ମକୁ ଫେରିଲେ ସଞ୍ଜୁ ସାମସନ



**ନୂଆଦିଲ୍ଲୀ :** ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ଜିତିଲା ଭାରତ। ଦ୍ୱିତୀୟ ମ୍ୟାଚ୍କୁ ସହଜରେ ଜିତିନେଇଛି ଟିମ୍ ଇଣ୍ଡିଆ । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ଭାରତ। ଆଫଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍ ହରାଇ ୧୫୯ ରନ କରିଥିଲା। ଜବାବରେ ମାତ୍ର ୧୪.୫ ଓଭରରେ ୩ ୱିକେଟ ହରାଇ ୧୬୩ ରନ୍ କରି ମ୍ୟାଚ୍ ଜିତି ନେଇଥିଲା ଭାରତ। ଏହି ବିଜୟ ସହ ଭାରତ ସିରିଜ୍ ବି କବ୍ଜା କରିଛି। ମ୍ୟାଚରେ ପୁରୁଣା ଫର୍ମକୁ ଫେରିଛନ୍ତି ସଞ୍ଜୁ ସାମସନ । ସଞ୍ଜୁ ୨୦ ବଲରେ ଅର୍ଦ୍ଧଶତକ ପୂରଣ କରି ଦଳର ବିଜୟକୁ ଏକପ୍ରକାର ନିଶ୍ଚିତ କରିଦେଇଥିଲେ। ସେ ୨୨ଟି ବଲ୍ ଖେଳି ୫୭ ରନ୍ କରିଥିଲେ। ସେହିପରି ଅଭିଷେକ ଶର୍ମା ୧୯ ବଲରେ ୩୯ ଓ ଇଶାନ କିଶନ ୩୮ ରନ୍ କରିଥିଲେ। ବୋଲିଂରେ ନିତିଶ କୁମାର ରେଡ୍ଡୀଙ୍କୁ ୩ ୱିକେଟ ମିଳିଥିବାବେଳେ ଅର୍ଶଦୀପ ଦୁଇଟି ଏବଂ ବୁମରା, ଅକ୍ଷର ପଟେଲ ଓ ରବି ବିଷ୍ଣୋୟୀ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଆଗକୁ ତୃତୀୟ ଟି-୨୦ ଜିତି ସିରିଜ୍ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି ଶ୍ରେୟସ ବାହିନୀ । ପ୍ରଥମେ ବ୍ୟାଟିଂ କରି ୧୫୯ ରନ୍ କରିଥିଲା ଆଫଗାନିସ୍ତାନ, ୧୪.୫ ଓଭରରେ ୧୬୩ ରନ୍ କରି ମ୍ୟାଚ୍ ଜିତିଲା ଟିମ୍ ଇଣ୍ଡିଆ, ଫର୍ମକୁ ଫେରିଲେ ସଞ୍ଜୁ, ୨୦ ବଲ୍ ରେ ଅର୍ଦ୍ଧଶତକ ପୂରଣ, ୨୨ଟି ବଲ୍ ଖେଳି ୫୭ ରନ୍ କରିଥିଲେ ସଞ୍ଜୁ, ଅଭିଷେକ ଶର୍ମା ୧୯ ବଲରେ ୩୯ ଓ ଇଶାନ କିଶନ ୩୮ ରନ୍।

### ଫୁଟ୍‌ବଲ୍, ବାସ୍କେଟ୍‌ବଲ୍ ପ୍ରେମରେ ରିଙ୍କୁ

**ନୂଆଦିଲ୍ଲୀ:** ସଂପ୍ରତି ରିଙ୍କୁ ସିଂହ କ୍ରିକେଟ୍ ମଇଦାନରୁ ଦୂରେଇ ରହିଛନ୍ତି। ହେଲେ ଏହି ଭାରତୀୟ ବ୍ୟାଟର ଖେଳଠୁ ଦୂରେଇ ରହୁନାହାନ୍ତି। ଆଫଗାନିସ୍ତାନ ବିପକ୍ଷ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଓ ଜାପାନରେ ହେବାକୁ ଥିବା ଆଗାମୀ ଏସୀୟ କ୍ରୀଡ଼ା ଦଳରେ ରିଙ୍କୁ ନାହାନ୍ତି। ଫଳରେ ରିଙ୍କୁ କ୍ରିକେଟ୍ ଠାରୁ କିଛି ସମୟ ବିରତି ନେଇ ଅନ୍ୟକ୍ରୀଡ଼ା ଉପଭୋଗ କରୁଛନ୍ତି। ଏହି ବିରତିରେ ସେ ବ୍ରିଟେନ୍‌ରେ ରହି ସ୍ୱର୍ସରୁ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ବାସ୍କେଟବଲ୍‌ରେ ସମୟ କାଟୁଛନ୍ତି। ଟୋଟେନ୍‌ହାମ ହଟ୍‌ସ୍ପର ଷ୍ଟାଡିୟମ୍‌ରେ ରିଙ୍କୁ ଉପସ୍ଥିତ ରହି ଏଭରଟନ୍ ବିପକ୍ଷ ପ୍ରିମିୟର ଲିଗ୍ ମ୍ୟାଚ୍ ଦେଖିଥିଲେ। ସେ ଟୋଟେନ୍‌ହାମ୍ ଜର୍ସି ଧରିଥିବାର ଏକ ଫଟୋକୁ କ୍ଲବ୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ଏହାର ଶିରୋନାମରେ କ୍ଲବ୍ ଲେଖିଛି, ''ରିଙ୍କୁ ସିଂହ, ସ୍ୱର୍ସର ଘର''। ରିଙ୍କୁ ମଧ୍ୟ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ଓଲ୍ଡ ଟ୍ରାଫୋର୍ଡ, 'ଥିଏଟର ଅଫ୍ ଡ୍ରିମ୍‌ସ'ରେ ମଧ୍ୟ କିଛି ସମୟ କଟାଇଥିଲେ। ଏହାପରେ ସେ ବକ୍ସ ଏରିନାରେ ପହଞ୍ଚିଥିଲେ। ଏଠାରେ ସେ ଲଣ୍ଡନ ଲାୟନ୍ସର ପୂର୍ବ-ଋତୁ ବାସ୍କେଟ୍‌ବଲ୍ ଖେଳ ଦେଖିଥିଲେ। ଏହି ସମୟରେ ହୋଷ୍ଟ୍ ତାଙ୍କୁ କୋର୍ଟକୁ ଡାକି କିଛି ସମୟ ହାଲ୍‌କାଫୁଲ୍‌କା ଆଲୋଚନା କରିଥିଲେ। ତାଙ୍କୁ ଏହି ସମୟରେ ପଚାରିଥିଲେ କ୍ରିକେଟ୍ ପିଚ୍‌ରେ କ'ଣ କରିବାକୁ ଭଲ ପାଆନ୍ତି। ଏହାର ଉତ୍ତରରେ ରିଙ୍କୁ ସରଳ ଭାବେ କହିଥିଲେ 'କେବଳ ଛକା'। ଏହାପରେ ହୋଷ୍ଟ୍ ତାଙ୍କୁ ବାସ୍କେଟ୍‌ବଲ୍‌ରେ ହାତ ପରୀକ୍ଷା କରିବାକୁ ଆହ୍ୱାନ ଦେଲେ। ରିଙ୍କୁ ଆରମ୍ଭରୁ ଲକ୍ଷ୍ୟରୁ ବିଚ୍ୟୁତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ହୁପ୍‌ରେ ବଲ୍ ପକାଇ ଦର୍ଶକଙ୍କ ମନ ଜିଣିଥିଲେ।

# ବିଶ୍ୱ ପାରା ସୁଟିଂ: ଭାରତକୁ ସ୍ୱର୍ଣ୍ଣ, ରୌପ୍ୟ




**ଚାଙ୍ଗୱନ:** ଭାରତୀୟ ପାରା ସୁଟରମାନେ ଚଳିତ ଚାଙ୍ଗୱନ୍ ୨୦୨୬ ଡବ୍‌ଲ୍ୟୁଏସ୍‌ପିଏସ୍ ପାରା ସୁଟିଂ ବିଶ୍ୱ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ୍ତ କରିଛନ୍ତି। ମିଲି ଶାହ, ମୋନା ଅଗ୍ରୱାଲ ଓ ଅବନୀ ଲେଖାରାଙ୍କୁ ନେଇ ଗଠିତ ଭାରତୀୟ ଦଳ ଆର୨ ମହିଳା ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂ ଏସ୍‌ଏଚ୍୧ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ସେହିଭଳି ରାକେଶ ନିଦାଗୁଣ୍ଡି, ଆନନ୍ଦ କ୍ରିଷ୍ଣା, ସ୍ୱରୂପ ଉନ୍‌ହଲକାରଙ୍କ ନେଇ ଗଠିତ ଭାରତୀୟ ଦଳ ଆର୧ ପୁରୁଷ ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍‌ଏଚ୍୧ ଦଳଗତ ଇଭେଣ୍ଟରେ ରୌପ୍ୟ ପାଇଥିଲେ। ୫ ସିରିଜ୍‌ରେ ଏମାନେ ୧୮୩୬.୩ ସ୍କୋର କରିଥିଲେ। ମହିଳା ଦଳ ୧୮୭୮.୬ ସ୍କୋର କରିଥିଲେ। ବ୍ୟକ୍ତିଗତ ବର୍ଗରେ ମୋନା ଓ ଅବନୀ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ।

# ଶେଷ ସମୟରେ ବଡ଼ ପରିବର୍ତ୍ତନ ହେଲେ କ୍ଷତି ହୋଇପାରେ : ଯୁବରାଜ



**ମୁମ୍ବାଇ :** ଦିନିକିଆ ବିଶ୍ୱକପର ଆଗାମୀ ସଂସ୍କରଣରେ ଏବେ ପ୍ରାୟ ୧ ବର୍ଷ ରହିଛି । କିନ୍ତୁ ସ୍ପଷ୍ଟ ହୋଇପାରିନାହିଁ କି ରୋହିତ ଶର୍ମା ଏବଂ ବିରାଟ କୋହଲୀ ଏଥିରେ ଖେଳିବେ କି ନାହିଁ । ମାତ୍ର ଦୁଇ ଭେଟରାନ ଏହି ବଡ଼ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଚାହୁଁଛନ୍ତି । କିନ୍ତୁ ଏହା ତାଙ୍କର ଫିଟନେସ ଏବଂ ପ୍ରଦର୍ଶନ ଉପରେ ନିର୍ଭର ହେବ । ଅଧିକ ଚର୍ଚ୍ଚା ରୋହିତ ଶର୍ମାଙ୍କ ନାଁକୁ ନେଇ ହେଉଛି । ଯିଏ ଏହି ସମୟରେ ୪୦ବର୍ଷର ହେବେ । ଏହା ମଧ୍ୟରେ ପୂର୍ବତନ କ୍ରିକେଟର ଯୁବରାଜ ସିଂ ବଡ଼ ପରାମର୍ଶ ଦେଇଛନ୍ତି । ସେ ରୋହିତ କିମ୍ବା କୋହଲୀଙ୍କ ନାମ ନ ନେଇ କହିଛନ୍ତି କି ସଫଳତା ହାସଲ କରିବାରେ ଅଛି ତ ନିଜ ଟିମ୍ ଏବେ ସୁନିଶ୍ଚିତ କରିନେବା ଆବଶ୍ୟକ ଅଟେ । ତାଙ୍କର କହିବା ଅନୁସାରେ ଶେଷ ସମୟରେ ବଡ଼ ପରିବର୍ତ୍ତନରେ କ୍ଷତି ହୋଇପାରେ । ଏକ ସାକ୍ଷାତକାରରେ ସେ କହିଛନ୍ତି, ଏହି ଟିମକୁ ପ୍ରସ୍ତୁତ କରିବାରେ ଧ୍ୟାନ ଦିଆଯିବା ଆବଶ୍ୟକ ଅଟେ । ଯିଏ ୱାର୍ଲ୍ଡକପରେ ଖେଳିବାକୁ ଚାହୁଁଛନ୍ତି କାରଣ ଆପଣ ଚାହିଁବେନି କି ଶେଷ ସମୟରେ ବଡ଼ ପରିବର୍ତ୍ତନ ହେଉ । ୧୬ବର୍ଷର ହୁଅନ୍ତୁ କିମ୍ବା ଖେଳାଳୀ ୨୦ବର୍ଷର । ସମସ୍ତଙ୍କୁ ପର୍ଯ୍ୟାପ୍ତ ମ୍ୟାଚ ମିଳିବା ଆବଶ୍ୟକ । ଏବେ ଟି-୨୦ର ତୁଳନାରେ ୱାନଡେ କମ୍ ହେଉଛି । ଏଥିଲାଗି ଯାହା ବି ମ୍ୟାଚ୍ ହେଉ ସେଥିରେ ଧ୍ୟାନ ରଖାଯାଉ କି ବିଶ୍ୱକପର ପ୍ରସ୍ତୁତି ଲାଗି ଖେଳାଳୀଙ୍କୁ ପର୍ଯ୍ୟାପ୍ତ ମ୍ୟାଚ୍ ମିଳୁ । ଯୁବରାଜ ଉଦାହରଣ ଦେଇ ବୁଝାଇଛନ୍ତି କି ଭାରତ ସେତେବେଳେ ପଛେଇଛି ଯେତେବେଳେ ଶେଷ ସମୟରେ ବଡ଼ ପରିବର୍ତ୍ତନ କରାଯାଇଛି । ତାଙ୍କର କହିବା କଥା କି ଏବେ ଠାରୁ ସେହି ଖେଳାଳୀଙ୍କ ଉପରେ ଭରଷା କର ଯାହାଙ୍କୁ ଆପଣ ଜିତିବାରେ ସକ୍ଷମ ମାନୁଛନ୍ତି। ପରେ ଖେଳାଳୀ ସଫଳ ହୁଅନ୍ତୁ କିମ୍ବା ବିଫଳ । ଆପଣଙ୍କୁ ତାଙ୍କ ଉପରେ ଭରଷା କରିବାକୁ ହେବ । ଭାରତର ଆଗାମୀ ୱାନଡେ ସିରିଜ ୱେଷ୍ଟଇଣ୍ଡିଜ ସହ ଏହି ମାସରେ ଆରମ୍ଭ ହେବ । ଯାହାର ସ୍କ୍ୱାର୍ଡ଼ର ଘୋଷଣା ଖୁବଶୀଘ୍ର ହେବାକୁ ଯାଉଛି । ଏଥିରେ ରୋହିତ ଶର୍ମାଙ୍କ ଭବିଷ୍ୟତର ସ୍ଥିତି କିଛି ମାତ୍ରାରେ ସ୍ପଷ୍ଟ ହୋଇପାରେ। ଦକ୍ଷିଣଆଫ୍ରିକାର ପିଚକୁ ଧ୍ୟାନ ଦେଇ ଟିମ୍ ଇଣ୍ଡିଆ ୱାର୍ଲ୍ଡକପ ଲାଗି ବୋଲର ଅଲରାଉଣ୍ଡର ଉପରେ ଅଧିକ ଫୋକସ୍ କରିବେ । ଏଥିରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନାମ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି । ଯୁବରାଜ ଆଗକୁ କହିଛନ୍ତି କି, ପ୍ରତ୍ୟେକ ଦେଶ ପାଖରେ ଭିନ୍ନ ପ୍ରକାରର ଖେଳାଳୀ ଥାନ୍ତି । କିଛି ଜଣଙ୍କ ପାଖରେ ଅଧିକ ଅଲରାଉଣ୍ଡର, କିଛି ଜଣଙ୍କ ପାଖରେ ବ୍ୟାଟର ଏବଂ କିଛି ଜଣଙ୍କ ପାଖରେ ପ୍ରଖର ବୋଲର ଥାଆନ୍ତି । ଆପଣଙ୍କୁ ବେଷ୍ଟ କମ୍ବିନେଶନ ଚୟନ କରିବାକୁ ପଡ଼ିଥାଏ । ୧୨,୧୩ କିମ୍ବା ୧୪ଖେଳାଳୀଙ୍କ ଗ୍ରୁପ୍ କମ୍ବିନେଶନ ମାଧ୍ୟମରେ ଚୟନ କରିବାକୁ ହେବ । ୧୫ତମ ଖେଳାଳୀଙ୍କୁ ପରିସ୍ଥିତି ଅନୁସାରେ ଚୟନ କରାଯିବ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by Niranjan Patra on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

## ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀକୃଷ୍ଣଲୀଳା ଅବସରରେ ଅନ୍ଧହାତୀଲୀଳା ନୀତି ସମ୍ପନ୍ନ





## ବିଭିନ୍ନ ଗଣେଶ ମଣ୍ଡପରେ ପୂଜା ପାଉଛନ୍ତି ବିଘ୍ନ ବିନାଶକ











## ମୋଦୀଜୀଙ୍କୁ ଶୁଭେଚ୍ଛା ଜଣାଇ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା






## ୧୬୯ତମ ଦିନରେ ପହଞ୍ଚିଲା ଅହିଂସାପୂର୍ଣ୍ଣ ପଦଯାତ୍ରା






# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.149, Thursday, 17 September 2026, Puri, Pages - 20, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୯, ଗୁରୁବାର, ୧୭ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


